# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୧୭/୨୦୨୩ (୧୮ପୃଷ୍ଠା+ଛୁଟିଦିନ) Bhubaneswar, Sunday, December 17/2023 Page 18 ₹ 7.00

୫୦ଶ ଭାଗ ୨୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 24 ମୂଲ୍ୟ₹୭/-






KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP
GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର,ରବିବାର, ଡିସେମ୍ବର ୧୭/୨୦୨୩ | Bhubaneswar, Sunday, December 17/2023


# ରାଉରକେଲାରେ ଝାଡ଼ାବାନ୍ତି, ୪ ମୃତ

**ରାଉରକେଲା, ୧୬।୧୨**
**(ସଙ୍ଗୀତା ଜେନା)**

ସ୍ମାର୍ଟସିଟି ରାଉରକେଲାରେ ଝାଡାବାନ୍ତିର ପ୍ରକୋପ ବଢ଼ୁଛି। ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଶହେରୁ ଊର୍ଦ୍ଧ୍ୱ ରୋଗୀ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଚିକିତ୍ସିତ ହେଉଥିବା ବେଳେ ଗତ ୨ଦିନରେ ୪ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ପାନପୋଷର ଗ୍ଲାସନ୍ ସାମନ୍ତ(୩୮), ତରକେରା ଅଞ୍ଚଳର ଫୁଲତୋଲା ଗୌଡ଼(୨୩), ଉଦିତନଗରର ମାନସୀ ଦୁବେ(୭୫) ଏବଂ ଓରାମପଡ଼ାର ଅହଲ୍ୟା ନାୟକ(୭୦)। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି। ଝାଡାବାନ୍ତି ଆକ୍ରାନ୍ତ ଅଞ୍ଚଳରେ ୧୨ଟି ସ୍ୱାସ୍ଥ୍ୟ ଟିମ୍ ମୁତୟନ କରାଯାଇଛି। ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ଔଷଧ ବଣ୍ଟନ କରୁଛନ୍ତି। ସେହିପରି ଖାଦ୍ୟ ସୁରକ୍ଷା ବିଭାଗ ଡାକ୍ତର ସୁଶୀଲ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ପାନପୋଷ, ଓରାମପଡ଼ା, ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ, ରେଷ୍ଟୁରାଣ୍ଟ ଆଦିରେ ଖାଦ୍ୟ ଗୁଣବତ୍ତା ଯାଞ୍ଚ ସହ ନମୁନା ସଂଗ୍ରହ କରି ଯାଞ୍ଚ ପାଇଁ ପଠାଯାଉଛି। ନିୟମ ଖିଲାପ କରୁଥିବା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ସୂଚନା ଅନୁସାରେ, ଗତ ୧୧ ତାରିଖରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆଇନର ନିର୍ଯାତନା

# କଶ୍ମୀରୀ ୱାଣ୍ଟେଡ୍ ଯାଜପୁରରୁ ଗିରଫ

*ନିଜକୁ ଡାକ୍ତର ଦର୍ଶାଇ ଯାଜପୁର ଜିଲାରେ ପ୍ରାୟ ୭ବର୍ଷ ଧରି ରହିଥିଲେ କଶ୍ମୀର ପୋଲିସର ଜଣେ ୱାଣ୍ଟେଡ୍ ଅଭିଯୁକ୍ତ ତଥା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀ(୩୭)। ଅନେକ ଠକେଇ, ପ୍ରତାରଣା ଅଭିଯୋଗ ତାଙ୍କ ବିରୋଧରେ ରହିଥିବାବେଳେ ସେ ଏକାଧିକ ଯୁବତୀଙ୍କୁ ଫସାଇ ବିବାହ କରିଥିବା ଜଣାପଡ଼ିଛି। ଏହି ଛଦ୍ମବେଶୀ ଅଭିଯୁକ୍ତଙ୍କୁ ଓଡ଼ିଶା କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗତ ୧୩ ତାରିଖ ବିଳମ୍ବିତ ରାତିରେ ଯାଜପୁର ଜିଲାରୁ ଗିରଫ କରିଛି। କିନ୍ତୁ ଏସ୍‌ଟିଏଫ୍ ପକ୍ଷରୁ ଜାରି ପ୍ରେସ୍ ନୋଟ୍‌ରେ ବୁଖାରୀଙ୍କୁ ୧୫ ତାରିଖରେ ଗିରଫ କରାଯାଇଥିବା ଦର୍ଶାଯାଇଛି। ଦେଶ ବିରୋଧୀ ତତ୍ତ୍ୱଙ୍କ ସହ ତାଙ୍କର ସମ୍ପର୍କ ଥିବା ଏସ୍‌ଟିଏଫ୍ ସୂଚନା ପାଇ ତଦନ୍ତ ଚଳାଇଛି।*


ସୟଦ ଇଶାନ ବୁଖାରୀ

**ଭୁବନେଶ୍ୱର (ସୂର୍ଯ୍ୟକାନ୍ତ ବେହେରା)/ ଯାଜପୁର (ହର୍ଷବର୍ଦ୍ଧନ ବେହେରା)/ ଧର୍ମଶାଳା (ବଟକୃଷ୍ଣ ପରିଡ଼ା), ୧୬।୧୨**

କେବଳ କଶ୍ମୀର ନୁହେଁ, ଦେଶର ବିଭିନ୍ନ ସ୍ଥାନରେ ଆପରାଧିକ ମାମଲାରେ ବୁଖାରୀ ଜଡ଼ିତ ଥିବା ଜଣାପଡ଼ିଛି। ସ୍ଥିତି ସହ ଖାପ ଖୁଆଇଲା ଭଳି ସେ ନିଜକୁ କେଉଁଠି ନ୍ୟୁରୋ ସ୍ପେଶାଲିଷ୍ଟ ଡାକ୍ତର ତ କେଉଁଠି ସେନା ଡାକ୍ତର, ପିଏମ୍‌ଓ ଅଧିକାରୀ ଏବଂ ଏନ୍‌ଆଇଏ ବରିଷ୍ଠ ଅଧିକାରୀଙ୍କ ଘନିଷ୍ଠ ସହଯୋଗୀ ଭାବେ ପରିଚୟ ଦେଇଆସିଛନ୍ତି। ବୁଖାରୀଙ୍କ ପ୍ରକୃତ ଘର ଜମ୍ମୁକଶ୍ମୀରର କୁପୱାରା ଜିଲା ହଣ୍ଡୱାରା ସବ୍‌ଡିଭିଜନ ଅନ୍ତର୍ଗତ ପୀର ମୋହାଲାରେ। ସେ ପ୍ରାୟ ୭ ବର୍ଷ ହେଲା ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତ ମିଲତନଗରରେ ଏକ ଭଡ଼ା ଘରେ ରହୁଥିଲେ। ସେଠାରେ ଚଢ଼ାଉ କରି ଏସ୍‌ଟିଏଫ୍ ଅଧିକାରୀମାନେ ଅନେକ ଆପରାଧିକ ସାମଗ୍ରୀ ସମେତ ୧୦୦ରୁ ଊର୍ଦ୍ଧ୍ୱ କାଗଜପତ୍ର ଜବତ କରିଛନ୍ତି। ଏସ୍‌ଟିଏଫ୍ ପକ୍ଷରୁ ତାଙ୍କ ବିରୋଧରେ ଆଇପିସି ଦଫା ୪୧୯, ୪୨୦, ୪୬୫, ୪୬୭, ୪୬୮, ୪୭୧, ୧୨୦(ବି) ଏବଂ ଆଇଟି ଆକ୍ଟ ୨୦୦୦ର ଦଫା ୬୬ ସି, ୬୬ ଡି ଅନୁଯାୟୀ ଏକ ମାମଲା (ନଂ.୩୧/୨୦୨୩) ରୁଜୁ କରାଯାଇଛି। ବୁଖାରୀଙ୍କୁ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାକୁ ତାଙ୍କୁ ରଗଡ଼ି ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ୭ ଦିନ ପାଇଁ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍ ଆବେଦନ କରିଛି।

ବୁଖାରୀ ନେଉଳପୁର ଅଞ୍ଚଳର ସେକ୍ କବେଇ ଖାନଙ୍କ ଝିଅ ପାରୋ ପର୍ବିନଙ୍କୁ ୨୦୧୬ରେ ବିବାହ କରିଛନ୍ତି। ତାଙ୍କର ୫ ବର୍ଷର ଝିଅ ଥିବାବେଳେ ସ୍ତ୍ରୀ ପାରୋ ଏକ ଘରୋଇ ସ୍କୁଲରେ ଶିକ୍ଷକତା କରନ୍ତି। ବୁଖାରୀଙ୍କ ସହ ପାରୋ 'ସାଦି ଡଟ୍ କମ୍' ଦ୍ୱାରା ସମ୍ପର୍କରେ ଆସି ବିବାହ କରିଥିବା ଜଣାପଡିଛି। ତାଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ ଧର୍ମଶାଳା ପୋଲିସ ୨୦୧୯ରେ ତାଙ୍କୁ ଅଟକ ରଖି କାଗଜପତ୍ର ଯାଞ୍ଚ କରିଥିଲା। ତେବେ ତାଙ୍କ ବିରୋଧରେ କୌଣସି ପ୍ରମାଣ ପାଇ ପାରି ନ ଥିବାରୁ ପୋଲିସ ତାଙ୍କୁ ଛାଡ଼ି ଦେଇଥିଲା। ବୁଖାରୀ ନେଉଳପୁରକୁ ଦୁଇ ତିନି ମାସରେ ଥରେ ଆସି ☞ପୃଷ୍ଠା-୨

## ୭ ଜଣଙ୍କୁ ବିବାହ କରିଛନ୍ତି

ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇଥିବା ସୟଦ ଇଶାନ ବୁଖାରୀ ଓଡ଼ିଶା ସମେତ କଶ୍ମୀର, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଭଳି କେତେକ ରାଜ୍ୟରେ ଯୁବତୀଙ୍କୁ ବିଭିନ୍ନ ୱେବ୍‌ସାଇଟ ଓ ଆପ୍ ମାଧ୍ୟମରେ ପ୍ରେମ ଜାଲରେ ଫସାଇଛନ୍ତି। ସେ ନିଜକୁ ଡାକ୍ତର ବୋଲି ପରିଚୟ ଦେଉଥିବାରୁ ଯୁବତୀମାନେ ତାଙ୍କ ଜାଲରେ ଫସିଯାଉଥିଲେ। ସେ ୭ଜଣଙ୍କୁ ବିବାହ କରିଥିବା ଏସ୍‌ଟିଏଫ୍ ତଦନ୍ତରୁ ଜାଣିବାକୁ ପାଇଛି। ତଦନ୍ତ ପରେ ଏହି ସଂଖ୍ୟା ଅଧିକ ହୋଇପାରେ ବୋଲି କୁହାଯାଉଛି। ସେ ମହିଳାମାନଙ୍କୁ ବିବାହ ପରେ ସେମାନଙ୍କଠାରୁ ଟଙ୍କା ଲୁଟୁଥିଲେ। ଏହାପରେ ନିର୍ଯାତନା ଦେଇ ଦୂରେଇଯାଉଥିଲେ। ବିଭିନ୍ନ ଅଞ୍ଚଳରେ ବିବାହ କରିବା ପଛରେ ନିଜକୁ ଲୁଚାଇ ରଖି ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବା ବୁଖାରୀଙ୍କ ଅସଲ ଉଦ୍ଦେଶ୍ୟ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି।

## ଆଇଏସ୍‌ଆଇ ସହ ସମ୍ପର୍କରେ ଥିଲେ

ବୁଖାରୀ କେରଳର କେତେଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସହ ଯୋଗାଯୋଗରେ ଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଏହାସହ ସେ କେତେଜଣ ପାକିସ୍ତାନୀ ନାଗରିକ ଏବଂ ସେଠାକାର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କରେ ଥିଲେ ବୋଲି କ୍ରାଇମବ୍ରାଞ୍ଚ (ଏସ୍‌ଟିଏଫ୍) ଆଇଜି ଜୟନାରାୟଣ ପଙ୍କଜ କହିଛନ୍ତି। ଠକେଇ ଓ ଜାଲିଆତି ମାମଲାରେ ବୁଖାରୀଙ୍କ ନାଁରେ କଶ୍ମୀର ଓ ପଞ୍ଜାବରେ ମାମଲା ରହିଥିବା ଜଣାପଡ଼ିବା ପରେ ସେଠାକାର ପୋଲିସ ସହ ଯୋଗାଯୋଗ କରାଯାଇ ତଥ୍ୟ ଯୋଗାଡ଼ କରାଯାଉଥିବା ଆଇଜି ପଙ୍କଜ କହିଛନ୍ତି। ତେବେ କଶ୍ମୀର ପୋଲିସ ପାଇଁ ୱାଣ୍ଟେଡ ଥିବା ବୁଖାରୀ ଯାଜପୁର ଜିଲାରେ ଏତେଦିନ ଧରି ରହିଥିବାରୁ ଓଡ଼ିଶାରେ ତାଙ୍କର ଆଉ କେତେଜଣ ସହଯୋଗୀ ଥିବା ଏବଂ ସୁଚିନ୍ତିତ ନେଟ୍‌ୱର୍କ ଚାଲିଥିବା ସନ୍ଦେହ କରାଯାଉଛି।

# ମଞ୍ଜୁରୀ ବିନା ବିଦେଶୀ ପାଠ ଅବୈଧ: ୟୁଜିସି

**ନୂଆଦିଲ୍ଲୀ, ୧୬।୧୨**

ବିନା ଅନୁମୋଦନରେ ବିଦେଶୀ ୟୁନିଭର୍ସିଟି ସହ ସମ୍ପୃକ୍ତ ରହି ଏଡ୍‌ଟେକ୍ କମ୍ପାନୀ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଭାରତରେ ଅନ୍‌ଲାଇନରେ ପାଠ ପଢ଼ାଇପାରିବେ ନାହିଁ। ଏଭଳି ଅନ୍‌ଲାଇନ ପାଠ୍ୟକ୍ରମ ଚାଲୁଥିଲେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଏବଂ ଏଡ୍‌ଟେକ୍ କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶନିବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ କୁହାଯାଇଛି। ଆୟୋଗଙ୍କ ବିନା ଅନୁମୋଦନରେ କୌଣସି ବିଦେଶୀ ଉଚ୍ଚଶିକ୍ଷାନୁଷ୍ଠାନ ଭାରତରେ ସେମାନଙ୍କ ପାଠ୍ୟକ୍ରମ ପ୍ରଦାନ କରିପାରିବେ ନାହିଁ ବୋଲି ବିଜ୍ଞାପନ ଜରିଆରେ ଜଣାଇ ଦିଆଯାଇଛି। ଏଭଳି ପାଠ୍ୟକ୍ରମକୁ ୟୁଜିସିର ସ୍ୱୀକୃତି ମିଳିବ ନାହିଁ। ସେମାନେ ପ୍ରଦାନ କରୁଥିବା ଡିଗ୍ରୀ ବୈଧ ନୁହେଁ। ତେଣୁ ପାଠ୍ୟକ୍ରମରେ ଛାତ୍ରୀଛାତ୍ର ନାମ ନ ଲେଖାଇବାକୁ ୟୁଜିସି ପରାମର୍ଶ ଦେଇଛି। ୟୁଜିସି ଅଧିନିୟମ, ୧୯୫୬(ସଂଶୋଧନ ଅନୁଯାୟୀ) କ୍ଷମତାର ପ୍ରୟୋଗକ୍ରମେ କମିଶନ ଭାରତରେ ବିଦେଶୀ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ୨ଟି ନିୟମାବଳୀର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ତାହା ହେଲା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ମିଳିତ କାର୍ଯ୍ୟକ୍ରମ, ଯୌଥ ଡିଗ୍ରୀ, ଦ୍ୱୈତ ଡିଗ୍ରୀ ପ୍ରୋଗ୍ରାମ ଦେବା ପାଇଁ ଭାରତୀୟ ଏବଂ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଶୈକ୍ଷଣୀୟ ସହଯୋଗ) ନିୟମାବଳୀ, ୨୦୨୨ ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ଭାରତରେ ବିଦେଶୀ ☞ପୃଷ୍ଠା-୨

# ଆଇଏଏନ୍‌ଏସ୍‌ର ୫୦.୫୦% ଅଂଶଧନ କିଣିଲେ ଆଦାନୀ

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ଶିଳ୍ପପତି ଗୌତମ ଆଦାନୀଙ୍କ କମ୍ପାନୀ ଆଦାନୀ ଗ୍ରୁପ୍ ଗଣମାଧ୍ୟମ ଜଗତରେ ନିଜ ଉପସ୍ଥିତି ବଢ଼ାଉଛି। ଉକ୍ତ ଗ୍ରୁପ୍ ଇଣ୍ଡୋ-ଏସିଆନ୍ ନ୍ୟୁଜ୍ ସର୍ଭିସ (ଆଇଏଏନ୍‌ଏସ୍) ଇଣ୍ଡିଆ ପ୍ରା.ଲିଃର ସର୍ବାଧିକ ଅଂଶଧନ ଅଧିଗ୍ରହଣ କରିଥିବା ଜଣାପଡ଼ିଛି। ଆଦାନୀ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ରେଗୁଲେଟୋରି ନିକଟରେ ଦାଖଲ କରିଥିବା ଦସ୍ତାବିଜ୍ ଅନୁଯାୟୀ, ଏହାର ସବ୍‌ସିଡିଆରି ଏଏମ୍‌ଜି ମିଡିଆ ନେଟ୍‌ୱର୍କସ୍ ଲିଃ (ଏଏମ୍‌ଏନ୍‌ଏଲ୍) ନ୍ୟୁଜ୍ ଏଜେନ୍ସି ଆଇଏଏନ୍‌ଏସ୍ ଇଣ୍ଡିଆ ପ୍ରା.ଲିଃର ଅଂଶଧନରୁ ୫୦.୫୦ ପ୍ରତିଶତ ଅଧିଗ୍ରହଣ କରିଛି। ତେବେ ନ୍ୟୁଜ୍ ଏଜେନ୍ସିର ଅଧିଗ୍ରହଣ ମୂଲ୍ୟ ସମ୍ପର୍କରେ କମ୍ପାନୀ କୌଣସି ସୂଚନା ☞ପୃଷ୍ଠା-୨


ଗୌତମ ଆଦାନୀ







**ଆଜିର ମନ୍ତବ୍ୟ**

ସମୟ ବଦଳି ଯାଇଛି । ଆଜିକାଲି ମିଛ କହିଲେ ଭୋଟ ମିଳୁନାହିଁ। ଲୋକେ କାର୍ଯ୍ୟର ରିପୋର୍ଟ କାର୍ଡ ଦେଖି ସମର୍ଥନ ଦେଉଛନ୍ତି।
**-ଜେ.ପି.ନଡ୍ଡା, ଭାଜପା ରାଷ୍ଟ୍ରୀୟ ଅଧକ୍ଷ**

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତଳ ବରଡ଼ା ଖସୁଛି**
**ମଝି ବରଡ଼ା ହସୁଛି**
**ଉପର ବରଡ଼ା ଥାଇ ବୋଇଲା**
**ମୋ ଦିନ କାଳ ଆସୁଛି ।**

ବାସ୍ତବିକ ଏ ମରଣଶୀଳ ଦୁନିଆରେ କିଛି ବି ସ୍ଥାୟୀ ନ ଥାଏ। ତଳ ବରଡ଼ା ଖସିଲା ପରି ଦିନେ ଉପର ବରଡ଼ା ମଧ୍ୟ ସମୟକ୍ରମେ ଖସିପଡୁଥିବାର ଦେଖିବାକୁ ମିଳିଥାଏ। ମଣିଷର ଅଗ୍ରଗତି ପଥରେ କାଳର ଏହା ସତର୍କବାଣୀ। ଏହା ହିଁ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ତୁଟିଲା କଥା,**
**କାଟିଲା ମଥା।**

କଥା ଥରେ ତୁଟିଗଲେ ବା ସମାଧାନ ହୋଇଗଲେ ପଛକଥା ସବୁ ଭୁଲି ହୋଇଯାଇଥାଏ। ମନରେ ରହିଥିବା ସବୁ ତିକ୍ତତା ମେଣ୍ଟିଯାଇଥାଏ। ରାଗ ଅଭିମାନ ଭୁଲି ଆପଣାର ଭାବ ଫେରିଆସିଥାଏ। ପରନ୍ତୁ ମଥା ଥରେ କଟିଗଲେ ଆଉ ପୁନଶ୍ଚ ଯୋଡ଼ିହେବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ଖବରଦାତାଙ୍କ ପିତୃ ବିୟୋଗ

**ରାଉରକେଲା,୧୬।୧୨ (ଦିନେଶ ମିଶ୍ର)**


ଭାଗ୍ୟଧର ଦାଶ

ରାଉରକେଲା ଧରିତ୍ରୀ ପ୍ରତିନିଧି ବିପ୍ଳବ ରଞ୍ଜନ ଦାଶଙ୍କ ପିତା ଭାଗ୍ୟଧର ଦାଶଙ୍କ ଶନିବାର ପରଲୋକ ହୋଇଛି। ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଜଣେ ସମାଜସେବୀ, ମେଳାପୀ ଓ ମିଷ୍ଟଭାଷୀ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଦାଶ ଧରିତ୍ରୀର ସୋନପୁର ଜିଲା ବିନିକା ବ୍ଲକ ପ୍ରତିନିଧି ଭାବେ ୨୫ ବର୍ଷ ଧରି କାର୍ଯ୍ୟ କରିଥିଲେ। ସେ ରାଜ୍ୟର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦନୀ ଶତପଥୀଙ୍କ ପ୍ରେରଣାରେ ରାଜନୀତି ଜୀବନ ଆରମ୍ଭ କରିଥିଲେ। ସ୍ୱର୍ଗତ ଦାଶ ବିନିକା ବ୍ଲକ ସିଙ୍ଗିଝୁବା ଗ୍ରାମପଞ୍ଚାୟତରେ ଦୁଇଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସିଙ୍ଗିଝୁବା ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଶନିବାର ଅପରାହ୍ନ ସାଢେ ୪ଟାରେ ବିନିକାସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ଆଶିଷ ରଞ୍ଜନ ଦାଶ, ବୋହୂ ଅଞ୍ଜିତା ଦାଶ, ସାନପୁଅ ବିପ୍ଳବ ରଞ୍ଜନ ଦାସ, ସାନନାତି ଅମୀୟ ଦାଶ, ନାତୁଣୀ ଅମୃତା ଦାଶଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ମୃତଦେହ ଦାହ କରାଯାଇଥିଲା।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସ୍କୁଲ ଯିବେ ଜଗା


ପ୍ରଫେସର ଗୁପ୍ତା ଜଗା ସହ କଥା ହେଉଛନ୍ତି।

**ଫୁଲବାଣୀ, ୧୬।୧୨ (ରାକେଶ କୁମାର ରାଉତ)**

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଯୋଡ଼ାମୁଣ୍ଡ ଶିଶୁ ଜଗା ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଅଳ୍ପଦିନ ପରେ ତା' ମୁଣ୍ଡରେ ହେବ ଦ୍ୱିତୀୟ ଅପରେଶନ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହେବାକୁ ଥିବା ବେଳେ ଜଗା ଶୀଘ୍ର ଯିବ ସ୍କୁଲ। ତା'ର ନାମ ଲେଖାଇ ପାଠ ପଢ଼ାଇବାକୁ ଦିଲ୍ଲୀ ଏମ୍‌ସର ନ୍ୟୁରୋସର୍ଜରି ବିଭାଗ ପ୍ରଫେସର ଦୀପକ ଗୁପ୍ତା ଶନିବାର ଜଗାକୁ ଦେଖିବାକୁ ଆସି ଜିଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ପ୍ରଫେସର ଗୁପ୍ତା ଜଗା ରହୁଥିବା ସ୍ୱତନ୍ତ୍ର କୋଠରିକୁ ଯାଇ ସମସ୍ତ ଚିକିତ୍ସା ସେବାର ଅନୁଧ୍ୟାନ କରିଥିଲେ। ଜଗା ମୁଣ୍ଡରେ ପିନ୍ଧିଥିବା ଟୋପିକୁ ଖୋଲି ଦେଖିଥିଲେ। ଶୀଘ୍ର ଜଗାର ମୁଣ୍ଡରେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯିବ। ଏହା ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ହୋଇପାରେ। ଜଗାର ମୁଣ୍ଡରେ ବୋନ୍ ପିସ୍ ନାହିଁ। ଏହାର ପ୍ଲାଷ୍ଟିକ୍ ସର୍ଜରି ହେବ, ଯାହା ବୋନ୍ ପରି କାମ କରିବ। ଜଗା ପିନ୍ଧିଥିବା ଟୋପିକୁ ବଦଳାଯାଇ ଆଉ ଗୋଟିଏ ନୂଆ ଲାଗିବ ବୋଲି ଗୁପ୍ତା କହିଥିଲେ। ଜଗା ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ। ତାକୁ ୯ ବର୍ଷ ହୋଇଥିବାରୁ ସ୍କୁଲରେ ପଢ଼ାଇବା ପାଇଁ ପ୍ରଫେସର ଗୁପ୍ତା ପରାମର୍ଶ ଦେଇଛନ୍ତି। ଆମେ ତାକୁ ସ୍କୁଲରେ ଆଡ୍‌ମିଶନ କରାଇବୁ। ଯେତେବେଳେ ଅପରେଶନ ହେବ ସେତେବେଳେ ଜଗାକୁ ନିଆଯିବ ବୋଲି କହିଥିଲେ। ଜଗା ସହ ଭାବ ବିନିମୟ କରି ପ୍ରଫେସର ଗୁପ୍ତା ଫେରି ଯାଇଥିଲେ। ଜଗାକୁ ସ୍କୁଲରେ ଆଡ୍‌ମିଶନ ପାଇଁ ଆମେ ଶୀଘ୍ର ଚେଷ୍ଟାକରୁଛୁ ବୋଲି ବରିଷ୍ଠ ପରାମର୍ଶଦାତା ତଥା ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ଅଭୟ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଡିମିରିଗୁଡ଼ା ପଞ୍ଚାୟତ ମିଲୁପଡ଼ା ଗାଁର ଭୂୟାଁ କହଁରଙ୍କ ସ୍ତ୍ରୀ ପୁଷ୍ପାଳି ୨୦୧୫ ଏପ୍ରିଲ ୯ରେ ଫିରିଙ୍ଗିଆ ଡାକ୍ତରଖାନାରେ ଯୋଡ଼ାମୁଣ୍ଡ ଥିବା ଦୁଇ ପୁତ୍ରସନ୍ତାନ ଜଗା, କାଳିଆଙ୍କୁ ଜନ୍ମ ଦେଇଥିଲେ। ୨୦୧୭ ଅଗଷ୍ଟ ୨୮ରେ ଦିଲ୍ଲୀ ଏମ୍‌ସରେ ଉଭୟଙ୍କ ସଫଳ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କୁ ଅଲଗା କରାଯାଇଥିଲା। ସେଠାରୁ ଫେରିବା ପରେ କଟକ ବଡ଼ ଡାକ୍ତରଖାନାରେ କାଳିଆର ମୃତ୍ୟୁ ଘଟିଥିଲା। ଜଗା ଏବେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର କ୍ୟାବିନରେ ତାଙ୍କ ମା'ବାପାଙ୍କ ସହ ରହୁଛି।

# ନବନିଯୁକ୍ତ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ

**ଭୁବନେଶ୍ୱର, ୧୬।୧୨(ଅସମାପିକା ସାହୁ)**

ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ପକ୍ଷରୁ ଶନିବାର ଗୀତଗୋବିନ୍ଦ ସଦନଠାରେ ନବନିଯୁକ୍ତ ଶ୍ରମ ଅଧିକାରୀଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ ନବନିଯୁକ୍ତ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଉତ୍ତରାଖଣ୍ଡର ଟନେଲରେ ଶ୍ରମିକମାନେ ଫସି ରହିଥିବାବେଳେ ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀ ନାୟକ ଆଲୋକପାତ କରି କହିଲେ, ମୁଖ୍ୟମନ୍ତ୍ରୀଙ୍କ ସହୃଦୟତା ଓ ଉତ୍ତମ ଚିନ୍ତାଧାରା ଯୋଗୁ ଏସବୁ ସମ୍ଭବ ହୋଇ ପାରିଥିଲା। ବିଭାଗର କମିଶନର ତଥା ଶାସନ ସଚିବ ଆର୍. ସନ୍ଥଗୋପାଳନ ନବନିଯୁକ୍ତ ଅଧିକାରୀଙ୍କୁ ସ୍ୱାଗତ କରି ଶ୍ରମ ଆଇନ ବିଷୟରେ ସମସ୍ତେ ଅବଗତ ହେବାକୁ କହିଥିଲେ। ଆବଶ୍ୟକ ସ୍ଥଳେ ବରିଷ୍ଠ ଅଧିକାରୀଙ୍କ ସହ ପରାମର୍ଶ କରିବାକୁ ସଚିବ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରମ ଆଯୁକ୍ତ ଅନୁପମ ସାହା ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ମନ୍ତ୍ରୀଙ୍କ ଦିଗଦର୍ଶନ ନେଇ କାର୍ଯ୍ୟକରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗର ଅତିରିକ୍ତ ସଚିବ ନିତିରଞ୍ଜନ ସେନ ସ୍ୱାଗତ ଭାଷଣ ଓ ଉପସଚିବ ରାଜେଶ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜଣେ ନବନିଯୁକ୍ତ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି ବିଭାଗୀୟ ମନ୍ତ୍ରୀ ସାରଦା ପ୍ରସାଦ ନାୟକ।

## ପ୍ରଥମ ପୃଷ୍ଠାରୁ...

## କଶ୍ମୀରୀ ୱାଣ୍ଟେଡ୍ ...

ପରିବାର ସହିତ ରହୁଥିଲା। କିନ୍ତୁ ସ୍ଥାନୀୟ ଲୋକଙ୍କ ସହିତ ତାଙ୍କର ବିଶେଷ ମିଳାମିଶା ନ ଥିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ବୁଖାରୀ ଏଠାରେ ପ୍ରାୟ ୨ ମାସ ହେବ ନିୟମିତ ଭାବେ ରହି ଆସୁଥିଲେ। ତେବେ ବାକି ଦିନଗୁଡ଼ିକରେ ସେ କେଉଁଠି ରହୁଥିଲେ ଏବଂ କ'ଣ କରୁଥିଲେ ତାହା ସେମାନଙ୍କୁ ଜଣାନାହିଁ। ବୁଖାରୀଙ୍କ ନିକଟରେ ଦିଲ୍ଲୀ ନମ୍ବରର ଏକ ହୋଣ୍ଡା ସିଟି କାର୍ ରହିଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ଏହାବାଦ ଏକ ପଲ୍‌ସର ବାଇକ୍ (ଓଡି୦୪ଏମ୍‌୯୧୬୦) ଓ ଏକ ଟାଟା ଏସିଇ ଗାଡ଼ି ରହିଛି। ବିହାରର କେତେଜଣ ଲୋକ ତାଙ୍କ ପାଖକୁ ଆସୁଥିଲେ ବୋଲି ସ୍ଥାନୀୟ ଲୋକଙ୍କଠାରୁ ଜଣାପଡ଼ିଛି। କ୍ରାଇମବ୍ରାଞ୍ଚ (ଏସ୍‌ଟିଏଫ୍) ଆଇଜି ଜୟ ନାରାୟଣ ପଙ୍କଜ ଭୁବନେଶ୍ୱରରେ ଶନିବାର ଖବରଦାତା ସମ୍ମିଳନୀରେ କହିଛନ୍ତି, ବୁଖାରୀଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ଥିବାରୁ ସ୍ଥାନୀୟ ପୋଲିସ ତାଙ୍କ ଉପରେ ନଜର ରଖିଥିଲା। ଯାଞ୍ଚବେଳେ ସେ ଡାକ୍ତର ନ ଥିବା ଜଣାପଡ଼ିଥିଲା। ଫଳରେ ସେ ରହୁଥିବା ଭଡ଼ା ଘରେ ଚଢ଼ାଉ କରାଯାଇଥିଲା। ସେଠାରୁ ଆମେରିକା, କାନାଡ଼ା ସମେତ ଭେଲୋରସ୍ଥିତ ଖ୍ରୀଷ୍ଟିଆନ ମେଡିକାଲ କଲେଜର ଜାଲ୍ ମେଡିକାଲ ଡିଗ୍ରୀ ସାର୍ଟିଫିକେଟ୍, ଖାଲି ଦସ୍ତଖତ ଦଲିଲ, ଆଫିଡେଭିଟ୍, ବଣ୍ଡ, ଅନେକ ପରିଚୟ ପତ୍ର, ଏଟିଏମ କାର୍ଡ, ଖାଲି ଚେକ୍, ଆଧାର କାର୍ଡ ଏବଂ ଭ୍ରମଣ କାର୍ଡ ସହିତ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। କଶ୍ମୀରରେ ବୁଖାରୀଙ୍କ ବିରୋଧରେ ଗୋଟିଏ ଜାମିନ ବିହୀନ ୱାରେଣ୍ଟ ରହିଛି। ତାଙ୍କୁ ରିମାଣ୍ଡରେ ନିଆଯିବା ପରେ ଦେଶ ବିରୋଧୀ ତତ୍ତ୍ୱ, ଠକେଇ, ଜାଲିଆତି ସମ୍ପର୍କରେ ଏନ୍‌ଆଇଏ, ଆଇବି ଭଳି ଜାତୀୟ ତଦନ୍ତକାରୀ ସଂସ୍ଥାର ସହାୟତା ଲୋଡ଼ାଯାଇ ମାରାଥନ ଜେରା କରାଯିବ ବୋଲି ଆଇଜି ପଙ୍କଜ କହିଛନ୍ତି। ବୁଖାରୀ ନକଲି ପ୍ରମାଣପତ୍ର ଦାଖଲ କରି ଦେଶର କେତେକ ମେଡିକାଲରେ କାର୍ଯ୍ୟ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅନେକ ଲୋକ ତାଙ୍କୁ ଜଣେ ବରିଷ୍ଠ ଅଧିକାରୀ ଭାବେ ମଧ୍ୟ ଜାଣନ୍ତି। ଜାଲିଆତି ଏବଂ ଠକେଇ ସହ ଜଡିତ ଏକ ମାମଲା ବୁଖାରୀଙ୍କ ବିରୋଧରେ କଶ୍ମୀରରେ ରୁଜୁ ହୋଇଛି। ଏହାସହ ପଞ୍ଜାବରେ ବୁଖାରୀ ଓ ତାଙ୍କ ବାପା ସୟଦ ସୈଫିଉଦ୍ଦିନ ବୁଖାରୀଙ୍କ ନାମରେ ମାମଲା ରହିଛି। ଜଣେ ସେନା ଡାକ୍ତର ଭାବେ ଓଡିଶାରେ କାର୍ଯ୍ୟ କରୁଥିବା ପରିଚୟ ଦେଇ ଜଣେ ବ୍ୟକ୍ତିଙ୍କୁ ଠକିବା ଅଭିଯୋଗରେ ବୁଖାରୀଙ୍କୁ ୨୦୧୭ରେ କଶ୍ମୀର ଓ ମହାରାଷ୍ଟ୍ର ପୋଲିସ ଗିରଫ କରିଥିଲା।

## ମଞ୍ଜୁରୀ ବିନା ବିଦେଶୀ ...

ଉଚ୍ଚଶିକ୍ଷାନୁଷ୍ଠାନର କ୍ୟାମ୍ପସ୍ ସ୍ଥାପନ ଓ ପରିଚାଳନା) ନିୟମାବଳୀ, ୨୦୨୩। ଗତ ୧୨ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆୟୋଗଙ୍କ ପ୍ରାକ୍ ମଞ୍ଜୁରୀ ବିନା ଭାରତରେ କୌଣସି ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନ କୌଣସି ପାଠ୍ୟକ୍ରମ ଦେଇପାରିବେ ନାହିଁ ବୋଲି ନିୟମାବଳୀରେ ନିର୍ଦ୍ଦେଶ ରହିଛି। ସେମାନେ କୌଣସି ଫ୍ରାଞ୍ଚାଇଜ୍ ବ୍ୟବସ୍ଥା ଜରିଆରେ ମଧ୍ୟ ପାଠ୍ୟକ୍ରମ ପ୍ରଦାନ କରିପାରିବେ ନାହିଁ, କାରଣ ୟୁଜିସି ସେଭଳି କାର୍ଯ୍ୟକ୍ରମକୁ ସ୍ୱୀକୃତି ଦେବ ନାହିଁ। ଦେଶରେ କେତେକ ଉଚ୍ଚ ଶିକ୍ଷାନୁଷ୍ଠାନ/କଲେଜ ୟୁଜିସି ସ୍ୱୀକୃତି ପାଇ ନ ଥିବା ବିଦେଶୀ ଶିକ୍ଷାନୁଷ୍ଠାନ ସହ ମିଳିତ ଚୁକ୍ତିନାମା କରି ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଶିକ୍ଷାନୁଷ୍ଠାନରେ ବିଦେଶୀ ପାଠ୍ୟକ୍ରମର ଡିଗ୍ରୀ ପ୍ରଦାନ କରୁଥିବା ଜଣାପଡ଼ିବା ପରେ ନିୟମକୁ କଡ଼ାକଡ଼ି କରାଯାଇଥିବା ୟୁଜିସି ସମ୍ପାଦକ ମନୀଷ ଜୋଶୀ କହିଛନ୍ତି।

## ଆଇଏଏନ୍‌ଏସ୍‌ର ୫୦.୫୦% ...

ଦେଇନାହିଁ। ଗତବର୍ଷ ମାର୍ଚ୍ଚରେ ଆଦାନୀ ଗ୍ରୁପ୍ ଗଣମାଧ୍ୟମ ବ୍ୟବସାୟ ମଧ୍ୟକୁ ପ୍ରବେଶ କରିଥିଲା। ସେହି ସମୟରେ ବ୍ୟବସାୟ ଓ ଆର୍ଥିକ ଖବରର ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମ ବିକ୍ୟୁ ପ୍ରାଇମ୍ ଚଳାଉଥିବା କ୍ୱିଣ୍ଟିଲିଅନ୍ ବିଜନେସ୍ ମିଡିଆକୁ ଆଦାନୀ ଗ୍ରୁପ୍ ଅଧିଗ୍ରହଣ କରିଥିଲା। ଡିସେମ୍ବରରେ ଆଦାନୀ ଗ୍ରୁପ୍ ଏନ୍‌ଡିଟିଭିର ୬୫ ପ୍ରତିଶତ ଅଂଶଧନ କିଣିଥିଲା। ଆଇଏଏନ୍‌ଏସ୍ ଏବଂ ଏହାର ଅଂଶୀଦାର ସନ୍ଦୀପ୍ ବାମଜାଇଙ୍କ ସହ ଏଏମ୍‌ଏନ୍‌ଏଲ୍ ଶେୟାରହୋଲ୍ଡର୍ସ ରାଜିନାମା ସ୍ୱାକ୍ଷର କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଆଇଏଏନ୍‌ଏସ୍‌ର ରାଜସ୍ୱ ପରିମାଣ ଥିଲା ୧୧.୮୬ କୋଟି ଟଙ୍କା। ଅଂଶଧନ ଅଧିଗ୍ରହଣ ପରେ ଆଇଏଏନ୍‌ଏସ୍ ନିୟନ୍ତ୍ରଣରେ ଥିବା ସମସ୍ତ ପରିଚାଳନା କ୍ଷମତା ଏବେ ଏଏମ୍‌ଏନ୍‌ଏଲ୍ ଅଧୀନକୁ ଯାଇଛି। ଏଣିକି ଆଇଏଏନ୍‌ଏସ୍‌ର ସମସ୍ତ ନିର୍ଦ୍ଦେଶକ ନିଯୁକ୍ତି ଅଧିକାର ଏଏମ୍‌ଏନ୍‌ଏଲ୍‌ର ରହିବ। ଆଇଏଏନ୍‌ଏସ୍ ଏବେ ଏଏମ୍‌ଏନ୍‌ଏଲ୍‌ର ସବ୍‌ସିଡିଆରି ହୋଇ ରହିବ।

## ରାଉରକେଲାରେ ଝାଡ଼ାବାନ୍ତି...

ରାଉରକେଲାର ବିଭିନ୍ନ ଅଞ୍ଚଳରୁ ୨୮ ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିଲେ। ଏହାପରେ ୧୨ରେ ୩୫ ଜଣ, ୧୩ରେ ୨୮ ଜଣ, ୧୪ରେ ୨୬ ଜଣ, ୧୫ରେ ୯ ଜଣ ଏବଂ ୧୬ ତାରିଖରେ ୬୯ ଜଣ ଏଭଳି ଶହେରୁ ଊର୍ଦ୍ଧ୍ୱ ଝାଡାବାନ୍ତି ରୋଗୀ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏତେସଂଖ୍ୟକ ରୋଗୀଙ୍କ ପାଇଁ ଶଯ୍ୟା ଅଭାବ ହେବାରୁ କିଛି ତଳେ ଚିକିତ୍ସିତ ହେଉଥିବା ବେଳେ ଆଉ କିଛିଜଣଙ୍କ ସଂକ୍ରମଣ, ପୋଡ଼ାଜଳା, ଟ୍ରମା ସେଣ୍ଟରରେ ଚିକିତ୍ସା ଚାଲିଛି। ଆକ୍ରାନ୍ତଙ୍କ ମଧ୍ୟରେ ପୁରୁଷ, ଶିଶୁ ଓ ଗର୍ଭବତୀ ମହିଳା ମଧ୍ୟ ରହିଛନ୍ତି। ଦିନକୁ ୧୫/୧୬ ଥର ଝାଡାବାନ୍ତି ପରେ ରୋଗୀ ଅଚେତ ହୋଇପଡୁଛନ୍ତି। ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସୁନ୍ଦରଗଡ଼ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଶନିବାର ଆର୍‌ଜିଏଚ୍ କର୍ତ୍ତୃପକ୍ଷ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ପୁଷ୍ପା ଲେଙ୍କା ଅଭିଯୋଗ କରି କହିଛନ୍ତି, ସିଭିଲଟାଉନଶିପ୍ ଭଳି ଅଞ୍ଚଳରେ ୧୦/୧୫ ଦିନ ତଳେ ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଥିଲେ ମଧ୍ୟ ସେହି ଫଟା ପାଇପ୍ ଯୋଗେ ଲୋକମାନଙ୍କୁ ପାନୀୟ ଜଳଯୋଗାଣ କରାଯାଉଥିଲା। ଦୁର୍ଗନ୍ଧ ଓ ଗୋଳିଆ ପାଣି ଯୋଗୁ ସିଭିଲଟାଉନଶିପ୍‌ର କିଛି ଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବାରମ୍ବାର ଅଭିଯୋଗ କରିବା ପରେ ପାଇପ ମରାମତି କରାଯାଇଥିଲା। ଜିଲା ପ୍ରଶାସନ ପୂର୍ବରୁ ବିହିତ ପଦକ୍ଷେପ ନେଇଥିଲେ ଏପରି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ଲେଙ୍କା କହିଥିଲେ। ସେହିପରି ଆର୍‌ଜିଏଚ୍ ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡ. ସୁଧାରାଣୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଗତ ୧୦ ତାରିଖରୁ ପ୍ରତ୍ୟେକ ଦିନ ୨୫ରୁ ୩୦ ଝାଡାବାନ୍ତି ରୋଗୀ ହସ୍ପିଟାଲକୁ ଆସୁଛନ୍ତି। ଶନିବାର ମୋଟ ୧୦୨ ଜଣ ଜେନେରାଲ ୱାର୍ଡରେ ଚିକିତ୍ସିତ ହେଉଥିବାବେଳେ ୨ ଜଣ ଶିଶୁ ବିଭାଗରେ ଭର୍ତ୍ତି ହୋଇଛନ୍ତି। ୨ ଦିନ ମଧ୍ୟରେ ୪ଜଣଙ୍କ ମୃତ୍ୟୁ ହୋଇଛି। ପାନପୋଷ, ଫର୍ଟିଲାଇଜର, ସେକ୍ଟର-୬, ବଣେଇ, ରାଏବୋଗା, ଲାଞ୍ଜିବେର୍ଣ୍ଣା ସମେତ ବିଭିନ୍ନ ସ୍ଥାନରୁ ଆର୍‌ଜିଏଚ୍‌କୁ ରୋଗୀ ଆସୁଛନ୍ତି। ରୋଗୀଙ୍କ ମଳମୂତ୍ର ନମୁନା ସଂଗ୍ରହ କରି ଯାଞ୍ଚ ପାଇଁ ପଠାଯାଇଛି। ଏହା ଏକ ପ୍ରକାର ସଂକ୍ରମଣ ଯାହାକୁ 'ଭାଇରାଲ ଡାଇରିଆ' ବୋଲି କୁହାଯାଉଛି। ବର୍ଷା ଋତୁ ପରେ ଏପରି ପରିସ୍ଥିତି ଉପୁଜିଛି। ରାପିଡ୍ ଆକ୍ସନ ଟିମ୍ ଦ୍ୱାରା ପରୀକ୍ଷଣ, ଜଳବିଶୋଧନ ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ବୋଲି ପ୍ରଧାନ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦଶମ ଚନ୍ଦ୍ର ହେତୁ ଯାହା ଚାହୁଁଛନ୍ତି ତାହା ବନ୍ଧୁଙ୍କ ସାନ୍ନିଧ୍ୟରୁ ପାଇପାରିବେ। ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ କେତେକ ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ଟିକିଏ ନରମି ମୁଣ୍ଡ ନୁଆଁଇଲେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବୃଷ**
କେନ୍ଦ୍ରସ୍ଥ ଶୁକ୍ର ପ୍ରଭାବରୁ ସୁଖ, ସୌଭାଗ୍ୟ ପ୍ରାପ୍ତି ଯୋଗୁ ଖୁସି ରହିବେ। ଆପଣ ଯାହା ପାଇଁ ବହୁତ କଷ୍ଟ ସ୍ୱୀକାର କରି ସାହାଯ୍ୟ କରିଥିଲେ, ସେହି ବ୍ୟକ୍ତି ହିଁ ଶତ୍ରୁତା କରିବ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦଢ଼ତାର ସହ ସମ୍ମୁଖୀନ ହୋଇ କାମ କରିପାରନ୍ତି। ସଙ୍ଗୀତ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**
ରବି ଓ ବୁଧ ରାଶିକୁ ଦେଖୁଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଉପଭୋଗ୍ୟ ହେବ। ସହକର୍ମୀ ସମସ୍ୟା ସୃଷ୍ଟି କରିବାକୁ ଚେଷ୍ଟାକରି ଅପଦସ୍ଥ ହେବେ। ପରିବାର ଭିତରେ ପୁରୁଣା କଥାର ଆଲୋଚନା ହିଁ କଳହର କାରଣ ହୋଇପାରେ। ଧାତୁ ଅଳଙ୍କାରାଦି କ୍ରୟ, ବିକ୍ରୟ ପାଇଁ ଦିନଟି ବହୁତ ଭଲ। ଦୂରଯାତ୍ରା ଯୋଗ ଅନୁକୂଳ।

**କର୍କଟ**
ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ରଜନିତ ସ୍ୱାସ୍ଥ୍ୟ ଭଲ ରହିବା ସହ ବ୍ୟବସାୟ ମଧ୍ୟ ଭଲ ରହିବ। ନିଜେ ଅସୁବିଧା ଭିତରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହେବ। ବନ୍ଧୁର ଅଭିମାନଭରା କଥା ଆପଣଙ୍କୁ ଦୁଃଖ ଦେଇପାରେ।

**ସିଂହ**
ସ୍ୱଗୃହୀ ମଙ୍ଗଳ ଯୋଗୁ ଆଜି ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ ଏବଂ ଆଶା ଅପୂରଣ ରହିବ ନାହିଁ। ପ୍ରିୟ ବନ୍ଧୁଙ୍କ ସାକ୍ଷାତ୍‌ରୁ କିଛି ପରିମାଣରେ ଉପକୃତ ହୋଇ ପାରନ୍ତି। ଆଜି ମାତ୍ରାଧିକ ଭ୍ରମଣ ଓ କାମର ଚାପ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ।

**କନ୍ୟା**
କେତୁ ରାଶିରେ ଥିବାରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। କୌଣସି ଗୃହୋପକରଣ କିଣିବା ସକାଶେ ଯୋଜନା କରି ଶେଷ ସମୟରେ ନିରାଶ ହେବାକୁ ପଡ଼ିପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ଶିଳ୍ପ, ବାଣିଜ୍ୟ, ପରିବହନ, ମାଲି ମକଦ୍ଦମାରେ ଉନ୍ନତି କରିବେ।

**ତୁଳା**
ଆଜି କେନ୍ଦ୍ରସ୍ଥ ଚନ୍ଦ୍ର ହେତୁ ପ୍ରତ୍ୟେକ କାର୍ଯ୍ୟ ସହଜରେ ହାସଲ କରିପାରିବେ। ବନ୍ଧୁଙ୍କ ପାଇଁ ଯେତେ ଭଲ କାମ କଲେ ହେଁ ସେ ଅନ୍ୟର କାନକୁହା କଥା ଶୁଣି ଭଲ ପାଇବେ ନାହିଁ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଗୃହ, ଗାଡ଼ି, ଧାତୁ ଅଳଙ୍କାର ତଥା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇପାରନ୍ତି।

**ବିଛା**
ସ୍ୱଗୃହୀ ମଙ୍ଗଳ ଯୋଗୁ ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଂଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କରି ଚାଲନ୍ତୁ, ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଟକି ରହିଥିବା କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ।

**ଧନୁ**
ଦେବଗୁରୁଙ୍କ ଦିବ୍ୟଦୃଷ୍ଟିରୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାମର ପ୍ରସ୍ତୁତି କରି ବିଚଳିତବୋଧ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ନିଜ ନିଜ ଭିତରେ ଟଣାଓଟରା ଲାଗିପାରନ୍ତି।

**ମକର**
ଚନ୍ଦ୍ର ପ୍ରଭାବରୁ ସାହାଯ୍ୟ ସହଯୋଗ ପାଇ କାମ ଆଗକୁ ବଢ଼ାଇବାରେ ସମର୍ଥ ହେବେ। ସଭାସମିତି, କଳା, କ୍ରୀଡ଼ା, ସଙ୍ଗୀତ ଚର୍ଚ୍ଚା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ଯୋଗୁ ମାନସିକ ଶାନ୍ତି ମିଳିବ। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
ସ୍ୱଗୃହୀ ଶନି ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବ, କିନ୍ତୁ କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ କଷ୍ଟ ସ୍ୱୀକାର କରିବେ। ସହନଶୀଳତା ଗୁଣରୁ ପ୍ରଶଂସିତ ହେବେ। ଧୈର୍ଯ୍ୟ ଧରିଲେ ଉପକୃତ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ।

**ମୀନ**
ପରିସ୍ଥିତିର ଗୁରୁତ୍ୱକୁ ଦେଖି ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ। ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିବା ଦ୍ୱାରା ଅଫିସ୍ କାମର ଜଞ୍ଜାଳ ବୃଦ୍ଧି ପାଇପାରେ। ରବି ଓ ବୁଧଜନିତ ବ୍ୟସ୍ତତା ପରିହାର କରି ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯତ୍ନ କରିବା ଭଲ ହେବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷ ୫ମୀ ରବିବାର, କୁମ୍ଭକାରମାନଙ୍କ ଉପକରଣ ସହ ଚକ୍ରଧାରୀ ପୂଜା, ସୀତା ବିବାହ ଡିସେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/ମକର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୧ ଗତେ ଘ.୦୯।୧୧ ମଧ୍ୟେ, ଘ.୦୧।୦୩ ଗତେ ଘ.୦୨।୫୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୫ ଗତେ ଘ.୦୫।୦୬ ମଧ୍ୟରେ ରାହୁକାଳ।

# ୧୩ ଜିଲ୍ଲାର ୮୦ ହଜାର ହେକ୍ଟର ଜମିକୁ ପାଣି

## ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ

### ୫୯ ପ୍ରୋଜେକ୍ଟ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୧୨(ଅନିଲ ଦାସ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମରେ ୧୩ ଜିଲାରେ ୫୯ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ୮୦ ହଜାର ହେକ୍ଟର ଉିପଜମିକୁ ଜଳସେଚନର ସୁବିଧା ମିଳିପାରିଛି। ଏଥିପାଇଁ ୨,୫୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ମୁଖ୍ୟମନ୍ତ୍ରୀ ୩୩ଟି ମେଗା ଲିଫ୍ଟ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି। ଏସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ୯ ଜିଲାର ୫୦ ହଜାର ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ।

ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀଭାଇ ଦେଶର ଶ୍ରେଷ୍ଠ ସେବକ। ସେମାନେ ଆମ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ତ୍ୟାଗ ଓ ପରିଶ୍ରମ ରାଜ୍ୟ ପାଇଁ ଅନେକ ଗୌରବ ଆଣିଛି। ସେ ପ୍ରତିଦିନ ତାଙ୍କ ଘରେ ଚାଷୀମାନଙ୍କୁ ଭେଟୁଛନ୍ତି ଓ ସେମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା ମଧ୍ୟ କରୁଛନ୍ତି। ରାଜ୍ୟ ସରକାରଙ୍କ କୃଷି ବଜେଟ ୫ ବର୍ଷରେ ୩ ଗୁଣ ହୋଇ ଏବେ ୨୫ ହଜାର କୋଟି ଟଙ୍କାରେ ପହଞ୍ଚିଛି। କାଳିଆ ଯୋଜନା ଚାଷୀଙ୍କ ପାଇଁ ଉପକାରୀ ହୋଇଛି। ସରକାର ଚାଷୀମାନଙ୍କ ଫସଲବୀମାର ପ୍ରିମିୟମ ପାଇଁ ୬୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମଧ୍ୟ ଦିଆଯାଉଛି। ୫-ଟି ଉପକ୍ରମରେ ଜଳସେଚନର ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି। ଅପର ଇନ୍ଦ୍ରାବତୀ, ଲୋୟର ଇନ୍ଦ୍ର, ଦେଓ ଏବଂ ସୁବର୍ଣ୍ଣରେଖା ପରି ବଡ଼ ବଡ଼ ପ୍ରକଳ୍ପରୁ ଚାଷୀମାନେ ଜଳସେଚନ ସୁବିଧା ପାଉଛନ୍ତି। ଗଙ୍ଗାଧର ମେହେର ପ୍ରକଳ୍ପ ଓ ଲୋୟର ସୁକତେଲ ପରି ଅନ୍ୟ ବଡ଼ ବଡ଼ ପ୍ରକଳ୍ପ ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନଦୀଗୁଡ଼ିକରେ ସବୁଦିନ ପାଣି ମିଳିବାର ସୁବିଧା ପାଇଁ ୨୦ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପ କରାଯାଉଛି, ଯଦ୍ୱାରା କୃଷି କ୍ଷେତ୍ର ସମୃଦ୍ଧ ହେବ ଏବଂ ଚାଷୀଭାଇଙ୍କର ରୋଜଗାର ବୃଦ୍ଧି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମେଗା ଲିଫ୍ଟର ସୁପରିଚାଳନା ପାଇଁ ଓକାକ୍ ଦ୍ୱାରା ପ୍ରସ୍ତୁତ ଇ-ମେଗାଲିଫ୍ଟ ଆପ୍‌ର ଲୋକାର୍ପଣ କରିଛନ୍ତି।

୨୦୧୧ରେ ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏଥିରେ ୨୦୮ ପ୍ରକଳ୍ପ ସଫଳତାର ସହ ଶେଷ ହୋଇଛି ଏବଂ ଏହା ଦ୍ୱାରା ୨,୬୪,୩୩୦ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ମିଳିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୭୦ ପ୍ରକଳ୍ପ ହାତକୁ ନିଆଯାଇଛି। ଏହା ଦ୍ୱାରା ୧,୧୩,୫୪୦ ହେକ୍ଟର ଜମି ଜଳସେଚିତ ହୋଇପାରିବ।

କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇ କହିଛନ୍ତି, ଆଜି ଜଳସମ୍ପଦ ବିଭାଗ ତଥା ଆମ ରାଜ୍ୟ ପାଇଁ ଏକ ସ୍ମରଣୀୟ ଦିନ ହୋଇ ରହିବ। ଉିପ ଅଞ୍ଚଳରେ ପାଣି ଅଭାବ ଯୋଗୁ ଚାଷୀମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ କରାଯାଇଥିବା ଆମର ଏହି ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ଆନ୍ତରିକତା ଯୋଗୁ ରାଜ୍ୟରେ ଜଳସେଚନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି। ଏହି କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏବଂ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ପ୍ରକଳ୍ପ କାର୍ଯ୍ୟକାରିତା ଯୋଗୁ ତାଙ୍କ ଅଞ୍ଚଳର ଚାଷୀମାନେ ବହୁଳ ଭାବେ ଉପକୃତ ହେବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାର ଚାଷୀ ଲକ୍ଷ୍ମଣ ବାରିକ ଏବଂ ଢେଙ୍କାନାଳର ବବିତା ପାତ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଭିଡିଓ କନ୍‌ଫରେନ୍ସରେ ଆଲୋଚନା ଜରିଆରେ କହିଛନ୍ତି ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ଯୋଗୁ ଚାଷୀକୁଳର ବହୁତ ଉନ୍ନତି ଘଟିବ। ଆମ ଜମିକୁ ପାଣି ଠିକ୍ ଭାବରେ ମିଳିବ। ଆମେ ପନିପରିବାଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଚାଷ କାର୍ଯ୍ୟ ଠିକ୍ ଭାବରେ କରିପାରିବୁ। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ, ଜଳସମ୍ପଦ ବିଭାଗ ବରିଷ୍ଠ ଅଧିକାରୀ, ବିଭିନ୍ନ ଜିଲାର ଜିଲାପାଳ ଉପସ୍ଥିତ ଥିଲେ। ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଦ୍ଧାରିତ ସମୟ ପୂର୍ବରୁ ପରିକ୍ରମା ପ୍ରକଳ୍ପ କାମ ସାର: ୫-ଟି ଅଧ୍ୟକ୍ଷ



ପୁରୀ,୧୬।୧୨(ଅଜିତ୍ ମହାନ୍ତି) ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ସକାଳେ ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସହ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଭକ୍ତମାନଙ୍କ ସୁବ୍ୟବସ୍ଥିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ଦିଗରେ ପଦକ୍ଷେପ ନେବା ସହିତ ମଠଗୁଡ଼ିକର ପୁନରୁଦ୍ଧାର କାମ ଆଦିର ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତା ଜାନୁୟାରୀ ୧୭ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବ। ତେଣୁ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ସାରିବାକୁ ପାଣ୍ଡିଆନ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶ୍ରୀମାର୍ଗ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିବାବେଳେ ନୂତନ କରି ଶ୍ରୀମନ୍ଦିର ନିକଟରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ କରାଯାଉଥିବା ଚଳାପଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ କରାଯିବାକୁ ଥିବା ବିଶ୍ରାମସ୍ଥଳ ବୁଲି ଦେଖିବା ସହ କାର୍ଯ୍ୟକୁ ନେଇ ସନ୍ତୋଷବ୍ୟକ୍ତ କରିଥିଲେ। ବଡ଼ଦାଣ୍ଡରେ ନିର୍ମାଣ ହେଉଥିବା ଶୀତତାପ ଶେଡ଼ ଚଳାପଥରେ ଭକ୍ତ ଓ ଶ୍ରଦ୍ଧାଳୁ ଆସିବା ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ତଳେ କରାଯାଉଥିବା ବିଶ୍ରାମ ଗୃହରେ ଅବସ୍ଥାନ କରିବେ। ସେହିପରି ଶ୍ରୀମନ୍ଦିର ନିକଟରେ ଗତ ସପ୍ତାହରେ ଅଧିଗ୍ରହଣ ହୋଇଥିବା ନରେନ୍ଦ୍ର ମହଲା ଜମିଠାରେ ଏକ ପାର୍କିଂ ନିର୍ମାଣ ସମ୍ପର୍କରେ ମଧ୍ୟ ସେ ବୁଲି ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କେ. ବିକାଶ ସିଂହ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନିର୍ମାଣକାରୀ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହି ୫-ଟି ଅଧ୍ୟକ୍ଷଙ୍କୁ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ଗଞ୍ଜାମ ଜିଲା ହିଞ୍ଜିଳି, ଶେରଗଡ଼ ଓ ବ୍ରହ୍ମପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଶେରଗଡ଼ ଓ ହିଞ୍ଜିଳିରେ ଜଳସେଚନ ପାଇଁ ୨୦୭ କୋଟି ବ୍ୟୟ କରାଯିବ ବୋଲି ଘୋଷଣା କରିଛନ୍ତି। ସେଠାରୁ ବ୍ରହ୍ମପୁର ଯାଇ ମା' ବୁଢ଼ୀ ଠାକୁରାଣୀଙ୍କୁ ଦର୍ଶନ କରିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

Ministry of Finance
Government of India

ଜିଏସ୍‌ଟି ଟିକସଦାତାଗଣ ଧ୍ୟାନଦିଅନ୍ତୁ!

ଦୟାକରି ଆର୍ଥିକବର୍ଷ ୨୦୨୨-୨୦୨୩ ନିମନ୍ତେ ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍-୯ସି#ରେ ନିଜର ବାର୍ଷିକ ରିଟର୍ନ ଦାଖଲ କରନ୍ତୁ

ଧାର୍ଯ୍ୟ ତାରିଖ ପୂର୍ବରୁ




*କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ ଦାଖଲ କରିବାକୁ ହେବ

ନିମ୍ନଲିଖିତଙ୍କୁ ଛାଡ଼ି ଟ.୨ କୋଟିରୁ ଅଧିକ (ଆର୍ଥିକବର୍ଷ ୨୦୨୨-୨୦୨୩ ଅବଧିରେ) ସର୍ବମୋଟ ବାର୍ଷିକ କାରବାର କରିଥିବା ସମସ୍ତ ଜିଏସ୍‌ଟି ଟିକସଦାତା:

01 ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର
02 ଟିଡିଏସ୍ କାଟକର୍ତ୍ତା
03 ଟିସିଏସ୍ ସଂଗ୍ରହକାରୀ
04 କାଜୁଆଲ୍ ଟିକସଯୋଗ୍ୟ ବ୍ୟକ୍ତି
05 ଅଣ-ନିବାସୀ ଟିକସଯୋଗ୍ୟ ବ୍ୟକ୍ତି

#କେଉଁ ଟିକସଦାତାଙ୍କୁ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାକୁ ହେବ

ଯେଉଁ ଟିକସଦାତାଙ୍କ ସର୍ବମୋଟ ବାର୍ଷିକ କାରବାର ଟ.୫ କୋଟିରୁ (ଆର୍ଥିକବର୍ଷ ୨୦୨୨-୨୩ ଅବଧିରେ) ଅଧିକ ହୋଇଥିବ ସେମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ସହିତ ଫର୍ମ ଜିଏସ୍‌ଟିଆର୍-୯ସିରେ ଏକ ଆତ୍ମ-ପ୍ରମାଣିତ ରିକନ୍‌ସିଲିଏସନ୍ ଷ୍ଟେଟ୍‌ମେଣ୍ଟ ଦାଖଲ କରିବାକୁ ହେବ ।

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରିବାରେ ବିଳମ୍ବ ହେଲେ ବିଳମ୍ବ ଦେୟ ଲାଗୁ ହେବ

ଜିଏସ୍‌ଟି ବାର୍ଷିକ ରିଟର୍ନ ସମ୍ବନ୍ଧୀୟ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ

CBC 15502/13/0020/2324

Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA

ଆସିଗଲା
ଏଲଆଇସି'ର ଜୀବନ ଉତ୍ସବ
Plan No.: 871 UIN: 512N363V01
ଖୁସି ମନେଇବା ପାଇଁ ଗ୍ୟାରେଣ୍ଟିଡ୍ କାରଣ



ଅଛି ଲାଇଫ୍‌ଟାଇମ୍ ଗ୍ୟାରେଣ୍ଟିଡ୍ ରିଟର୍ନ୍ସ
ଅନ୍‌ଲାଇନ୍‌ରେ ବି ମିଳୁଛି

ହୋଲ୍ ଲାଇଫ୍ ଇନ୍‌ସ୍ୟୋରାନ୍ସ ସାଙ୍ଗକୁ ବେନିଫିଟ୍ସ ବାଛିବାର ନମନୀୟତା
- ସୀମିତ ପ୍ରିମିଅମ ପେଇଙ୍ଗ ଅବଧି 5 ରୁ 16 ବର୍ଷ
- ପ୍ରିମିଅମ ପେଇଙ୍ଗ ଅବଧିରେ ଗ୍ୟାରଣ୍ଟିଡ୍ ଆଡିଶନ୍ସ
- ନିୟମିତ ଇନ୍‌କମ୍ ବେନିଫିଟ୍/ଫ୍ଲେକ୍ସୀ ଇନ୍‌କମ୍ ବେନିଫିଟ୍
- ବେସିକ୍ ସମ୍ ଆସ୍ୟୋରଡ଼ ଅନ୍ୟୂନ ₹5 ଲକ୍ଷ

ଏକ ନନ୍-ଲିଙ୍କଡ, ନନ୍-ପାର୍ଟିସିପେଟିଙ୍ଗ, ଇଣ୍ଡିଭିଜୁଆଲ, ସେଭିଙ୍ଗସ, ହୋଲ ଲାଇଫ ଇନସିଓରେନ୍ସ ପ୍ଲାନ

licindia.in (022) 6827 6827 8976862090
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍ଏମ୍ଏସ୍ କରନ୍ତୁ 56767474 କୁ
LIC India Forever | IRDAI Regn No.: 512
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ
LIC/P1/2023-24/13/Ori

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ– ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ (ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବ। – ଶ୍ରୀମା



# ଆଇନର ନିର୍ଯାତନା



ଆକାର ପଟେଲ

ଏକ ସଚେତନ ରାଷ୍ଟ୍ର କିମ୍ବା ବିଚାରଶୀଳ ରାଜ୍ୟ ଶାନ୍ତିପୂର୍ଣ୍ଣ ବିରୋଧ ଏବଂ ଆତଙ୍କବାଦ କାର୍ଯ୍ୟକଳାପ ମଧ୍ୟରେ ପାର୍ଥକ୍ୟ ନିର୍ଦ୍ଧାରଣ କରିବାକୁ ସମର୍ଥ ହେବା ଉଚିତ। କିନ୍ତୁ ଏବେ ଆମେ ଆଉ ତାହା କରିପାରୁନାହୁଁ ଯାହା ଦୁଇଟି ବିଷୟରେ ପ୍ରତିଫଳିତ ହେଉଛି। ଗୋଟିଏ ହେଉଛି ଭାରତର ଆଇନ ଯାହା ସର୍ବଦା ଖରାପ ଓ ଅସ୍ଥିର ହୋଇଯାଇଛି। ଅନ୍ୟଟି ହେଉଛି ରାଜ୍ୟକୁ ରାଷ୍ଟ୍ରଠାରୁ ଭିନ୍ନ ଭାବେ ବିଚାର କରିବାରେ ଆମର ଅକ୍ଷମତା। ତେବେ ଉଭୟକୁ ସ୍ପଷ୍ଟ କରୁଥିବା ସାମ୍ପ୍ରତିକ ଘଟଣାର ବିବରଣୀ ଏଠାରେ ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। କିନ୍ତୁ ଆମ ସଂସଦୀୟ କାର୍ଯ୍ୟକ୍ରମରେ ଏହା କିପରି ନିୟନ୍ତ୍ରିତ ନୁହେଁ ତାହା ଦେଖିବା ଦରକାର। ଗୋହତ୍ୟା ଭାରତରେ ଏକ ଆର୍ଥିକ ଅପରାଧ ଏବଂ ଧର୍ମୀୟ ଅପରାଧ ନୁହେଁ। କାରଣ ଏହି ପ୍ରସଙ୍ଗରେ ସମ୍ବିଧାନର ନିର୍ଦ୍ଦେଶନାମା ପରାମର୍ଶ ଦିଏ ଯେ ଗୋରୁ ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ । ସମ୍ବିଧାନ ସଭା ବିତର୍କରେ ସଦସ୍ୟମାନେ କହିଥିଲେ ଯେ ପର୍ଯ୍ୟାପ୍ତ ପରିମାଣରେ ଦୁଗ୍ଧ ଉପଲବ୍ଧ ହେଉ ନ ଥିବାରୁ ଭାରତର ଶିଶୁ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଏଣୁ ଅଧିକ କ୍ଷୀର ଉପଲବ୍ଧ ପାଇଁ ଗୋହତ୍ୟା ନିଷେଧ କରିବା ଆବଶ୍ୟକ। ଦୁନିଆର ଅନ୍ୟ କୌଣସି ସ୍ଥାନରେ ଏଭଳି ଯୁକ୍ତିର ପ୍ରମାଣ ନାହିଁ। ଜନସଂଘ ତା'ପ୍ରାରମ୍ଭିକ ଇସ୍ତାହାରରେ ଟ୍ରାକ୍ଟର ବ୍ୟବହାରକୁ ବିରୋଧ କରିଥିଲା। କାରଣ ସେମାନେ ଭାବିଥିଲେ ବଳଦମାନଙ୍କର କୌଣସି କାମ ରହିବ ନାହିଁ। ଅବଶ୍ୟ ସମୟକ୍ରମେ ଏହି ସବୁରେ ପରିବର୍ତ୍ତନ ଘଟିଛି । ଭାରତ ଏବେ ବଳକା ଦୁଗ୍ଧ ଉତ୍ପାଦନ ଓ ରପ୍ତାନିକାରୀ ଦେଶ ହୋଇଛି। ବଳଦ ତୁଳନାରେ ଟ୍ରାକ୍ଟରର ଗୁରୁତ୍ୱ ବଢ଼ିଥିଲେ ବି ଗୋହତ୍ୟା ଆଇନକୁ କଡ଼ାକଡ଼ି କରାଯାଇଛି। ଗୋହତ୍ୟା ପାଇଁ ଗୁଜରାଟରେ ଆଜୀବନ ଦଣ୍ଡ ରହିଛି। ଅନ୍ୟ କୌଣସି ଅର୍ଥନୈତିକ ଅପରାଧରେ ଏଭଳି ଦଣ୍ଡବିଧାନ ନାହିଁ। କିନ୍ତୁ ଆମେ ତାହାକୁ ଗ୍ରହଣ କରିଛୁ ଏବଂ ଏଥିରେ ଏତେ ଉତ୍ସାହୀ ଯେ ଏହି ପଥରୁ ଆଉ ଫେରିପାରିବୁ ନାହିଁ। ଏବେ ଆଇନ ଅଣାଯାଇଛି ଯେଉଁଥିରେ ଅଭିଯୁକ୍ତକୁ ନିଜର ନିର୍ଦ୍ଦୋଷ ନିଜେ ପ୍ରମାଣ କରିବାକୁ ପଡୁଛି। ୨୦୧୯ରେ ଜଣେ ଗୁଜରାଟୀ ମୁସଲମାନ ତାଙ୍କ ଝିଅ ବାହାଘରରେ ଗୋମାଂସ ପରିବେଷଣ କରିବାକୁ ନେଇ ତାଙ୍କ ବିରୋଧରେ ଗୋହତ୍ୟା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ପୋଲିସ ଓ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି ପ୍ରମାଣ କରିପାରିବେ ନାହିଁ ବୋଲି କୋର୍ଟକୁ କହିଥିଲେ। ବିଚାରପତି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇ କହିଥିଲେ ଯେ, ନିର୍ଦ୍ଦୋଷ ବୋଲି ଅଭିଯୁକ୍ତଙ୍କୁ ହିଁ ପ୍ରମାଣ କରିବାକୁ ହେବ , ଦୋଷ ପ୍ରମାଣ କରିବା ରାଜ୍ୟ କିମ୍ବା ବ୍ୟବସ୍ଥାର ଦାୟିତ୍ୱ ନୁହେଁ। ପରେ ଗୁଜରାଟ ହାଇକୋର୍ଟ ଏହି ଦଣ୍ଡାଦେଶକୁ ସ୍ଥଗିତ ରଖିଥିଲେ। ଏହି ଯୁଗରେ ଆମର ଏପରି ନିୟମ ଅଛି ବୋଲି କୋର୍ଟ ହୁଏତ ଲଜ୍ଜିତ ହୋଇଥିବେ। ଉଚ୍ଚ ନ୍ୟାୟାଳୟ ଏହି ଦଣ୍ଡକୁ ରଦ୍ଦ କରିବା ଠିକ୍ ଥିଲା। ଏବେ 'ସିକ୍ୟୁରିଟି ଥ୍ରେଟ୍' ବା 'ସୁରକ୍ଷା ବିପଦ' କଥା କୁହାଯାଉଛି। ସୁରକ୍ଷାକୁ ନେଇ ବିପଦ ଥିବାର ଯଦି କିଛି ସୂଚନା ଥାଏ ତେବେ ଏହା ଜଣକୁ ଅନେକ ବର୍ଷ ଜେଲ ପଠାଇବା ପାଇଁ ଯଥେଷ୍ଟ। ତେବେ ପ୍ରଶ୍ନ ଉଠେ କାହାର ସୁରକ୍ଷା। କେଉଁ ବିପଦ ? ଏଗୁଡ଼ିକର ଗମ୍ଭୀରତା ବୁଝିବା ଆମ ପାଇଁ ଅତ୍ୟଧିକ ଜଟିଳ, କାରଣ ଏଥିପାଇଁ ଆବଶ୍ୟକ ପରିପକ୍ୱ ମସ୍ତିଷ୍କ ଆମ ପାଖରେ ନାହିଁ।

୧୯୧୯ ମସିହାରେ ଗାନ୍ଧିଜୀ ରୌଲଟ ଆକ୍ଟ ବା ଆଇନ ବିରୋଧରେ ଦେଶବ୍ୟାପୀ ଧର୍ମଘଟର ନେତୃତ୍ୱ ନେଇଥିଲେ। ଧର୍ମଘଟକୁ ସମର୍ଥନକରି ଅମୃତସର ଜାଲିଆନାୱାଲାବାଗ୍ ବିକ୍ଷୋଭରେ ଅଧିକ ଲୋକ ଯୋଗଦେଇଥିଲେ। 'ବ୍ରିଟିଶ ଶାସନ ଏବେ ବିପଦରେ' ବୋଲି ପଞ୍ଜାବର ରାଜ୍ୟପାଳ ସାର୍ ମାଇକେଲ ଓ'ଡାୟାର୍ ଦାବିକରି ସାଧାରଣ ନାଗରିକଙ୍କ ଉପରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ୩୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିଲା। ବ୍ରିଟିଶ ଶାସନାଧୀନ ବିଧାନ ପରିଷଦରେ ସମସ୍ତ ଭାରତୀୟ ସଦସ୍ୟ ବିରୋଧ କରିଥିଲେ ମଧ୍ୟ ରୌଲଟ ଆଇନ ପାସ୍ କରାଯାଇଥିଲା। ଇଂରେଜମାନେ ଦାବି କରିଥିଲେ , ଏହି ଆଇନ କମ୍ ସଂଖ୍ୟକ ଭାରତୀୟଙ୍କୁ ପ୍ରଭାବିତ କରିବ। କିନ୍ତୁ ଗାନ୍ଧିଜୀ ଏହାକୁ 'ଦେଶ ପ୍ରତି ଅପମାନ' ବୋଲି ଅଭିହିତ କରିଥିଲେ। ତେବେ ରୌଲଟ ଆଇନରେ କେଉଁ ନିର୍ଯାତନାର ବିଷୟ ଥିଲା ? ଭାରତୀୟମାନେ ଏହାକୁ ନେଇ କାହିଁକି ଏତେ କ୍ରୋଧିତ ହୋଇ ଏହାର ବିରୋଧ କରୁଥିଲେ ? କାରଣ ଏହା ଆଇନ ଶାସନର ମୌଳିକ ନୀତିଗୁଡିକୁ ହଟାଇଦେଇଥିଲା। ଏହା ବିନା ଅଭିଯୋଗ କିମ୍ବା ବିଚାରରେ ଲୋକଙ୍କୁ ଗିରଫ କରିପାରେ। ଏହାକୁ ଏକ ପ୍ରଶାସନିକ ଅଟକ କୁହାଯାଏ, ଅର୍ଥାତ୍ ଜଣେ ଅପରାଧ ନ କରିଥିଲେ ବି ଭବିଷ୍ୟତରେ ଅପରାଧ ଘଟାଇବାର ଆଶଙ୍କା ଥିଲେ ତାଙ୍କୁ ଜେଲରେ ରଖାଯାଇପାରିବ।

ଯେଉଁ ୟୁଏପିଏରେ ଅନେକ ଭାରତୀୟଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି ଏବଂ ସେମାନେ ଜେଲରେ ଅଛନ୍ତି, ତାହା 'ଆତଙ୍କବାଦୀ' କିମ୍ବା 'ଆତଙ୍କବାଦ' କୁ ଠିକ୍ ଭାବେ ପରିଭାଷିତ କରେ ନାହିଁ । ଏହି ଆଇନକୁ ଏଭଳି ଗଢ଼ାଯାଇଛି ଯେ, ବହୁ ସଂଖ୍ୟକ ଭାରତୀୟଙ୍କୁ ଆତଙ୍କବାଦୀ ଭାବରେ ନାମିତ କରିବା ପାଇଁ ଏହା ଯଥେଷ୍ଟ । ଏହାକୁ ଆମେ ସମସ୍ତେ ବିରୋଧ କରିବାକୁ ପଡ଼ିବ। ୨୨ ବର୍ଷ ବୟସରେ ଭଗତ ସିଂ ଭାରତରେ ଜଣେ ବୀର ସଂଗ୍ରାମୀ ହୋଇଥିଲେ। ଶତ୍ରୁଙ୍କୁ କୌଣସି ଅନିଷ୍ଟ କରିବାକୁ ତାଙ୍କ ବିଦ୍ରୋହର ଲକ୍ଷ୍ୟ ନ ଥିଲା। ବୋମାଗୁଡ଼ିକ କେବଳ ଧୂଆଁ ସୃଷ୍ଟି କରିଥିଲା ଏବଂ ନିଜକୁ ସ୍ପଷ୍ଟ ରୂପରେ ଅଭିବ୍ୟକ୍ତ କରିବାର କ୍ଷମତା ନିଶ୍ଚିତ କରିଥିଲା ଯେ ଗଣମାଧ୍ୟମ ଏବଂ ଜନସାଧାରଣ ତାଙ୍କ ଦ୍ୱାରା ପ୍ରଭାବିତ ହେବେ। ଜନ ସୁରକ୍ଷା ବିଲ୍‌କୁ ବିରୋଧ କରିବା ପାଇଁ ଭଗତ ସିଂ ତାଙ୍କ ଧୂଆଁବୋମା ଫିଙ୍ଗିଥିଲେ। ଏହି ବିଲ୍ ବିନା ବିଚାରରେ ଲୋକଙ୍କୁ ଜେଲରେ ରଖିବାକୁ ଅନୁମତି ଦିଏ, ଠିକ୍ ୟୁଏପିଏ ପରି। ଭଗତ ସିଂ ଏହାକୁ ବିରୋଧ କରିବା ଠିକ୍ ଥିଲା। ସେ ଯେଉଁ ଢଙ୍ଗରେ ଏହାକୁ ବିରୋଧ କରିଥିଲେ ତାହା ବି ଠିକ୍ ଥିଲା। ଆମେ ତାଙ୍କୁ ଶହୀଦ ଆଖ୍ୟା ଦେଉ, କାରଣ ସେ ଆମ ସମସ୍ତଙ୍କ ପାଇଁ ଯାହା କରିଥିଲେ ସେଥିପାଇଁ ତାଙ୍କୁ ଦଣ୍ଡ ଦିଆଯାଇଥିଲା । କିନ୍ତୁ ସମାନ କାରଣ ପାଇଁ ଏବେ ସମାନ କାର୍ଯ୍ୟ କରୁଥିବା ଯୁବକଙ୍କୁ ଆମେ ଆତଙ୍କବାଦୀ କହୁଛୁ।

Email:aakar.patel@gmail.com

# ସାହିତ୍ୟ, ସଂସ୍କୃତି ଓ ପରମ୍ପରା



ଇଂ. ମୁରଲୀଧର ହୋତା

ସଂସ୍କୃତି ତିନି ଅକ୍ଷର ବିଶିଷ୍ଟ ଏକ କ୍ଲିଷ୍ଟ ଶବ୍ଦ। ମାତ୍ର ସାଗରର ବ୍ୟାପକତା ଓ ଗଭୀରତା ଯେପରି ଜଣେ ସାଧାରଣ ବୁଦ୍ଧିସମ୍ପନ୍ନ ମଣିଷ ପକ୍ଷରେ କଳନା କରିବା ଦୁରୂହ ବ୍ୟାପାର, ସେହିପରି ସଂସ୍କୃତିର ବ୍ୟାପକତା ସୁଦୂରପ୍ରସାରୀ। ଉପରୋକ୍ତ ଶୀର୍ଷକରେ ଭାଷା ଓ ସାହିତ୍ୟ ଉଭୟ ସଂସ୍କୃତିର ପରିସରଭୁକ୍ତ ଏବଂ ତହିଁ ମଧ୍ୟରେ ସମାହିତ ଥାଏ। ଜଣେ ଛାତ୍ରକୁ 'ଚନ୍ଦ୍ରାଲୋକିତ ରଜନୀରେ ଆକାଶର ବର୍ଣ୍ଣନା' ସମ୍ପର୍କିତ ଏକ ଆଲେଖ୍ୟ ଲେଖିବାକୁ କହିଲେ ସେ ଯେପରି ଆକାଶ, ଚନ୍ଦ୍ରମଣ୍ଡଳ, ତାରାଗଣ ଏବଂ ଜ୍ୟୋତ୍ସ୍ନାବିଧୌତ ରଜନୀରେ ଚନ୍ଦ୍ରମାର ସ୍ନିଗ୍ଧ, ମନୋରମ କିରଣ ଇତ୍ୟାଦି ସମ୍ପର୍କରେ ଆପାତତଃ ବର୍ଣ୍ଣନା କରିବାକୁ ବାଧ୍ୟ ; ସେହିପରି ସଂସ୍କୃତି ପ୍ରସଙ୍ଗ ଉଠିଲେ ହିଁ ଉକ୍ତ ସଂସ୍କୃତିର ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ପର୍ବପର୍ବାଣି, ରୀତିନୀତି, ଖାଦ୍ୟ ପାନୀୟ, ବେଶ ପୋଷାକ, ଆଚାର ବ୍ୟବହାର ଇତ୍ୟାଦି ସେହି ସଂସ୍କୃତିର ପରିସର ହେବାକୁ ବାଧ୍ୟ। ତେବେ ସରଳରେ ଗୋଟିଏ ସଂସ୍କୃତି କିପରି ଗଢ଼ିଉଠେ, ତାହା ବୁଝିଗଲେ ସଂସ୍କୃତି କ'ଣ ତାହା ଜାଣିବାକୁ ଆଉ ବାକି ରହେନାହିଁ। ବରଂ ଏହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଜନସମୂହର ବିଶିଷ୍ଟତା, ମହାନତା, ବଡ଼ପଣିଆକୁ ବୁଝାଇଥାଏ। ଅତଃ ସଂପ୍ରଦାୟ ଅଥବା ସମାଜର ସାମୂହିକ ବ୍ୟବହାରକୁ ଆମେ ସଂସ୍କୃତି କହିପାରିବା। ଛୋଟିଆ ଉଦାହରଣଟିଏ ରଖୁଛି। ଖାଇବା ହେଉଛି ଆମର ପ୍ରକୃତି, ଲୁଚେଇକି ଖାଇବା ଆମର ବିକୃତି ଏବଂ ନିଜେ ଉପାସ ରହି ଭୋକିଲା ଲୋକଟିକୁ ଖୁଆଇବା ହେଉଛି ଆମର ଭାରତୀୟ ସଂସ୍କୃତି।

ଗୋଟିଏ ଜାତିର ଭାଷା ତା'ର ସଂସ୍କୃତି ସହିତ ଅତ୍ୟନ୍ତ ଘନିଷ୍ଠ ଭାବେ ସଂପୃକ୍ତ। ଭାଷା ମାଧ୍ୟମରେ ହିଁ ଆମେ ସଂସ୍କୃତିକୁ ଶିଖିଥାଉ। ଏହି ଭାଷା ମାଧ୍ୟମରେ ଆମର ମା'ବାପା ଆମକୁ ଆମ ଜାତିର ଚାଲିଚଳନ ବିଷୟରେ ଶିକ୍ଷା ଦେଇଥାଆନ୍ତି। ଭାଷା ହିଁ ସଂସ୍କୃତିର ବାହକ। ବିଭିନ୍ନ ଭାଷାରୁ ଉପାଦାନ ସଂଗ୍ରହ କରି ଆମ ଭାଷା ସମୃଦ୍ଧ ହୋଇଛି। ଅନ୍ୟାନ୍ୟ ଯେତେ ସ୍ରୋତ ଇତିହାସ ସହିତ ମିଶିଥିଲେ ମଧ୍ୟ ଆମର ଆର୍ଯ୍ୟତ୍ୱକୁ ସେମାନେ କେହି ଲୋପ କରିଦେଇ ପାରିନାହାନ୍ତି। ଭାଷା ସୃଷ୍ଟି ହେବା କାଳରୁ ଆମ ସଂସ୍କୃତିର ଅୟମାରମ୍ଭ ଘଟିଛି। ବିନା ଭାଷାରେ ସାହିତ୍ୟ ସୃଷ୍ଟି ହେବା ଅସମ୍ଭବ। ତେଣୁ ଭାଷା ସୃଷ୍ଟି ହେଲେ ସଂସ୍କୃତିର ଧାରା ପ୍ରବାହିତ ହୁଏ ଏବଂ ସମୟକ୍ରମେ ସାହିତ୍ୟର ସୃଷ୍ଟି ହୁଏ। ଇତିହାସ ଅନୁଯାୟୀ ଖାରବେଳଙ୍କ ରାଜତ୍ୱକାଳରେ ଓଡ଼ିଆ ଭାଷା ବିକଶିତ ଅବସ୍ଥାରେ ଥିଲା। ଏହା ହାତୀଗୁମ୍ଫା ଅଭିଲେଖରୁ ସ୍ପଷ୍ଟ। ପରେ ପରେ ଭୌମକରଙ୍କ ରାଜତ୍ୱରେ ଓଡ଼ିଆ ଭାଷା ସମୃଦ୍ଧ ହୋଇ ସାହିତ୍ୟ ସୃଷ୍ଟି କରିବାର ସାମର୍ଥ୍ୟ ଲାଭ କରିଥିଲା। ଶୂଦ୍ରମୁନି



ସାରଳା ଦାସଙ୍କ ମହାଭାରତଠାରୁ ଆରମ୍ଭ କରି ବର୍ତ୍ତମାନର କବିତା, ଗଳ୍ପ, ଉପନ୍ୟାସ, ନାଟକ ଏବଂ ପ୍ରବନ୍ଧ ଇତ୍ୟାଦି ସବୁ ସାହିତ୍ୟର ଅନ୍ତର୍ଭୁକ୍ତ। ଏହାସବୁ ହେଲା ଆମ ସଂସ୍କୃତିର ଅନ୍ତରଙ୍ଗ ବିଭବ। ଅନ୍ତରଙ୍ଗ ବିଭବଗୁଡ଼ିକ ସହିତ ଅନ୍ତରଙ୍ଗତା ସ୍ଥାପନ ପୂର୍ବକ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ ଜାତି ବିଶ୍ୱରେ ସୁସଭ୍ୟ ଓ ସଂସ୍କୃତିସମ୍ପନ୍ନ ଜାତିଭାବରେ ସୁପରିଚିତ। ସେଥିପାଇଁ ଆମ ଜୀବନଚର୍ଯ୍ୟା ସରସ, ସୁନ୍ଦର ଓ ସମୃଦ୍ଧ ହୋଇପାରିଛି। ଜାତୀୟ ଅଥବା ପ୍ରାଦେଶିକ ସ୍ତରରେ ଏହି ଅନ୍ତରଙ୍ଗ ବିଭବଗୁଡିକ ଗୋଟିଏ ନିର୍ଦ୍ଦିଷ୍ଟ ଶୃଙ୍ଖଳା ଅଥବା ପ୍ରଣାଳୀରେ ପରିଚାଳିତ, ଯାହା ଅନୁପ୍ରବେଶିତ ଭଲକୁ ଗ୍ରହଣ କରିବା ସହିତ ଭେଲକୁ ପ୍ରତ୍ୟାଖ୍ୟାନ କରିଥାଏ। ଏହି ଶକ୍ତିରୁ ଜୀବନର ଉନ୍ନତ ଗତିଶୀଳତା ସମ୍ପର୍କରେ ସୂଚନା ମିଳିଥାଏ। ଯେତେବେଳେ ଏହି ଶକ୍ତି ଲୋପପାଏ, ସେତେବେଳେ ସଂସ୍କୃତି ପତନମୁଖୀ ହୁଏ ଅଥବା ଲୋପପାଇ ଯିବାର ସମ୍ଭାବନା ସୃଷ୍ଟି ହୁଏ। ଏଇ ଯେମିତି ପ୍ରାଚୀନ ଗ୍ରୀସ୍, ରୋମ, ଇଟାଲୀର ଉନ୍ନତ ସଂସ୍କୃତି ଚିରକାଳ ପାଇଁ ଲୋପ ପାଇଗଲା। ଏବେ ସେମାନେ ପୃଥିବୀବାସୀଙ୍କ ସାମ୍ନାରେ ନିଜ ଜାତିକୁ ଚିହ୍ନାଇବାର ସ୍ୱତନ୍ତ୍ରତା ତାଙ୍କ ପାଖରେ ଆଉ କିଛି ନାହିଁ। ଅର୍ଥାତ୍ ସଂସ୍କୃତି ସହିତ ସେ ଦେଶମାନଙ୍କର ଜାତୀୟତାର ମୃତ୍ୟୁ ଘଟେ, ଯଦିବା ସେଠାକାର ନାଗରିକମାନେ ଜୀବିତ ଥାଆନ୍ତି।

ଗୋଟିଏ କୌତୂହଳର ଘଟଣା। ଭାରତୀୟମାନେ ପୃଥିବୀର ଯେକୌଣସି ଦେଶକୁ ଗଲେ ସେମାନେ ସେଠାକାର ନାଗରିକମାନଙ୍କର ସନ୍ଦେହର ବଳୟ ଭିତରକୁ ଆସନ୍ତି ନାହିଁ। କାରଣ ପୃଥିବୀବାସୀ ଜାଣିଛନ୍ତି ଭାରତୀୟମାନେ ଅଯଥାରେ କଳହ କରନ୍ତି ନାହିଁ, ସେମାନେ ଶାନ୍ତିପ୍ରିୟ, ସହନଶୀଳ ଏବଂ ଧୈର୍ଯ୍ୟବାନ୍ ତଥା ସହାନୁଭୂତିଶୀଳ। ସଂସ୍କୃତି ମାଧ୍ୟମରେ ଜାତିର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରାଯାଏ। ସଂସ୍କୃତିରୁ ପରମ୍ପରା ସୃଷ୍ଟି। ସଂସ୍କୃତିର କୌଣସି ଏକ ଅଙ୍ଗ, ଉଚ୍ଚାଦର୍ଶ ଅଥବା ପର୍ବପର୍ବାଣି ପିଢ଼ି ପରେ ପିଢ଼ି ଆମେ ମାନି କରି ଚାଲିଲେ ଅଥବା ପାଳନ କରି ଚାଲିଲେ ତାହା ଆମର ପରମ୍ପରାରେ ପରିଣତ ହୁଏ। ଉଦାହରଣ ସ୍ୱରୂପ ଓଡ଼ିଆମାନଙ୍କର କାର୍ତ୍ତିକ ପୂର୍ଣ୍ଣମୀରେ ଡଙ୍ଗାଭସା, ଖୁଦୁରୁକୁଣୀ ପର୍ବ ଏବଂ ରଜ ଉତ୍ସବ ପାଳନ ଏହା ଆମର ପରମ୍ପରାରେ ପରିଣତ ହୋଇଯାଇଛି। ଏହା ଭାରତବର୍ଷରେ ଅନ୍ୟତ୍ର ପାଳିତ ହୁଏ ନାହିଁ। ଏହା ଆମର ଅଦ୍ୱିତୀୟ ପରମ୍ପରା। ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଉପରେ ସମ୍ୟକ ସୂଚନା ଦେବାପରେ ଏବେ ମହାଭାରତୀୟ ସଂସ୍କୃତି ଉପରେ ଅଳ୍ପ କିଛି ନ ଲେଖିଲେ ଲେଖାଟି କାହିଁକି ଅଧାଗଢ଼ା ମନ୍ଦିରଟିଏ ଭଳି ମନେହୁଏ, ଯେଉଁଠି ଦେବ ବିଗ୍ରହ ପ୍ରତିଷ୍ଠା ଅସମୀଚୀନ ଲାଗେ।

ପ୍ରାୟ ଚାରି ହଜାର ବର୍ଷ ପୂର୍ବେ ଭାରତୀୟ ମୁନି ଋଷିଗଣ ବୈଦିକ ସଂସ୍କୃତିକୁ ନେଇ ଯେଉଁ ଉଚ୍ଚାଙ୍ଗ ସ୍ତରରେ ପହଞ୍ଚାଇଥିଲେ, ବିଶ୍ୱ ଇତିହାସରେ ସେପରି ଚେତନାସମୃଦ୍ଧ, ଜ୍ଞାନଗର୍ଭକ ସଂସ୍କୃତି ଅନ୍ୟତ୍ର ଦେଖିବାକୁ ମିଳେନାହିଁ। ବେଦ, ଉପନିଷଦ ଭାରତୀୟ ସଂସ୍କୃତିର ମୂଳାଧାର । ରାମାୟଣ, ମହାଭାରତ (ପଞ୍ଚମ ବେଦ) ଭଳି ମହାକାବ୍ୟମାନ ବିଶ୍ୱ ଇତିହାସରେ ବିରଳ। ଆମ ଆଦ୍ୟଜ ତଥା ପୂର୍ବଜମାନଙ୍କର ଉଚ୍ଚତମ ଆଧ୍ୟାତ୍ମିକ ଚେତନା, ସେମାନଙ୍କର ତପସିଦ୍ଧ ଅଫୁରନ୍ତ ପ୍ରାଣଶକ୍ତି ତଥା ଜୀବନ ଓ ପ୍ରକୃତିକୁ ପ୍ରାଣଭରି ଭଲପାଇବା, ଜାଣିବାର ଅଦମ୍ୟ ପିପାସା, କାଳଜୟୀ ଚିନ୍ତନ, ସାହିତ୍ୟ, କଳା–ସ୍ଥାପତ୍ୟ–ଭାସ୍କର୍ଯ୍ୟ, ସେମାନଙ୍କର ଦୁର୍ବାର ଦୁଃସାହସିକତା, ସ୍ୱାଧୀନ ଜୀବନଯାପନ କରିବାରେ ସେମାନଙ୍କର ଆଗ୍ରହ, ସତ୍ୟ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଅନୁରାଗ, ମୌଳିକ ମୂଲ୍ୟବୋଧ ଉପରେ ଆସ୍ଥା, ଜୀବନର ନାନାବିଧ ରହସ୍ୟ ଭେଦ କରିବାରେ ସେମାନଙ୍କର ଚାତୁର୍ଯ୍ୟ, ଭିନ୍ନମତ ପ୍ରତି ସହନଶୀଳତା, ଆବଶ୍ୟକ ସ୍ଥଳେ ଅନ୍ୟ ଏକ ଗୋଷ୍ଠୀର ଆନୁଷ୍ଠାନିକ କର୍ମଧାରାକୁ ଯଥାସମ୍ଭବ ନିଜ ସହିତ ଏକୀଭୂତ କରିନେବାର ମାନସିକତା, ସେମାନଙ୍କର ଅଜସ୍ର ଅଭିଜ୍ଞତାର ଫଳ ଭାରତୀୟମାନଙ୍କୁ ପରିପୁଷ୍ଟ କରିଥିଲା, ଯାହା ଆମ୍ଭପାଇଁ କାଳକାଳକୁ ଅବିସ୍ମରଣୀୟ ହୋଇ ରହିବ। କାରଣ ତାହାହିଁ ଆମର ମୂଳଦୁଆ, ଐତିହ୍ୟ ଏବଂ ସାମର୍ଥ୍ୟବୋଧର ମୌଳିକ ଉପାଦାନ।

ବେଦ ଓ ଉପନିଷଦ ସର୍ବଦା ମାନବବାଦର ଯଶଗାନ କରେ। ମନୁଷ୍ୟ ଜାତି ଭିତରେ ଭ୍ରାତୃଭାବର ଉଦ୍ରେକ, ଦୈବୀ ଦୁର୍ବିପାକରେ ପରସ୍ପରକୁ ସାହାଯ୍ୟ ପ୍ରଦାନ ଏବଂ ସମସ୍ତଙ୍କର ସୁଖ–ସମୃଦ୍ଧି ଓ ସମସ୍ତେ ସୁସ୍ଥ–ସବଳ ରହିବାର କାମନା ଭଳି 'ସର୍ବଜନ ହିତାୟ' ଉନ୍ନତ ଚିନ୍ତନ କେବଳ ଭାରତୀୟ ସଂସ୍କୃତି ବ୍ୟତୀତ ଅନ୍ୟ କୌଣସି ସଂସ୍କୃତିରେ ଦୃଷ୍ଟିଗୋଚର ହୁଏନାହିଁ।

ମହାନଦୀ ବିହାର, କଟକ
ମୋ: ୯୮୬୧୧୪୦୧୬୯

# ସାମାଜିକ ପରିବର୍ତ୍ତନରେ ଟେକ୍ନୋଲୋଜି



ସୌରଜିତ ପ୍ରଧାନୀ

ବିଗତ କିଛି ଦଶନ୍ଧି ଧରି ଭାରତର ସାମାଜିକ ଢାଞ୍ଚାକୁ ନୂତନ ରୂପ ଦେବାରେ ପ୍ରଯୁକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିଛି। ସୁଲଭ ସ୍ମାର୍ଟଫୋନର ବ୍ୟାପକ ଉପଲବ୍ଧତା ଏବଂ ଇଣ୍ଟରନେଟ ଭିତ୍ତିଭୂମିର ସମ୍ପ୍ରସାରଣ ଲକ୍ଷ ଲକ୍ଷ ଭାରତୀୟଙ୍କୁ ଡିଜିଟାଲ କ୍ଷେତ୍ର ସହିତ ଯୋଡ଼ିଛି। ଏହି ସଂଯୋଗ କେବଳ ଭୌଗୋଳିକ ବ୍ୟବଧାନକୁ ଦୂର କରିନାହିଁ, ବରଂ ଶିକ୍ଷା, ଯୋଗାଯୋଗ ଏବଂ ବାଣିଜ୍ୟ ପାଇଁ ନୂତନ ମାର୍ଗ ଖୋଲିଛି।

ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇଛି। ଇ–ଲର୍ନିଂ ପ୍ଲାଟ୍‌ଫର୍ମ ବୃଦ୍ଧି ଫଳରେ ବିଶେଷ କରି ଦୂରଦୂରାନ୍ତର ଏବଂ ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ଉପଲବ୍ଧ ହେଉଛି। ଅନଲାଇନ କ୍ଲାସ୍‌ରୁ ଆରମ୍ଭ କରି ଶିକ୍ଷା ଆପ୍ ପର୍ଯ୍ୟନ୍ତ ଟେକ୍ନୋଲୋଜି ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିଛି। ଡିଜିଟାଲ ସାକ୍ଷରତା ପଦକ୍ଷେପ ଶିକ୍ଷାଗତ ପାର୍ଥକ୍ୟକୁ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଡିଜିଟାଲ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମ ଏବଂ ଘରୋଇ ପଦକ୍ଷେପ ବ୍ୟକ୍ତିଙ୍କ ଦକ୍ଷତା ବୃଦ୍ଧି କରିଛି। ଏହା ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବା ସହ ଜୀବନବ୍ୟାପୀ ଶିକ୍ଷାର ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି।

ଭାରତରେ ନାଗରିକମାନଙ୍କୁ ସରକାରୀ ସେବା ପ୍ରଦାନ କରିବାର ପଦ୍ଧତିରେ ଟେକ୍ନୋଲୋଜି ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ବିଭିନ୍ନ 'ଇ–ଗଭର୍ନାନ୍ସ' ପଦକ୍ଷେପର କାର୍ଯ୍ୟାନ୍ୱୟନ ଦ୍ୱାରା ଅମଲାତାନ୍ତ୍ରିକ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରାଯାଇଛି । ବିଶ୍ୱର ସର୍ବବୃହତ ବାୟୋମେଟ୍ରିକ ପରିଚୟ ବ୍ୟବସ୍ଥା 'ଆଧାର' ଭଳି ପ୍ଲାଟ୍‌ଫର୍ମ ନାଗରିକମାନଙ୍କୁ ବ୍ୟାଙ୍କିଙ୍ଗ, ସ୍ୱାସ୍ଥ୍ୟସେବା, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଭଳି ଅତ୍ୟାବଶ୍ୟକ ସେବା ଉପଲବ୍ଧ କରାଇବା ସହଜ କରିଦେଇଛି। 'ଡିଜିଟାଇଜେଶନ' ଦ୍ୱାରା ସରକାରୀ ପ୍ରକ୍ରିୟାଗୁଡ଼ିକର ଦକ୍ଷତାରେ କେବଳ ଉନ୍ନତି ହୋଇନାହିଁ ବରଂ ସ୍ୱଚ୍ଛତା ବୃଦ୍ଧି ପାଇଛି। ଏହାଦ୍ୱାରା ନାଗରିକମାନେ ସେମାନଙ୍କ ଆବେଦନ ଏବଂ କାରବାରର ସ୍ଥିତିକୁ ଠିକ୍ ସମୟରେ ଟ୍ରାକ୍ କରିପାରିବେ। ଏହା ସରକାରଙ୍କ ଉପରେ ଉତ୍ତରଦାୟିତ୍ୱ ଏବଂ ବିଶ୍ୱାସର ଭାବନାକୁ ପ୍ରୋତ୍ସାହିତ କରିବ।

ସରକାରଙ୍କ ଆରମ୍ଭ କରିଥିବା 'ଡିଜିଟାଲ ଇଣ୍ଡିଆ' ଅଭିଯାନ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ସହାୟତା ପ୍ରଦାନ କରିବାରେ ଏକ ଉତ୍ପ୍ରେରକ ସାବ୍ୟସ୍ତ ହୋଇଛି। ଡିଜିଟାଲ ପ୍ଲାଟଫର୍ମ ଏବଂ ଅନଲାଇନ ମାର୍କେଟପ୍ଲେସ୍ ଉଦ୍ୟୋଗୀମାନଙ୍କ ପାଇଁ ଏକ ସମାନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନଙ୍କୁ ପାରମ୍ପରିକ ପ୍ରତିଷ୍ଠାନର ପ୍ରତିବନ୍ଧକ ବିନା ବ୍ୟାପକ ଦର୍ଶକଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ କରଛି। କିନ୍ତୁ ଅନେକ ଅଞ୍ଚଳରେ ଇର୍‌ଟରନେଟ ସଂଯୋଗ ଏବେ ସୁଦ୍ଧା ସମ୍ଭବ ହୋଇପାରିନାହିଁ। 'ଇ–କମର୍ସରେ' ସ୍ଥାନୀୟ କାରିଗର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଏବଂ ବିକ୍ରି ପାଇଁ ଅନଲାଇନ ପ୍ଲାଟ୍‌ଫର୍ମର ଉପଯୋଗ କରୁଛନ୍ତି। ଏହା କେବଳ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇନାହିଁ, ଦେଶୀ କାରିଗରି ଓ ପରମ୍ପରାକୁ ମଧ୍ୟ ସଂରକ୍ଷିତ ଓ ପ୍ରୋତ୍ସାହିତ କରିଛି।

ସାମାଜିକ ଗଣମାଧ୍ୟମର ଉତ୍ଥାନ ଭାରତ ଉପରେ ପ୍ରଭାବ ପକାଇଛି। ଫେସ୍‌ବୁକ, ଟୁଇଟର, ଇନ୍‌ଷ୍ଟାଗ୍ରାମ ଭଳି ପ୍ଲାଟଫର୍ମ ଯୋଗାଯୋଗ,



ସକ୍ରିୟତା ଏବଂ ଅଭିବ୍ୟକ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି। ତେବେ ସୋସିଆଲ ମିଡିଆର ପ୍ରଭାବ ହେଉଛି ଏକ ଦୁଇଧାରିଆ ଖଣ୍ଡା। ଭୁଲ୍ ତଥ୍ୟର ପ୍ରସାର ଏବଂ ଅନଲାଇନ ହେଟ୍ ସ୍ପିଚ୍ ବୃଦ୍ଧି ଯୋଗୁ ସାମାଜିକ ସଦ୍‌ଭାବନା ଉପରେ ଟେକ୍ନୋଲୋଜିର ପ୍ରଭାବ ପଡ଼ିବା ଅତ୍ୟନ୍ତ ଚିନ୍ତାଜନକ। ମିଥ୍ୟା କାହାଣୀ ଏବଂ ଘୃଣା ଭାଷଣର ପ୍ରସାରକୁ ରୋକିବାର ଆବଶ୍ୟକତା ରହିଛି। ଏହାସହ ସୋସିଆଲ ମିଡିଆ ଦ୍ୱାରା ସୁଗମ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସନ୍ତୁଳିତ କରିବାର ଚ୍ୟାଲେଞ୍ଜ ସହିତ ସରକାର ଏବଂ ନାଗରିକ ସମାଜ ସଂଘର୍ଷ କରୁଛନ୍ତି।

ଭାରତୀୟ ସମାଜର ପ୍ରତ୍ୟେକ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପରିବ୍ୟାପ୍ତ ହୋଇଥିବାରୁ ଏହା ସାଂସ୍କୃତିକ ଓ ପରମ୍ପରା ସହିତ ଯୋଡ଼ି ହୋଇଯାଇଛି। ମନୋରଞ୍ଜନ ଏବଂ ଗଣମାଧ୍ୟମର ବ୍ୟବହାର ଉପରେ ଟେକ୍ନୋଲୋଜିର ପ୍ରଭାବ ସାଂସ୍କୃତିକ ବର୍ଣ୍ଣନାକୁ ପୁନଃ ବ୍ୟାଖ୍ୟା କରିଛି। ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମ ବିଭିନ୍ନ ପ୍ରକାର ବିଷୟବସ୍ତୁକୁ ଜନ୍ମ ଦେଇଛି, ପାରମ୍ପରିକ ଧାରଣାକୁ ଚ୍ୟାଲେଞ୍ଜ କରୁଛି ଏବଂ ଅଣ୍ଡରପ୍ରେଜେଣ୍ଟେଡ ଭଏସ୍ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରୁଛି।

ବୈଷୟିକ ଜ୍ଞାନକୌଶଳ ଅନେକ ପରିବର୍ତ୍ତନ ଆଣିଥିବା ବେଳେ ଏହା ଭାରତୀୟ ସମାଜ ପାଇଁ ଆହ୍ୱାନ ଓ ଚିନ୍ତା ସୃଷ୍ଟି କରିଛି। ଉଦାହରଣ ସ୍ୱରୂପ ଡିଜିଟାଲ ବିଭେଦ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇ ରହିଛି। ଗ୍ରାମାଞ୍ଚଳ ଏବେ ମଧ୍ୟ ବିଶ୍ୱସନୀୟ ଇଣ୍ଟରନେଟ ସଂଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ବ୍ୟବଧାନ ବର୍ତ୍ତମାନର ଅସମାନତାକୁ ବୃଦ୍ଧି କରୁଛି ଏବଂ ପ୍ରଯୁକ୍ତିବିଦ୍ୟାର ସମ୍ଭାବ୍ୟ ଲାଭର ସମ୍ପୂର୍ଣ୍ଣ ଉପଲବ୍ଧିରେ ବାଧା ସୃଷ୍ଟି କରୁଛି। ଡିଜିଟାଲ ପ୍ଲାଟ୍‌ଫର୍ମର ପ୍ରସାର ଏବଂ ବିପୁଳ ପରିମାଣର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ସହିତ ଗୋପନୀୟତା ଚିନ୍ତା ମଧ୍ୟ ସାମ୍ନାକୁ ଆସିଛି। ଏଣୁ ପ୍ରଯୁକ୍ତିର ନୂତନତ୍ୱ ଏବଂ ବ୍ୟକ୍ତିବିଶେଷଙ୍କ ଗୋପନୀୟ ଅଧିକାରର ସୁରକ୍ଷା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ ଯାହା ନୀତି ନିର୍ଦ୍ଧାରକ ଏବଂ ପ୍ରଯୁକ୍ତିବିଦ୍ୟା କମ୍ପାନୀମାନେ ସଞ୍ଚାଳନ କରିବା ଆବଶ୍ୟକ। ଯେହେତୁ ଭାରତ ଏକ ଅତ୍ୟାଧୁନିକ ବୈଷୟିକ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛି, ସେଥିପାଇଁ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତି କ୍ଷେତ୍ରରେ ବ୍ୟାପକତା ଏବଂ ନିରନ୍ତରତା ଉପରେ ଗୁରୁତ୍ୱାରୋପ କରିବା। ନୀତି ନିର୍ଦ୍ଧାରକ, ଉଦ୍ୟୋଗ ଜଗତର ମାଲିକ ଏବଂ ନାଗରିକ ସମାଜ ବିଭିନ୍ନ ଆହ୍ୱାନର ମୁକାବିଲା କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ପ୍ରଯୁକ୍ତିର ଲାଭ ସମସ୍ତଙ୍କ ପାଇଁ ଉପଲବ୍ଧ ହେଉ ଏହା ସେମାନେ ସୁନିଶ୍ଚିତ କରିବା ଉଚିତ।

ପରିଶେଷରେ, ଭାରତରେ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନ ମଧ୍ୟରେ ଥିବା ପାରସ୍ପରିକ ସମ୍ପର୍କ ଏକ ଗତିଶୀଳ ପ୍ରକ୍ରିୟା। ଟେକ୍ନୋଲୋଜିର ପରିବର୍ତ୍ତନକାରୀ ଶକ୍ତି କେବଳ ଆର୍ଥିକ ଏବଂ ଶିକ୍ଷା କ୍ଷେତ୍ରକୁ ନୁହେଁ ବରଂ ସାମାଜିକ ନିୟମ ଓ ସାଂସ୍କୃତିକୁ ମଧ୍ୟ ନୂଆ ରୂପ ଦେବାର କ୍ଷମତା ରଖିଛି। ଭାରତ ଏବେ ଡିଜିଟାଲ ଯୁଗକୁ ଆପଣେଇ ନେଉଥିବାରୁ ଏହାର କୁପ୍ରଭାବକୁ ହ୍ରାସ କରିବା ସହ ସମସ୍ତଙ୍କ ପାଇଁ ଅଧିକ ସମାବେଶୀ ଏବଂ ସମାନ ଭବିଷ୍ୟତ ସୁନିଶ୍ଚିତ କରିବା ଦରକାର।

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ମୋ:୯୯୬୭୧୦୨୨୬୪

## ଏଇ ଭାରତରେ

ପ୍ରକୃତି ଭିତରେ ରହିବାକୁ ଚାହୁଁଛନ୍ତି ତ ଆଉ ହିମାଳୟ ଯିବାକୁ ପଡ଼ିବ ନାହିଁ, ମହାରାଷ୍ଟ୍ରର ବାନୋଶୀ ହୋମ୍ ଷ୍ଟେ ଯାଇ ସେଠାରେ ସବୁକିଛି ପାଇପାରିବେ। ସିନ୍ଧୁଦୁର୍ଗ ନିବାସୀ ପ୍ରକୃତିପ୍ରେମୀ ପ୍ରବୀଣ ଦେଶାଇ ସୁନ୍ଦର ପାହାଡ଼ ମଧ୍ୟରେ 'ବାନୋଶୀ ହୋମ୍ ଷ୍ଟେ' ଗଢ଼ିଛନ୍ତି, ଯେଉଁଠି ଅନେକ ଅନେକ ହଜାର ଗଛ, ୧୨୦ରୁ ଅଧିକ ପ୍ରଜାତିର ପକ୍ଷୀ ଓ ୪୦ ପ୍ରଜାତିର ପ୍ରଜାପତି ରହିଛନ୍ତି। ପ୍ରବୀଣ ୨୦୧୫ରେ ପ୍ରଥମେ ଏକ ପ୍ରଜାପତି ଉଦ୍ୟାନ କରିଥିଲେ ଓ ଖୁବ୍ କମ୍ ଦିନରେ ଏହା ଅନେକ ହଜାର ପ୍ରଜାପତିଙ୍କ ଘର ପାଲଟି ଯାଇଥିଲା। ଏହାକୁ ଦେଖିବା ଲାଗି ସେଠାରେ ଲୋକଙ୍କ ଭିଡ଼ ଜମିବା ଆରମ୍ଭ ହୋଇଗଲା। ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରବୀଣ ସେଠାରେ ଦୁଇଟି କୁଟୀର ନିର୍ମାଣ କରି ସେମାନଙ୍କ ରହିବା ଓ ଖାଇବା ବନ୍ଦୋବସ୍ତ କରିଥିଲେ। ବ୍ୟକ୍ତିଗତ ଉଦ୍ୟମରେ ଏଭଳି ପର୍ଯ୍ୟଟନ ସ୍ଥଳୀଟିଏ ଖୁବ୍ କମ୍ ଦେଖାଯାଏ। ଏବେ ସେଠାରେ ଅନେକ କୁଟୀର ନିର୍ମାଣ କରାଯାଇଛି। ପର୍ଯ୍ୟଟକମାନେ ଆସି ରହୁଛନ୍ତି ଓ ସେଠାକାର ଖାଦ୍ୟ ଏବଂ ଜୀବନଶୈଳୀର ଅନୁଭବ ଆନନ୍ଦର ଉତ୍ସ ପାଲଟୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଡିସେମ୍ବର ୧୯୭୪

- ଆମେରିକା ବିଶିଷ୍ଟ ସମ୍ବାଦିକ ଶ୍ରୀ ୱାଲଟର ଲିପ୍‌ମ୍ୟାନଙ୍କ ୮୫ ବର୍ଷ ବୟସରେ ପରଲୋକ।
- ରାଜକୁମାର ବୋରେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଗଠିତ ମଣିପୁରର ନୂଆ ଡି.ଏଲ୍.ପି. ମନ୍ତ୍ରିମଣ୍ଡଳରେ ଆଉ ୯ ଜଣ ମନ୍ତ୍ରୀଙ୍କ ଶପଥ ଗହଣ।
- ଭାରତ ସରକାରଙ୍କ ମୁଖ୍ୟ ସୂଚନା ଅଫିସର ଭାବେ ଅଲ ଇଣ୍ଡିଆ ରେଡିଓର ସମ୍ବାଦ ବିଭାଗର ନିର୍ଦ୍ଦେଶକ ଡ଼କ୍ଟର ଏ.ଆର.ବାଜୀଙ୍କୁ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ପ୍ରାସାଦ–କୁଟୀର ଭେଦ ମମତାର ବନ୍ଧନରେ ବାନ୍ଧି
ସକଳ ସଂଘର୍ଷ ପରେ ଶାନ୍ତି ଢାଳି ଜାଗ ଜାଗ ଗାନ୍ଧି!
ଜାଗ ଜାଗ ଯୁଗେ ଯୁଗେ କହି ତବ କଲ୍ୟାଣ
ବାରତା–ଲଭିପାରେ ଶାନ୍ତି ଧରା ନ ଗଡାଇ ପୁଞ୍ଜିପତି ମଥା।
–(ଜାଗ ଜାଗ ଗାନ୍ଧୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | 6 | |
| | | 8 | | | 5 | | | |
| 6 | 3 | | | | 8 | 2 | 9 | |
| 2 | | | | | 3 | | | 4 |
| 7 | | | | | | 8 | | 3 |
| | | | | | | | 2 | |
| | | 5 | 1 | | 9 | | | |
| | | | 5 | | | | 4 | |
| 8 | | 1 | | | 7 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 2 | 1 | 9 | 5 | 4 | 8 | 3 |
| 4 | 1 | 9 | 3 | 8 | 7 | 6 | 2 | 5 |
| 3 | 8 | 5 | 2 | 6 | 4 | 7 | 1 | 9 |
| 6 | 4 | 3 | 8 | 5 | 1 | 9 | 7 | 2 |
| 2 | 5 | 7 | 6 | 3 | 9 | 1 | 4 | 8 |
| 8 | 9 | 1 | 7 | 4 | 2 | 3 | 5 | 6 |
| 9 | 7 | 8 | 5 | 1 | 6 | 2 | 3 | 4 |
| 1 | 3 | 6 | 4 | 2 | 8 | 5 | 9 | 7 |
| 5 | 2 | 4 | 9 | 7 | 3 | 8 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାହାରା ଇଣ୍ଡିଆ ଜମାକାରୀଙ୍କ ଦୁର୍ଦ୍ଦଶା

ମହାଶୟ,

ଓଡ଼ିଶାର ୩୦ ଜିଲାରେ 'ସାହାରା ଇଣ୍ଡିଆ' ଛୋଟବଡ଼ ୨୦୦ ଅଫିସ ଖୋଲି ବିପୁଳ ଟଙ୍କା ସଂଗ୍ରହ କରିଛି। ୨୦୧୯ଠାରୁ ଅଧିକାଂଶ ଅଫିସ୍ ବନ୍ଦ। ଫଳରେ କୌଣସି ଜମାକାରୀ ଟଙ୍କା ଫେରିପାଇପାରୁନାହାନ୍ତି। ଏବେ କୁହାଗଲା, ଜୁଲାଇ ମାସରେ ୱେବସାଇଟ୍‌ରେ ଦାବି ଦାଖଲ କର। ମାତ୍ର ମୁଁ ନିଜେ ୫ଥର ଯାଇ ବି ଜନସେବା କେନ୍ଦ୍ରରେ ଦେଖିଲି ୱେବସାଇଟ୍ ଆଦୌ ଖୋଲୁନି। ୨୦୧୨ ଜୁଲାଇରୁ ୨୦୧୭ ସେପ୍ଟେମ୍ବର ୩୦ ମଧ୍ୟରେ ପ୍ରାୟ ୧୧ ଲକ୍ଷ ଟଙ୍କା ୟୁ ଗୋଲଡେନ ଓ ଭି ଗୋଲଡେନ ସ୍କିମରେ ରଖିଥିଲି। ଏବେ ଶତକଡ଼ା ୯୦ ଅଫିସ୍ ବନ୍ଦ। ଯେଉଁ ଅଳ୍ପ କେତୋଟି ଅଫିସ ଖୋଲା, ତାହା କପର୍ଦ୍ଦକ ଶୂନ୍ୟ। ଏହି ସଂସ୍ଥାରେ ସାରା ଭାରତର ପ୍ରାୟ ୧୦ କୋଟି ଲୋକ ୨୦ ଲକ୍ଷ କୋଟି ଟଙ୍କା ଡିପୋଜିଟ୍ କରିଛନ୍ତି। ସେ ଟଙ୍କା ଗଲା କୁଆଡେ। ବର୍ତ୍ତମାନ କୋଟି କୋଟି ଲୋକ ନିଜ ଟଙ୍କା ଫେରି ପାଇପାରୁନାହାନ୍ତି। ତେଣୁ ମୋର ଦୃଢ଼ ଦାବି ଯେ, ସାହାର ଇଣ୍ଡିଆ ମଲ୍‌ଟିଷ୍ଟେଟ କୋଅପରେଟିଭ ସଂସ୍ଥା ନାମରେ ୧୮% ରୁ ୨୦% ସୁଧ (ଯାହାକି ଗୁରୁତର ଆଇନ ବିରୋଧୀ କାମ) ଦେବାର ମିଛ ପ୍ରଲୋଭନ ଦେଖାଇ ଟଙ୍କା ଡିପୋଜିଟ୍ ନେଇଛନ୍ତି। ତୁରନ୍ତ ଏହା ଉପରେ ସରକାର ପଦକ୍ଷେପ ନିଅନ୍ତୁ। ସେବି ପାଖରେ ଏବେ ସୁଦ୍ଧା ଜମା ଥିବା ୨୭୯୨୦ କୋଟି ଟଙ୍କାରୁ ଆବଶ୍ୟକ ଟଙ୍କା ଆଣି ଜମାକାରୀଙ୍କୁ ତୁରନ୍ତ ବିତରଣ କରାଯାଉ। ଏହା ଦ୍ୱାରା ବହୁ ଜମାକରୀ ମାନସିକ ଚିନ୍ତାରୁ ମୁକ୍ତି ପାଇବେ।

ରମେଶ ଚନ୍ଦ୍ର ପଣ୍ଡା, ବେଲତଳ, ପଟ୍ଟାମୁଣ୍ଡାଇ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଡ଼କ ଦୁର୍ଘଟଣାରେ ୨ ଯୁବକ ମୃତ**

ଖୁଣ୍ଟା,୧୬।୧୨(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା-ଶିଳଘାଟି ରାସ୍ତାରେ ଶନିବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଶିଳଘାଟି ଛକ ନିକଟରେ ଖୁଣ୍ଟା ପଟୁ ଏକ ବାଇକ୍‌ରେ ୩ ଯୁବକ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସମସ୍ତେ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ୩ ଯୁବକଙ୍କୁ ଉଦ୍ଧାର କରି ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଶିଳଘାଟି ଗ୍ରାମର ଦାସ ସିଂଙ୍କ ପୁଅ ଛୋଟରାୟ(୨୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ତପନ ମୁର୍ମୁ(୧୮)ଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା।

# ୧୦ ଡିଗ୍ରୀ ତଳେ ୬ ସହର

ଭୁବନେଶ୍ୱର,୧୬।୧୨(ଅନିଲ ଦାସ)

ରାଜ୍ୟର ଉପାନ୍ତ ଓ ବଣପାହାଡ଼ଘେରା ଅଞ୍ଚଳଗୁଡ଼ିକରେ ଶୀତ ଅଧିକ ଅନୁଭୂତ ହେଉଛି। ସକାଳୁ କୁହୁଡ଼ିର ଚାଦର ଢାଙ୍କି ହୋଇଯାଉଛି। ସନ୍ଧ୍ୟା ହେଲେ ଜାଡ଼ ମାଡ଼ିଆସୁଛି। ଶୀତର ପ୍ରକୋପ ଯୋଗୁ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ରାଜ୍ୟରେ ୬ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲାର କିରେଇଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୮.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୮.୫, କୋରାପୁଟ ୯.୫, ଭଦ୍ରକର ରାଣୀତାଲ ୯.୬, ରାଉରକେଲା ୯.୮, ସମ୍ବଲପୁରର ଚିପିଲିମା ୧୦, ଅନୁଗୋଳ ୧୦, କେନ୍ଦୁଝର ୧୦, ସୁନ୍ଦରଗଡ଼ ୧୦, ଦାରିଙ୍ଗବାଡ଼ି ୧୦, ଝାରସୁଗୁଡ଼ା ୧୦.୨, ବାରିପଦା ୧୧.୫, ଭବାନୀପାଟଣା ୧୧, ନବରଙ୍ଗପୁର ୧୧.୮ ଏବଂ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୧୧.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଜଧାନୀ ଭୁବନେଶ୍ୱର ଓ କଟକର ତାପମାତ୍ରା ୧୩ ଡିଗ୍ରୀକୁ ଖସିଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କଟକରେ ୧୩.୫ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ସପ୍ତାହେ ଯାଏ ରାଜ୍ୟରେ ଏଭଳି ପାଗ ଜାରିରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଶିମିଳିପାଳରେ ତୁଷାରପାତ

ବାରିପଦା,୧୬।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଶିମିଳିପାଳରେ ପଡ଼ିଥିବା ତୁହିନର।

ଶୀତର ଲହରୀ ବଢ଼ୁଥିବାବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଶିମିଳିପାଳ ଅଭୟାରଣ୍ୟରେ ପାରଦ ଖସିବାରେ ଲାଗିଛି। ଜିଲାରେ ତାପମାତ୍ରା ୧୦ ଡିଗ୍ରୀ ପାଖାପାଖି ରହୁଥିବାବେଳେ ଶିମିଳିପାଳରେ ୧ ଡିଗ୍ରୀ ସେଲ୍‌ସିୟସ ରହିଛି, ଯାହାକି ଚଳିତବର୍ଷର ଅଦ୍ୟାବଧି ସର୍ବନିମ୍ନ। ତାପମାତ୍ରା ହ୍ରାସ ପାଇ ତୁଷାରପାତ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପନିର୍ଦ୍ଦେଶକ ସାଇ କିରଣ ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ବାରିପଦା ସହରରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ଜିଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧାସୁମନ କହିଛନ୍ତି। ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଚଳପ୍ରଚଳ କମିଯାଇଛି। ଶିମିଳିପାଳ ଅଭୟାରଣ୍ୟ ଚତୁଃପାର୍ଶ୍ୱରେ ଥିବା ଜିଲାର ୨୬ଟି ବ୍ଲକରେ ଏକ ସପ୍ତାହେବ୍ୟାପୀ ଜିଲାରେ ସର୍ବନିମ୍ନ ତାପମାତ୍ରା ରହିଛି। ଶନିବାର ସକାଳ ୬ଟାରେ ଅଭୟାରଣ୍ୟର ଉପର ବାରହାକାମୁଡାରେ ୧ଡିଗ୍ରୀ, ଚହଲାରେ ୩ ଡିଗ୍ରୀ, ନଅଁଣାରେ ୬ ଡିଗ୍ରୀ, ଗୁଡଗୁଡିଆରେ ୮ଡିଗ୍ରୀ, ବରେହିପାଣି ଓ କିଆଝରୀରେ ୧୦ଡିଗ୍ରୀ, ରାମତୀର୍ଥରେ ୧୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଛି। ଅଭୟାରଣ୍ୟର କୁମାରୀଗାଁ ନଡ଼ାଗଦାରେ ତୁହିନର ଆସ୍ତରଣ ଦେଖିବାକୁ ମିଳିଛି। ଶିମିଳିପାଳ ଭିତରେ ତୁହିନରକୁ ଦେଖି ପର୍ଯ୍ୟଟକମାନେ ମଜା ଉଠାଇଛନ୍ତି। ମାତ୍ର ହାଡ଼ଭଙ୍ଗା ଶୀତକୁ ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପଶୁପକ୍ଷୀ ଓ ଜଙ୍ଗଲୀ ଜୀବଜନ୍ତୁ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟା ହେଲେ ଗାଁ ଦାଣ୍ଡ ଶୂନଶାନ ହୋଇଯାଉଛି। ଗ୍ରାମାଞ୍ଚଳ ଲୋକେ ନିଆଁ ଜାଳି ଶୀତ କଷ୍ଟକୁ ଲାଘବ କରୁଛନ୍ତି। ରାତି ୮ଟା ପରେ ସହର ବଜାର ଜନଶୂନ୍ୟ ହୋଇଯାଉଛି। ରାତି ଓ ବଡ଼ିଭୋର ସମୟରେ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଦିନତମାମ ଶୀତ ବସ୍ତ୍ର ପିନ୍ଧି ଲୋକେ ଚଳପ୍ରଚଳ କରୁଛନ୍ତି। ବଜାରରେ ଥିବା ଚା' ଦୋକାନରେ ଭିଡ଼ ଜମୁଛି। ରାତି ହେଲେ ଲୋକେ ଗାଁଗଣ୍ଡା ଚୂଲି ମୂଳ କିମ୍ବା ଖୋଲା ସ୍ଥାନରେ ନିଆଁ ଜାଳି ବସି ରହୁଛନ୍ତି। ପ୍ରବଳ ଶୀତ ଜାରି ରହିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଶୀତକଷ୍ଟରୁ ଲାଘବ ପାଇଁ ପଦକ୍ଷେପ ମୂଳକ ସଚେତନତା କରିବାକୁ ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ପୁରୀ ଜିଲାରେ ହେବ ୭ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ

ଭୁବନେଶ୍ୱର,୧୬।୧୨
(ଅନିଲ ଦାସ)

**ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି**

**ଖର୍ଚ୍ଚ ହେବ ୧୪ କୋଟି**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପୁରୀ ଜିଲାର ୪ ବ୍ଲକର ୭ ଗ୍ରାମପଞ୍ଚାୟତରେ ୭ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷଙ୍କ ଜିଲା ଗସ୍ତ ସମୟରେ ପୁରୀ ଜିଲାର ବିଭିନ୍ନ ଗ୍ରାମପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ପ୍ରସ୍ତାବ ଆସିଥିଲା। ଜନଶୁଣାଣି ପ୍ରସ୍ତାବକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ଚାପମାଣିକ, ରେବଣା-ନୂଆଗାଁ, ବଡ଼ଦିଆଣ୍ଡି ଗ୍ରାମପଞ୍ଚାୟତ, କୃଷ୍ଣପ୍ରସାଦ ବ୍ଲକର ନୂଆପଡ଼ା ଓ ବଡ଼ନଳା ଗ୍ରାମପଞ୍ଚାୟତ, କଣାସ ବ୍ଲକର ବିଜିପୁର ଗ୍ରାମପଞ୍ଚାୟତ ଓ ପୁରୀ ସଦର ବ୍ଲକର ରାଇଗୋରଡ଼ା ଆଦି ଗ୍ରାମପଞ୍ଚାୟତଗୁଡ଼ିକରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ୨ କୋଟି ଟଙ୍କା ହିସାବରେ ମୋଟ ୧୪ କୋଟି ଟଙ୍କା ବ୍ୟୟ କରାଯିବ। ପ୍ରସ୍ତାବିତ ଏହି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ନିର୍ମାଣ ଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନ୍ୟସ୍ତ କରାଯାଇଛି।

ଏହି ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ଦ୍ୱାରା ବ୍ରହ୍ମଗିରି ବ୍ଲକର ବୁଦ୍ଧିସାହି, ରେବଣା-ନୂଆଗାଁ ଓ ବଡ଼ଦିଆଣ୍ଡି, କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା, ଖୋଲାମୁହାଣ ଓ ବାଲିନାସୀ, କଣାସ ବ୍ଲକର ନନ୍ଦିଗୋଡ଼ା ଓ ପୁରୀ ସଦର ବ୍ଲକର ରାଇଗୋରଡ଼ା ଓ ନୂଆପଡ଼ା ଗ୍ରାମବାସୀ ଉପକୃତ ହେବେ।

ସୂଚନାଯୋଗ୍ୟ ଯେ ସମୁଦ୍ର ଉପକୂଳବର୍ତ୍ତୀ ପୁରୀ ଜିଲା ଏକ ବାତ୍ୟାପ୍ରବଣ ଜିଲା। ଉପରୋକ୍ତ ୭ଟି ଗ୍ରାମପଞ୍ଚାୟତ ସମେତ ପ୍ରସ୍ତାବ ଆସିଥିବା ଜିଲାର ଅନ୍ୟ ସ୍ଥାନଗୁଡ଼ିକରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଟ୍ରକ୍ ତଳେ ଚାପିହୋଇ ଶ୍ୱଶୁର, ଜ୍ୱାଇଁ ମୃତ

## ସମ୍ପର୍କୀୟଙ୍କ ଅନ୍ତିମ ସତ୍କାରରେ ଯୋଗଦେବାକୁ ଯାଉଥିଲେ

ରାଇଘର,୧୬।୧୨(କିରଣ ପଟ୍ଟନାୟକ)

ସମ୍ପର୍କୀୟଙ୍କ ଅନ୍ତିମ ସତ୍କାରରେ ଯୋଗଦେବାକୁ ଯିବାବେଳେ ଟ୍ରକ୍ ତଳେ ଚାପିହୋଇ ଶ୍ୱଶୁର, ଜ୍ୱାଇଙ୍କର ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଲେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାର ପଞ୍ଚାୟତ ମାରାଙ୍ଗପଲ୍ଲୀ ଗ୍ରାମର ବଳି ଜାନି ଓ ତାଙ୍କ ଜ୍ୱାଇଁ ମୁଣ୍ଡିବେଡ଼ା ପଞ୍ଚାୟତ ଭିମାଟିକିରାର ଲଖମନ ଜାନି। ରାଇଘର ସଦର ମହକୁମା ଡିଏନ୍‌କେ ପୋଷ୍ଟ ଅଫିସ ନିକଟରେ ଏହି ଦୁର୍ଘଟଣା ଘଟିଛି।

ସୂଚନାନୁଯାୟୀ, ଲଖମନ ଶୁକ୍ରବାର ରାତିରେ ଯାତ୍ରା ଦେଖିବାକୁ ଲାଲମାଟି ଗାଁକୁ ଆସିଥିଲେ। ଯାତ୍ରା ସରିବା ପରେ ସେ ଶନିବାର ସକାଳେ ଶ୍ୱଶୁରଘର ମାରାଙ୍ଗପଲ୍ଲୀକୁ ଯାଇଥିଲେ। ଶ୍ୱଶୁରଘରେ ପହଞ୍ଚିବା ପରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଥିବା ନେଇ ଲଖମନ ଖବର ପାଇଥିଲେ। ସମ୍ପର୍କୀୟଙ୍କ ଅନ୍ତିମ ସତ୍କାରରେ ଯୋଗଦେବାକୁ ଶ୍ୱଶୁର ବଳିଙ୍କ ସମେତ ଲଖମନ ଏକ ବାଇକ୍ (ସିଜି-୦୪ କେପି-୯୦୩୧)ରେ ବାହାରିଥିଲେ। ଏହି ସମୟରେ ରାଇଘର ପୋଷ୍ଟ ଅଫିସ ସାମ୍ନାରେ ମହାରାଷ୍ଟ୍ର ପୁଣେରୁ ଜୟପୁରକୁ ଆସୁଥିବା ଏକ ଟ୍ରକ୍ ବଳି ଓ ଲଖମନଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ବଳିଙ୍କ ମୁଣ୍ଡ ଉପରେ ଟ୍ରକ୍ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଲଖମନଙ୍କ ଅଣ୍ଟା ଉପରେ ଗାଡ଼ି ଚଢ଼ିଯାଇଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରକ୍ ଡ୍ରାଇଭର ଭୟଭୀତ ଅବସ୍ଥାରେ ପେଟ୍ରୋଲ ପମ୍ପରେ ଲୁଚିଥିଲେ। ଦୁର୍ଘଟଣା ଖବରପାଇ ରାଇଘର ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଡ୍ରାଇଭର ଆତ୍ମସମର୍ପଣ କରିଛନ୍ତି। ପୋଲିସ କେସ୍ ନଂ. ୨୧୬/୨୩ରେ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଟ୍ରକ୍‌କୁ ରାଇଘର ଥାନାରେ ଅଟକ ରଖାଯାଇଛି।

# ପାରିଶ୍ରମିକ ଦେଲେନି, ଏସିଡ୍ ପିଆଇ ମାରିଦେଲେ

ବାସୁଦେବପୁର,୧୬।୧୨
(ନାରାୟଣ ପ୍ରସାଦ ବାରିକ୍)

**ବେଙ୍ଗାଲୁରୁରେ ଓଡ଼ିଆ ଶ୍ରମିକଙ୍କୁ ନିର୍ଯାତନା ପରେ ହତ୍ୟା ଅଭିଯୋଗ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ଅଧୀନ ରାଜଘରପୋଖରୀ ପଞ୍ଚାୟତ ସାନମଛୁଆ ଘାଇ ଗ୍ରାମର ଦୀପକ କୁମାର ନାୟକ(୨୬) ବେଙ୍ଗାଲୁରୁରେ ଶ୍ରମିକ ଭାବେ କାମ କରୁଥିଲେ। ପାରିଶ୍ରମିକ ଟଙ୍କା ମାଗିବାରୁ ତାଙ୍କୁ ଅତି ଅମାନୁଷିକ ଭାବେ ନିର୍ଯାତନା ଦିଆଯାଇ ଏସିଡ୍ ପିଆଇ ହତ୍ୟା କରାଯାଇଥିବା ମୃତ ଦୀପକଙ୍କ ଭାଇ ହରିଶ୍ଚନ୍ଦ୍ର ବେଙ୍ଗାଲୁରୁ ପୋଲିସ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।


ଦୀପକ କୁମାର ନାୟକ

ଅଭିଯୋଗ ଅନୁଯାୟୀ, ଦୀପକ କିଛି ମାସ ପୂର୍ବରୁ ସେଠାରେ ଏକ ହୋଟେଲରେ ଶ୍ରମିକ(କର୍ମଚାରୀ) ଭାବେ କାମ କରୁଥିଲେ। ମାସ ପୂରିବା ପରେ ସେ ପାରିଶ୍ରମିକ ଟଙ୍କା ମାଗିବାରୁ ହୋଟେଲ ମାଲିକ ପାରିଶ୍ରମିକ ନ ଦେଇ ତାଙ୍କୁ ମାଡ଼ ମାରିବା ସହ ଶାରୀରିକ ନିର୍ଯାତନା ଦେଇଥିଲେ। ସେଠାରୁ କୌଶଳକ୍ରମେ ଦୀପକ ଖସି ପଳାଇ ଆସିବାକୁ ଉଦ୍ୟମ କରିଥିବା ବେଳେ ହୋଟେଲ ମାଲିକ କେତେକ ବ୍ୟକ୍ତିଙ୍କ ସହଯୋଗରେ ତାଙ୍କୁ ଏସିଡ୍ ପିଆଇ ଦେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଠାକାର ଏକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଗତ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଛି। ହରିଶ୍ଚନ୍ଦ୍ର ମଧ୍ୟ ବେଙ୍ଗାଲୁରୁରେ ରହି ଶ୍ରମିକ ଭାବେ କାମ କରନ୍ତି। ଦୀପକଙ୍କ ମୃତଦେହ ଗାଁକୁ ଆଣିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିବାରୁ ବେଙ୍ଗାଲୁରୁରେ ହିଁ ଅନ୍ତିମ ସଂସ୍କାର କରାଇଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ପାଇଁ ସେ ଦାବି କରିଛନ୍ତି। ଏପଟେ ରୋଜଗାରିଆ ପୁଅକୁ ହରାଇ ବାପା ଭଗବାନ ନାୟକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ଜେଲ୍‌ରେ ଥିଲେ, ଜୀବନ ହାରିଲେ

ଭଞ୍ଜନଗର,୧୬।୧୨
(ବାବୁଲା ପ୍ରଧାନ)

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ଯୌତୁକ କାରଣରୁ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ବନ୍ଦୀ ଜୀବନ କଟାଉଥିବା ଜଣେ ଯୁବକ ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବୁଢ଼ାବାରି ଗ୍ରାମର ଦୀପକ ବାରିକ। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ଗାୟଗଣ୍ଡା ଠାରେ ଭଞ୍ଜନଗର-ଦଶପଲ୍ଲା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ତାରସିଂ ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଦୀପକଙ୍କ ମା' ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅକୁ ଜେଲ୍‌ରେ ମାରି ଦିଆଯାଇଛି। କାଲି ଆମେ ପୁଅ ସହ କଥା ହୋଇଥିଲୁ। ସେ ଭଲଥିବା କହିଥିଲା। ଆଜି ତାକୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି। ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଛନ୍ତି।

ପ୍ରକାଶ ଯେ, ଦୀପକ ୩ ବର୍ଷ ପୂର୍ବେ ତୋଲଡିର ସସ୍ମିତା ବାରିକଙ୍କୁ ବିବାହ କରିଥିଲେ। ଗତମାସ ୨୪ ତାରିଖରେ ଦୀପକ ଓ ସସ୍ମିତାଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ସେହିଦିନ ରାତିରେ ସସ୍ମିତା କୌଣସି ପରିସ୍ଥିତିରେ ମୃତ୍ୟୁବରଣ କରିଥିଲେ। ଏହାପରେ ସସ୍ମିତାଙ୍କ ମା'ଙ୍କ ଏତଲାକୁ ଭିତ୍ତିକରି ପୋଲିସ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିଥିଲା। ପୋଲିସ ଦୀପକଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଜେଲ୍‌ରେ ସ୍ତ୍ରୀଙ୍କ ମୃତ୍ୟୁକୁ ନେଇ ଦୀପକ ଏକ ପ୍ରକାର ମାନସିକ ବିଷାଦ ମଧ୍ୟରେ ଥିବା ଭଳି ଲାଗୁଥିଲା। ଶନିବାର ସକାଳ ପ୍ରାୟ ୧୦ଟା ସମୟରେ ବାଥରୁମ୍‌କୁ ଯାଇ ପିନ୍ଧା ଲୁଗାରେ ଆତ୍ମହତ୍ୟା କରିଥିଲେ। ଜେଲ କର୍ମଚାରୀ ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଜେଲ୍ ଅଧୀକ୍ଷକ ଦଣ୍ଡପାଣି ପାତ୍ର କହିଛନ୍ତି। ବିଗତ ଏକ ବର୍ଷ ମଧ୍ୟରେ ଭଞ୍ଜନଗର ଜେଲରେ ଦୁଇଜଣ ବିଚାରାଧୀନ ବନ୍ଦୀ ଆତ୍ମହତ୍ୟା କଲେଣି।



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଶାବଳରେ ଆକ୍ରମଣ, ସ୍ୱାମୀ ଗିରଫ

ଭୁବନେଶ୍ୱର,୧୬।୧୨(ସୂର୍ଯ୍ୟକାନ୍ତ ବେହେରା): ମଦ୍ୟପ ସ୍ୱାମୀଙ୍କ ଉନ୍ମତ୍ତକାଣ୍ଡ। ପ୍ରେମ ବିବାହ ପରେ ନିଶା ପାଇଁ ପରିବାରରେ ଅଶାନ୍ତି ଲାଗି ରହିଥିଲା। ପରେ ବିଚ୍ଛେଦ ହୋଇଥିଲା। ଏହି ରାଗରେ ସେ ତାଙ୍କ ସ୍ତ୍ରୀଙ୍କୁ ଶାବଳରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାର ଏକମାସ ପରେ ଶନିବାର ଭରତପୁର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭରତପୁର ଥାନା ଅନ୍ତର୍ଗତ ସତ୍ୟନଗରରେ ରହୁଥିବା ଶଙ୍କର ଦାସ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସଙ୍ଗୀତା ପଣ୍ଡାଙ୍କ ପୁସ୍ତକ 'ଫ୍ରମ୍ ଉଡ୍ର ଟୁ ଓଡ଼ିଶା' ଉନ୍ମୋଚିତ

ଭୁବନେଶ୍ୱର,୧୬।୧୨(ଶର୍ମିଷ୍ଠା ପାଣିଗ୍ରାହୀ)–ଓଡ଼ିଶୀ ନୃତ୍ୟ , ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବାବେଳେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ନ ମିଳିବା ଆମର ସାମୂହିକ ବିଫଳତା। ଗୁରୁ, ଗାୟକ, ଗବେଷକ ଓ ସରକାର ମିଳିତ ଭାବେ ଉଦ୍ୟମ କଲେ ସଙ୍ଗୀତକୁ ଅବିଳମ୍ବେ ଶାସ୍ତ୍ରୀୟ ମାନ୍ୟତା ମିଳିପାରିବ। ଶନିବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ସଙ୍ଗୀତଗୁରୁ ସଙ୍ଗୀତା ପଣ୍ଡାଙ୍କ ଗବେଷଣା ଗ୍ରନ୍ଥ 'ଫ୍ରମ୍ ଉଡ୍ର ଟୁ ଓଡ଼ିଶା' ପୁସ୍ତକର ଉନ୍ମୋଚନ ଅବସରରେ ଅତିଥିମାନେ ଏହା କହିଛନ୍ତି। ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ଉନ୍ମୋଚନ କରି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଲେନିନ ମହାନ୍ତି କହିଛନ୍ତି, ଶାସ୍ତ୍ରୀୟ ମାନ୍ୟତା ପାଇଁ ଏ ବହି ବେଶ ସହାୟକ ହେବ। ସରକାରୀ ସ୍ତରରେ ସେ ଏଥିପାଇଁ ପ୍ରୟାସ କରିବେ ବୋଲି ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ସଙ୍ଗୀତ ଶାସ୍ତ୍ରବିତ୍ କୀର୍ତ୍ତନ ନାରାୟଣ ପାଢ଼ୀ, ଐତିହାସିକ ଅନିଲ ଧୀର, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି ପ୍ରମୁଖ ଉପସ୍ଥିତ ଥିଲେ। କଥାକାର ଶୁଭ୍ରାଂଶୁ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଲେଖିକା ପଣ୍ଡା ପୁସ୍ତକ ରଚନାର ପୃଷ୍ଠଭୂମି ପ୍ରଦାନ କରି ଏହାକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଗୁରୁ ଗୋପାଳ ପଣ୍ଡା ଓ ଏକାଡେମୀ ପକ୍ଷରୁ ସରିତା ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଶ୍ରୁତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକରେ ଓଡ଼ିଶୀ ସଙ୍ଗୀତର ଇତିହାସ, ପରମ୍ପରା, ରାଗରାଗିଣୀ ଆଦି ସମ୍ପର୍କରେ ସାମଗ୍ରିକ ପରିଚୟ ପ୍ରଦାନ କରାଯାଇଛି।

### କୁଶଭଦ୍ରା ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବାଲିପାଟଣା,୧୬।୧୨(ଅଭିମନ୍ୟୁ ନାୟକ): ବନମାଳୀପୁରସ୍ଥିତ କୁଶଭଦ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟିର ଚେୟାରମ୍ୟାନ ଭାଗୀରଥି ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ରମେଶ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ମଣ୍ଡଳ, ପ୍ରଧାନ ଶିକ୍ଷକ ତ୍ରିଲୋଚନ ଗଡ଼ପଲ୍ଲା, କମିଟି ଉପଦେଷ୍ଟା ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା, ସମିତିସଭ୍ୟ କାହ୍ନୁଚରଣ ପାତ୍ର, ପୂର୍ବତନ ପ୍ରଧାନ ଶିକ୍ଷକ ସୁଜାତା ସାମନ୍ତରାୟ, ପୂର୍ବତନ ଶିକ୍ଷା ଅଧିକାରୀ ବଳରାମ ପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଉଦ୍ୟକ୍ତାମାନଙ୍କର ଉଦ୍ୟମକୁ ପ୍ରଶଂସା କରି ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ ଶୁଭେଚ୍ଛା ଜଣାଇଥିଲେ। ବରିଷ୍ଠ ଶିକ୍ଷକ ଲକ୍ଷ୍ମଣ ମଣ୍ଡଳ, ସମାଜସେବୀ ରମେଶ ପଣ୍ଡା, ସମାଜସେବୀ ଗୁରୁ କିଙ୍କର ଜେଠୀ, ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଲକ୍ଷ୍ୟ ୧୧୫ କୋଟି, ଆଦାୟ ୨୬ କୋଟି

ଭୁବନେଶ୍ୱର, ୧୬।୧୨
(ବନ୍ଦନା ସେଠୀ)

**ବିଏମ୍‌ସି ରାଜସ୍ୱ ଆଦାୟ ନୈରାଶ୍ୟଜନକ**
**ପ୍ରତି ଜୋନ୍‌ରେ ଗଠନ ହେବ ସ୍ୱତନ୍ତ୍ର ସ୍କ୍ୱାଡ୍**

୨୦୨୪ ମାର୍ଚ୍ଚରେ ଚଳିତ ଆର୍ଥିକ ବର୍ଷ ସରିବ। ଆଉ ମାତ୍ର ୩ମାସ ସମୟ ବାକି। ହେଲେ ଯେଉଁ ଅନୁପାତରେ ବିଏମ୍‌ସି ଟିକସ ଆଦାୟ ହେବା କଥା ତାହା ଏଯାଏ ହୋଇପାରି ନାହିଁ। ୮ମାସରୁ ଅଧିକ ସମୟ ବିତିଯାଇଥିଲେ ବି ଧାର୍ଯ୍ୟଲକ୍ଷ୍ୟର ପାଖାପାଖି ପହଞ୍ଚିବା ଦୂରର କଥା ଏକ ଚତୁର୍ଥାଂଶ ମଧ୍ୟ ଛୁଇଁପାରି ନାହିଁ। ଚଳିତ ବର୍ଷ ବିଏମ୍‌ସି ପକ୍ଷରୁ କେବଳ ହୋଲ୍ଡିଂ ଟିକସ ବାବଦକୁ ୧୧୫କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ପ୍ରତି ଜୋନ୍‌କୁ ୩୨ରୁ ୪୦ କୋଟିର ଟାର୍ଗେଟ ଦିଆଯାଇଛି। ସେହିପରି ବିଜ୍ଞାପନ, ପାର୍କିଂ, ଟ୍ରେଡ୍ ଲାଇସେନ୍ସ ଏବଂ ଅନ୍ୟାନ୍ୟକୁ ମିଶାଇ ପ୍ରାୟ ୫ଶହ କୋଟି ଟଙ୍କାର ଟାର୍ଗେଟ ରହିଛି। ତେବେ ୮ମାସ ମଧ୍ୟରେ ୧୧୫ କୋଟିରୁ ମାତ୍ର ୨୬କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇ ଥିବାବେଳେ ଅନ୍ୟାନ୍ୟ ଟିକସକୁ ମିଶାଇ ମୋଟ୍ ୭୦କୋଟି ରାଜସ୍ୱ ଆଦାୟ ହୋଇଥିବା ସୂଚନା ମିଳିଛି। ତେଣୁ ଆଉ ୩ ମାସ ମଧ୍ୟରେ ୮୯କୋଟି ଟିକସ ଆଦାୟ କରିବା ଏକ ପ୍ରକାର ଅସମ୍ଭବ। କେବଳ ଚଳିତ ବର୍ଷ ନୁହେଁ, ଗତବର୍ଷ ମଧ୍ୟ ହୋଲ୍ଡିଂ ଟିକସ ଆଦାୟ କରିବାରେ ବିଏମ୍‌ସି ଫେଲ୍ ମାରିଥିଲା। ଗତଥର ୧୦୫ କୋଟିର ହୋଲ୍ଡିଂ ଟିକସ ମଧ୍ୟରୁ ୭୨କୋଟି ଟଙ୍କା ଆଦାୟ ହୋଇପାରିଥିଲା। ତେବେ ଗତ ଆର୍ଥିକ ବର୍ଷ ତୁଳନାରେ ବିଏମ୍‌ସି ଚଳିତ ବର୍ଷ ରାଜସ୍ୱ ଆଦାୟରେ ପଛରେ ପଡିଥିବାବେଳେ ଧାର୍ଯ୍ୟ ଲକ୍ଷ୍ୟର ଅଧା ମଧ୍ୟ ପୂରଣ କରିବା ନେଇ ସନ୍ଦେହ ଦେଖାଦେଇଛି। ଅପରପକ୍ଷେ ଏବେସୁଦ୍ଧା ବିଏମ୍‌ସିର ଉତ୍ତର ଜୋନ୍ ଆଦାୟରେ ସର୍ବାଧିକ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବାବେଳେ ସମ୍ପୃକ୍ତ ଜୋନ୍‌ରେ ଅଧିକ ଡିଫଲ୍ଟର ବା ରାଜସ୍ୱ ଖିଲାପକାରୀ ରହିଛନ୍ତି, ଯେଉଁମାନେ ବର୍ଷ ବର୍ଷ ଧରି ହୋଲ୍ଡିଂ ଟିକସ ଦେଉନାହାନ୍ତି। ବିଶେଷକରି ବଡ଼ ବଡ଼ ସରକାରୀ କାର୍ଯ୍ୟାଳୟ, ମଲ୍, ପ୍ରତିଷ୍ଠାନଗୁଡିକ ବକେୟା ଦେଉ ନ ଥିବାରୁ ଟିକସ ଆଦାୟ ଢିଲା ପଡିଛି। ତେଣୁ ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରତି ଜୋନ୍‌ରେ ଏବେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇଛି। ଏଥିରେ ୪ଜଣ ୱାର୍ଡ ଅଫିସର, ଜଣେ ମିସ୍ ସରକାର, ଟିମ୍ ସାଇନ୍‌ର ସଦସ୍ୟ ରହିବେ। ଏହି ଟିମ୍ ଖିଲାପକାରୀଙ୍କ ନିକଟକୁ ଯାଇ ସ୍କ୍ୱାଡ୍ ଟିକସ ଆଦାୟ କରିବ। ମାତ୍ର ଏବେ ବିଭିନ୍ନ ୱାର୍ଡରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟ ଚାଲିଥିବାରୁ ଏହା ସରିବା ପରେ ସ୍କ୍ୱାଡ ଖିଲାପକାରୀଙ୍କ ପାଖକୁ ଯିବ। ମାର୍ଚ୍ଚ ମାସରେ ପ୍ରତି ୱାର୍ଡରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଟିକସ ଆଦାୟ କରାଯିବ। ସେହିପରି ଯେଉଁମାନେ ଲଗାତର ଭାବେ ଟିକସ ଖିଲାପ କରୁଛନ୍ତି ବିଏମ୍‌ସି ପକ୍ଷରୁ ସେମାନଙ୍କ ନାମରେ ସାର୍ଟିଫିକେଟ୍ କେସ୍ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବର୍ଷସାରା କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଉଥିବା ବିଏମ୍‌ସି ଅଧିକାରୀ ବାହାଘର ବେଳେ ବାଇଗଣ ରୋଇବା ଭଳି ଶେଷ ସମୟରେ ରାଜସ୍ୱ ଆଦାୟ ପାଇଁ ତନାଘନା କରିବା ଏବଂ ବିଫଳତା ପାଇଁ ୱାର୍ଡ ଅଫିସରଙ୍କ ମୁଣ୍ଡରେ ଦୋଷ ଲଦିଦେବା ଏକ ପ୍ରକାର ଥୟ ହୋଇଛି।

### କୁଆଡ଼େ ଗଲା 'ରାଜସ୍ୱ ଦିବସ'

ୱାର୍ଡସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରିବା ସହିତ ରାଜସ୍ୱ ଆଦାୟ ବାବଦରେ ଲୋକଙ୍କ ସନ୍ଦେହମୋଚନ ପାଇଁ ୱାର୍ଡ କୋର୍ କମିଟି (ଡବ୍ଲ୍ୟୁସିସି) ମିଟିଂରେ 'ରାଜସ୍ୱ ଦିବସ' ପାଳନ କରାଯିବାକୁ ଧାର୍ଯ୍ୟ ହୋଇଥିଲା। ପ୍ରତି ଶନିବାର ଡବ୍ଲ୍ୟୁସିସି ମିଟିଂ ହେଉଥିବାବେଳେ ସେଥିରେ ସ୍ଥାନୀୟ କର୍ପୋରେଟରଙ୍କ ସହଯୋଗରେ ପ୍ରତି ୱାର୍ଡରେ ରାଜସ୍ୱ ଦିବସ ପାଳନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କିଛିଦିନ ଚାଲିବା ପରେ ଏବେ ତାହା ବନ୍ଦ ହୋଇଯାଇଛି। ଏପରିକି ସେଭଳି କିଛି 'ରାଜସ୍ୱ ଦିବସ' ହେଉଥିବା ନେଇ ଅବଗତ ନ ଥିବା କିଛି କର୍ପୋରେଟର କହିଛନ୍ତି।

### ୱାର୍ଡ ଅଫିସରଙ୍କ ବଦଳି ପ୍ରଭାବ

ରାଜସ୍ୱ ଆଦାୟ ନଗଣ୍ୟ ହେବାର ଅନ୍ୟଏକ କାରଣ ହେଉଛି ଜୋନ୍ ସ୍ତରରେ ୱାର୍ଡ ଅଫିସରଙ୍କ ବଦଳି। କାର୍ଯ୍ୟରେ ଖିଲାପ କରିଥିବା ଅଭିଯୋଗକରି ମେ ୨୪ରେ ୨୩ଜଣ ୱାର୍ଡ ଅଫିସରଙ୍କ ବଦଳି କରି ନୂତନ ଜୋନ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଦୀର୍ଘ ସମୟ ଧରି ଗୋଟିଏ ୱାର୍ଡରେ କାମ କରୁଥିବାବେଳେ ହଠାତ୍ ଅନ୍ୟ ୱାର୍ଡ ତଥା ଜୋନ୍‌କୁ ବଦଳି ହେବା ଫଳରେ ସେମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଟିକସଦାତାଙ୍କୁ ଚିହ୍ନିବା ପାଇଁ ସମୟ ଲାଗୁଛି, ଯାହାକି ନୈରାଶ୍ୟଜନକ ଟିକସ ଆଦୟର ଅନ୍ୟତମ କାରଣ ପାଲଟିଛି। ସେହିପରି ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ମୋଟ୍ ୬୭ଟି ୱାର୍ଡ ଥିବାବେଳେ ଏବେ ପ୍ରାୟ ୩୪ଜଣ ୱାର୍ଡ ଅଫିସର ରହିଛନ୍ତି। ଜଣକା ପିଛା ୨ରୁ ୩ଟି ୱାର୍ଡ ରହିଛି। ଜଣେ ୱାର୍ଡ ଅଫିସର ୱାର୍ଡର ପ୍ରତ୍ୟେକ ଅଞ୍ଚଳ ବୁଲି ଡ୍ରେନ୍‌ଠାରୁ ଆରମ୍ଭକରି ସଫେଇ ବ୍ୟବସ୍ଥା, ଷ୍ଟ୍ରିଟ୍ ଲାଇଟ୍, ପଲିଥିନ୍ ଚେକିଂ ଆଦି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ତେଣୁ ରାଜସ୍ୱ ଆଦାୟ ପାଇଁ ଯେଉଁଭଳି କାମ କରିବା କଥା ହୋଇପାରୁନାହିଁ।

### ଫେରାର ବେଳେ ଚୋରଙ୍କୁ କାବୁକଲେ ସ୍କୁଲ ଛାତ୍ର




ଭୁବନେଶ୍ୱର,୧୬।୧୨(ସୂର୍ଯ୍ୟକାନ୍ତ ବେହେରା)
ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ଷ୍ଟେଟବ୍ୟାଙ୍କ ପାଖରେ ଥିବା ଏକ ସୁନା ଦୋକାନରୁ ଶନିବାର ଚୋରି କରି ଫେରାର ହେଉଥିବା ବେଳେ ଜଣେ ଯୁବକଙ୍କୁ ୩ ସ୍କୁଲ୍ ଛାତ୍ର କାବୁ କରିଥିଲେ। ଏହାପରେ ସ୍ଥାନୀୟ ଲୋକେମାନେ ଉକ୍ତ ଚୋରଙ୍କୁ ମାଡ଼ମାରି ପୋଲିସ ଜିମାରେ ଦେଇଥିଲେ। ତେବେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅଭିଯୁକ୍ତ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ ଛାତ୍ରମାନଙ୍କ ଏଭଳି ସାହସିକତା ପାଇଁ ସ୍ଥାନୀୟ ଲୋକେ ସେମାନଙ୍କୁ ଧନ୍ୟବାଦ ସହ ସାବାସି ଜଣାଇଛନ୍ତି।




ରାଜ୍ୟ ସଂଗ୍ରହାଳୟଠାରେ ଶନିବାର ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟା 'ମଲ୍‌ରୁ ମ୍ୟୁଜିୟମ୍'ରେ ଶିଳ୍ପୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟରେ 'ମଲ୍‌ରୁ ମ୍ୟୁଜିୟମ'

ଭୁବନେଶ୍ୱର,୧୬।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟ ସଂଗ୍ରହାଳୟ ପରିସରରେ ଶନିବାର ସାଂସ୍କୃତିକ ସନ୍ଧ୍ୟା 'ମଲ୍‌ରୁ ମ୍ୟୁଜିୟମ୍' ଆୟୋଜିତ ହୋଇଯାଇଛି। ଓଡ଼ିଶୀ ସମବେତ ନୃତ୍ୟ ଓ ରଙ୍ଗବତୀ ସମ୍ବଲପୁରୀ ନୃତ୍ୟରେ ସନ୍ଧ୍ୟାର ଆସର ଖୁବ୍ ଜମିଛି। ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ସାଥୀଙ୍କ ନୃତ୍ୟରେ ବିମୋହିତ ହୋଇଛନ୍ତି ଦର୍ଶକ। ରାଜ୍ୟ ସଂଗ୍ରହାଳୟ ଓଡ଼ିଶାର ପ୍ରାଚୀନ କଳାକୃତି ଓ ଇତିହାସର ପ୍ରତୀକ ଭାବେ ପରିଚିତ। ଏହାର ମହାନତା ସମ୍ପର୍କରେ ଜାଣିବାର ଆବଶ୍ୟକତା ଥିବାରୁ ଯୁବଗୋଷ୍ଠୀଙ୍କୁ ରାଜ୍ୟ ସଂଗ୍ରହାଳୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅତିଥି ଭାବେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ମେୟର ସୁଲୋଚନା ଦାସ, ଓଟିଡିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ସଞ୍ଜୀବ ଚନ୍ଦ୍ର ହୋତା, ରାଜେନ୍ଦ୍ର କିଶୋର ପଣ୍ଡା, ଐତିହାସିକ ଡ. ନିହାର ରଞ୍ଜନ ପଟ୍ଟନାୟକ, ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ପ୍ରତି ଶନିବାର ଓ ରବିବାର ଅପରାହ୍ଣ ୫ରୁ ୬ଟା ପର୍ଯ୍ୟନ୍ତ ସଂଗ୍ରହାଳୟ ଉଦ୍ୟାନ ପରିସର ବର୍ଣ୍ଣାଳି ମଞ୍ଚରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରବିବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ଡାଲଖାଇ ଓ ରସରକେଲି ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ସଂଗ୍ରହାଳୟର କ୍ୟୁରେଟର ଡ. ଭାରତୀ ପାଲ୍ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜାଗୃତି ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ ।

### କୁକୁର ବନ୍ଧ୍ୟାକରଣ ମାମଲାରେ ବିଏମ୍‌ସିର ହସ୍ତକ୍ଷେପ

ଭୁବନେଶ୍ୱର, ୧୬।୧୨ (ବନ୍ଦନା ସେଠୀ)

ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗତ ଜୁଲାଇ ମାସରୁ ରାଜ୍ୟରେ ଆନିମଲ ବାର୍ଥ କଣ୍ଟ୍ରୋଲ (ଏବିସି) କାର୍ଯ୍ୟକ୍ରମ ଉପରେ ରୋକ୍ ଲଗାଯାଇଛି। ଫଳରେ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଗତ ୬ମାସ ହେବ ବନ୍ଦ ଅଛି। ଏବେ କୁକୁର ଛୁଆ ଦେଇଥିବାରୁ ସେମାନଙ୍କ ସ୍ୱଭାବ ହିଂସ୍ର ରହିଛି। ତେଣୁ ଗତ କିଛିଦିନ ହେବ ସହରରେ କୁକୁରଙ୍କ ଦୌରାତ୍ମ୍ୟ ବଢି ଚାଲିଥିବାରୁ ଜନସାଧାରଣ ବିଏମ୍‌ସିକୁ ଦାୟୀ କରିବା ସହ ଜବାବ ମାଗୁଛନ୍ତି। ତେଣୁ ହାଇକୋର୍ଟରେ ବିଚାରାଧୀନ କେସ୍‌ରେ ଏବେ ବିଏମ୍‌ସି ହସ୍ତକ୍ଷେପ କରିଛି। ବିନା ମନିଟରିଂ କମିଟିରେ ରାଜ୍ୟରେ ଏବିସି କାର୍ଯ୍ୟକ୍ରମ କରାଯାଉଥିବା ଅଭିଯୋଗକରି ଜଣେ ବ୍ୟକ୍ତି ହାଇକୋର୍ଟରେ କେସ୍ କରିଥିଲେ। ଏଥିରେ ପଶୁପାଳନ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପକ୍ଷଭୁକ୍ତ କରାଯାଇଥିଲା। ତେବେ ଦୀର୍ଘଦିନ ବିତିବା ପରେ ମଧ୍ୟ କେସ୍‌କୁ ନେଇ କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ସରକାରଙ୍କ ପକ୍ଷରୁ ମଧ୍ୟ ଏନେଇ ତତ୍ପରତା ପ୍ରକାଶ ପାଇନାହିଁ। ଅପରପକ୍ଷେ ସ୍ଥିତି ସଙ୍ଗିନ ହେଉଥିବାରୁ ବିଏମ୍‌ସି ଗତ ୧୫ଦିନ ହେବ ନିଜ ଆଡୁ ଫାଇଲ୍ କରିଛି। ଶନିବାର ଏହାର ତାରିଖ ଥିଲେ ମଧ୍ୟ କେସ୍‌ଟି ଉଠିପାରି ନ ଥିଲା। ଶୁଣାଣି ପରେ ପୁନର୍ବାର କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## ଓଡ଼ିଶାର ଦ୍ୱିତୀୟ ନନ୍ଦିନୀ ଶତପଥୀ ଏଠାରୁ ବାହାରନ୍ତୁ: ଧର୍ମେନ୍ଦ୍ର

କଟକ,୧୬।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ୧୫୦ତମ ପୂର୍ତ୍ତି ସମାରୋହ**

ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ଗରିମାମୟ ଐତିହ୍ୟ ରହିଛି। ଓଡ଼ିଶାର ନବଜାଗରଣ କେନ୍ଦ୍ରସ୍ଥଳୀ ଏହି ସ୍ଥାନ ଥିଲା। ତେଣୁ ଏହାକୁ ଏକ ସଂଗ୍ରହାଳୟ ରୂପ ଦେଇ ଦର୍ଶନୀୟ ସ୍ଥାନ କରାଯାଉ। ପୁରୀ ମନ୍ଦିର, ମା' କଟକଚଣ୍ଡୀ ଯେତିକି ପବିତ୍ର ଏହି ସ୍କୁଲ ସେତିକି ପବିତ୍ର। ତେଣୁ ତାକୁ ସେହିଭଳି ଭାବରେ ଆମେ ତିଆରି କରିବା ବୋଲି ବିଦ୍ୟାଳୟର ୧୫୦ତମ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଏହି ବିଦ୍ୟାଳୟରେ ମୋ ମା' ପଢୁଥିଲେ। ସେଥିପାଇଁ ଏହି ବିଦ୍ୟାଳୟ ପ୍ରତି ମୋର ଅଧିକ ଆତ୍ମୀୟତା ରହିଛି। ବର୍ତ୍ତମାନ ମହିଳାମାନେ ଆଗଧାଡିକୁ ଯିବାର ସମୟ ଆସିଛି। କାରଣ ପ୍ରଧାନମନ୍ତ୍ରୀ ମୋଦି ଜି–୨୦ ମଞ୍ଚରେ ମହିଳା ନେତୃତ୍ୱ ଆଧାରିତ ଭାରତର ସମାଜ ବ୍ୟବସ୍ଥା ହେବ ବୋଲି ଘୋଷଣା କରିଥିଲେ। ଆଗାମୀ ଦିନରେ ଦେଶ ଗଠନରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ୨୦୩୬ ସବୁ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗୌରବର ଦିନ ହେବ। ସେହି ସମୟର ମହିଳା ନେତୃତ୍ୱ ଆଧାରିତ ଯେତେବେଳେ ୨୦୪୭ ହେବ ସେତେବେଳେ ଆମ ଓଡ଼ିଶାର ଦ୍ୱିତୀୟ, ତୃତୀୟ ନନ୍ଦିନୀ ଶତପଥୀ ଏହି ବିଦ୍ୟାଳୟରୁ ବାହାରିବେ ବୋଲି ମୋର ଦୃଢ଼ ବିଶ୍ୱାସ। କୁନ୍ତଳା କୁମାରୀ ସାବତଙ୍କ ଭଳି ବିଦୁଷୀ ଏଠାରୁ ବାହାରିବେ ବୋଲି ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଗୋଟିଏ ହାଇସ୍କୁଲର ୧୫୦ତମ ବାର୍ଷିକ ଉତ୍ସବରେ ଯୋଗଦେବା ଅତ୍ୟନ୍ତ ଖୁସିର ବିଷୟ। ପ୍ରତ୍ୟେକ ବିଦ୍ୟାଳୟର ନିଜସ୍ୱ ଇତିହାସ ରହିଛି। ଏହି ଇତିହାସର ରୋମନ୍ଥନ ପୁରାତନ ଛାତ୍ରୀଛାତ୍ର କରିଥାନ୍ତି। ମଧୁବାବୁ ଏବଂ ଶୈଳବାଳା ଦେବୀଙ୍କ ସହ ସେ ସମୟରେ ସମାଜର ଦିଗ ନିର୍ଣ୍ଣୟରେ ସାମିଲ ଥିବା ବ୍ୟକ୍ତିଙ୍କ ଉଦ୍ୟମରେ ଏହି ବାଳିକା ବିଦ୍ୟାଳୟର ପରିକଳ୍ପନା କରାଯାଇଥିଲା। କୁନ୍ତଳା କୁମାରୀ ସାବତ, ନନ୍ଦିନୀ ଶତପଥୀ ଏହି ବିଦ୍ୟାଳୟ ଛାତ୍ରୀ। ୧୮୭୩ ମସିହାଠାରୁ ୧୯୭୦ ମସିହା ପର୍ଯ୍ୟନ୍ତ ଯିଏ କେହି ନାରୀ ଆମ ସମାଜରେ ଉଚ୍ଚ ସ୍ଥାନରେ ଅଧିଷ୍ଠିତ ହୋଇଛନ୍ତି ସେମାନେ ଏହି ବିଦ୍ୟାଳୟର ଛାତ୍ରୀ। ଏହି ବିଦ୍ୟାଳୟ ସମସ୍ତଙ୍କ ସ୍ମୃତି ସହ ଜଡିତ ରହିଛି ବୋଲି ଭର୍ତ୍ତୃହରି କହିଥିଲେ।

## ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଜାତୀୟ ସେମିନାର

ଭୁବନେଶ୍ୱର, ୧୬।୧୨
(ଅନୁରାଧା ମହାରଣା)

ଭୁବନେଶରସ୍ଥିତ ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟର ଫାର୍ମାସୀ ବିଭାଗ ଓ ଆଣବିକ ଶକ୍ତି ନିୟାମକ ବୋର୍ଡ (ଏଇଆର୍‌ବି) ପକ୍ଷରୁ ୨ଦିନିଆ ଜାତୀୟ ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଛି। ଡିଏମ୍‌ଇଟି ଡ. ଏସ୍.ଏନ୍. ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପରମାଣୁ ଶକ୍ତିର ଉପଯୁକ୍ତ ବିନିଯୋଗ ଉପରେ ଉନ୍ନତ ଗବେଷଣା ପାଇଁ ଛାତ୍ରୀଛାତ୍ର ଓ ଉପସ୍ଥିତ ଅତିଥିଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏସ୍.ଏନ୍. ପଣ୍ଡା, ରେଜିଷ୍ଟ୍ରାର ବିନୀତା ପଣ୍ଡା, ଫାର୍ମାସୀ ଡିନ୍ ଅମିୟ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଏମ୍‌ସ, ଆଇଏଲ୍‌ଏସ୍ ଭଳି ବିଭିନ୍ନ ପ୍ରତିଷ୍ଠିତ ସଂଗଠନର ବିଶିଷ୍ଟ ଅନୁସନ୍ଧାନକାରୀ ବକ୍ତାମାନେ ଯୋଗଦେଇ ମତ ରଖିଥିଲେ। ଭାରତର ବିଭିନ୍ନ ଫାର୍ମାସି ପ୍ରତିଷ୍ଠାନରୁ ପ୍ରାୟ ୨୦୦ ପ୍ରତିନିଧି ଏହି ଜାତୀୟ ସେମିନାରରେ ଯୋଗଦେଇଥିଲେ। ଏହି ଜାତୀୟସ୍ତରୀୟ ସେମିନାରକୁ ଫାର୍ମାସି ବିଭାଗର ସିଦ୍ଧାର୍ଥ ଶଙ୍କର ହୋତା, ବନ୍ଦନା ବେହେରା ଓ ଦେବାଶିଷ ପୃଷ୍ଟି ପରିଚାଳନା କରିଥିଲେ। ସିଦ୍ଧାର୍ଥଶଙ୍କର କର ଧନ୍ୟବାଦ ଦେଇଥିଲେ।




ସି.ଭି. ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସେମିନାରରେ ଅତିଥିମାନେ।

## 'ସୃଜନଶୀଳତା ବୃଦ୍ଧି ଦିଗରେ ଛାତ୍ରୀଛାତ୍ର କାର୍ଯ୍ୟ କରନ୍ତୁ'

**ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ**

ଭୁବନେଶ୍ୱର, ୧୬।୧୨(ଅସମାପିକା ସାହୁ)



ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନ ଦାସଙ୍କ ସହ ଅତିଥି ଓ ଅନ୍ୟମାନେ।

ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଜିର ଦିନ ତୁମମାନଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି କହିଥିଲେ। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ନାମରେ ହୋଇଥିବା ଏହି ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିଛି। ଗତ ୫ବର୍ଷ ମଧ୍ୟରେ ସ୍କୁଲର ଛାତ୍ରୀଛାତ୍ର ଓଡ଼ିଶା ତଥା ଜାତିର ବିକାଶ ଦିଗରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସମୟ ଆସିଛି ମିଳିମିଶି ଆମେ ସମସ୍ତେ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବା। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, କେବଳ ଟେକ୍ନୋଲୋଜିର ବ୍ୟବହାର ନ କରି ସୃଜନଶଳୀତା କିଭଳି ବୃଦ୍ଧି ପାଇବ ସେ ଦିଗରେ କାର୍ଯ୍ୟ କରିବା ଉଚିତ। ଦେଶର ଯୁବପିଢ଼ୀମାନେ ଏଭଳି ପ୍ରଯୁକ୍ତି ବିଦ୍ୟା ପ୍ରସ୍ତୁତ କରିବା ଦରକାର, ଯାହା ବାସପଯୋଗୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନ ଦାସ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ପରିସରରେ ବକ୍ସି ଜଗବନ୍ଧୁଙ୍କ ମୂର୍ତ୍ତିକୁ ଅନାବରଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଡ୍‌ମିରାଲ ରମାକାନ୍ତ ପଟ୍ଟନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର, ଉପସଭାପତି ଡ. ଅଶ୍ୱିନୀ କୁମାର ତିୱାରୀ, ଉପପରିଚାଳକ ସଂଗ୍ରାମ କେଶରୀ ନାୟକ, ବକ୍ସି ଜଗବନ୍ଧୁ ଏଜୁକେସନ ସୋସାଇଟିର ଉପସଭାପତି ଶାରଦ ଚନ୍ଦ୍ର ଭଦ୍ର ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳକ ପ୍ରତାପ କୁମାର ଜେନା ସୁବର୍ଣ୍ଣ ଜୟନ୍ତୀ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟଙ୍କ ଅବଦାନ ନିମନ୍ତେ କ୍ଷୀରୋଦ କୁମାର ନାୟକ, ସ୍ୱର୍ଗତ ରାଦାମୋହନ ମହାନ୍ତିଙ୍କ ପୁତ୍ର ଅମୀୟ ମହାନ୍ତ, ପ୍ରଥମ ଅଧ୍ୟକ୍ଷା ଓ. ଲିଟିଲ ଉଡଙ୍କ ଝିଅ ଜେନି ଥୋମାସ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ସି ଜଗବନ୍ଧୁ ଏଜୁକେଶନ ସୋସାଇଟିର ପୂର୍ବତନ ସଭାପତି, ଲାୟନ୍ସ କ୍ଲବର ସଭାପତି ଓ ପୂର୍ବତନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଆକୃତି ଆକାଂକ୍ଷା ପାତ୍ରଙ୍କୁ ଓ. ଲିଟିଲ ଉଡ୍ ସମ୍ମାନ, ପ୍ରିୟାଂଶୁ ପ୍ରଧାନଙ୍କୁ ସରୋଜିନୀ ପଟ୍ଟନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ନିରାକାରପୁର,୧୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଞ୍ଚଳରେ ବେଆଇନ ଭାବେ ମାଙ୍କଡ଼ା ପଥର ଖନନ ସହ ଚୋରାଚାଲାଣ ବଢ଼ିଚାଲିଛି। ଜଙ୍କିଆ ଥାନା ପୋଲିସ ଏକ ଖଣିରେ ଚଢ଼ାଉ କରି ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ (ଓଡି-୦୨-ଏମ-୩୪୯୮, ଓଆର-୦୯-ଏଚ-୪୬ ୧୬)ଜବତ କରିଛି। ଏହି ଘଟଣାରେ ଦୁଇ ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବିଭୂତି ଭୂଷଣ ପରମାଣିକ ଓ ପ୍ରଫୁଲ୍ଲ ଜେନା। ଏନେଇ ଥାନାରେ ପୃଥକଭାବେ ଦୁଇଟି ମାମଲା (ନଂ. ୪୫୫,୪୫୬/୨୩) ରୁଜୁ ହୋଇଥିବା ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି।

### ଶୀତ ପ୍ରଭାବରେ ବେପାର ମାନ୍ଦା



ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ଶୀତର ଲହରି ଜାରି ରହିଛି। ରାତି ୮ଟା ପରେ କାଁ ଭାଁ ଦୋକାନକୁ ବାଦ୍ ଦେଲେ ପ୍ରାୟ ଦୋକାନ ବନ୍ଦ ହୋଇଯାଉଛି। ଶୀତ ଯୋଗୁ ବଜାରରେ ସହରବାସୀଙ୍କ ଚଳପ୍ରଚଳ ଦେଖିବାକୁ ମିଳୁନାହିଁ। ବଜାର ଖାଁ ଖାଁ ରହୁଛି। ବିଶେଷକରି ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ ଛକ, କୋଅପରେଟିଭ ଛକ, ଏସ୍‌ବିଆଇ ଛକ, ନୂଆବସ୍‌ଷ୍ଟାଣ୍ଡ ଛକ ଗହଳି ଚହଳି କମିଯାଇଛି। କୌଣସି ଜରୁରୀ କାମ ନ ପଡିଲେ ଲୋକେ ବାହାରକୁ ବାହାରୁ ନାହାନ୍ତି। ଏନେଇ ଗୁରୁଜଙ୍ଗର ଶିବୁନା ସିଂ କୁହନ୍ତି, ଖୋର୍ଦ୍ଧାରେ ସପ୍ତାହେ ହେବ ଶୀତର ପ୍ରଭାବ ବଢିବାରେ ଲାଗିଛି। କୌଣସି ଜରୁରୀ କାର୍ଯ୍ୟ ନ ପଡିଲେ ଘରୁ ବାହାରିବାକୁ ଇଚ୍ଛା ହେଉନାହିଁ। ସାହି ଗଳିରେ ଯୁବକମାନେ ନିଆଁ ପୁଉଁଥିବା ଦେଖିବାକୁ ମିଳିଛି। ଫୁଟପାଥରେ କଦଳୀ ବେପାର କରୁଥିବା ପ୍ରଦୀପ ସାହୁ କହିଛନ୍ତି, ସନ୍ଧ୍ୟା ହେଲେ ବଜାର ଶୂନଶାନ ହୋଇପଡୁଛି। ଆଗଭଳି ବେପାର ନାହିଁ। ଶୀତ ବଢୁଥିବାରୁ ଲୋକେ ବାହାରକୁ ଆସୁନାହାନ୍ତି। ବେପାର ମାନ୍ଦା ରହିଛି। ଗଣେଶ ବୁକ୍‌ଷ୍ଟୋର ମାଲିକ ଶୋଭନ ଘୋଷ କୁହନ୍ତି, ସନ୍ଧ୍ୟା ୭ଟା ପରଠାରୁ ବେପାର କିଛି ହେଉନି। ସନ୍ଧ୍ୟା ସମୟରେ ପ୍ରାୟ ଛାତ୍ରୀଛାତ୍ର, ଅଭିଭାବକମାନେ ବହି, ବିଭିନ୍ନ ଉପକରଣ ଲାଗି ଆସିଥାନ୍ତି। ତେବେ ସନ୍ଧ୍ୟା ହେଲେ କାଁ ଭାଁ ଲୋକେ ଆସୁଛନ୍ତି ବୋଲି ସେ କହିଛନ୍ତି। କ୍ଷୁଦ୍ର ବ୍ୟବସାୟୀ ରାକେଶ ସାହୁ କହିଛନ୍ତି, ରାତି ୮ଟା ପରେ ସମବାୟ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତା ଶୂନଶାନ ରହୁଛି। ଫୁଟପାଥ ବ୍ୟବସାୟୀ ସୂର୍ଯ୍ୟକାନ୍ତ ସାହୁ କହିଛନ୍ତି, ଗ୍ରାହକ ଆସୁନାହାନ୍ତି, ବେପାର ଏକ ପ୍ରକାର ଠପ୍ ହୋଇଯାଇଛି।

# ଅଟ୍ରି, ମଙ୍ଗଳାଯୋଡ଼ିରେ ପର୍ଯ୍ୟଟକଙ୍କ ଭିଡ଼

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ପ୍ରାକୃତିକ ସବୁଜ ବନାନୀ ପରିବେଶ ମଧ୍ୟରେ ରହିଛି ବରୁଣେଇ। ଏହାର ମନଲୋଭା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିଲେ ମଧ୍ୟ ଡିସେମ୍ବର, ଜାନୁୟାରୀରେ ବଣଭୋଜିର ଆୟୋଜନ ହୋଇଥାଏ। ପର୍ଯ୍ୟଟକମାନେ ଏଠାରେ ମା'ବରୁଣେଇ ଓ କରୁଣେଇଙ୍କ ଦର୍ଶନ ସହ ବଣଭୋଜି କରିଥାନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ବରୁଣେଇ ପାହାଡର ବିଶେଷ ଆକର୍ଷଣ ରହିଛି। ପାହାଡ ଶୀର୍ଷରେ ରହିଥିବା ଐତିହ୍ୟ କୀର୍ତ୍ତିରାଜି ଦର୍ଶନ ଏବଂ ସବୁଜମୟ ପରିବେଶରେ ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ପାହାଡର ନାଭି ଦେଶରୁ ପ୍ରବାହିତ ଝରଣା, ପାଇକ ବିଦ୍ରୋହର ମୂକସାକ୍ଷୀ ହେଉଛି ବରୁଣେଇ ପାହାଡ଼। ଏହାର ନିକଟରେ ରହିଛି ଐତିହ୍ୟ ଗଡ଼ ଖୋର୍ଦ୍ଧାର କୀର୍ତ୍ତି। ଏଠାରେ ସ୍ମାର୍ଟ ପାର୍କ ନିର୍ମାଣ ହେଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ପିଲାଙ୍କ ଲାଗି ଏକ ଶିଶୁଉଦ୍ୟାନ ବ୍ୟବସ୍ଥା ରହିଛି। ଏହି ପର୍ଯ୍ୟଟନସ୍ଥଳୀର ବିକାଶ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ମତପ୍ରକାଶ ପାଇଛି। ସେହିପରି ଗଡମାଣିତ୍ରୀ ଏବଂ ମା'ଉଗ୍ରତାରା ପୀଠରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଛି। ପର୍ଯ୍ୟଟନସ୍ଥଳ ଅଟ୍ରୀର ଉଷ୍ମ ପ୍ରସ୍ରବଣରେ ଗାଧୋଇବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଉଷ୍ମ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଉଷ୍ମ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ମ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷ ପୂର୍ଣ୍ଣ ମିଳେ ବୋଲି ବିଶ୍ୱାସ ରହିଛି। ଅନ୍ୟପଟେ ନୀଳାମ୍ବୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢିଛି। ପ୍ରାୟ ୮୦ରୁ ୧୦୦ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ ଆଗମନରେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି। ଏଥିସହିତ ପର୍ଯ୍ୟଟକଙ୍କ ମଧ୍ୟ ଭିଡ ଜମିଲାଣି। ମଙ୍ଗଳାଯୋଡିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଫଳରେ ଏଠାରେ ପର୍ଯ୍ୟଟକଙ୍କ ଭିଡ ଜମିଥାଏ। ମଙ୍ଗଳାଯୋଡିରୁ ଚିଲିକାର ନୀଳ ଜଳରାଶି, ପ୍ରକୃତିର ନୈସର୍ଗିକ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ପକ୍ଷୀଙ୍କ ସମାଗମ ବିମୋହିତ କରିଥାଏ। କ୍ୟାମେରା ଲେନ୍ସରେ ପକ୍ଷୀଙ୍କ ଉଡନ୍ତା ଦୃଶ୍ୟ କିମ୍ବା ରାଜଦଳରେ ଖାଦ୍ୟ ଅନ୍ୱେଷଣ କରୁଥିବା ପକ୍ଷୀଙ୍କ ଫଟୋ ଉଠାଇବା ଆକର୍ଷିତ କରୁଛି। ସେହିପରି ପର୍ଯ୍ୟଟକମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ମା'କାଳିଜାଈଙ୍କ ଦର୍ଶନ କରିଥାନ୍ତି।



ଉଷ୍ମ ପ୍ରସ୍ରବଣ କୁଣ୍ଡ।



ମଙ୍ଗଳାଯୋଡ଼ିରେ ପକ୍ଷୀ।

**ବରୁଣେଇରେ ଜମୁଛି ବଣଭୋଜି**

# ଜାନୁୟାରୀ ୧୦ରେ ୟୁଥ୍ ଫେଷ୍ଟିଭାଲ

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

**୧୦୮ କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ**

ଆସନ୍ତା ଜାନୁୟାରୀ ୧୦ରେ ଜିଲାସ୍ତରୀୟ ୟୁଥ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ନିର୍ଦ୍ଦେଶକ୍ରମେ ନୂଆ-ଓ କାର୍ଯ୍ୟକ୍ରମର ଜିଲାର ୧୦୮ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେବେ। ସାଂସ୍କୃତିକ, କ୍ରୀଡା, କଳା ଆଦି କ୍ଷେତ୍ରରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବ୍ଲକ, ସହରାଞ୍ଚଳ ଏବଂ ମହାନଗର ନିଗମ ସ୍ତରରେ ଆୟୋଜିତ ସମସ୍ତ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ନେଇ ଆସନ୍ତା ୩୧ତାରିଖରେ ଜିଲାସ୍ତରୀୟ ପ୍ରତିଯୋଗିତା କରାଯିବ। ଏନେଇ ଶନିବାର ଓସ୍ୱାନ କକ୍ଷରେ ନୂଆ-ଓ କାର୍ଯ୍ୟକ୍ରମର ଏକ ବୈଠକ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡାଧିକାରୀ ଅଜୟ ବେହେରା ପରିଚାଳନା କରିଥିଲେ। ଶୃଙ୍ଖଳିତ ଏବଂ ଅଭିଜ୍ଞ ଜଜ୍‌ଙ୍କ ସହଯୋଗରେ ପ୍ରତିଯୋଗିତା ଆୟୋଜନ ଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାର ବ୍ୟାପକ ପ୍ରଚାର ସହ ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବେ। ସମସ୍ତଙ୍କ ସହଭାଗିତା, ସମନ୍ୱୟ ରହିଲେ ଉତ୍ସବ ସଫଳ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉନ୍ନୟନ ଅଧିକାରୀ ବାଦଲ ମହାନ୍ତି, ସିଡିଏମ୍‌ଓ ଡା.ଆର୍ତ୍ତବନ୍ଧୁ ନାୟକ, ଏଡିଏମ(ପିଏଚ୍) ଡା. ରଘୁନାଥ ନାୟକ, ଅତିରିକ୍ତ ପରିବହନ ଅଧିକାରୀ ସନାତନ ନାୟକ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହାତୀ ଉପଦ୍ରବ, ଧାନଫସଲ ନଷ୍ଟ

ନିରାକାରପୁର,୧୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)



ଖୋର୍ଦ୍ଧା ଜିଲା ନରଣଗଡ଼ ପଞ୍ଚାୟତ ଅନ୍ତର୍ଗତ କଞ୍ଚିଲୋ ଓ ଭଗବାନପୁର ମୌଜାରେ ୨୩ଟିକିଆ ହାତୀପଲ ପଶି ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ଚାଷୀ ସତ୍ୟପୀର ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ପ୍ରାୟ ଏକରରୁ ଊର୍ଦ୍ଧ୍ୱ ଜମିର ଧାନ କଟାହେବାକୁ ଥିବାବେଳେ ହାତୀପଲ ପଶି ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି ଭୀମ ବାରିକ, ଅଭିମନ୍ୟୁ ବେହେରାଙ୍କ ବ୍ୟାପକ ଫସଲ ନଷ୍ଟ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ବାରମ୍ବାର ବିଭାଗକୁ ହାତୀ ଘଉଡ଼ାଇବା ପାଇଁ ଯୋଗାଯୋଗ କଲେ ସୁଦ୍ଧା କେହି ଗୁହାରି ଶୁଣୁ ନ ଥିବା ସେମାନେ କହିଛନ୍ତି। ହାତୀ ଭୟରେ ସନ୍ଧ୍ୟାରୁ ଗ୍ରାମ୍ୟ ରାସ୍ତା ଶୂନଶାନ ହୋଇପଡୁଛି। ହାତୀଙ୍କ ଭୟରେ ଜମିକୁ ଧାନ ଅମଳ କରିବାକୁ ଯିବାକୁ ଡରୁଥିବା କେତେଜଣ ଚାଷୀ କହିଛନ୍ତି। ଏ ସମ୍ପର୍କରେ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ଏହି ଅଞ୍ଚଳରେ ଅଦ୍ୟାବଧି ୨୩ଟି ହାତୀ ରହିଛନ୍ତି। ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି ତଦନ୍ତ କରାଯାଇ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

# ଜିଲା ଶିଶୁ ମହୋତ୍ସବରେ ଯୋଗଦେବେ ୨୦ ପ୍ରତିଯୋଗୀ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ବୋଲଗଡ଼ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଓଷ୍ଟା ଆନୁକୂଲ୍ୟରେ ଦେଉଳି ସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଓଷ୍ଟାର କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଉକ୍ତ ମେଳାକୁ ଉଦ୍‌ଘାଟନ କରିଥିଲେ। ସଭାପତି ସୀତାକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ନୟାଗଡ଼ ସ୍ଥିତ ୟୁନିଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ପୃଷ୍ଟି ମୁଖ୍ୟ ଅତିଥି,ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ ମୁଖ୍ୟ ବକ୍ତା, ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟକାରୀ ସଭ୍ୟ କୈଳାସ ଚନ୍ଦ୍ର ତ୍ରିପାଠୀ, ଭକ୍ତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସିଂହ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଈ, ବେଗୁନିଆ ବ୍ଲକ ଓଷ୍ଟା ଉପସଭାପତି ପ୍ରଭାତ କୁମାର ସାହୁ, ମୋ ସ୍କୁଲ କମିଟି ସଭାପତି ପ୍ରଶାନ୍ତ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ବେଗୁନିଆ ବ୍ଲକ ଓଷ୍ଟା ସମ୍ପାଦକ ରତିକାନ୍ତ କହଲସିଂଙ୍କ ସଂଯୋଜନାରେ ଉଦ୍‌ଯାପନୀ ଉତ୍ସବରେ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ମୁଖ୍ୟ ଅତିଥି, ପୁରୁସାହି ନ୍ୟୁ ଷ୍ଟାର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ସାହୁ ମୁଖ୍ୟ ବକ୍ତା, ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରମୋଦ ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର, ପଶ୍ଚିମେଶ୍ୱର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିବନ୍ଧୁ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଆଲୋକ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ୨୦ ଜଣ କୃତୀ ପ୍ରତିଯୋଗୀ ୧୭ ତାରିଖରେ ଚିଲିକା ବ୍ଲକ ବିରିବାଡିସ୍ଥିତ ଶ୍ରୀଲୋକନାଥ ଦେବ ମାନସିଂହ ବିଦ୍ୟାପୀଠରେ ହେବାକୁ ଥିବା ଖୋର୍ଦ୍ଧା ଜିଲା ଓଷ୍ଟା ଶିଶୁ ମହୋତ୍ସବରେ ଯୋଗଦେବେ ବୋଲି ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇ କହିଛନ୍ତି।

# କ୍ଲଷ୍ଟରସ୍ତରୀୟ ମାସିକ ଭାଗୀଦାରି ବୈଠକ

ଟାଙ୍ଗୀ,୧୬।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ବଡ଼ପାରି କ୍ଲଷ୍ଟର ଅନ୍ତର୍ଗତ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ମାସିକ ଭାଗୀଦାରି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୋକିଳ ଦେଈଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ସିଆର୍‌ସିସି ଅମିତ୍ ଚକ୍ରବର୍ତ୍ତୀ, ସାଧନକର୍ମୀ ଦୁଃଶାସନ ପ୍ରଧାନ ପ୍ରମୁଖ ଯୋଗଦେଇ ପଠନ କୌଶଳର ୪ଟି ଦିଗ ଆଦର୍ଶ ପଠନ, ସହଭାଗୀ ପଠନ, ମାର୍ଗଦର୍ଶୀ ପଠନ, ଧାରାପ୍ରବାହ ପଠନ ସମ୍ପର୍କରେ ବୁଝାଇଥିଲେ। ଦ୍ୱିତୀୟ ଅଧିବେଶନରେ ଗଣିତ ପାଠର ଦୈର୍ଘ୍ୟମାପ, ଧାରକତ୍ୱ ମାପ, ମେଟ୍ରିକ୍ ମାପ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ପାରି ଓ ରାମଚନ୍ଦ୍ରପୁର ପଞ୍ଚାୟତର ୧୧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ସମରେଶ ବେହେରା, ରବୀନ୍ଦ୍ର କୁମାର ବେହେରା, ବଳରାମ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ରୋକିବା ପାଇଁ ଶପଥପାଠ



ଯାଁଳା,୧୬।୧୨(ବୁଲା ବାରିକ)

ବାଲ୍ୟ ବିବାହ ବନ୍ଦ କରିବା ପାଇଁ ସରକାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଗତ ୧ତାରିଖରୁ ବିଭିନ୍ନ ପ୍ରକାର ସଚେତନମୂଳକ କାର୍ଯ୍ୟକ୍ରମ କିଶୋରୀମାନଙ୍କୁ ନେଇ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଯାଁଳା ପଞ୍ଚାୟତର ଉତ୍ତରମୁଣ୍ଡମୁହାଣ-୧ କେନ୍ଦ୍ରରେ ୧୦ଟି ଅଙ୍ଗନୱାଡି କେନ୍ଦ୍ରକୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଇକେଲ ଚାଳନା, ଝୋଟି, ଚିତ୍ରାଙ୍କନା ଓ ସଚେତନତାମୂଳକ ନାଟକ ସହିତ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଏଥିରେ ପ୍ରତ୍ୟେକ ଅଙ୍ଗନୱାଡିର କର୍ମୀ, ସହକର୍ମୀ, ଆଶାକର୍ମୀ ଓ ସ୍ଥାନୀୟ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ ଉପସ୍ଥିତ ରହି ୧୮ ବର୍ଷରୁ କମ୍ କିଶୋରୀମାନଙ୍କ ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର କେତେଜଣ ମହିଳା ମଧ୍ୟ ଉପସ୍ଥିତ ଥିଲେ।

# ଭୂଇଁଆଣୀଙ୍କ ପୀଠରେ ଧନୁଯାତ୍ରା ଉତ୍ସବ

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ବୋଲଗଡ଼ର ମା' ଭୂଇଁଆଣୀଙ୍କ ପୀଠରେ ଧନୁଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ମା' ଭୂଇଁଆଣୀ (ବନଦୁର୍ଗା) ଟ୍ରଷ୍ଟବୋର୍ଡ ସୌଜନ୍ୟ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ଅବସରରେ ଭୂଇଁଆଣୀଙ୍କ ପୀଠରେ ଶୁଭାଧିବାସ ଓ ହୋମ ହୋଇଥିଲା। ଶନିବାର ପୂର୍ବାହ୍ନରେ ମା'ଙ୍କ ବିଜେ ପ୍ରତିମା ଏକ ଆଟୋପ ପଟୁଆରରେ ମନ୍ଦିରରୁ ବିମାନରେ ବିଜେକରି ଗଡ଼ସାହିସ୍ଥିତ ମା' କାଳିସିଙ୍କ କୋଠିକୁ ଆସିଥିଲେ। ସେଠାରେ ପୂଜାନୀତି ପରେ ପଟୁଆର ସହ ବୋଲଗଡ଼ ଗ୍ରାମ ପରିକ୍ରମା କରି ଅପରାହ୍ନରେ ସ୍ୱ ମନ୍ଦିରକୁ ବିଜେ କରିଥିଲେ। ଯାତ୍ରା ଦେଖିବାକୁ ବହୁ ଜନସମାଗମ ହୋଇଥିଲା। ଏପରିକି ଯାତ୍ରା ପାଇଁ ଭୂଇଁଆଣୀଙ୍କ ପୀଠରେ ବିଭିନ୍ନ ଉଠା ଦୋକାନର ପସରା ମେଲିଥିଲା। ଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପ୍ରକାଶ ଯେ, ବୋଲଗଡ଼ ଗ୍ରାମ ଉପକଣ୍ଠରେ ପ୍ରାକୃତିକ ଶୋଭାରାଜି ମଧ୍ୟରେ ଥିବା ଏକ ମୁଣ୍ଡିଆ ଉପରେ ମା' ଭୂଇଁଆଣୀଙ୍କ ପୀଠ। ଏଠାରେ ଭୂଇଁଆଣୀଙ୍କୁ ବନଦୁର୍ଗା ଭାବେ ଲୋକମାନେ ପୂଜା କରିଥାନ୍ତି। ଏଠାକାର ପରିବେଶ ମନୋରମ ହୋଇଥିବାରୁ ଅନେକ ଲୋକ ବଣଭୋଜି କରିବା ପାଇଁ ଏଠାକୁ ଆସିଥାନ୍ତି। ତେବେ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବିକରି ଆସୁଛନ୍ତି।



ମା' ଭୂଇଁଆଣୀଙ୍କ ବିଜେ ପ୍ରତିମାଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

# ଯୁବ ଉତ୍କଳ କ୍ଲବ କଟକ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ନିରାକାରପୁର,୧୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ଫ୍ରେଣ୍ଡସ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ କ୍ଷେତ୍ରବାସୀ କଲେଜ ଷ୍ଟାଡିୟମରେ ଅନୁଷ୍ଠିତ ୩୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଯୁବ ଉତ୍କଳ କ୍ଲବ କଟକ ଚାମ୍ପିୟନ ହୋଇଛି। ଶନିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଯୁବ ଉତ୍କଳ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ପପୁଲାର କ୍ଲବକୁ ୬-୫ ଗୋଲରେ ହରାଇ ଯୁବ ଉତ୍କଳ କ୍ଲବ କଟକ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଶିବ ଶଙ୍କର ପଣ୍ଡା, ଜୁନୁଷ ବେଗ୍, ସୁଜିତ ପାତ୍ର, ସୁଶାନ୍ତ ମିଶ୍ର, ଓମ୍‌ପ୍ରକାଶ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଅକ୍ଷୟ ପଟ୍ଟନାୟକ ମ୍ୟାଚ କମିଶନର ରହିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ସମ୍ମାନିତ ଅତିଥି ରାଜ୍ୟ ସଭା ସଦସ୍ୟ ମୁନ୍ନା ଖାଁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ରାଜ୍ୟ ସିପିଆଇଏମ୍‌ର ବର୍ଷିୟାନ ନେତା ଜନାର୍ଦ୍ଦନ ପତି, ଡ. ତନୟା ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ଯୁବ ସଙ୍ଗଠକ ଶୁଭମ୍ ଦାଶ, ବିଜୟ କେତନ ମଙ୍ଗରାଜ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିପରି ଅନୁଷ୍ଠାନର ସଭ୍ୟ, ଖବରଦାତା, ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଜେନା, ସମ୍ପାଦକ ଭାଗୀରଥି ପ୍ରଧାନ, କୋଷାଧ୍ୟକ୍ଷ ହରିବନ୍ଧୁ ସିଂ, ମନୋଜ କୁମାର ପ୍ରଧାନଙ୍କ ସମେତ ଅନୁଷ୍ଠାନର ସଭ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସେମିରେ ଯଦୁମଣି ସ୍ପୋର୍ଟ୍ସ କ୍ଲବ

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

**ଜାନକୀ ପାଢ଼ୀ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ**

ବୋଲଗଡ଼ ମହୋତ୍ସବର ପ୍ରତିଷ୍ଠାତା ଶିକ୍ଷାବିତ୍ ଜାନକୀ ବଲ୍ଲଭ ପାଢ଼ୀଙ୍କ ସ୍ମୃତିରେ ସ୍ଥାନୀୟ ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ଚାଲିଥିବା ଜାନକୀ ପାଢ଼ୀ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଏଏଫ୍‌ଏ ଓ ନୟାଗଡ଼ ଜିଲା ଇଟାମାଟିର ଯଦୁମଣି ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ଅନୁଗୋଳ ଏଏଫ୍‌ଏ ଟିମ୍‌କୁ ୪-୩ ଗୋଲରେ ହରାଇ ଯଦୁମଣି ସ୍ପୋର୍ଟ୍ସ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ବୋଲଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ବାହିନୀପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ମ୍ୟାଚ୍ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେକ୍ ବାକ୍ ଅଲ୍ଲୀ ଖାଁ, ଆଲୋକ ଦେହୁରୀ, ଲକ୍ଷ୍ମୀଧର ଚୌଧୁରୀ, ଭଞ୍ଜକିଶୋର ଯତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



# ୨୦୩୦ ସୁଦ୍ଧା ଓଡ଼ିଶା ବାଲ୍ୟ ବିବାହମୁକ୍ତ ରାଜ୍ୟ ଲକ୍ଷ୍ୟ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୨।୨୦୨୩

| | |
|---|---|
| ୫,୨୦,୭୮୩ ଟଙ୍କା | |
| ସୁନା | ୫୦ ମିଲିଗ୍ରାମ୍ |
| ରୁପା | ୧୪.୨୦୦ ଗ୍ରାମ୍ |

## ଦୁଇଦିନିଆ ରାଜ୍ୟସ୍ତରୀୟ ସଖୀ - ସହେଲୀ ସମ୍ମିଳନୀ

ପୁରୀ, ୧୬।୧୨ (ଅଜିତ୍ ମହାନ୍ତି):

ରାଜ୍ୟ ସରକାର, ୟୁନିସେଫ୍ ଓ ଆକ୍ସନ ଏଡ୍‌ର ମିଳିତ ସହଯୋଗରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ସଖୀ-ସହେଲୀ ସମ୍ମିଳନୀ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଛି। ଏହି ରାଜ୍ୟସ୍ତରୀୟ ସମ୍ମିଳନୀର ଉଦ୍‌ଘାଟନୀ ପର୍ଯ୍ୟାୟରେ ୟୁନିସେଫ୍ ଓଡ଼ିଶାର ମୁଖ୍ୟ ୱିଲିୟମ ଜେ. ହାନ୍‌ଲୋନ୍ ଯୋଗଦେଇ ରାଜ୍ୟ ସରକାର, ୟୁନିସେଫ୍ ଓ ଆକ୍ସନ ଏଡ୍‌ର ମିଳିତ ଉଦ୍ୟମରେ ଚାଲିଥିବା ଅଦ୍ୱିକା କାର୍ଯ୍ୟକ୍ରମରେ ଭାଗ ନେଇଥିବା କିଶୋରୀମାନଙ୍କ ନେତୃତ୍ୱ ବିକାଶର ଏହି ସମ୍ମିଳନୀ ଏକ ବଳିଷ୍ଠ ଉଦ୍ୟମ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଅନେକ କିଶୋରୀ ନିଜର ବାଲ୍ୟ ବିବାହକୁ ନା କହିବା ସହ, ନିଜେ ନିଜ ଗୋଡ଼ରେ ଠିଆ ହେବା ପାଇଁ ଆଗକୁ ଆସିବା ସହିତ ସମାଜର ପରିବର୍ତ୍ତନରେ କିଶୋରୀମାନେ ଜଣେ ଜଣେ ଚାମ୍ପିୟନର ଭୂମିକା ନେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ମହିଳା ଓ ଶିଶୁ ବିକାଶ ବିଭାଗର ଅନୁସଚିବ ଆଶୁତୋଷ



ରାଜ୍ୟ ସରକାର, ୟୁନିସେଫ୍ ଓ ଆକ୍ସନ ଏଡ୍ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସଖୀ- ସହେଲୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ବେହେରା ନିଜର ବକ୍ତବ୍ୟରେ କିଶୋରୀ ସଶକ୍ତିକରଣ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନିଆଯାଇଥିବା ଅଦ୍ୱିକା କାର୍ଯ୍ୟକ୍ରମର ସଫଳତା ଦେଖି ଖୁସି ବ୍ୟକ୍ତ କରିବା ସହିତ ସମ୍ମିଳନୀରେ ଭାଗ ନେଇଥିବା ୫୦ଜଣ ସାହସୀ କିଶୋରୀ ମା'ଙ୍କ ସାମାଜିକ ପରିବର୍ତ୍ତନ ଯୋଗଦାନକୁ ସାଧୁବାଦ ଜଣାଇଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟ ଖସଡ଼ା ଅନୁସାରେ ଆଗାମୀ ୨୦୩୦ ବେଳକୁ ଓଡ଼ିଶା ଏକ ବାଲ୍ୟ ବିବାହ ମୁକ୍ତ ରାଜ୍ୟ ହେବ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସସ୍ମିତା ନନ୍ଦ ଯୋଗଦେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ସବୁବେଳେ ଯତ୍ନବାନ ବୋଲି କହିଥିଲେ। ପରେ ପରେ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା କିଶୋରୀମାନେ ନିଜନିଜ ଜୀବନରେ ଅଦ୍ୱିକା କାର୍ଯ୍ୟକ୍ରମରେ କିପରି ପ୍ରଭାବିତ ହୋଇ ଜୀବନର ସଫଳତା ପାଇପାରିଛନ୍ତି ସେ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଅର୍ଥାତ ଉଦ୍‌ଯାପନୀ ଅବସରରେ ଅଧିବେଶନରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ବରିଷ୍ଠ ସାମ୍ବାଦିକା ରାକ୍ଷୀ ଘୋଷ ଓ ରେଡିଓ ନମସ୍କାରର ମୁଖ୍ୟ ନସିମ ଶାହା ଅନସାରି ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ କିଶୋରୀଙ୍କ ସଶକ୍ତୀକରଣ ପାଇଁ ନିଆଯାଇଥିବା ବିଭିନ୍ନ ଯୋଜନା ଓ ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ପାଇଁ ପ୍ରଶାସନ ରହିଛି ଏହି ଭାବନା ପ୍ରତ୍ୟେକ ଲୋକ ଓ ଶିଶୁ ପାଖରେ ପହଞ୍ଚିବା ଆବଶ୍ୟକ, ଫଳରେ ଅନ୍ୟମାନେ ସାହସ କରି ଆଗକୁ ଆସିବେ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଆକ୍ସନଏଡର ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଗାମୀ ଦିନରେ ରାଜ୍ୟକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ରାଜ୍ୟ ସରକାର, ୟୁନିସେଫ୍ ଓ ଆକ୍ସନ ଏଡ୍‌ର ମିଳିତ ପ୍ରୟାସରେ ଚାଲିଥିବା ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଆକ୍ସନ ଏଡ୍‌ର ଜାତୀୟ ଶିଶୁ ଅଧିକାର କାର୍ଯ୍ୟକ୍ରମର ମୁଖ୍ୟ ଘାସିରାମ ପଣ୍ଡାଙ୍କ ସଂଯୋଜନାରେ ରାଜ୍ୟର ୨୫ଟି ଜିଲାରୁ ଶତାଧିକ ସଖୀ ସହେଲୀମାନେ ଏହି ସମ୍ମିଳନୀରେ ଯୋଗ ଦେଇ ନିଜ ଅଞ୍ଚଳରେ ବାଲ୍ୟ ବିବାହକୁ ନା ବିଦ୍ୟାଳୟକୁ ହଁ ଅଭିଯାନର ସଫଳତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ ଓଡ଼ିଶାର ଶିଶୁ ସୁରକ୍ଷା ବିଶେଷଜ୍ଞ ମାନା ଦେ, ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୁତିପ୍ରସାଦ ପ୍ରମୁଖ ଓଡିଶାକୁ ବାଲ୍ୟ ବିବାହ ମୁକ୍ତ କରିବା ଓ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।

## ଜନ୍ମମାଟିରେ ଶହୀଦ କାଳୀଚରଣଙ୍କ ଶେଷକୃତ୍ୟ ସମ୍ପନ୍ନ

କଣାସ, ୧୬।୧୨ (ବିଭୂତି ଭୂଷଣ ତ୍ରିପାଠୀ)

ଶହୀଦ ଯବାନ କାଳୀଚରଣ ଶ୍ରୀଚନ୍ଦନଙ୍କ ଶେଷକୃତ୍ୟ ଶନିବାର ନିଜ ଜନ୍ମମାଟି ପୁରୀ ଜିଲା କଣାସ ବ୍ଲକ ଅଧୀନ ତାଳପଡ଼ା ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସାମାଜିକ କର୍ମୀ ସ୍ୱର୍ଗତ ନବ ଶ୍ରୀଚନ୍ଦନଙ୍କ ପୁତ୍ର କାଳୀଚରଣ(୫୬) ଭାରତୀୟ ସୀମା ସୁରକ୍ଷା ବାହିନୀରେ ଦୀର୍ଘ ୩୨ ବର୍ଷ ଧରି କାର୍ଯ୍ୟରତ ଥିଲେ। ଗତ କିଛି ଦିନ ତଳେ ତାଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଶନିବାର ସକାଳେ ତାଙ୍କ ମରଶରୀରକୁ ସୀମା ସୁରକ୍ଷା ବାହିନୀର ଯବାନମାନେ ଏକ ସୁସଜ୍ଜିତ ଗାଡ଼ିରେ ଆଣି ଜନ୍ମମାଟିରେ ପହଞ୍ଚିବା ପରେ ଗ୍ରାମ କୋଳାହଳ ମୟ ହୋଇ ଉଠିଥିଲା। ଯବାନମାନେ ତୋପ ସଲାମୀ ଦେବା ପରେ ଗ୍ରାମ ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶବାଧାର ନିକଟରେ ତାଙ୍କ ସ୍ତ୍ରୀ ଭାନୁମତି, କନ୍ୟା ସନ୍ତୋଷୀ, ପୁତ୍ର ସନ୍ତୋଷ ଉପସ୍ଥିତ ଥିଲେ। ଶ୍ମଶାନ ନିକଟରେ ସତ୍ୟବାଦୀର ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନଙ୍କ ସମେତ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ # ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ପୁରୀ, ୧୬।୧୨ (ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ #ନୂଆ-ଓ ପ୍ରକଳ୍ପ ଅଧିନ ଓ ଆର୍ଥିକ ସହଯୋଗରେ ଛାତ୍ର କଲ୍ୟାଣ ଉଦ୍ଦେଶ୍ୟରେ ବିବିଧ କ୍ରୀଡ଼ା, ସାଂସ୍କୃତିକ ଓ ସାହିତ୍ୟିକ ତଥା ସାମାଜିକ ସେବା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଶତ୍ରୁଘ୍ନ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକ ସଂଯୋଜକ ଓ ତତ୍ତ୍ୱାବଧାରକ ଯୋଗେଶ୍ୱର ମହାନ୍ତଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ଓ ସାହିତ୍ୟିକ ପ୍ରତିଯୋଗିତା ଗୁଡ଼ିକର ପ୍ରଥମ ଦିନରେ ଓଡ଼ିଆ (ବିଶିଷ୍ଟ ଓଡ଼ିଆ କବିମାନଙ୍କର) କବିତା ଆବୃତ୍ତି ପ୍ରତିଯୋଗିତା ଓ ସଂସ୍କୃତ କବିତା ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ୩ଦିନରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହା ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୨ତାରିଖରେ ପ୍ରତିଯୋଗିତା ଉଦ୍‌ଯାପନ ହେବା ସହ ପୁରସ୍କାର ବିତରଣ ଉତ୍ସବ ସହ ଅନୁଷ୍ଠିତ ହେବ।

### ଉତ୍ତର ପ୍ରଦେଶର ଗାଜିପୁରରୁ ଆସିଲା ନରସିଂହଙ୍କ ମୃତଦେହ

ବ୍ରହ୍ମଗିରି, ୧୬।୧୨ (ସ୍ୱାଧୀନ ଚମ୍ପତିରାୟ):

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ କୃଷାହି ଗ୍ରାମର ନରସିଂହ ବେହେରା ଗତ ବୁଧବାର ଉତ୍ତର ପ୍ରଦେଶର ଦୁଲ୍ଲାପୁର ରେଳ ଷ୍ଟେଶନ ନିକଟରେ ଆତ୍ମହତ୍ୟା କରି ପ୍ରାଣ ହରାଇଥିଲେ। ତାଙ୍କ ମୃତଦେହ ଉତ୍ତର ପ୍ରଦେଶ ପୋଲିସ ଜବତ କରି ଗାଜିପୁରର ଜିଲା ମୁଖ୍ୟ ଚିକିତ୍ସାଳୟରେ ସଂରକ୍ଷିତ ଭାବେ ରଖିଥିଲା। ନରସିଂହଙ୍କ ଦେହାନ୍ତ ଖବର ସ୍ଥାନୀୟ କାର୍ଯ୍ୟକର୍ତ୍ତାଙ୍କଠାରୁ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ପାଇବା ପରେ ଉତ୍ତର ପ୍ରଦେଶର ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହିତ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିଥିଲେ। ନରସିଂହଙ୍କ ମୃତଦେହ ଆମ୍ବୁଲାନ୍ସରେ ଶନିବାର ଗ୍ରାମରେ ପହଞ୍ଚିଥିଲା। ବେହେରାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସମ୍ବିତ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ମହାପ୍ରଭୁଙ୍କୁ ଲାଗିହେଲା ପହିଲି ଭୋଗ

ପୁରୀ, ୧୬।୧୨ (ଅଜିତ୍ ମହାନ୍ତି):

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଧନୁ ସଂକ୍ରାନ୍ତି ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ପହିଲି ଭୋଗ ନୀତି। ଏହି ପହିଲି ଭୋଗ ନୀତି ଦୀର୍ଘ ୧ମାସ ଅର୍ଥାତ୍ ମକର ସଂକ୍ରାନ୍ତି ଜାନୁୟାରୀ ୧୪ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ବୃତ୍ତାନ୍ତ କରାଯାଇଛି। ପରମ୍ପରା ଅନୁଯାୟୀ ଗୋପାଳ ବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି । ରାତିରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ବିଭିନ୍ନ ନୀତି କାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହିଲି ଭୋଗକୁ ଦୃଷ୍ଟିରେ ରଖି ରାତି ୨ଟାରୁ ଦ୍ୱାରଫିଟା ଯାଇ ମହାପ୍ରଭୁଙ୍କ ନୀତିକାନ୍ତି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ତେବେ ପ୍ରଥମ ଦିନ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି । ରାତି ୨ଟା ପରିବର୍ତ୍ତେ ୨ଟା୪୦ରୁ ନୀତି ଆରମ୍ଭ ହୋଇଥିଲା। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ତଥା ବଡ


ମହାପ୍ରଭୁଙ୍କଠାରେ ଧନୁ ମୁଆଁ ଲାଗି ହୋଇଛି ।

ଝିଲି, ସାନ ବଡା, ବଡ଼ବଡା, କାକରା, ଅମାଲୁ, ଏଣ୍ଡୁରି, ମୁଗେଇ, ଚଡ଼େଇ ନଦା, ଲଡୁ, ବଡି , ଗଇଁଠା, ମଣ୍ଡା ଓ ଖଇର ଚୁଲ ଆଦି ୩୨ରୁ ଉର୍ଦ୍ଧ୍ୱ ପ୍ରକାରର ଭୋଗ ଲାଗି ହୋଇଥାଏ। ଲୋକକଥା ଅନୁଯାୟୀ ମା' ମହାଲକ୍ଷ୍ମୀ ଧନୁସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ତାଙ୍କ ବାପ ଘରକୁ ଯାଇଥାନ୍ତି। ତେଣୁ ମା' ଯଶୋଦା ନିଜ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଶ୍ରୀବିଗ୍ରହମାନଙ୍କୁ ଖୁଆଇଥାନ୍ତି। ଏନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ କହିବା ଅନୁଯାୟୀ ଧନୁ ସଂକ୍ରାନ୍ତିରେ ସୂର୍ଯ୍ୟଦେବ ବିଛା ରାଶିରୁ ଧନୁ ରାଶିକୁ ଗମନ କରିଥାନ୍ତି। ଏହା ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ୧ମାସ ଧରି ମହାପ୍ରଭୁଙ୍କ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଥାଏ। ଗୋପାଳ ବଲ୍ଲଭ ଭୋଗ ସମୟରେ ମହାପ୍ରଭୁଙ୍କୁ ଏହି ପହିଲି ଭୋଗ ଲାଗି କରାଯାଇଥାଏ। ପ୍ରାୟ ୩୨ପ୍ରକାର ଭୋଗ ମହାପ୍ରଭୁଙ୍କୁ ଲାଗି କରାଯାଇଥାଏ। ସେହିପରି ଧନୁ ସଂକ୍ରାନ୍ତି ଅବସରରେ ମହାପ୍ରଭୁଙ୍କ ନିକଟରେ ଧନୁ ମୁଆଁ ଭୋଗ ହୋଇଥାଏ। ଶ୍ରୀମନ୍ଦିର ପ୍ରଶାସନ ଓ ବିଭିନ୍ନ ନିଯୋଗ ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ମୁଆଁ ଭୋଗ କରାଯାଏ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ୨ ଯୁବକଙ୍କ ମୃତ୍ୟୁ

ସାକ୍ଷୀଗୋପାଳ, ୧୬।୧୨
(କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ):

ପୁରୀ ଜିଲା ସତ୍ୟବାଦୀ ଥାନା ଦାଶବିଦ୍ୟାଧରପୁର ପଞ୍ଚାୟତ ଭଣ୍ଡାରିଦେଣ୍ଡା ନିକଟରେ ଶନିବାର ଭୋରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନିକଟସ୍ଥ ଇନ୍ଦିପୁର ଗ୍ରାମର ଆଦିତ୍ୟ ପାଢ଼ୀ (୨୮) ଏବଂ ଶୁଭରଞ୍ଜନ ସେନାପତି। ସତ୍ୟବାଦୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଆଦିତ୍ୟ ଏବଂ ଶୁଭରଞ୍ଜନ ଏକ ବାଇକ୍‌ରେ କୌଣସି କାମରେ ସାକ୍ଷୀଗୋପାଳ ଯାଇଥିଲେ। ଭୋରୁ ଘରକୁ ଫେରୁଥିବାବେଳେ ଭଣ୍ଡାରିଦେଣ୍ଡାଠାରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲେ। ଦୁହେଁ ସଂଜ୍ଞାହୀନ ଭାବେ ରାସ୍ତାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା। ତେବେ ଆଦିତ୍ୟ ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ କିରାଣି ଭାବେ କାମ କରୁଥିଲେ। ଆଦିତ୍ୟଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳସଚିବ ରଶ୍ମିରେଖା ଦାସ, କାର୍ଯ୍ୟରତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ ଭଦ୍ର, ଅମାୟିକ ଯୁବକ ତଥା କାର୍ଯ୍ୟଦକ୍ଷ କର୍ମଚାରୀ ଭାବରେ ସ୍ୱଳ୍ପଦିନ ମଧ୍ୟରେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ।

## ଛାତ୍ରୀଛାତ୍ରଙ୍କୁ ନେଇ ଲୁଣା ଜଙ୍ଗଲ ସମ୍ପର୍କରେ ସଚେତନତା

ଅସ୍ତରଙ୍ଗ, ୧୬।୧୨ (ପ୍ରଦୀପ୍ତ ଦୀକ୍ଷିତ):

ଅନେକ ସମୟରେ ଉପକୂଳ ଓଡ଼ିଶାରେ ବାତ୍ୟା ତାଣ୍ଡବ ରଚୁଛି। ଫଳରେ ଉପକୂଳ ଜିଲାଗୁଡ଼ିକରେ ଅନେକ ଧନଜୀବନ ନଷ୍ଟ ହେବା ସହ ପ୍ରାକୃତିକ ସମ୍ପତ୍ତି ନଷ୍ଟ ହେବାରେ ଲାଗିଛି। ଗତ ୨ଟି ବାତ୍ୟାର ଅନୁଭୂତିରୁ ଜଣାଯାଏ, ଲୁଣା ଜଙ୍ଗଲ ବା ମ୍ୟାନଗ୍ରୋଭ ଫରେଷ୍ଟ ସୁରକ୍ଷା କବଚ ଭାବେ ଉପକୂଳ ଓଡ଼ିଶାକୁ ସୁରକ୍ଷା ଦେଇଆସୁଛି। ପ୍ରାକୃତିକ ତାଣ୍ଡବରୁ ଆମକୁ ପ୍ରକୃତି ସଂରକ୍ଷଣ ହିଁ ରକ୍ଷା କରୁଛି। ଯାହାକୁ ନେଇ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଉପକୂଳବର୍ତ୍ତୀ ଦେବୀନଦୀର ଅବବାହିକା ନଗର ପଞ୍ଚାୟତ ନିକଟରେ ଆଇଜିଏସ୍‌ଏସ୍‌ଏସ୍ ପକ୍ଷରୁ ଲୁଣା ଜଙ୍ଗଲ ଚାରାରୋପଣ ସହ ଲୁଣା ଜଙ୍ଗଲରେ ସଚେତନ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ନଗର ପଞ୍ଚାୟତରେ ଥିବା ବାଲିଡିଆ ଉଚ୍ଚ ପ୍ରାଥମିକ, କାଳିଆକଣ ପ୍ରାଥମିକ ବିଦ୍ୟାଳୟ, ନୂଆକାଳିଆକଣ ପ୍ରୋଜେକ୍ଟ ବିଦ୍ୟାଳୟ, ନଗର ପ୍ରାଥମିକ ବିଦ୍ୟାଳୟ, ଦକ୍ଷିଣ ପନ୍ତାଳ ପ୍ରାଥମିକ ବିଦ୍ୟାଳୟ ସହ ପଣ୍ଡିମେଶ୍ୱର ବିଦ୍ୟାପୀଠରେ ଶନିବାର ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଲୁଣା ଜଙ୍ଗଲ ସମ୍ପର୍କରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟ ସଂଯୋଜକ ଅଶ୍ୱିନ ନାୟକ, ଜିତେନ୍ଦ୍ର ବରାଳ, ପ୍ରକଳ୍ପ ସଂଯୋଜକ ଜ୍ୟୋତି ରଞ୍ଜନ ବାରିକ, ସ୍ୱେଚ୍ଛାସେବୀ ସନ୍ତୋଷିନୀ ନାୟକ ଓ ଅଭୟ ବେହେରା ଉପସ୍ଥିତ ଥିଲେ।

## ପୁରାତନ କଳାଭାସ୍କର୍ଯ୍ୟର ସଂରକ୍ଷଣ ଦାବିର ତ୍ୱରିତ ସମାଧାନ




ପୁରୀ, ୧୬।୧୨ (ଅଜିତ୍ ମହାନ୍ତି):

ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ କରାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ଅପରପକ୍ଷରେ ପରିକ୍ରମା କାର୍ଯ୍ୟ ସହ ପରିକ୍ରମା ପ୍ରକଳ୍ପ ପରିସରରେ ଥିବା ମଠଗୁଡ଼ିକର ପୁନରୁଦ୍ଧାର ବା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ତେବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିତରେ ଥିବା ମଠମନ୍ଦିରର ପୁରାତନ କଳା ଭାସ୍କର୍ଯ୍ୟର ସୁରକ୍ଷା ଓ ସଂରକ୍ଷଣ କରାଯାଉ ନ ଥିବା ନେଇ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶନିବାର ସକାଳେ ଏକ ଚିଠି ଲେଖିଥିଲେ। ସୁଦର୍ଶନଙ୍କ ଚିଠି ପରେ ଅପରାହ୍ନରେ ଜିଲାପାଳ ସମର୍ଥ ବର୍ମା ଏ ସମ୍ପର୍କରେ ସୁଦର୍ଶନଙ୍କ ସହ ଆଲୋଚନାକରି ଏକ କମିଟି ଗଠନ କରିଛନ୍ତି। ଉକ୍ତ ଟିମ୍‌ରେ ସୁଦର୍ଶନ ପଟ୍ଟନାୟକଙ୍କ ସହ ରାଜ୍ୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ସଦସ୍ୟ, ଓବିସିସି, ପରିଚାଳନା କମିଟି ସଦସ୍ୟ ରହିବେ। ଉକ୍ତ ଟିମ୍ ପ୍ରତ୍ୟକ ଦିନ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନିକ ତତ୍ପରତା ପରେ ସୁଦର୍ଶନ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ, ପୁରାତନ ମଠ ମନ୍ଦିରରେ ଥିବା କାରୁକାର୍ଯ୍ୟକୁ ନିର୍ମାଣକାରୀ ସଂସ୍ଥା ଟାଟା ପ୍ରୋଜେକ୍ଟ ଓ ଓଡ଼ିଶା ସେତୁ ନିର୍ମାଣ ନିଗମ କାର୍ଯ୍ୟ ସମୟରେ ଧ୍ୟାନ ଦେଉନାହାନ୍ତି। ଫଳରେ ପ୍ରାଚୀନ ମୂର୍ତ୍ତିଗୁଡ଼ିକ କ୍ଷତିଗ୍ରସ୍ତ ହେଉଛି। ସେଠାରେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ସାଦା ଖଣ୍ଡେଲାଇଟ ପଥର ଲଗାଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସୁଦର୍ଶନ ଆପତ୍ତି କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

**ଟିମ୍ ଗଠନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସୁଦର୍ଶନ**

## ୩ ସ୍ଥାନରେ ଡକାୟତି ଯୋଜନା ପଣ୍ଡ, ୧୪ ଗିରଫ

ପୁରୀ, ୧୬।୧୨ (ଅଜିତ୍ ମହାନ୍ତି)

ଡକାୟତି କରିବାକୁ ଯୋଜନା କରୁଥିବା ଅଭିଯୋଗରେ ପୁରୀ ପୋଲିସ ପକ୍ଷରୁ ସହରର ଭିନ୍ନ ଭିନ୍ନ ସ୍ଥାନରୁ ୧୪ ଜଣ ଅପରାଧୀଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରାଯାଇଛି। ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ୧୪ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ତାଳବଣିଆ ଥାନା ପୋଲିସ ଡକାୟତି ଯୋଜନା କରିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଥିବାବେଳେ ସେମାନଙ୍କ ଠାରୁ ପୋଲିସ ଏକ ଲୁହା ଖର୍ଡା, ଗୋଟିଏ ଲୁହା ରଡ୍, କଟାରି ଏବଂ ୨ଟି ମୋବାଇଲ ଜବତ କରିଛି। ଏନେଇ ଏକ ମାମଲା(ନଂ. ୧୬୯/୨୦୨୩) ରୁଜୁ କରିଛି।

ଅଭିଯୁକ୍ତମାନେ ହୁଲୁହୁଲିଆ ପୋଲ ନିକଟରେ ଏକାଠି ହୋଇ ଡାକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଁ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ସେହିପରି କୁମ୍ଭାରପଡା ଥାନା ପୋଲିସ ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ୪ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ


ଜବତ ମାରଣାସ୍ତ୍ର

ଚାଲାଣ କରିଛି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଲୁହା ରଡ, ଆରି ପାଟିଆ ଏବଂ ଦୁଇଟି ଜୀବନ୍ତ ବୋମା ଜଜବତ କରିଛି। ଏନେଇ ପୋଲିସ କେସ ନଂ ୩୩୬ /୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ପକ୍ଷରୁ ନାଇଟ ପାଟ୍ରୋଲିଂ କରାଯାଉଥିବାବେଳେ ଅଭିଯୁକ୍ତମାନେ ନବକଳେବର ରୋଡଠାରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବାବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ସେହିପରି ବାଶେଳି ସାହି ଥାନା ପୋଲିସ ଡକାୟତି କରିବା ପାଇଁ ଯୋଜନା କରିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଖଣ୍ଡା, ଦୁଇଟି ଆଇରନ ରଡ, ଗୋଟିଏ ଛୁରି, ଦୁଇଟି ଟର୍ଚ୍ଚ ଲାଇଟ ଏକ ଲଙ୍କା ଗୁଣ୍ଡ ପ୍ୟାକେଟ୍, ବିୟର ବୋତଲ ଏବଂ ଦିଆସିଲି ବାକ୍ସ ଆଦି ଜବତ କରିଛି। ଏନେଇ ପୋଲିସ କେସ ନଂ. ୨୭୮/୨୩ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ମାନେ ମଙ୍ଗଳାଘାଟ ଛକ ନିକଟରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଖବର ପାଇଁ ଉକ୍ତ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା ବୋଲି ଶନିବାର ଟାଉନ ଥାନା ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ସହ ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ପୁରୀ, ୧୬।୧୨ (ଅଜିତ୍ ମହାନ୍ତି):

କୃଷି ଆମ ଦେଶର ଆତ୍ମା ସଦୃଶ। ସେଥିପାଇଁ କୃଷି ଓ କୃଷକର ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଛନ୍ତି ବୋଲି ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଶରଧାବାଲିଠାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଓ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ୫ଦିନିଆ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ମେଳା ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପାତ୍ର କହିଥିଲେ କି ଚାଷୀ ଭଉଣୀଭାଇଙ୍କ ପ୍ରତି ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗ ଓ କୃଷକମାନଙ୍କ ଉଦ୍ୟମର ଫଳ ସ୍ୱରୂପ ସମଗ୍ର ଦେଶରେ ଆମ ରାଜ୍ୟ ଏକାଧିକ ବାର କୃଷି କର୍ମଣ ପୁରସ୍କାର ହାସଲ କରିଛି। ବୈଜ୍ଞାନିକ ପଦ୍ଧତି ଓ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷୀ ଅଧିକ


ଜିଲାସ୍ତରୀୟ କୃଷୀ ଯନ୍ତ୍ରପାତି ମେଳାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୃଷକ ଓ ଉଦ୍ୟୋଗୀ ।

ଉତ୍ପାଦନ କରି ପାରୁଛି। ଯନ୍ତ୍ରପାତି ପାଇଁ ସ୍ୱତନ୍ତ୍ର ରିହାତି ଚାଷ ପ୍ରଣାଳୀକୁ ଏକ ନୂତନ ଦିଶା ଦେଇଛି। ଏଥିପ୍ରତି କୃଷକମାନଙ୍କୁ ଆହୁରି ଅଧିକ ଆକୃଷ୍ଟ କରିବା ସହ ଏହାର ଉପଯୋଗ ସମ୍ପର୍କରେ ସଚେତନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମେଳା ଦ୍ୱାରା କୃଷକବନ୍ଧୁମାନେ ଆଧୁନିକ ଯନ୍ତ୍ରପାତି ସମ୍ପର୍କରେ ଅବଗତ ହେବା ସହ କ୍ରୟ କରିଥିବା ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଅମ୍ବିକା ପ୍ରସାଦ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ବିଭୂତି ରଞ୍ଜନ ରାଉତ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ କୃଷି ଓ କୃଷକର ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ମେଳାରେ ପ୍ରାୟ ୪୫ଟି ଷ୍ଟଲ୍ ହେବା ସହ କୃଷକମାନଙ୍କ ସହ ଆଲୋଚନା ଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା ମଧ୍ୟ କରାଯାଇଥିଲା। ଉଲ୍ଲେଖନୀୟ ଅବଦାନ ପାଇଁ ଅଗ୍ରଣୀ କୃଷକ, ଉଦ୍ୟୋଗୀ, ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଶାର ଦ୍ୱିତୀୟ ନନ୍ଦିନୀ ଶତପଥୀ ଏଠାରୁ ବାହାରନ୍ତୁ: ଧର୍ମେନ୍ଦ୍ର

କଟକ,୧୬।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)



ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ୧୫୦ତମ ପୂର୍ତ୍ତି ସମାରୋହରେ ଅତିଥିମାନେ ସ୍ମରଣିକା ‘ମଞ୍ଜରୀ’ ଉନ୍ମୋଚନ କରୁଛନ୍ତି।

ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟର ଗରିମାମୟ ଐତିହ୍ୟ ରହିଛି। ଓଡ଼ିଶାର ନବଜାଗରଣ କେନ୍ଦ୍ରସ୍ଥଳୀ ଏହି ସ୍ଥାନ ଥିଲା। ତେଣୁ ଏହାକୁ ଏକ ସଂଗ୍ରହାଳୟ ରୂପ ଦେଇ ଦର୍ଶନୀୟ ସ୍ଥାନ କରାଯାଉ। ପୁରୀ ମନ୍ଦିର, ମା’ କଟକଚଣ୍ଡୀ ଯେତିକି ପବିତ୍ର ଏହି ସ୍କୁଲ ସେତିକି ପବିତ୍ର। ତେଣୁ ତାକୁ ସେହିଭଳି ଭାବରେ ଆମେ ତିଆରି କରିବା ବୋଲି ବିଦ୍ୟାଳୟର ୧୫୦ତମ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି।

ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ଆହୁରି କହିଛନ୍ତି, ଏହି ବିଦ୍ୟାଳୟରେ ମୋ ମା’ ପଢୁଥିଲେ। ସେଥିପାଇଁ ଏହି ବିଦ୍ୟାଳୟ ପ୍ରତି ମୋର ଅଧିକ ଆତ୍ମୀୟତା ରହିଛି। ବର୍ତ୍ତମାନ ମହିଳାମାନେ ଆଗଧାଡ଼ିକୁ ଯିବାର ସମୟ ଆସିଛି। କାରଣ ପ୍ରଧାନମନ୍ତ୍ରୀ ମୋଦି ଜି-୨୦ ମଞ୍ଚରେ ମହିଳା ନେତୃତ୍ୱ ଆଧାରିତ ଭାରତର ସମାଜ ବ୍ୟବସ୍ଥା ହେବ ବୋଲି ଘୋଷଣା କରିଥିଲେ। ଆଗାମୀ ଦିନରେ ଦେଶ ଗଠନରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ଏଥିରେ ମୋର ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ୨୦୩୬ ସବୁ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗୌରବର ଦିନ ହେବ। ସେହି ସମୟର ମହିଳା ନେତୃତ୍ୱ ଆଧାରିତ ଯେତେବେଳେ ୨୦୪୭ ହେବ ସେତେବେଳେ ଆମ ଓଡ଼ିଶାର ଦ୍ୱିତୀୟ, ତୃତୀୟ ନନ୍ଦିନୀ ଶତପଥୀ ଏହି ବିଦ୍ୟାଳୟରୁ ବାହାରିବେ ବୋଲି ମୋର ଦୃଢ଼ ବିଶ୍ୱାସ। କୁନ୍ତଳା କୁମାରୀ ସାବତଙ୍କ ଭଳି ବିଦୁଷୀ ଏଠାରୁ ବାହାରିବେ। ଓଡ଼ିଆ ସ୍ୱାଭିମାନର ମେରୁଦଣ୍ଡ ଆଜି ହଲୁଛି। ଆଉଥରେ ଓଡ଼ିଆ ମା’ଙ୍କୁ ଏକାଠି ହେବାକୁ ପଡ଼ିବ। ୨୦୩୬ ସୁଦ୍ଧା ଆମ ରାଜ୍ୟର ଭୂତ ଗୌରବକୁ ଫେରାଇ ଆଣିବାକୁ ହେବ ବୋଲି ଧର୍ମେନ୍ଦ୍ର ଆହ୍ୱାନ ଦେଇଛନ୍ତି।

ସେହିପରି ସମ୍ମାନିତ ଅତିଥି ଭାବରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଗୋଟିଏ ହାଇସ୍କୁଲର ୧୫୦ତମ ବାର୍ଷିକ ଉତ୍ସବରେ ଯୋଗଦେବା ଅତ୍ୟନ୍ତ ଖୁସିର ବିଷୟ। ପ୍ରତ୍ୟେକ ବିଦ୍ୟାଳୟର ନିଜସ୍ୱ ଇତିହାସ ରହିଛି। ଏହି ଇତିହାସର ରୋମନ୍ଥନ ପୁରାତନ ଛାତ୍ରୀଛାତ୍ର କରିଥାନ୍ତି। ମଧୁବାବୁ ଏବଂ ଶୈଳବାଳା ଦେବୀଙ୍କ ସହ ସେ ସମୟରେ ସମାଜର ଦିଗ ନିର୍ଣ୍ଣୟରେ ସାମିଲ ଥିବା ବ୍ୟକ୍ତିଙ୍କ ଉଦ୍ୟମରେ ଏହି ବାଳିକା ବିଦ୍ୟାଳୟର ପରିକଳ୍ପନା କରାଯାଇଥିଲା। ତେବେ ମହାବାତ୍ୟା ପରେ ଏହି ବିଦ୍ୟାଳୟରେ ଅନେକ କ୍ଷୟକ୍ଷତି ହୋଇଥିବାବେଳେ ଗ୍ରାମାଞ୍ଚଳରେ ବିଦ୍ୟାଳୟ ପୁନରୁଦ୍ଧାର ପାଇଁ ଯୋଜନା ଆରମ୍ଭ ହୋଇଥିଲା। ତେବେ ଏଥିମଧ୍ୟରୁ ରେଭେନ୍‌ଶା ବାଳିକା ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ମୁଁ ପ୍ରସ୍ତାବ ଦେଇଥିଲି। କାରଣ କଟକ ସହରର ହୃଦୟ କହିଲେ ରେଭେନ୍‌ଶା ବାଳିକା ବିଦ୍ୟାଳୟକୁ ବୁଝାଏ। ଏହାପରେ ବିଦ୍ୟାଳୟକୁ ନୂଆ କରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଚମତ୍କାର ଢଙ୍ଗରେ ବିଦ୍ୟାଳୟଟି ତିଆରି ହେଲା। ପ୍ରଥମ ସ୍ମାର୍ଟ କ୍ଲାସ୍ ଏହିଠାରେ ହୋଇଛି। ସେତେବେଳେ ଏହି ବିଦ୍ୟାଳୟକୁ ଆଗକୁ ନେବାରେ ସ୍ଥାନୀୟ ଲୋକ ଓ ଶିକ୍ଷିତ ବର୍ଗଙ୍କ ଅବଦାନ ଥିଲା। ଆମ ଝିଅ ପାଠ ପଢ଼ିବ ବୋଲି ମାନସିକତା ରହିଥିଲା। ପାଠ ପଢ଼ି ପିଲା ଅଧିକ ଶିକ୍ଷିତ ହେବେ। ସମାଜର ଉନ୍ନତି ଘଟିବ। କୁନ୍ତଳା କୁମାରୀ ସାବତ, ନନ୍ଦିନୀ ଶତପଥୀ ଏହି ବିଦ୍ୟାଳୟ ଛାତ୍ରୀ। ୧୮୭୩ ମସିହାଠାରୁ ୧୯୭୦ ମସିହା ପର୍ଯ୍ୟନ୍ତ ଯିଏ କେହି ନାରୀ ଆମ ସମାଜରେ ଉଚ୍ଚ ସ୍ଥାନରେ ଅଧିଷ୍ଠିତ ହୋଇଛନ୍ତି ସେମାନେ ଏହି ବିଦ୍ୟାଳୟର ଛାତ୍ରୀ। ଏହି ବିଦ୍ୟାଳୟ ସମସ୍ତଙ୍କ ସ୍ମୃତି ସହ ଜଡ଼ିତ ରହିଛି ବୋଲି ସେ କହିଥିଲେ। ସ୍କୁଲ ଛାତ୍ର ସଂସଦ ସଭାପତି ସୁଜାତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ପୁଷ୍ପା ସାମଲ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଉପସଭାପତି ରୁମ୍‌ଝୁମ୍ ନାୟକ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ବିଦ୍ୟାଳୟ ପରିସରରେ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ମହମ୍ମଦ ମୋକିମ, କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ, ବିଶିଷ୍ଟ ଲେଖକ ଦାସ ବେନୁହୁର ଅତିଥି ଭାବେ ଯୋଗଦେଇ ଉକ୍ତ ବିଦ୍ୟାଳୟର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୁରାତନ ଶିକ୍ଷକ ଏବଂ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ୧୫୦ତମ ପୂର୍ତ୍ତି ସମାରୋହ

## ସଂକ୍ଷେପରେ

### ଗୋଚର ଜମିରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ବନ୍ଦ

କଟକ ସଦର,୧୬।୧୨(ସୁଶାନ୍ତ କୁମାର ଜେନା)

କିଶନନଗର ତହସିଲ ଅନ୍ତର୍ଗତ କେଶ ନଗର ମୌଜାର ଏକ ଗୋଚର ପ୍ଲଟ୍‌ରେ ଶନିବାର ସ୍ଥାୟୀ ନିର୍ମାଣ ପାଇଁ ଉଦ୍ୟମ ଚାଲିଥିଲା। ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ ଉକ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ କିଶୋରନଗର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ରାଜସ୍ୱ ନିରୀକ୍ଷକ ନିର୍ମାଣ ସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଫେରାଇ ଦେଇଥିଲେ। ସୂଚନାଯୋଗ୍ୟ, କେଶ ନଗର ମୌଜା ଖାତା ନଂ.୪୦୨, ପ୍ଲଟ୍ ନଂ.୩୧୯ର ଉକ୍ତ ଗୋଚର ଜମିକୁ ବାଡ଼ଁଶବାଡ ଦ୍ୱାରା ୧୦ ବର୍ଷ ହେବ ଆବଦ୍ଧ କରି ରଖାଯାଇଛି। ଉକ୍ତ ବାଡ କିଏ ଦେଇଛନ୍ତି ସେ କଥା ସ୍ଥାନୀୟ ଲୋକମାନେ ଜାଣିନାହାନ୍ତି ବୋଲି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୩୩୦୩/୧୨।୧୨।୨୦୨୩ରେ ସୂଚନା ଦିଆଯାଇଥିଲା। ବିଶ୍ୱ ଗୋସୁରକ୍ଷା ବାହିନୀର ରାଜ୍ୟ ସଭାପତି ତଥା ଆଇନଜୀବୀ ସୁରେଶ ଚନ୍ଦ୍ର ପଣ୍ଡା ଶନିବାର ସ୍ଥାୟୀ ନିର୍ମାଣ ପାଇଁ ଉଦ୍ୟମ ହେଉଥିବା ଖବରପାଇ କଟକ ସଦର ଉପଜିଲାପାଳ କମଳଜିତ ଦାସଙ୍କୁ ଜଣାଇଥିଲେ। ପରେ ତହସିଲଦାରଙ୍କ ଦ୍ୱାରା ପଦକ୍ଷେପ ନିଆଯାଇଥିଲା।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଖୁଣ୍ଟୁଣୀ/କଟକ, ୧୬।୧୨(ସଚ୍ଚିଦାନନ୍ଦ ପଣ୍ଡା/ଶିଲ୍ପା ପ୍ରିୟଦର୍ଶିନୀ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମାଧପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ମୋହନ ଦାସ, ମୁଖ୍ୟବକ୍ତା ପୂର୍ବତନ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଅନ୍ୟତମ ଅତିଥି ଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ହେମନ୍ତ କୁମାର ଜେନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଖେଳ ଶିକ୍ଷୟିତ୍ରୀ ସଂଘମିତ୍ରା ପଣ୍ଡା ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସେହିପରି କଟକ ପ୍ରଫେସରପଡ଼ାସ୍ଥିତ ଡ. କେଶବ ଚନ୍ଦ୍ର ସାହୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଚନ୍ଦ୍ରାଂଶୁ ତ୍ରିପାଠୀ ଯୋଗଦେଇ କ୍ରୀଡାର ମହତ୍ତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପିକା ଡ. ଉଷାରାଣୀ ସାହୁ, ଡ. ସୁସ୍ମିତା ମହାନ୍ତି, ପୁଷ୍ପାଞ୍ଜଳି ସାହୁ, ସଙ୍ଗୀତା ସାମଲ, ଲକ୍ଷ୍ମୀପ୍ରିୟା ରାଉତ, ବଦ୍ରିନାରାୟଣ ବେହେରା, କୃଷ୍ଣ ଅଭିରାମ ସେନ, ଶ୍ରୀବତ୍ସ ଅଭିରାମ ସେନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୌଦାମିନୀ କର କ୍ରୀଡା ପରିଚାଳନା କରିଥିଲେ। ଏହି ଅବସରରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜାନୁୟାରୀ ପହିଲାରେ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଜାନୁୟାରୀ ପହିଲାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଶ୍ୱଶାନ୍ତି ପ୍ରାର୍ଥନା କରାଯିବ। ଉକ୍ତ ଦିନ କଟକରେ ସର୍ବଧର୍ମ ପ୍ରାର୍ଥନା ଦିବସ ପାଳନ କରାଯିବ ବୋଲି ଘୋଷଣା କରାଯାଇଛି। ଏ ନେଇ ଶନିବାର ସ୍ଥାନୀୟ ହରିଣ ପାର୍କ ନିକଟସ୍ଥ ଦିବ୍ୟ ଜୀବନ ସଂଘ କଟକ ଶାଖା ସଭାଗୃହରେ ସର୍ବଧର୍ମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାର୍ଥନା ଦିବସ ପରିଚାଳନା ସମିତି ସଭାପତି ଶ୍ରୀ ମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ଉକ୍ତ ଦିନ ସମସ୍ତେ ନିଜ ଆରାଧ୍ୟ/ଇଷ୍ଟଙ୍କୁ ଘଣ୍ଟାଏ ପ୍ରାର୍ଥନା କରିବାକୁ ନିବେଦନ କରିଥିଲେ। ସମିତି ସମ୍ପାଦକ ସଚ୍ଚିକାନ୍ତ ନାଥ ବୈଠକରେ ସଂଯୋଜନା କରିଥିବାବେଳେ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ଦିବ୍ୟ ଜୀବନ ସଂଘ ସମ୍ପାଦକ ଦିଲୀପ କୁମାର ଓତା, ଅଶୋଭନୀୟ ନିରାକରଣ ଆନ୍ଦୋଳନର ମା’ ବନଲତା ଦେବୀ, ସ୍ୱର୍ଗଧାମ ସେବା ସମିତି ସଭାପତି ଶରତ ସାହୁ, ପାଷ୍ଟର୍ ଯୋଶେଫ୍ ପ୍ରଧାନ, ମହମ୍ମଦ ସକିଲ୍, ରମଜାନ୍ ଖାଁ ପ୍ରମୁଖ ଯୋଗଦେଇଥିଲେ। ପ୍ରାର୍ଥନା ଦିବସ ପରିଚାଳନା ସମିତିର ଭୁବନେଶ୍ୱର ଶାଖା ମୁଖ୍ୟ ମନୋରଞ୍ଜନ ମହାନ୍ତି ସେଠାକାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ହେମନ୍ତ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ବ୍ରହ୍ମଚାରୀ ନୃସିଂହନାଥ, ବରିଷ୍ଠ ଖବରଦାତା ସୁଶାନ୍ତ କୁମାର ସ୍ୱାଇଁ, ଗୀତିକୃଷ୍ଣ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ସାରଳା ଭବନରେ ଅନୁଷ୍ଠିତ ଜଷ୍ଟିସ୍ ରାଜକିଶୋର ଦାସ ସ୍ମୃତିସଭାରେ ସାହିତ୍ୟିକ ଡ. ରଞ୍ଜିତା କୁମାରୀ ନାୟକଙ୍କୁ ଜଷ୍ଟିସ୍ ରାଜକିଶୋର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଉଛି।

## ‘ଗଳ୍ପ ପାଠୋତ୍ସବକୁ ବ୍ୟାପକ କଲେ ଭାଷା ସାହିତ୍ୟ ସମୃଦ୍ଧ ହେବ’

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଶ୍ରୀରାମଚନ୍ଦ୍ର ଭବନରେ ଶିଶିର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଗଳ୍ପ ପାଠୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ. ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ଡ. ଅରବିନ୍ଦ ରାୟ ଯୋଗଦେଇ ଗାଳ୍ପିକମାନେ ବେଗ ଅପେକ୍ଷା ଆବେଗକୁ ଗୁରୁତ୍ୱ ଦେଲେ ଗଳ୍ପ କାଳଜୟୀ ହୋଇପାରିବ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଚି. ଚିରଞ୍ଜିବୀ ମିଶ୍ର, ମୁଖ୍ୟବକ୍ତା ସୁଶୀଳ କୁମାର ବାଗ, ସାହିତ୍ୟିକ ତଥା ଗବେଷକ ଡା. ଦୀନବନ୍ଧୁ ମହାରଣା ପ୍ରମୁଖ ଯୋଗଦେଇ ଓଡ଼ିଆ କ୍ଷୁଦ୍ର ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧିବକ୍ତା ଦେବସ୍ମାନ ଦାଶ କହିଛନ୍ତି, ଗଳ୍ପ ପାଠୋତ୍ସବକୁ ବ୍ୟାପକ କରାଯାଇପାରିଲେ ଓଡ଼ିଆ ଭାଷା ସାହିତ୍ୟ ଅଧିକ ସମୃଦ୍ଧ ହୋଇପାରିବ। ଜୟଦେବ ଲେଙ୍କା ଓ ବିଶ୍ୱମିତ୍ରା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହିମାଂଶୁ ପରିଡା, ମୈତ୍ରୀ ଭୂଷଣ ଖୁଣ୍ଟିଆ, ଶକ୍ତିପ୍ରଦା ମହାପାତ୍ରଙ୍କ ସମେତ ୧୭ ଜଣ ଗାଳ୍ପିକ ଗଳ୍ପ ପାଠ କରିଥିଲେ। ସଙ୍ଗଠନ ସମ୍ପାଦକ ରାଜୀବ ଷଡଙ୍ଗୀ ଅତିଥି ପରିଚୟ ଓ ଗାଳ୍ପିକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୧୨ ଜଣ ଯୁବ ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଂସଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଜିତ୍ କୁମାର ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ସୁରଜିତ ନାଥ ଓ ସଦସ୍ୟ ବିଭୁଦତ୍ତ ଖଣ୍ଡାୟତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ

କଣ୍ଟାପଡ଼ା, ୧୬।୧୨ (ସୁରନାରାୟଣ ସାହୁ)

ସ୍ଥାନୀୟ ଦଧୀଚି ଫାର୍ମାସୀ କଲେଜ ଓ ଦଧୀଚି ଫାର୍ମାସୀ ଆଲୁମ୍‌ନି ଆସୋସିଏଶନର ମିଳିତ ସହଯୋଗରେ ଶନିବାର କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଦଧୀଚି ଶିକ୍ଷା ସମୂହ ଅନୁଷ୍ଠାନର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ ଓ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଶିକ୍ଷାନୁଷ୍ଠାନ ପ୍ରଶାସନିକ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା, ଅର୍ଥ ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଢ଼ୀ, ଦଧୀଚି ଫାର୍ମାସୀ କଲେଜ ଅଧ୍ୟକ୍ଷ ଡ. ରଜତ କୁମାର ପଣ୍ଡା ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ ରେଡ୍‌କ୍ରସ ପକ୍ଷରୁ ଡା. ସତ୍ୟସ୍ୱରୂପ ରାୟଙ୍କ ସମେତ ରେଡ୍‌କ୍ରସ କର୍ମଚାରୀ ଶୁଭଲକ୍ଷ୍ମୀ ମହାନ୍ତି, ତାପସ କୁମାର ମହନ୍ତ, ପ୍ରସନ୍ନ କୁମାର ସ୍ୱାଇଁ ଓ ଲକ୍ଷ୍ମୀଧର ପତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ବକ୍ସଡ୍ରେନ୍ କାର୍ଯ୍ୟ ତଦାରଖ କଲେ ମେୟର, କମିଶନର

କଟକ,୧୬।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ସହରରେ ବକ୍ସଡ୍ରେନ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପଵନ କଲ୍ୟାଣ, ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଦୀପ କିଶୋର ଖୁଣ୍ଟିଆ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ଦୀପ୍ତିମୟୀ ମୂଳିଆ ପ୍ରମୁଖ ବଜ୍ରକବାଟିଠାରେ ବକ୍ସଡ୍ରେନ ନିର୍ମାଣ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତା ୨୫ ତାରିଖ ସୁଦ୍ଧା ନିର୍ମାଣାଧୀନ ପୋଲର ଗୋଟିଏ ପାଖ କାର୍ଯ୍ୟ ଶେଷ ହୋଇ ଦ୍ୱିତୀୟ ପାର୍ଶ୍ୱ କାର୍ଯ୍ୟ ଆରମ୍ଭ ହେବ। ଗତ ୧୦ ତାରିଖରୁ ବଜ୍ରକବାଟି ଓ ବକ୍ସିବଜାର ମୁଖ୍ୟ ଡ୍ରେନ୍ ପୋଲର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବକ୍ସିବଜାର ଗୋପବନ୍ଧୁ ଭବନ ପାଖରୁ ଗମ୍ଭାଡିଆ ପର୍ଯ୍ୟନ୍ତ ୨ ଲେନ ଏବଂ ଗମ୍ଭାଡିଆଠାରୁ ଛତ୍ର ବଜାର ପର୍ଯ୍ୟନ୍ତ ୪ ଲେନ କାର୍ଯ୍ୟ ଶେଷହେବ। ଦୁଇ ପଟରେ ପେଭର ବ୍ଲକ ରାସ୍ତା, ବୃକ୍ଷ ରୋପଣ ଓ ରାସ୍ତା ମଝିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ପାଇଁ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମୁଖ୍ୟମନ୍ତ୍ରୀଙ୍କର ରୂପାନ୍ତରଣ କାର୍ଯ୍ୟ ଏକ ଇତିହାସ ରଚିବ ବୋଲି ମେୟର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ସାହୁ, ପଦ୍ମିନୀ ସାହୁ, ଚନ୍ଦନ ଜେନା, କେ.ଜେ. ଆଫ୍ରିନ, ଡେପୁଟି ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ପାତ୍ର, ଜାଇକା ଯନ୍ତ୍ରୀ ଅଚ୍ୟୁତ ବିଜୟାନନ୍ଦ ବେହେରା, ବିଜୟ ପଣ୍ଡା, ନାଳନ୍ଦା ଠିକା ସଂସ୍ଥାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।



ସିଏମ୍‌ସି ମେୟର, କମିଶନର ଓ ଅନ୍ୟମାନେ ବକ୍ସଡ୍ରେନ କାର୍ଯ୍ୟ ତଦାରଖ କରୁଛନ୍ତି।

## ‘ଭଲ ମଣିଷ ହେବା ପାଇଁ ଶିକ୍ଷା ଜରୁରୀ’

କଟକ ସଦର/ ମଙ୍ଗୁଳି-ଜଗତପୁର, ୧୬।୧୨ (ସୁଶାନ୍ତ କୁମାର ଜେନା/ ମାନସ ସାମଲ)

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟକ୍ଷା ପ୍ରଣତି ପଟ୍ଟନାୟକ, ସମ୍ମାନିତ ଅତିଥି ଡ. ଅଲେଖ ଚନ୍ଦ୍ର ସାହୁ, ପ୍ରଶାସନିକ ଅଧିକାରୀ ଡ. ସ୍ମିତା ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦେବ ଓ ଅମିୟ ରଞ୍ଜନ ନାୟକ ଯଥାକ୍ରମେ ଅତିଥି ପରିଚୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ପ୍ରଦୀପ୍ତ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ନମିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଶଙ୍କରପୁର ପଞ୍ଚାୟତସ୍ଥିତ ଗୋଖଲେ ଆଇଡିଆଲ କଲେଜ ପରିସରରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଲେଜର ପ୍ରତିଷ୍ଠାତା ଦାମୋଦର ସାହୁ, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ସେକ୍ ସାହାଜାନ, ଜିଲା ପରିଷଦ ସଦସ୍ୟ ବିଶ୍ୱଜିତ୍ ପ୍ରଧାନ, ଡ. ସୁରେଶ ଚନ୍ଦ୍ର କର, ଶିକ୍ଷାବିତ୍ ସୁରେନ୍ଦ୍ର ଓଝା, ଆସିଷ୍ଟାଣ୍ଟ ପ୍ରଫେସର ଡ. ତୁଷାରକାନ୍ତ ସାମଲ, ବାଇଧର ପ୍ରଧାନ ପ୍ରମୁଖ ଯୋଗଦେଇ ଭଲ ମଣିଷ ହେବା ପାଇଁ ଶିକ୍ଷା ଜରୁରୀ ବୋଲି କହିଥିଲେ। କ୍ରୀଡା, ସାଂସ୍କୃତିକ ଓ ସାମାଜିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁନୀଲ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



ଗୋଖ୍‌ଲେ ଆଇଡିଆଲ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## ୧୭୦ ପିଲାଙ୍କୁ ପାଠ ପଢ଼ାଉଛନ୍ତି ଜଣେ ଶିକ୍ଷକ

ନିଶ୍ଚିନ୍ତକୋଇଲି,୧୬।୧୨ (ଅଶୋକ କୁମାର ମହାପାତ୍ର)



### ନଈଗୁଆଁ-ଦାଉଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ

■ହିନ୍ଦୀ,ସଂସ୍କୃତ, ବିଜ୍ଞାନ, ଉର୍ଦ୍ଦୁ ଶିକ୍ଷକ ନାହାନ୍ତି

ରାଜ୍ୟ ସରକାର ଉଚ୍ଚ ବିଦ୍ୟାଳୟଗୁଡ଼ିକୁ ୫-ଟି ଯୋଜନାରେ ରୂପାନ୍ତରିତ କରି ଭିତ୍ତିଭୂମିର ବିକାଶ କରୁଛନ୍ତି। ବିଦ୍ୟାଳୟର ଶିକ୍ଷକ ସଙ୍କଟ ଉପରେ ଗୁରୁତ୍ୱାରୋପ କରୁ ନ ଥିବା ଜଣାଯାଇଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅଧୀନ ନଈଗୁଆଁ-ଦାଉଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ୩ଟି ଶ୍ରେଣୀର ୧୭୦ଜଣ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ, ବିଜ୍ଞାନ, ଉର୍ଦ୍ଦୁ ଶିକ୍ଷକ ନାହାନ୍ତି। ପାଠ ପଢ଼ା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ନଈଗୁଆଁ-ଦାଉଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୨ରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟର ୩ଟି ଶ୍ରେଣୀରେ ୧୭୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସରକାରଙ୍କ ପକ୍ଷରୁ ଏହି ବିଦ୍ୟାଳୟ ନିମନ୍ତେ ୧୨ଜଣ ଶିକ୍ଷକ ପଦବୀ ମଞ୍ଜୁର କରାଯାଇଥିଲା। ସମ୍ପ୍ରତି ଏହି ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ ସେପ୍ଟେମ୍ବର ୩୧ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। କଳା ଶିକ୍ଷକ ବ୍ରଜମୋହନ ସୂତାର ୨୦୧୦ ମେ ୩୧, ଶିକ୍ଷକ ଚନ୍ଦ୍ରମଣି ଦାସ ୨୦୧୮ ଜୁଲାଇ ୩୧, ବିଜ୍ଞାନ ଶିକ୍ଷକ କିଶୋର ଚନ୍ଦ୍ର ମହାପାତ୍ର ୨୦୨୨ ମାର୍ଚ୍ଚ ୩୧, ସଂସ୍କୃତ ଶିକ୍ଷକ ଧୀରେନ୍ଦ୍ର ଦାସ ୨୦୧୯ ଫେବ୍ରୁୟାରୀ ୨୮, ହିନ୍ଦୀ ଶିକ୍ଷକ ବିଜୟ ନାୟକ ୨୦୨୨ ଏପ୍ରିଲ ୩୦ରେ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ବିଦ୍ୟାଳୟରେ କୌଣସି ହିନ୍ଦୀ, ସଂସ୍କୃତ, ବିଜ୍ଞାନ ଓ ଉର୍ଦ୍ଦୁ ଶିକ୍ଷକ ନ ଥିବାରୁ ଛାତ୍ର ଛାତ୍ରୀମାନେ ଶିକ୍ଷାଦାନରୁ ବଂଚିତ ହେଉଥିବା ଅଭିଯୋଗ ହୋଇଛି। ମୁଣ୍ଡ ଉପରେ ମାଟ୍ରିକ ପରୀକ୍ଷା ଥିଲା ବେଳେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସି କୌଣସି ଶିକ୍ଷକ ନ ଥିବା କାରଣରୁ ଶିକ୍ଷାଲାଭ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟର କ୍ରୀଡା ଶିକ୍ଷକ ମିର ଜଲାଲ ଉଦ୍ଦିନ ୨୦୨୨ ଜୁଲାଇ ୩୧ରେ ମଧ ଅବସର ଗ୍ରହଣ କରିଛନ୍ତି। ସେହିପରି ଭାବେ ବିଦ୍ୟାଳୟର କିରାଣି ବିଜୟ କୁମାର ନାୟକ ୨୦୨୨ ଏପ୍ରିଲ ୩୦ରେ ଅବସର ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ କୌଣସି ନୂତନ କିରାଣି ଯୋଗାଇ ଦେଇନାହାନ୍ତି। ଫଳରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟରେ ନାମ ଲେଖାଇବା ଓ ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର ନେବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ କିରାଣି ନ ଥିବା କାରଣରୁ ବିଦ୍ୟାଳୟର କୌଣସି ସରକାରୀ କାଗଜପତ୍ର ଠିକ୍ ଭାବେ ପ୍ରସ୍ତୁତ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ଭାବେ ବିଦ୍ୟାଳୟର ଚପରାସୀ ନରେନ୍ଦ୍ରନାଥ ନାୟକ ୨୦୧୬ ଅଗଷ୍ଟ ୩୧ ଓ ପଞ୍ଚାନନ ମଲିକ ୨୦୨୩ ଜୁନ ୩୦ରୁ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ବିଦ୍ୟାଳୟରେ କୌଣସି ଚପରାସୀ ନ ଥିବାରୁ ବିଦ୍ୟାଳୟର ପରିବେଶ ଓ ପରିଚ୍ଛନ୍ନତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ବିଦ୍ୟାଳୟର ନବୀକରଣ ଓ ଗୃହ ନିର୍ମାଣ ନିମନ୍ତେ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦିଆଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ତୁରନ୍ତ ଆବଶ୍ୟକ ଶିକ୍ଷକ, କିରାଣି ଓ ଚପରାସୀ ଯୋଗାଇ ଦେବା ନିମନ୍ତେ ପୂର୍ବତନ ଜିଲାପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଦୃଢ଼ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ପେଚା ଭଳି ରାତିରେ ବିଚରଣ କରନ୍ତି



**ୱାଶିଂଟନ:** ମାଙ୍କଡ଼ମାନଙ୍କ ଏକ ପ୍ରଜାତି 'ନାଇଟ୍ ମଙ୍କି', ଯେଉଁମାନେ ପେଚାଭଳି ରାତିରେ ବୁଲନ୍ତି ଏବଂ ଦିନରେ ଆରାମ କରନ୍ତି। ଆଖି ବଡ଼ ବଡ଼ ଯୋଗୁ ଏମାନେ ରାତିରେ ଭଲଭାବେ ଦେଖିପାରନ୍ତି। ଆଖି ଯୋଗୁ ଏମାନଙ୍କୁ 'ଆଉଲ ମଙ୍କି' ମଧ୍ୟ କୁହାଯାଏ। ଅନ୍ୟ ମାଙ୍କଡ଼ ଅପେକ୍ଷା ଏହି 'ନାଇଟ୍ ମଙ୍କି' ବହୁତ କମ୍ ଦେଖିବାକୁ ମିଳନ୍ତି। ରିପୋର୍ଟ ମୁତାବକ, 'ନାଇଟ୍ ମଙ୍କି'କୁ ଡୋରୌକୁଲିସ୍ ମଧ୍ୟ କୁହାଯାଏ। ଏମାନେ ବିଶ୍ୱର ଏକମାତ୍ର ରାତ୍ରିଚର ମାଙ୍କଡ଼। ବଡ଼ ଆଖି, ଗୋଲ ମୁହଁ, ଗହଳା ଲୋମ ହେଉଛି 'ନାଇଟ୍ ମଙ୍କି'ର ବିଶେଷତ୍ୱ। ଆମେରିକା, ଆର୍ଜେଣ୍ଟିନା, ବଲ୍‌ଭିଆ ଆଦି ଦେଶରେ ଏମାନେ ଦେଖାଯାଆନ୍ତି। ଏମାନଙ୍କର ୮ ପ୍ରକାର ପ୍ରଜାତି ଅଛନ୍ତି। ଏମାନେ ୧୩ରୁ ୨୦ ବର୍ଷ ବଞ୍ଚନ୍ତି।

# ଆର୍ନୋଲ୍ଡଙ୍କ ୫୭ ବର୍ଷର ରେକର୍ଡ ଭାଙ୍ଗିଲେ ଆଷ୍ଟିନ



**ୱାଶିଂଟନ**

ଆର୍ନୋଲ୍ଡ ସ୍ୱାର୍ଜନେଗର ଏକ ନାଁ ନୁହେଁ, ଏହା ଏକ ବ୍ରାଣ୍ଡ। ଏହି ବ୍ୟକ୍ତି ସିନେମା ଏବଂ ବଡିବିଲ୍ଡିଂକୁ ଏପରି ଭାବେ ଯୋଡିଦେଲେ ଯେ ଅନେକ ଲୋକ ବଡି କରିବାକୁ ପସନ୍ଦ କରୁଛନ୍ତି। ବଡିବିଲ୍ଡିଂକୁ ନେଇ ଆର୍ନୋଲ୍ଡଙ୍କ ନାମରେ ଏକ ବିଶ୍ୱ ରେକର୍ଡ ରହିଛି, ଯାହା ୫୭ ବର୍ଷ ହେବ ସେମିତି ରହିଥିଲା। ହେଲେ ଏବେ ତାଙ୍କର ଏହି ରେକର୍ଡକୁ ୧୯ ବର୍ଷୀୟ ଜଣେ ବାଳକ ଭାଙ୍ଗିବାରେ ସଫଳ ହୋଇଛନ୍ତି। ରିପୋର୍ଟ ମୁତାବକ, ଆର୍ନୋଲ୍ଡଙ୍କୁ ୨୦ ବର୍ଷ ହୋଇଥିବାବେଳେ ସେ 'ମିଷ୍ଟର ୟୁନିଭର୍ସ' ନାମକ ଏକ ପ୍ରତିଷ୍ଠିତ ରେକର୍ଡ କରିଥିଲେ। ଏହାପରେ ସେ ବଡିବିଲ୍ଡିଂରେ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ବଡିବିଲ୍ଡିଂ ସହ ଜଡିତ ପ୍ରୋ କାର୍ଡ ହାସଲ କରିଥିବା ସବୁଠାରୁ ଯୁବ ବଡିବିଲ୍ଡର ମଧ୍ୟ ହୋଇଯାଇଥିଲେ। ଏହି କାର୍ଡ ମିଳିଥିବା ବ୍ୟକ୍ତି ବଡିବିଲ୍ଡିଂ ସହ ଜଡିତ ପ୍ରତିଯୋଗିତାରେ ଭାଗନେଇ ସେଥିରୁ ରୋଜଗାର ମଧ୍ୟ କରିପାରିବେ। ହେଲେ ଆର୍ନୋଲ୍ଡଙ୍କ ଏହି ରେକର୍ଡ ଜଣେ ୧୯ ବର୍ଷୀୟ ଯୁବକ ଭାଙ୍ଗି ନିଜ ନାମରେ କରିଛନ୍ତି। ଆଷ୍ଟିନ ରାତୁସ୍ନୀ ନାମକ ଏହି ଯୁବକ କ୍ଲାସିକ ଫିଜିକ୍ ପ୍ରୋରେ ଜିତି କମ୍ ବୟସରେ ଏହି ପ୍ରୋ କାର୍ଡକୁ ହାସଲ କରିପାରିଛନ୍ତି। ସେ ଗତ ସପ୍ତାହରେ ଆମେରିକାର ଟେକ୍ସାସରେ ଏନ୍‌ପିସି ନ୍ୟାଶନାଲ ଡିଭିଜନ ଟାଇଟଲ ଜିତିଛନ୍ତି। ଏବେ ସେ ଛୋଟ ବଡିବିଲ୍ଡରରେ ଗଣାଯିବେନି। ଚଳିତବର୍ଷ ପ୍ରାରମ୍ଭରେ ଆଷ୍ଟିନ ଚର୍ଚ୍ଚାକୁ ଆସିଥିଲେ। ସେବେଠାରୁ ସେ ଚର୍ଚ୍ଚାରେ ରହିଛନ୍ତି। ତେବେ ସେ ୪ ବର୍ଷ ମଧ୍ୟରେ ଏପରି ବଡି ହାସଲ କରିବାରେ ସଫଳ ହୋଇଥିଲେ।

# ପାନ ମସଲା ବିଜ୍ଞାପନକୁ ଅଲ୍ଲୁଙ୍କ ନା



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ଜାତୀୟ ପୁରସ୍କାର ଜିତିବାରେ ପ୍ରଥମ ତେଲୁଗୁ ଅଭିନେତା ଅଲ୍ଲୁ ଅର୍ଜୁନ ତାଙ୍କ ପ୍ରଶଂସକଙ୍କଠାରୁ ବେଶ୍ ପ୍ରଶଂସା ଓ ଭଲପାଇବା ସାଉଁଟିଛନ୍ତି। ତାଙ୍କ ଆଗାମୀ ଫିଲ୍ମ 'ପୁଷ୍ପା-୨'କୁ ମଧ୍ୟ ଅପେକ୍ଷା କରିଛନ୍ତି। ନିକଟରେ ସେ ଆଉ କିଛି କାମ ପାଇଁ ବେଶ୍ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଅଲ୍ଲୁଙ୍କୁ ମଦ ଏବଂ ପାନମସଲା ବିଜ୍ଞାପନ ପାଇଁ ୧୦ କୋଟି ଟଙ୍କା ମିଳୁଥିଲେ ବି ସେ ଏହାକୁ ମନା କରିଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଫିଲ୍ମରେ ଅଲ୍ଲୁ ଧୂମପାନ, ମଦ୍ୟପାନ ଓ ପାନ ଚୋବାଇବା ବେଳେ ନିଜ କମ୍ପାନୀର ଲୋଗୋ ଦେଖାଇବା ପାଇଁ କମ୍ପାନୀ ତାଙ୍କୁ ୧୦କୋଟି ଦେବ ବୋଲି କହିଥିଲା। ହେଲେ ଅଭିନେତା ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ସାମ୍ନାକୁ ଆସିଛି। ଏଭଳି ବ୍ରାଣ୍ଡର ବିଜ୍ଞାପନ କରିବାକୁ ଚାହୁଁନାହାନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ପୁଷ୍ପାର ପ୍ରଥମ ଭାଗ ରିଲିଜ୍ ସମୟରେ ମଧ୍ୟ ଅଲ୍ଲୁଙ୍କୁ ସମାନ ଅଫର ମିଳିଥିଲା। ତାଙ୍କୁ ଏକ ଗୁଟ୍‌ଖା କମ୍ପାନୀ ବିଜ୍ଞାପନ ପାଇଁ ଅଫର ଦେଇଥିବାବେଳେ ସେ ଏଥିପାଇଁ ମନା କରିଦେଇଥିଲେ। ତେବେ ପୁଷ୍ପା-୨ରେ ଅଲ୍ଲୁଙ୍କ ବ୍ୟତୀତ ଫହଦ୍ ଫାସିଲ, ରଶ୍ମିକା ମନ୍ଦନା, ସୁନୀଲ, ପ୍ରକାଶ ରାଜ, ଜଗପତି ବାବୁ, ଅନୁସୁଆ ଭରଦ୍ୱାଜଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

# ଜଣେ ଯାତ୍ରୀଙ୍କ ପାଇଁ ଚାଲେ ବସ୍

**ବେଙ୍ଗାଲୁରୁ:** ଦେଶରେ ଲୋକସଂଖ୍ୟା ଏତେ ଅଧିକ ହୋଇଗଲେଣି ଯେ ଯଦି କେଉଁଠାକୁ ଯିବାକୁ ହୁଏ ତେବେ କିଛି ସମୟ ଆଗରୁ ବାହାରିବାକୁ ପଡ଼େ। ଏଥିସହ ବସ୍‌ରେ ମଧ୍ୟ ଠିକ୍‌ରେ ଜାଗା ମିଳେନି। ଦେଶରେ ଏଭଳି ସ୍ଥିତି ଥିବାବେଳେ ବେଙ୍ଗାଲୁରୁର ଏକ ବସ୍, ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ସାଧାରଣତଃ ବସ୍‌ରେ ସବୁବେଳେ ଲୋକ ଭର୍ତ୍ତିହୋଇ ଯିବାର ଦେଖିବାକୁ ମିଳୁଥିବାବେଳେ ବେଙ୍ଗାଲୁରୁର ଏକ ବସ୍ ଯାହା ପ୍ରତିଦିନ ଜଣେ ବ୍ୟକ୍ତିଙ୍କ ପାଇଁ ଚାଲୁଛି। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗିବ, ବସ୍‌ରେ ସବୁଦିନ ଜଣେ ଯାତ୍ରୀ ହିଁ ଯାତ୍ରା କରନ୍ତି। ତଥାପି ବି ବସ୍ ପ୍ରତିଦିନ ତାଙ୍କୁ ନେବାକୁ ପହଞ୍ଚିଥାଏ। ଯାତ୍ରା କରୁଥିବା ସେହି ବ୍ୟକ୍ତି ଜଣଙ୍କ ସୋସିଆଲ ମିଡିଆରେ ଏ ବାବଦରେ ଶେୟାର କରିଛନ୍ତି। 'ଏକ୍ସ' ମାଧ୍ୟମରେ ହରିହରଣ ନାମକ ଏହି ବ୍ୟକ୍ତି ବସ୍ ଭିତରେ ବସ୍ ଚାଳକ ଏବଂ କଣ୍ଡକ୍ଟରଙ୍କ ସହିତ ଏକ ଫଟୋ ଶେୟାର କରି ଲେଖିଛନ୍ତି, ଏହି ୨ ଜଣ କେବଳ ତାଙ୍କ ପାଇଁ ବସ୍ ଚଳାଉଛନ୍ତି, ଯେଉଁଥିପାଇଁ ସେ ଠିକ୍ ସମୟରେ ଯାତ୍ରା କରିପାରୁଛନ୍ତି। ଦୁହେଁ ତାଙ୍କୁ ଭଲ ସାଥ୍ ଦେଉଛନ୍ତି। ହରିହରଣଙ୍କ ଏହି ପୋଷ୍ଟରେ ଲୋକେ ବହୁ ପ୍ରତିକ୍ରିୟା ରଖିଛନ୍ତି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୩/୬୦, ତାରିଖ: ୦୫।୧୨।୨୦୨୩**

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧. | ୦୩୨୩୨୬୯୦ସି | ଏକ୍ସିଲ ବକ୍ସ ପାଇଭଟ୍ ବୁଶ୍ | ୨୮।୧୨।୨୦୨୩ | ୨୨୯୮ ଗୋଟି |
| ୨. | ୦୩୨୩୩୧୮୦ଏ | ପିନ୍, ସ୍ପ୍ଲିଟ୍ ପିନ୍ ନିମନ୍ତେ କିଟ୍‌ର ସେଟ୍ | ୨୮।୧୨।୨୦୨୩ | ୬୫୮ ସେଟ୍ |
| ୩. | ୦୬୨୩୦୦୮୯ | ଜିଏଫ୍‌ଏନ୍ ୬୬ ଇନ୍‌ସୁଲେଟିଂ ଲାଇନର୍ | ୨୯।୧୨।୨୦୨୩ | ୬୪୮୯୪ ସେଟ୍ |
| ୪. | ୦୫୨୩୫୪୧୩ | ସବ୍‌ସିଡିଆରୀ ଏଲ୍‌ଇଡି ସିଗ୍‌ନାଲ୍ସ | ୦୨।୦୧।୨୦୨୪ | ୪୬୮ ଗୋଟି |
| ୫. | ୦୬୨୩୦୦୮୭ | ବିଜି ୬୦ କିଗ୍ରା ନିମନ୍ତେ ସିଏମ୍‌ଏସ୍ କ୍ରସିଂ | ୦୩।୦୧।୨୦୨୪ | ୧୧୩ ସେଟ୍ |
| ୬. | ୦୬୨୩୦୧୦୧ | ଗାଲ୍‌ଭାନାଇଜିଂ ପ୍ଲେଟ୍ ସ୍କ୍ରୁ | ୦୩।୦୧।୨୦୨୪ | ୫୭୨୮ ଗୋଟି |
| ୭. | ୦୮୨୩୧୦୨୬ | ଇନ୍‌ହିବିଟେଡ୍ ମିନେରାଲ୍ ଇନ୍‌ସୁଲେଟିଂ ଅଏଲ୍ | ୦୩।୦୧।୨୦୨୪ | ୪୧୨୩୦ ଲିଟର |
| ୮. | ୦୫୨୩୫୪୧୫ | ମେନ୍ ଏଲ୍‌ଇଡି ସିଗ୍‌ନାଲ୍ସ | ୦୪।୦୧।୨୦୨୪ | ୧୭୭ ଗୋଟି |
| ୯. | ୦୭୨୩୧୩୩୪ | ହଟ୍ ଫୋର୍ଜଡ୍ ଷ୍ଟିଲ୍ ରିଭେଟ୍‌ସ | ୦୪।୦୧।୨୦୨୪ | ୨୨୦୧୮ କିଗ୍ରା |

ଟେଣ୍ଡର ସମାପ୍ତି/ଖୋଲାଯିବାର ସମୟ: ୧୦.୩୦ ଘଟିକାରେ

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/332 ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁରଙ୍କ ପାଇଁ

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

**ଅନ୍ୟାନ୍ୟ ଖବର**

# ଗୋଟିଏ ନମ୍ବରରେ ଚାଲିଛି ଏକାଧିକ ଗାଡ଼ି

## ହାଇ ସିକ୍ୟୁରିଟି ପ୍ଲେଟ୍ ପ୍ରହସନ









ନିଶ୍ଚିନ୍ତକୋଇଲି, ୧୬।୧୨

(ଅଶୋକ କୁମାର ମହାପାତ୍ର)

ଅପରାଧ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ମୋଟର ଯାନ ଆଇନ ସଂଶୋଧନ କଲେ। ପ୍ରତ୍ୟେକ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇବାକୁ ବାଧ୍ୟତାମୂଳକ କରାଗଲା। ଏପରିକି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିଲେ ପରିବହନ ବିଭାଗ ଗାଡ଼ିଗୁଡିକରୁ ଜରିମାନା ଆଦାୟ ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ମଧ୍ୟ ଦେଲେ। ଗାଡ଼ି ମାଲିକମାନେ ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଧାଡ଼ି କରି ଠିଆ ହୋଇ ହାଇ ସିକ୍ୟୁରିଟି ନମ୍ବର ପ୍ଲଟ ଲଗାଇବାକୁ ବାଧ୍ୟ ହୋଇଥିଲେ। ପରିତାପର ବିଷୟ ପରିବହନ ବିଭାଗ ଅର୍ଥ ଖର୍ଚ୍ଚ କରି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଯିବା ପରେ ଏହା କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ପୂର୍ବପରି ଅପରାଧୀମାନେ ସହଜରେ ଗାଡ଼ିର ନମ୍ବର ପରିବର୍ତ୍ତନ କରି ପୋଲିସ ଓ ପରିବହନ ବିଭାଗକୁ ଚକମା ଦେଖାଉଛନ୍ତି। ଏପରି ଏକ ନଜିର ଦେଖିବାକୁ ମିଳିଛି କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ।

ଏହି ଥାନା ଅଧୀନ ନତକାଇ ପଞ୍ଚାୟତର ସଞ୍ଜୟ କୁମାର ଷଡଙ୍ଗୀଙ୍କ ନାମରେ ଏକ ସ୍କୁଲ ବସ୍ ଯାହାର ନଂ. ଓଡି ୦୫ ବିଏଚ୍ ୭୯୩୪। ଉକ୍ତ ଗାଡ଼ିଟି ମାହାଙ୍ଗା ଆଦର୍ଶ ବିଦ୍ୟାଳୟର ପିଲାଙ୍କୁ ସ୍କୁଲରୁ ନେବା ଆଣିବା କାର୍ଯ୍ୟରେ ଲାଗିଛି। କିନ୍ତୁ ଉକ୍ତ ନାମରେ ଡିସେମ୍ବର ୧୪ ତାରିଖ ଅପରାହ୍ନ ୧ଟା ୩୪ ମିନିଟ୍‌ରେ ଗୋଡ଼ିପଡ଼ା ଖୋର୍ଦ୍ଧା ଟୋଲ୍ ଗେଟ୍‌ରୁ ଫାଷ୍ଟ ଟ୍ରାକ୍‌ରେ ଅତିକ୍ରମ କରୁଥିବାରୁ ୧୮୦ଟଙ୍କା ଟୋଲ୍ ଫିସ୍ ଅସୁଲ ହୋଇଛି ବୋଲି ଏକ ମେସେଜ ଆସିଥିଲା। ତେବେ ଗାଡ଼ି ସ୍କୁଲରେ ଥାଇ କିପରି ଟୋଲ ଫି କଟିଲା ସେ ନେଇ ଗାଡ଼ି ମାଲିକ ଟୋଲ୍ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ସେଠାରୁ ଜାଣିବାକୁ ପାଇଲେ ଯେ, ସେହି ସମୟରେ ଏକ ଟ୍ରକ୍ ସମାନ ନମ୍ବର ଥାଇ ଅତିକ୍ରମ କରିଛି। ତେବେ ତାଙ୍କ ନାମରେ ଥିବା ଗାଡ଼ି ନମ୍ବରଟି ଟ୍ୟାମ୍ପର ହୋଇ ଅନ୍ୟ କେହି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ଏ ନେଇ ନିଶ୍ଚିନ୍ତକୋଇଲି ଥାନାରେ ସଞ୍ଜୟ ଲିଖିତ ଅଭିଯୋଗ କରିଛନ୍ତି। କଟକ ଆର୍‌ଟିଓ ସଞ୍ଜୟ ବେହେରା କହିଛନ୍ତି, ଅପରାଧୀମାନେ ଏଭଳି ଟ୍ୟାମ୍ପରିଂ କରିଥାଇପାରନ୍ତି। ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୋଲିସ ତଦନ୍ତ କରିବା ଉଚିତ। ଆମେ ମଧ୍ୟ ଏ ନେଇ ପଦକ୍ଷେପ ନେବୁ।

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/23-24/E-Tender/114, ତା.11.12.2023ରିଖ

(1) ଟେଣ୍ଡର ସଂ.etenderestatekur-364-2023, ତା.07.12.2023ରିଖ

**ବିବରଣୀ :** ସହାୟକ ମଣ୍ଡଳ ଯନ୍ତ୍ରୀ/ମଞ୍ଚେଶ୍ୱର ପରିସୀମା ଅଧୀନରେ ଲିକେଜ୍ ଅବରୋଧ ପାଇଁ ଛାତର ଗ୍ରେଡ଼ିଙ୍ଗ, ସିପେଜ୍ (Seepage) ରୋକିବା ପାଇଁ କାନ୍ଥଗୁଡ଼ିକର ପ୍ଲାଷ୍ଟରିଙ୍ଗ, କବାଟ ଓ ଝରକାଗୁଡ଼ିକର ମରାମତି, ପୁରୁଣା କ୍ଷତିଗ୍ରସ୍ତ ଶୌଚଳୟଗୁଡ଼ିକର ମରାମତି ଭଳି ସେକ୍ଟର-D, ମଞ୍ଚେଶ୍ୱର ରେଳବାଇ କଲୋନୀଠାରେ ଥିବା କ୍ୱାର୍ଟରଗୁଡ଼ିକର ବିବିଧ ମରାମତି ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 216.02 ଲକ୍ଷ, EMD (ଟଙ୍କାରେ) : 2,58,000/-।

(2) ଟେଣ୍ଡର ସଂ.eTender-EastKUR-368-2023, ତା.08.12.2023ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ହରିଦାସପୁର ଏବଂ ଧାନମଣ୍ଡଳ ୟାର୍ଡ଼ରେ 27 ସେଟ୍ PSC ଫ୍ୟାନ୍ ସେପ୍ତ ଲେଆଉଟ୍‌ର ନବୀକରଣ ଏବଂ ନିର୍ଗୁଣ୍ଡି-କଟକ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 10.60 କି.ମି. ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 352.08 ଲକ୍ଷ, EMD (ଟଙ୍କାରେ) : 3,26,000/-।

(3) ଟେଣ୍ଡର ସଂ.etenderestatekur-370-2023, ତା.08.12.2023ରିଖ

**ବିବରଣୀ :** ଭୁବନେଶ୍ୱରେ ସ୍ଥିତ ପୂର୍ବ ତଟ ରେଳପଥର ମୁଖ୍ୟାଳୟ ଭବନ (ରେଳ ସଦନ) ନିମନ୍ତେ ଅଗ୍ନି ନିର୍ବାପକ ପ୍ରଣାଳୀ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 166.70 ଲକ୍ଷ, EMD (ଟଙ୍କାରେ) : 2,33,400/-।

ଶେଷ ହେବା ଅବଧି : 10 ମାସ (କ୍ରମ ସଂ.1 ପାଇଁ), 08 ମାସ (କ୍ରମ ସଂ.2 ପାଇଁ) ଏବଂ 12 ମାସ (କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.29.12.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-890/O/23-24

## ନବନିଯୁକ୍ତ ପିଡି, ଇଓଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

# ସଶକ୍ତ ଓଡ଼ିଶା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୬।୧୨

(ଅସମାପିକା ସାହୁ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା)ର ନବନିଯୁକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ)ଙ୍କ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଶନିବାର ଓଡ଼ିଶା ଅର୍ବାନ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଜି ମାଥିଭାଥନନ୍ ଯୋଗଦେଇ ଏକ ସମାବେଶୀ ଓ ସଶକ୍ତ ସ୍ୱପ୍ନ ସାକାର କରିବା ପାଇଁ ନବନିଯୁକ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଲେ, ଆପଣଙ୍କ ଯାତ୍ରା ଆରମ୍ଭ ହୋଇଛି, କଠିନ ପରିଶ୍ରମ କରନ୍ତୁ, ପ୍ରତିଶ୍ରୁତିବଦ୍ଧ ରୁହନ୍ତୁ। ଆପଣମାନେ ସମସ୍ତେ ଏବେ ଆମର ସାମୂହିକ ସ୍ୱପ୍ନକୁ ସାକାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାର କେନ୍ଦ୍ରରେ ଜନତା ଅଛନ୍ତି। ଆପଣମାନଙ୍କର ପ୍ରତ୍ୟେକ ଚିନ୍ତାଧାରା ଓ କାର୍ଯ୍ୟ ଓଡ଼ିଶାବାସୀଙ୍କ ଉନ୍ନତି ତଥା କଲ୍ୟାଣ ଦିଗରେ ଉଦ୍ଦିଷ୍ଟ ହେବା ଦରକାର। ଆପଣମାନେ କେବଳ ସରକାରୀ କର୍ମଚାରୀ ନୁହନ୍ତି, ଏକ ନୂତନ ଓଡ଼ିଶା, ଏକ ସଶକ୍ତ ଓଡ଼ିଶା ପାଇଁ ପରିବର୍ତ୍ତନର ଏଜେଣ୍ଟ। ବିଭାଗର ବରିଷ୍ଠ ଅଧିକାରୀମାନେ ପ୍ରମୁଖ ସହରାଞ୍ଚଳ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବିକେନ୍ଦ୍ରୀକୃତ କଠିନ ଏବଂ ତରଳ ବର୍ଜ୍ୟବସ୍ତୁ ପରିଚାଳନା, ଜାଗା ମିଶନ, ମୁକ୍ତା, ଆମ ପୋଖରୀ ଜଳଭଣ୍ଡାର ପୁନରୁଦ୍ଧାର ଆଦି ପ୍ରମୁଖ କାର୍ଯ୍ୟକ୍ରମ ଉପରେ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା। ୩୦ଟି ପୌରସଂସ୍ଥାର ଇଓ, ୧୦ ଜଣ ପିଡି ଏଥିରେ ଯୋଗଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନବନିଯୁକ୍ତ ପିଡି ଓ ଇଓମାନଙ୍କୁ ପରାମର୍ଶ ଦେଇଥିଲେ। ଓରିଏଣ୍ଟେଶନ୍ ବ୍ୟତୀତ ଅଂଶଗ୍ରହଣକାରୀମାନେ କ୍ଷେତ୍ର ପରିଦର୍ଶନରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରିବେ।

# ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରିରେ ଚଢ଼ାଉ ଜାରି

କାମାକ୍ଷାନଗର, ୧୬।୧୨

(ଅମଜାଦ ଖାନ)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ମଛିଆ ସ୍ଥିତ ବିଦେଶୀ ମଦ ବଟ୍‌ଲିଂ ଫ୍ୟାକ୍ଟ୍ରି ଶକ୍ତି ମଲ୍ଟ ଏୟାର ଆଣ୍ଡ ଲିମୋନେଡ ପ୍ରାଇଭେଟ ଲିମିଟେଡରେ ଶୁକ୍ରବାରଠାରୁ ଆୟକର ବିଭାଗର ଚଢ଼ାଉ ଜାରି ରହିଛି। ଶନିବାର ଦ୍ୱିତୀୟ ଦିବସରେ ମଧ୍ୟ ଆୟକର ବିଭାଗର ୨ଟି ଟିମ୍ ଯାଞ୍ଚକୁ ବ୍ୟାପକ କରିଥିବା ସୂଚନା ମିଳିଛି। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ବିକ୍ରମ ସାହୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଫ୍ୟାକ୍ଟ୍ରି ଭିତରେ ରହିଥିବା ଦେଖାଯାଇଛି। ତେବେ ଚଢ଼ାଉ ବେଳେ ଆୟକର ବିଭାଗ ଅଧିକାରୀଙ୍କ ହାତରେ କେଉଁ ତଥ୍ୟ ଲାଗିଛି ଓ ଚଢ଼ାଉର ପ୍ରକୃତ କାରଣ କ'ଣ ସେ ସମ୍ପର୍କରେ ୨ ଦିନ ଧରି ବିଭାଗର କୌଣସି ଅଧିକାରୀ ମୁହଁ ଖୋଲୁ ନ ଥିବାରୁ ସବିଶେଷ ସୂଚନା ମିଳିପାରୁ ନାହିଁ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶାସ୍ତ୍ରୀ ନଗର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶାସ୍ତ୍ରୀ ନଗର ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାସ୍ତ୍ରୀ ନଗର ଶାଖା / ଋଣଗ୍ରହୀତା/ନିର୍ଦ୍ଦେଶକ/ ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଅନ୍ତରୀକ୍ଷ ଗିଫ୍ଟସ୍ ଆଣ୍ଡ ଡେକୋର (ଓପିସି) ପ୍ରା. ଲିଃ., ନିର୍ଦ୍ଦେଶକ: ଶ୍ରୀ ଶୁଭଙ୍କର ପଟ୍ଟନାଏକ, ପିତା: ଶ୍ରୀ ରମେଶ ଚନ୍ଦ୍ର ପଟ୍ଟନାଏକ / ଗ୍ୟାରେଣ୍ଟିଦାତା: ଶ୍ରୀ ରମେଶ ଚନ୍ଦ୍ର ପଟ୍ଟନାଏକ, ପିତା: ଶ୍ରୀ ରଘୁନାଥ ପଟ୍ଟନାଏକ, ସମସ୍ତଙ୍କ ଠିକଣା-୧: ପ୍ଲଟ୍ ନଂ.: ଇବି-୪୫୫, ବଡ଼ଗଡ଼ ବ୍ରିଟ୍ କଲୋନୀ, ଥାନା: ବଡ଼ଗଡ଼, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୮, ଠିକଣା-୨: ହାଉସ୍ ନଂ.: ଏ୨/୨୦୩, ଜଗନ୍ନାଥ ୱାରିଅର୍ସ ରେସିଡେନ୍ସି, ମଦନପୁର, କାଇମାଟିଆ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୨୦୨୪ | ଟ.୧୨,୧୯,୦୬୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୨.୨୦୨୩ / ୧୫.୧୨.୨୦୨୩ | ଶ୍ରୀ ଶୁଭଙ୍କର ପଟ୍ଟନାଏକଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୬୭/୧୭୪୫, ସବ୍ ପ୍ଲଟ୍-ଏ, ପରିମିତ ଜମିର କ୍ଷେତ୍ର: ଏକର୦.୦୩୪ ଡ଼ିସିମିଲି, ଖାତା ନଂ.: ୩୯୩/୨୭୮, କିସମ: ଘରବାରୀ, ମୌଜା: ପାରିଆପାଟପୁର, ଥାନା: ବାଲିଅନ୍ତା-୫୧, ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ସବ୍ ପ୍ଲଟ୍ ନଂ.: ୫୧, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୪୯, ପୂର୍ବ: ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୮୬୮ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୭.୧୨.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

idco Your power to grow ISO 9001 & 14001 | ODISHA NEW OPPORTUNITIES — CAD-3269

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.- BBSR/ELECT/E-4424/22-23/ 3338 Dt.11.12.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

**Name of the Work: SITC of 11/0.4 KV, 100 KVA S/S at Bebartakteni, Gundichapada IE, Under SDO Dhenkanal.**

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/ e-85/23- 24 | 18.12.2023 at 17.00 hrs. | 27.12.2023 at 17.00 hrs. |

Further details can be seen from the e-procurement portal www.tendersorissa.gov.in. Corrigendum or addendum if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect.), IDCO, Bhubaneswar
OIPR-14003/11/0313/2324

GOVERNMENT OF ODISHA — No.A-975

**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, SAMBALPUR**

Phone No.(0663)-2412791(Off.), E-mail :-eemisbp@yahoo.co.in
No. 2446/ Date 07.12.2023

**e-PROCUREMENT NOTICE**
**BID REF No: SE.MID.SBP/08/2023-24**

| | | |
|---|---|---|
| Name of work | : | Civil Construction Works |
| No. of works | : | 4 (Four) Nos. |
| Estimated cost | : | Varies from approximately Rs. 26.17 lakh to Rs. 30.43 lakh for 4 Nos. of works (Rs. 112.63 Lakh) |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From dt. 20.12.2023 at 11.00 AM to dt. 02.01.2024 upto 05.30 PM in website (www.tendersorissa.gov.in) |
| Period of receipt of bid through online | : | From dt. 20.12.2023 at 11.00 AM to dt. 02.01.2024 up to 05.30 PM through online. |
| Date of opening of bid documents | : | On dt. 03.01.2024 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Superintending Engineer, M.I.Division, Sambalpur, At-Motijharan,PO-B.S.S.Nagar,Dist:-Sambalpur, PIN-768001, Ph.-0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place | : | http://tendersorissa.gov.in |

Sd./- 07.12.2023
Superintending Engineer, M.I. Division, Sambalpur
OIPR-32036/11/0009/2324

GOVERNMENT OF ODISHA — No.A-1005

**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CANAL CIRCLE, BURLA**

**e-Procurement Notice No.- CCB-04/(01-02) / 2023-24**
**Bid Identification No.-CCB-04(01)/2023-24 to CCB-04 (02) / 2023-24**

| | | | |
|---|---|---|---|
| 1 | Type of the work | : | VRB work |
| 2 | No. of works | : | 2 (Two) Nos. |
| 3 | Class of contractor | : | 'B' & 'A' class |
| 4 | Bid identification No. | : | CCB-04(01-02)/ 2023-24 |
| 5 | Estimated cost | : | Rs.212.94 Lakhs to Rs.213.75 Lakhs (Approx.) |
| 6 | Period of completion | : | 12 (Twelve) calendar months including rainy season |
| 7 | Date and time of availability of bid documents in the portal | : | Dt.21.12.2023 at 10.00 A.M. to Dt.10.01.2024 upto 5.30 P.M. |
| 8 | Last date / time for receipt of bids in the portal | : | Dt.10.01.2024 upto 5.30 P.M. |
| 9 | Date of opening of technical bid (Cover-I) | : | Dt.11.01.2024 at 11.30 A.M., O/o Additional Chief Engieer, Canal Circle, Burla |
| 10 | Date of opening of financial bid (Cover-II) | : | To be intimated later |
| 11 | Name and address of the officer inviting bid | : | Additional Chief Engineer, Canal Circle, Burla- 768017, Email Id: addlceccburla@gmail.com |

1. Any addendum / corrigendum / cancellation / erratum of tender can also be seen in the said website.
2. Further details can be seen from Government Website http://tenderodisha.gov.in

Sd./- ADDITIONAL CHIEF ENGINEER, CANAL CIRCLE, BURLA
OIPR-32460/11/0008/2324

## ଫୁଟ୍‌ବଲ୍ ଜର୍ସି ସହ ହସ୍ତତନ୍ତ

# ଭିନ୍ନ ଲୁକ୍‌ରେ ଓଡ଼ିଶା ଫୁଟବଲ କ୍ଲବ୍ ମହିଳା ଦଳ



ଭୁବନେଶ୍ୱର,୧୬।୧୨(ଶର୍ମିଷ୍ଠା ପାଣିଗ୍ରାହୀ)



ଫୁଟ୍‌ବଲ ଜର୍ସି ସହ ହସ୍ତତନ୍ତର ନିଆରା ସଂଯୋଗ। ଶୁଣିବାକୁ ଟ୍ରେଣ୍ଡି, ଆଉ ଟିକେ ନୂଆ ବି ଲାଗୁଥିବ। ଫୁଟବଲ ଓ ହସ୍ତତନ୍ତ କିଭଳି ସଂଯୋଗ ହୋଇପାରିଛନ୍ତି ତାହାକୁ ନେଇ ମନରେ ପ୍ରଶ୍ନ ବି ଆସୁଥିବ। ଏପରି ଏକ ପରିକଳ୍ପନା କରାଯାଇ ଓଡ଼ିଶା ଫୁଟବଲ୍ କ୍ଲବ ମହିଳା ଦଳ(ଓଏଫ୍‌ସି)କୁ ଏକ ଭିନ୍ନ ଲୁକ୍ ଦିଆଯାଇଛି। କ୍ଲବ୍‌ର ସଦସ୍ୟାମାନେ ହସ୍ତତନ୍ତର ପୋଷାକ ଓ ଜର୍ସି ପିନ୍ଧିଛନ୍ତି। ମନରେ ଏକ ଅନନ୍ୟ ଅନୁଭବ ଭେଟିଦେବାକୁ ସେମାନଙ୍କୁ ପ୍ରଥମଥର ପାଇଁ ନୂଆ ରୂପରେ ସଜାଇଛନ୍ତି ଡିଜାଇନର ସବ୍ୟସାଚୀ ଶତପଥୀ। ଜର୍ସି, ପୁଣି ତା'ସହ ହସ୍ତତନ୍ତର ପୋଷାକ। ୨ ପ୍ରକାରର ଡ୍ରେସ୍ ସେମାନଙ୍କୁ ନୂଆ ଲୁକ୍ ଆଣି ଦେଉଥିଲା। କିଏ ଉପରେ ଜର୍ସି ସହ ହସ୍ତତନ୍ତର ପ୍ୟାଣ୍ଟ, ତ ପୁଣି କିଏ ହସ୍ତତନ୍ତର ସ୍ରଗ ପିନ୍ଧିଥିଲେ। ସବୁଦିନ ଜର୍ସିରେ ଦେଖିବାକୁ ମିଳୁଥିବା ଝିଅମାନଙ୍କୁ ହସ୍ତତନ୍ତ ପୋଷାକ ସହ ଦେଖିବାକୁ ସତରେ ଖୁବ୍ ସୁନ୍ଦର ଲାଗୁଥିଲା। ସବ୍ୟସାଚୀଙ୍କ ଏହି ଶୁଟ୍ ଗତ ୯ ତାରିଖରେ ହୋଇଥିଲା। ସେ ଏହାକୁ ସୋସିଆଲ ମିଡିଆ ପେଜ୍‌ରେ ଅପ୍‌ଲୋଡ୍ କରିଥିଲେ। ତାଙ୍କ ପୋଷ୍ଟ ଦେଖିବା ପରେ କିଏ ସାନିଟାରି ନାପକିନ୍ ତ ଆଉ କିଏ ଫ୍ରିରେ ସ୍ୱାସ୍ଥ୍ୟ ଚିକିତ୍ସା, ପୁଣି ସକ୍ସ ଦେବାକୁ କମେଣ୍ଟରେ ଲେଖିଥିଲେ।

ସବ୍ୟସାଚୀ କହିଛନ୍ତି, ପୁରୁଷ ଦଳକୁ ପ୍ରାୟ ସମୟରେ ପ୍ରାଧାନ୍ୟ ମିଳିଥାଏ। ମହିଳା ଫୁଟ୍‌ବଲ୍ ଖେଳାଳିଙ୍କ ପାଇଁ ଏଭଳି କିଛି ହେବା ଦ୍ୱାରା ସେମାନେ ସବୁବେଳେ ନଜରରେ ରହିପାରିବେ। ଟିମ୍‌ର ମ୍ୟାନେଜର ମୋତେ ଏ ନେଇ ଯୋଗାଯୋଗ କରିଥିଲେ। ଜଣେ ଡିଜାଇନର ହିସାବରେ ଆମ ଓଡ଼ିଶା ଯେଉଁସବୁ ପାଇଁ ପ୍ରସିଦ୍ଧ, ଯେମିତିକି ହସ୍ତତନ୍ତ, ମନ୍ଦିର, ପର୍ଯ୍ୟଟନ ସେବୁକୁ ନେଇ କିଭଳି ଏକ ନୂଆ ରୂପରେ ପ୍ରଦର୍ଶିତ କରାଯାଇପାରିବ ତାହା ମୁଁ ଯୋଜନା କଲି। ତା' ପରେ ଭାବିଲି ଫୁଟବଲ ଟିମ୍‌କୁ କିଭଳି ହସ୍ତତନ୍ତରେ ସଜାଇପାରିବି। ହସ୍ତତନ୍ତରେ ମଡର୍ନ ଆଟାୟାର୍ ସହ ଫୁଟ୍‌ବଲ୍ ଜର୍ସିକୁ ନେଇ ମୁଁ ସଜାଇଲି। ସ୍ରଗ୍, ଜ୍ୟାକେଟ, ଟପ୍, ପ୍ୟାଣ୍ଟ ପ୍ରସ୍ତୁତ କଲି। ସମ୍ବଲପୁରୀ, ମାଣିଆବନ୍ଧରେ ପ୍ରସ୍ତୁତ ଏହି ଡ୍ରେସ୍‌ଗୁଡ଼ିକୁ ଯିଏ ଯେମିତି ଚାହିଁଲେ ବ୍ୟବହାର କରିପାରିବେ। ଜଣେ ଯଦି କିଏ ଉପରେ ଟପ୍ କରି ପିନ୍ଧିଲା, ଜର୍ସି ତଳେ ରହିଲା। ଏଭଳି ପୋଷାକରେ ଉଭୟ କ୍ରୀଡ଼ା ଓ ରାଜ୍ୟର ହସ୍ତତନ୍ତକୁ ଶୋ କରାଯାଇଛି। ଫିଲ୍ଡରେ ଥିବାବେଳେ ମହିଳା ଖେଳାଳିମାନେ ସାଧାରଣତଃ ଫିୟର୍ସ ଥାଆନ୍ତି। ତେଣୁ ସେମାନଙ୍କୁ ଆମେ ଫିୟର୍ସ ଫେରିଜ ବୋଲି କହିଲୁ। ଏଥିସହ ମୁଁ ଅନ୍ୟମାନଙ୍କୁ ମଧ୍ୟ ଅନୁରୋଧ କରିଛି, ଯେଉଁମାନେ ମହିଳା ସମ୍ପର୍କିତ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ସେମାନେ ମଧ୍ୟ ଏମାନଙ୍କୁ ସୁବିଧାରେ ଯୋଗାଇବା ସହ ନିଜର ପ୍ରମୋଟ କରାଇପାରିବେ। ଆଗକୁ ପୁରୁଷ ଦଳର ମଧ୍ୟ ଶୁଟ୍ କରିବାର ଯୋଜନା ରହିଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଜୟ ଓଡ଼ିଶା ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ବାଲିଯାତ୍ରା ପଡ଼ିଆ, ସକାଳ ୮ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ତମ ଜୟନ୍ତୀ, ପାୱାରହାଉସ୍ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୯ଟା।
- ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ପାୱାର ହାଉସ ଛକ, ସକାଳ ୯ଟା।
- ଶିଶୁ କିଶୋର ପ୍ରତିଭା ଅନ୍ୱେଷଣ, ସ୍କୁଲ ପରିସର, ସକାଳ ୯ଟା।
- ଭାଷା ସଂସ୍କୃତି ସମାଜର ବାର୍ଷିକ ସାହିତ୍ୟ ଆସର ଏବଂ ପ୍ରତିଭାସମ୍ମାନ ସମାରୋହ, ଭାରତୀୟ ବିଦ୍ୟା ଭବନ ସଭାଗୃହ, ୟୁନିଟ୍-୩ ପୂର୍ବାହ୍ନ ୧୦ଟା।
- ପ୍ରମେୟ, ନ୍ୟୁଜ ୭ ଆଣ୍ଡ ଡିଜିଟାଲ ୱିଙ୍ଗର ଜନ୍ମୋତ୍ସବ, ସୋଆ ଅଡିଟୋରିୟମ୍, କ୍ୟାମ୍ପସ-୨, ପୂର୍ବାହ୍ନ ୧୦ଟା ୩୦।
- ପର୍ଯ୍ୟଟନ ପରିଚାଳନା କର୍ମଶାଳା, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୨ଟା ୩୦।
- ତୋଷାଳୀ ମେଳା, ଜନତା ମଇଦାନ, ଅପରାହ୍ନ ୨ଟା ୩୦।
- ଶିବ ଶକ୍ତି କ୍ଲବ ପକ୍ଷରୁ ତମାଣ୍ଡୋ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ, ମିନିଷ୍ଟାଡିୟମ୍, ତମାଣ୍ଡୋ, ଅପରାହ୍ନ ୩ଟା।
- ସିପିଆଇ ପକ୍ଷରୁ ସେମିନାର, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।
- ବନଫୁଲ ପୁସ୍ତକ ଆଲୋଚନା ପର୍ବ, ବୁଦ୍ଧମନ୍ଦିର, ହାଉସିଂବୋର୍ଡ ଛକ, ୟୁନିଟ୍-୯, ଅପରାହ୍ନ ୪ଟା।
- ବିଜେଇଏମ୍ ସ୍କୁଲର ୫୦ ବର୍ଷ ପୂର୍ତ୍ତି ଉତ୍ସବ, ସ୍କୁଲ ପରିସର, ଅପରାହ୍ନ ୫ଟା।
- ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ଅପରାହ୍ନ ୫ଟା।

ବାଲିଅନ୍ତା

- ବାର୍ଷିକ ଗ୍ରାମୀଣ ମେଳା 'ଉମଙ୍ଗ', ବକ୍ରେଶ୍ୱର ପଡ଼ିଆ, ଭିଙ୍ଗାରପୁର, ପୂର୍ବାହ୍ନ ୧୦ଟା।

# ପୂର୍ବତଟ ରେଳପଥକୁ ୩ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୧୬।୧୨ (ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପମ୍‌ରେ ଆୟୋଜିତ ୬୮ତମ ରେଳ ସପ୍ତାହ ସମାରୋହରେ 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର' ପ୍ରଦାନ କରାଯାଇଛି। ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଜୋନାଲ ରେଳପଥ, ଉତ୍ପାଦନ ୟୁନିଟ୍ ଏବଂ ପିଏସ୍‌ୟୁକୁ ୨୧ଟି ଶିଲ୍ଡ ସହିତ ୧୦୦ରେଳ କର୍ମଚାରୀଙ୍କୁ ପୁରସ୍କୃତ କରିଛନ୍ତି। ପୂର୍ବତଟ ରେଳପଥକୁ ଅନ୍ୟ ଜୋନାଲ ରେଳପଥ ସହିତ ମିଳିତ ଭାବରେ ବାଣିଜ୍ୟିକ ଏବଂ ସୁରକ୍ଷା କ୍ଷେତ୍ରରେ ଦୁଇଟି ସମ୍ମାନଜନକ ଦକ୍ଷତା ଶିଲ୍ଡ ପ୍ରଦାନ କରାଯାଇଛି। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମାଙ୍କ ସହ ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ ଭି. ଆର୍. ଲେନିନ ଓ ପ୍ରମୁଖ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ମନ୍ତ୍ରୀଙ୍କଠାରୁ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ପୂର୍ବତଟ ରେଳପଥକୁ ଗୋଟିଏ ବ୍ୟକ୍ତିଗତ ପୁରସ୍କାର 'ଅତି ବିଶିଷ୍ଟ ରେଳ ସେବା ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ପରିଚାଳନା ପ୍ରବନ୍ଧକ ରାନ୍ଦି ମନୋଜ ବାବୁ ବ୍ୟକ୍ତିଗତ ଭାବେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ରେଳ, କୋଇଲା ଏବଂ ଖଣି ରାଷ୍ଟ୍ରମନ୍ତ୍ରୀ ରାଓସାହେବ ପାଟିଲ ଡାନ୍‌ଭେ, ରେଳ ଓ ବୟନ ମନ୍ତ୍ରୀ ଦର୍ଶନା ଜାରଦୋଶଙ୍କ ସହିତ ବୋର୍ଡ ଚେୟାରମ୍ୟାନ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ବୋର୍ଡ ସଦସ୍ୟ, ସମସ୍ତ ଜୋନାଲ ରେଳପଥର ମହାପ୍ରବନ୍ଧକ, ଉତ୍ପାଦନ ୟୁନିଟ୍ ଓ ରେଳପଥ ପିଏସ୍‌ୟୁଗୁଡ଼ିକର ମୁଖ୍ୟମାନେ ଏହି ଉତ୍ସବରେ ଯୋଗଦେଇଥିଲେ।




ପୂର୍ବତଟ ରେଳପଥର ପ୍ରମୁଖ ସୁରକ୍ଷା ଆୟୁକ୍ତ ଆଲୋକ ବୋରା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଯୁକ୍ତ୨ ଫର୍ମ ପୂରଣ ପାଇଁ ପୁଣି ସୁଯୋଗ

ଭୁବନେଶ୍ୱର, ୧୬।୧୨ (ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ, କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ନିମନ୍ତେ ଫର୍ମପୂରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପୁଣିଥରେ ସୁଯୋଗ ଦିଆଯାଇଛି। ଯେଉଁ ଛାତ୍ରୀଛାତ୍ର ଫର୍ମପୂରଣ କରିନାହାନ୍ତି ସେମାନେ ଆସନ୍ତା ୨୦ରୁ ୨୨ ତାରିଖ ମଧ୍ୟରେ କରିପାରିବେ। ଏହି ସମୟ ଭିତରେ ଫି' ମଧ୍ୟ ଦାଖଲ କରିବାକୁ ପଡ଼ିବ। ଏଥିସହ ୨୬ ତାରିଖ ସୁଦ୍ଧା ସମସ୍ତ ତଥ୍ୟ ଦାଖଲ କରିବାକୁ କୁହାଯାଇଛି। ଏ ନେଇ ଶନିବାର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ୧୩ ତାରିଖ ଯୁକ୍ତ୨ ଫର୍ମପୂରଣର ଶେଷ ଦିନ ଥିଲା। କିନ୍ତୁ ବହୁ ଉଚ୍ଚ ମାଧ୍ୟମିକ ସ୍କୁଲ ଓ ଛାତ୍ରୀଛାତ୍ର ଫର୍ମପୂରଣ ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପରିଷଦ ଫର୍ମପୂରଣ ପାଇଁ ଆଉ ୩ଦିନ ସମୟ ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହାପରେ ଆଉ କୌଣସି ଅନୁରୋଧକୁ ଗ୍ରହଣ କରାଯିବ ନାହିଁ। କାରଣ ଜାନୁୟାରୀ ୨ରୁ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହେବ। ସୂଚନାଯୋଗ୍ୟ, ଯୁକ୍ତ୨ ପରୀକ୍ଷା ଫେବୃୟାରୀ ୧୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦ରେ ଶେଷ ହେବ। ଗତ ୧୩ତାରିଖ ସୁଦ୍ଧା ଚଳିତବର୍ଷ ମୋଟ ୩,୮୪,୫୯୭ଜଣ ଫର୍ମ ପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୫୯,୦୩୯ଜଣ ରେଗୁଲାର ଛାତ୍ରୀଛାତ୍ର ଥିବାବେଳେ ୨୫,୫୫୮ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି।

# ଅଭିଭାବକ ମହାସଂଘ ଅନଶନ ପ୍ରତ୍ୟାହୃତ

ଭୁବନେଶ୍ୱର, ୧୬।୧୨(ଅନୁରାଧା ମହାରଣା)

ଓଡ଼ିଶା ଅଭିଭାବକ ମହାସଂଘ ତରଫରୁ ୨ଦିନ ଧରି ଚାଲିଥିବା ଅନଶନ ଶନିବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୂମୋହନ ପଟ୍ଟନାୟକ, ଶଙ୍କର ସାମନ୍ତରାୟ, କୋଷାଧ୍ୟକ୍ଷ ତାପସ ଦାଶ, ଉପାଧ୍ୟକ୍ଷ ଶିଶିର ସାହୁଙ୍କୁ ନେଇ ଏକ ପ୍ରତିନିଧି ଦଳ ଜୋନ୍-୧ ଏସିପି ବି ମୁଦୁଲି ଓ କ୍ୟାପିଟାଲ ଥାନାଧିକାରୀ ପଦ୍ମନାଭ ପ୍ରଧାନଙ୍କ ଉପସ୍ଥିତିରେ ଗଣଶିକ୍ଷା ଅତିରିକ୍ତ ସଚିବ ଦୁର୍ଗା ମହାପାତ୍ର ସହ ଆଲୋଚନା କରିଥିଲେ। ୭ ଦଫା ଦାବି ମଧ୍ୟରୁ ୪ଟି ଦାବି ଉପରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅବଶିଷ୍ଟ ୩ଟି ଦାବି ଉପରେ ପରବର୍ତ୍ତୀ ସମୟରେ ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ଦିଆଯାଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି, ୭ ଦଫା ଦାବି ନେଇ ଶୁକ୍ରବାର ଗଣଶିକ୍ଷା ସଚିବ ଅଶ୍ୱଥୀ. ଏସ୍‌ଙ୍କ ବାସଭବନ ସମ୍ମୁଖରେ ଅଭିଭାବକମାନେ ଆମରଣ ଅନଶନ କରୁଥିବାବେଳେ ପୋଲିସ ଉଠାଇ ନେଇ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଚେଷ୍ଟା କରିଥିଲା। ଏହାସତ୍ତ୍ୱେ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ଅନଶନ ଚାଲିଥିଲା। ତେବେ ଫି' ଛାଡ଼ ବିବରଣୀ ଡିସେମ୍ବର ୩୧ ସୁଦ୍ଧା ପ୍ରଦାନ ପାଇଁ ସ୍କୁଲ୍ ନିର୍ଦ୍ଦେଶକମାନେ ଡିଇଓଙ୍କୁ ଜଣାଇଛନ୍ତି। ପ୍ରାଇଭେଟ ସ୍କୁଲରେ ଦିଆଯାଉଥିବା ସୁବିଧା ଅନୁଯାୟୀ ଫି' ନିର୍ଦ୍ଧାରଣ ନେଇ କମିଟି ଗଠନ କରାଯାଇ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟକାରୀ କରାଯିବ। ଶିକ୍ଷା ଅଧିକାର ଆଇନରେ ମାଗଣାରେ ପାଠ ପଢୁଥିବା ପିଲାଙ୍କୁ ବହି, ଜୋତା ଏବଂ ପୋଷାକ ପ୍ରଦାନ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରାଯାଇ କାର୍ଯ୍ୟକାରୀ କରାଯିବ। ଅନ୍ୟପଟେ ସ୍ୱୀକୃତି ପାଇ ନ ଥିବା ବା ଆବେଦନ କରି ନ ଥିବା ସ୍କୁଲ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସଚିବ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଓମ୍ ଅଭିଜ୍ଞାନ



@ ଜଗନ୍



@ ବିଦେଶୀ



@ ଅମିତ୍



@ ସତ୍ୟବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# 'ଦେଶର ବିକାଶ ରାସ୍ତା ଗାଁ ଦେଇ ଯାଇଥାଏ'

## ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଆଚାର୍ଯ୍ୟ ବାଲକ୍ରିଷ୍ଣା

ଭୁବନେଶ୍ୱର, ୧୬।୧୨(ଅନୁରାଧା ମହାରଣା)

ପତଞ୍ଜଳିର ଚେୟାରମ୍ୟାନ ଆଚାର୍ଯ୍ୟ ବାଲକ୍ରିଷ୍ଣା କେନ୍ଦ୍ର ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନାରାୟଣ ଟାଟୁ ରାଣେ ଏବଂ ମାଇକ୍ରୋ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଭାନୁ ପ୍ରତାପ ସିଂ ବର୍ମାଙ୍କୁ ଭେଟିଛନ୍ତି। ଏହି ଅବସରରେ ଗ୍ରାମୀଣ ଓ ଏମ୍‌ଏସ୍‌ଏମ୍‌ଇ ବିକାଶ ନେଇ ଆଲୋଚନା କରିଛନ୍ତି। ବିଶେଷକରି ପ୍ରତ୍ୟେକ ଗ୍ରାମକୁ ସରକାରୀ ଯୋଜନା ପହଞ୍ଚାଇବାରେ ପତଞ୍ଜଳିର ଅବଦାନ ସମ୍ପର୍କରେ ସେ ୨ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଲୋଚନା ସମୟରେ ମନ୍ତ୍ରୀ ରାଣେ ପତଞ୍ଜଳି ଦ୍ୱାରା କରାଯାଇଥିବା ସେବା କାର୍ଯ୍ୟକୁ ପ୍ରଶଂସା କରିବା ସହ ଗାଁର ବିକାଶ କ୍ଷେତ୍ରରେ ପତଞ୍ଜଳି ଏକ ବଡ଼ ଭୂମିକା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ଦେଶର ବିକାଶ ରାସ୍ତା ଗାଁ ଦେଇ ଯାଇଥାଏ। ତେଣୁ ଆମେ ଆମ ଗାଁକୁ ସମୃଦ୍ଧ କରିବାକୁ ପଡ଼ିବ। ଭାରତୀୟ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଏମଏସ୍‌ଏମ୍‌ଇ କ୍ଷେତ୍ରରେ ପତଞ୍ଜଳିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେ ଗର୍ବିତ ଯେ ପତଞ୍ଜଳିଙ୍କ ସେବା ଉତ୍ତରାଖଣ୍ଡର ଅପହଞ୍ଚ ପର୍ବତଠାରୁ ଉତ୍ତର ପୂର୍ବର ଗ୍ରାମ ପର୍ଯ୍ୟନ୍ତ ବ୍ୟାପିଛି। ଦୁର୍ଗମ ତଥା ପଛୁଆ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟିକରି ଆମେ ସମୃଦ୍ଧିର ଦ୍ୱାର ଖୋଲିଛୁ ଏବଂ ଗ୍ରାମରୁ ସ୍ଥାନାନ୍ତର ବନ୍ଦ କରିଛୁ ବୋଲି ସେ କହିଛନ୍ତି।



କେନ୍ଦ୍ରମନ୍ତ୍ରୀ ନାରାୟଣ ଟାଟୁ ରାଣେଙ୍କ ସହ ଆଚାର୍ଯ୍ୟ ବାଲକ୍ରିଷ୍ଣା ଆଲୋଚନା କରୁଛନ୍ତି।

# ଅପରାଧରେ ସାପ ବ୍ୟବହାର ବଢୁଛି

ଭୁବନେଶ୍ୱର, ୧୬।୧୨(ଅସମାପିକା ସାହୁ)



ଦେଶରେ ବିଷଧର ସାପ ଦ୍ୱାରା ହତ୍ୟା ମାମଲା ବଢ଼ିଚାଲିଛି। ହେଲେ ପ୍ରମାଣ ଅଭାବରୁ ବହୁ ମାମଲା ଦୁର୍ବଳ ହୋଇଯାଉଛି। ଓଡ଼ିଶା ମଧ୍ୟ ସମାନ ସ୍ଥିତି ଯୋଗୁ ଅପରାଧରେ ସାପ ବ୍ୟବହାର ବଢୁଛି। ଏହାକୁ ଦୃଷ୍ଟିରେ ରଖି ଏମ୍ସ ଭୁବନେଶ୍ୱରର ଫୋରେନସିକ୍ ମେଡିସିନ ବିଭାଗ ତରଫରୁ ଶନିବାର ସାପକୁ ଅପରାଧର ଅସ୍ତ୍ର ଭାବରେ ବ୍ୟବହାର ବନ୍ଦ କରିବା ପାଇଁ ସ୍ନେକ୍ ହେଲ୍ପ ଲାଇନ ସହଯୋଗିତାରେ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୮୦ଜଣ ସାପ ଉଦ୍ଧାରକାରୀ ଏହି କର୍ମଶାଳାରେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଆଇଜି ସାଇନି ଏସ୍. ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାପ ଦ୍ୱାରା ଅପରାଧ ଘଟଣା ନଜରକୁ ଆସିଲେ ତୁରନ୍ତ ପୋଲିସକୁ ଖବର ଦେବା ପାଇଁ ଅନୁରୋଧ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଟି ଫରେଷ୍ଟ ଡିଭିଜନର ଡିଏଫ୍‌ଓ ଅଜିତ କୁମାର ଶତପଥୀ ଯୋଗଦେଇ ସାପ ଧରାଳିମାନେ ଆଇନ ଅନୁମୋଦିତ ଭାବେ ଉଭୟ ବନ ବିଭାଗ ଏବଂ ପୋଲିସ ବିଭାଗ ସହ ମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଶୀଳଭଦ୍ର ଶାସ୍ତ୍ରୀ ସାପକୁ ଅପରାଧର ଅସ୍ତ୍ର ଭାବରେ ବନ୍ଦ କରିବା ପାଇଁ ଆଇନରେ ଥିବା ପ୍ରାବଧାନ ସହ ନ୍ୟାୟ ପ୍ରକ୍ରିୟାରେ ଥିବା ବାଧାବିଘ୍ନ ବିଷୟରେ ଆଲୋକପାତ କରିଥିଲେ। ବାରଙ୍ଗ ଥାନା ଇନ୍ସପେକ୍ଟର ଆକାଶ ଚନ୍ଦ୍ର ରଣା ଅସ୍ତ୍ର ଭାବରେ ସାପକୁ ବ୍ୟବହାର ମାମଲାରେ ତଦନ୍ତ ପ୍ରକ୍ରିୟା ଓ ଏହାର ସମାଧାନ ବିଷୟରେ କହିଥିଲେ। ଅନୁଗୋଳସ୍ଥିତ ଓଡ଼ିଶା ଫରେଷ୍ଟ ରେଞ୍ଜର କଲେଜର ଏସିଏଫ୍ ଆଶୁତୋଷ ମଲ୍ଲିକ ସାପକୁ ଅପରାଧର ଅସ୍ତ୍ର ଭାବରେ ବ୍ୟବହାର ମାମଲାରେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବନ ଅଧିକାରୀଙ୍କ ଦାୟିତ୍ୱ ବିଷୟରେ କହିଥିଲେ। ଏମ୍ସ ଭୁବନେଶ୍ୱରର ଫୋରେନସିକ୍ ମେଡିସିନ ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ କହିଲେ, ଏହି ମାମଲାରେ ପୋଲିସ ପକ୍ଷରେ ବଡ଼ ଅସୁବିଧା ହେଲା ଅସ୍ତ୍ରକୁ ସଂଗ୍ରହ କରି ରଖିବା। ଅନେକ ସମୟରେ ଅଳ୍ପ ଦିନ ଭିତରେ ସାପଟି ମରିଯାଇଥାଏ କିମ୍ବା ଲୋକମାନେ ସାପକୁ ମାରି ଦେବା ପରେ ଅସ୍ତ୍ରଟି ସବୁଦିନ ପାଇଁ ହଜିଯାଇଥାଏ। ତେଣୁ ଏଭଳି ମାମଲାରେ ପୋଲିସ ବନ ବିଭାଗ ସହିତ ମିଶି କାମ କରିବା ବାଞ୍ଛନୀୟ। ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ବନ ବିଭାଗ ଏବଂ ପୋଲିସ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଟ୍ରମା ଓ ଏମରଜେନ୍ସି ବିଭାଗ ତରଫରୁ ବେସିକ ଲାଇଫ ସପୋର୍ଟ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# କେନ୍ଦ୍ରାପଡ଼ା: ଭାଜପା ଶକ୍ତି ୪ ଭାଗ

କେନ୍ଦ୍ରାପଡ଼ା, ୧୬।୧୨ (ଜଗନ୍ନାଥ ଧଳ)


ଧର୍ମେନ୍ଦ୍ର ପ୍ରଧାନ


ବୈଜୟନ୍ତ ପଣ୍ଡା


ବିଜୟ ମହାପାତ୍ର


ଅପରାଜିତା ଷଡ଼ଙ୍ଗୀ

କେନ୍ଦ୍ରାପଡ଼ା ଜିଲା ଭାଜପାରେ ଗୋଷ୍ଠୀ କନ୍ଦଳ ଲାଗିରହିଥିବା ବିଷୟ କିଛିବର୍ଷ ହେବ 'ହାଟରେ ପଡ଼ି ଦାଣ୍ଡରେ ଗଡୁଛି'। ବରିଷ୍ଠ ନେତାମାନେ ନିଜ ଅନୁଗତଙ୍କୁ ନେଇ ସଭା ଓ ଭିତିରି ବୈଠକ କରିବା ବିଷୟ ଅଛପା ନୁହେଁ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଚର୍ଚ୍ଚା ହେଉଛି, ଜିଲା ଭାଜପା ସାଙ୍ଗଠନିକ ଶକ୍ତି ଏବେ ୪ ଭାଗରେ ବିଭକ୍ତ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ବରିଷ୍ଠ ନେତା ବିଜୟ ମହାପାତ୍ର ଭାଜପା ଶକ୍ତିକୁ ଭାଙ୍ଗି ଯେମିତି ଗୋଟିଏ ଗୋଟିଏ ଅଂଶ ନିଜ ପାଖରେ ରଖିଲେଣି।

କେନ୍ଦ୍ରାପଡ଼ା ଜିଲାକୁ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଓ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଘନ ଘନ ଗସ୍ତ ସୂଚାଉଥିଲା ଆଗକୁ ସବୁ କିଛି ଠିକ୍‌ଠାକ୍ ହୋଇଯାଇପାରେ। ନିର୍ବାଚନ ପୂର୍ବରୁ ମିଳିମିଶି ଏକାଠି ହୋଇ ସମସ୍ତେ କାର୍ଯ୍ୟ କରିବେ। ହେଲେ ସେଭଳି ଆଭାସ ମିଳୁନାହିଁ। ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଦେଖାଯାଉ। ସେ ଦଳରେ ରହିଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ରାଜନୈତିକ କାର୍ଯ୍ୟକ୍ରମକୁ ନିଜ ବାଗରେ ଗୁରୁତ୍ୱ ଦେଉଛନ୍ତି। ପାଟକୁରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀକୁ ବାରମ୍ବାର ଗସ୍ତ କରି ସେ ସାଙ୍ଗଠନିକ ସ୍ଥିତିକୁ ମଜଭୁତ କରୁଛନ୍ତି। ଏପରି କି ଏହି ୨ ନିର୍ବାଚନମଣ୍ଡଳୀରେ ପୁଅ ଅରବିନ୍ଦଙ୍କୁ ସଙ୍ଗଠନ ସୁଦୃଢ଼ ପାଇଁ ଲଗାଇଛନ୍ତି। ୨୦୧୭ ଜିଲା ପରିଷଦ ନିର୍ବାଚନରେ ଜିଲାରୁ ୧୦ ଜୋନ୍ ସଭ୍ୟ ଜିତାଇବା ନେଇ ପ୍ରଶଂସା ତାଙ୍କ ଭାଗରେ ପଡ଼ିଥିଲା। ଏଥିପାଇଁ ନିର୍ବାଚନମଣ୍ଡଳୀରେ ଆଶାୟୀ ପ୍ରାର୍ଥୀମାନେ ତାଙ୍କ ସହଯୋଗ ଲୋଡୁଛନ୍ତି।

ଜିଲା ଭାଜପାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି ବୈଜୟନ୍ତଙ୍କ ପ୍ରଭାବ ମଧ୍ୟ ରହିଛି। ସାଙ୍ଗଠନିକ କର୍ମକର୍ତ୍ତା ଏବେ ବୈଜୟନ୍ତଙ୍କ ଇସାରାରେ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବିଜେଡିରୁ ପ୍ରାର୍ଥୀ ହୋଇ ସେ ୨ ଥର ଏମ୍‌ପି ହୋଇଥିଲେ। ହେଲେ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହୋଇ ୧,୫୨,୫୮୪ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ସେହି ସମୟରେ 'ବଗ' ଶବ୍ଦ ବେଶ୍ ଚର୍ଚ୍ଚିତ ହୋଇଥିବା କଥା ଏବେ ବି ଉଠୁଛି। 'ବ' ମାନେ ବୈଜୟନ୍ତ ଓ 'ଗ' ଅର୍ଥ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା। ୨ ଦଳର ବୁଝାମଣା ହୋଇଥିବା ଚର୍ଚ୍ଚା କାରଣରୁ ଭୋଟ ସଂଖ୍ୟା କମିଥିବା ଆଲୋଚନା ହୋଇଥିଲା। ତେବେ ଦଳୀୟ ସଙ୍ଗଠନକୁ ହାତମୁଠାରେ ରଖି ଆଗାମୀ ନିର୍ବାଚନ ରଣନୀତି ଯୋଜନା ପାଇଁ ରାଜ୍ୟ ସଭାପତିଙ୍କୁ ସାଥିରେ ଧରି ବୈଜୟନ୍ତ ଜିଲା ଗସ୍ତ କରୁଥିବା କୁହାଯାଉଛି।

କେନ୍ଦ୍ରାପଡ଼ାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପ୍ରାଧାନ୍ୟ ଦେଖିବାକୁ ମିଳୁଛି। ୨୦୧୯ ନିର୍ବାଚନ ପୂର୍ବରୁ ଓ ପରେ ଜିଲା ଗସ୍ତ କରି ସାଙ୍ଗଠନିକ କାର୍ଯ୍ୟରେ ସେ ନିଜକୁ ଯୋଡ଼ି ଦେଇଛନ୍ତି। ମିଶ୍ରଣ ପର୍ବ ମାଧ୍ୟମରେ ପୂର୍ବତନ ବିଧାୟକ ଅଲେଖ ଜେନା, ଦୋଳଗୋବିନ୍ଦ ନାୟକ ଆଦି ନେତାଙ୍କୁ ସାମିଲ କରିଛନ୍ତି। ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଏମ୍‌ପି ପ୍ରାର୍ଥୀ ଆଶାୟୀମାନେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଶୁଭଦୃଷ୍ଟିକୁ ଅପେକ୍ଷା କରିଥିବା ଭଳି ମନେହେଉଛି। ପ୍ରତ୍ୟେକ ପୂଜାପାର୍ବଣରେ ଅଥବା ସାଙ୍ଗଠନିକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଫଟୋକୁ ଅଧିକ ଗୁରୁତ୍ୱ ଦିଆଯାଉଛି।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଭାଜପାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ତାଙ୍କ ବିଜୟ ଦିନରୁ କିଛି କହିଚାଲିଛନ୍ତି। ସୋସିଆଲ ମିଡିଆରେ ସୃଷ୍ଟି ହୋଇଥିବା ଏଭଳି ବାତାବରଣ ଗସିପ୍ ପର୍ଯ୍ୟାୟରେ ରହିଛି। ଜିଲାରେ ଦଳୀୟ କେତେ ଜଣ କର୍ମୀ ତାଙ୍କ ପାଖଲୋକ ହେବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚଳାଇଛନ୍ତି ବୋଲି କର୍ମକର୍ତ୍ତା ମହଲରେ 'ଘୋ' ଉଠିଛି। ଏସବୁଥିରେ ଉତ୍‌ଫୁଲ୍ଲିତ ହୋଇ ଦଳୀୟ କର୍ମୀଙ୍କୁ ନିରାଶ ନ କରି ଅପରାଜିତା ଭୁବନେଶ୍ୱରରୁ କେନ୍ଦ୍ରାପଡ଼ା ଯାଇ କେତେକ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଦେଖିବାକୁ ମିଳିଛି।

କେନ୍ଦ୍ରାପଡ଼ା ଭାଜପାରେ ୪ ନେତାଙ୍କ ଗତିବିଧି ଦେଖିଲେ ଯଦି ନିର୍ବାଚନ ପୂର୍ବରୁ ସାଙ୍ଗଠନିକ ସ୍ଥିତି ସଜାଡ଼ିବାରେ ବିଳମ୍ବ ହୁଏ, ତେବେ ଶାସକ ଦଳ ଏହାର ଫାଇଦା ଉଠାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# 'କାଜୁ ନିଗମ ଅମରେନ୍ଦ୍ରଙ୍କ ପାଖରେ ଥିଲେ ଅଡୁଆ ବଢ଼ିଥାନ୍ତା'

## ବିଜେଡି ପ୍ରଶିକ୍ଷଣ ଶିବିର ବାହାରେ ଚର୍ଚ୍ଚା




ଜଗତ୍‌ସିଂହପୁର, ୧୬।୧୨
(ପ୍ରମୋଦ କୁମାର ନାୟକ)

ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡି ନେତା ଅମରେନ୍ଦ୍ର ଦାସ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଦଳୀୟ ଟିକେଟ ପାଇଁ ଲବି କରିଥିଲେ। ସାଙ୍ଗଠନିକ କାର୍ଯ୍ୟ ମଧ୍ୟ ଆଗେଇ ନେଇଥିଲେ। କିନ୍ତୁ ନିର୍ବାଚନର କିଛିଦିନ ପୂର୍ବରୁ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ବିଜେଡି ଟିକେଟ୍ ମିଳିଥିଲା। ପରେ ନିର୍ବାଚନମଣ୍ଡଳୀରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅମରେନ୍ଦ୍ରଙ୍କ ସମର୍ଥକମାନେ ଏହାକୁ ତୀବ୍ର ବିରୋଧ କରିଥିଲେ। ଏପରି କି ନବୀନ ନିବାସ ସମ୍ମୁଖରେ ରୁଣ୍ଡ ହୋଇ ବିକ୍ଷୋଭ କରିଥିଲେ। ଅମରେନ୍ଦ୍ରଙ୍କ ସାଙ୍ଗଠନିକ ଦକ୍ଷତା ଦେଖି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ଅମରେନ୍ଦ୍ରଙ୍କୁ ଦଳ ଜିଲା ସଭାପତି କରିଥିଲା। ପରେ କାଜୁ ନିଗମ ଅଧ୍ୟକ୍ଷ ପଦବୀ ଦିଆଯାଇଥିଲା। ଅମରେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ସବୁ ମାନି ନେଇଥିଲେ। କିନ୍ତୁ କାଳକ୍ରମେ ଅମରେନ୍ଦ୍ରଙ୍କୁ ଦଳ ଜିଲା ସଭାପତି ଓ ପରେ କାଜୁ ନିଗମ ଅଧ୍ୟକ୍ଷ ପଦରୁ ହଟାଇ ଦେଇଛି। ଏହାସତ୍ତ୍ୱେ ଅମରେନ୍ଦ୍ର ନରମି ନାହାନ୍ତି। ସେବେଠାରୁ ନିଜର ସଙ୍ଗଠନକୁ ମଜଭୁତ ପାଇଁ ବନ୍ଧୁମିଳନ ଆଦି କରି ଚାଲିଛନ୍ତି। ନିର୍ବାଚନମଣ୍ଡଳୀରେ ବିଜେଡି ୨ ଫାଳ ସ୍ଥିତିରେ ଅଛି। ଆଗକୁ ନିର୍ବାଚନ ପାଖେଇ ଆସୁଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ସମାନ୍ତରାଳ ସାଙ୍ଗଠନିକ କାର୍ଯ୍ୟ ଚାଲିଛି। ଏହା ଭିତରେ ପୂର୍ବତନ ବିଧାୟକ ତଥା କଂଗ୍ରେସରୁ ନିଲମ୍ବିତ ନେତା ଚିରଞ୍ଜୀବ ବିଶ୍ୱାଳ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଜୋର ଧରିଛି। ପୁଣି ଆଉ ଜଣେ ବିଜେଡି ଟିକେଟ୍ ପାଇଁ ଆଶାୟୀ ତାଲିକାରେ ଯୋଡ଼ି ହୋଇଛନ୍ତି। ସେ ପୁଣି ଜଣେ ମହିଳା। ପ୍ରତିଷ୍ଠିତ ବ୍ୟବସାୟୀ ଅମିୟ ଦାସଙ୍କ ସ୍ତ୍ରୀ ତଥା ପାରାଦୀପସ୍ଥିତ ଏକ ହୋଟେଲର ଡାଇରେକ୍ଟର ତଥା ତରଡ଼ାପଡ଼ା ବାସିନ୍ଦା ପ୍ରଣତୀ ଦାସ। ସେ ନିକଟରେ ତରଡ଼ାପଡ଼ାସ୍ଥିତ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ପ୍ରାଥମିକ ପର୍ଯ୍ୟାୟରେ ବନ୍ଧୁ ମିଳନର ଆୟୋଜନ କରି ଚର୍ଚ୍ଚାକୁ ଆସିଛନ୍ତି। ଏସବୁ ଭିତରେ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷେ ନିର୍ବାଚନକୁ ଆଖି ଆଗରେ ରଖି ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ପ୍ରଶିକ୍ଷଣ ଶିବିରର ଆୟୋଜନ ଆରମ୍ଭ ହୋଇଗଲାଣି।

ଶନିବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଦଳ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ୩ ଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ୨ଟି ଜୋନ୍‌ର ଦଳୀୟ କର୍ମୀ ଓ ନେତାମାନେ ଯୋଗ ଦେଇଥିଲେ। ବାହାରେ ଯେତିକି ଭିତରେ ସେତିକି ଲୋକ ରୁଣ୍ଡ ହୋଇଥିଲେ। ଠା' ଠାରେ ଆଲୋଚନା କରୁଥିବା ବେଳେ ଅନେକ କଥା ଭାସି ଆସୁଥିଲା। କିନ୍ତୁ ଏକ ଗୋଷ୍ଠୀ ପ୍ରଶାନ୍ତ ଓ ଅମରେନ୍ଦ୍ର ବିବାଦ ଉପରେ ଅନେକ କିଛି ଚର୍ଚ୍ଚା କରୁଥିବା ଦେଖାଯାଇଥିଲା। ସେମାନଙ୍କ ଭିତରୁ ଜଣେ କହିଥିଲେ, ଆଜି ଯଦି ଅମରେନ୍ଦ୍ର କାଜୁ ନିଗମ ଅଧ୍ୟକ୍ଷ ଥାନ୍ତେ ତେବେ ପ୍ରଶାନ୍ତଙ୍କ ପାଇଁ ଅଡୁଆ ବଢ଼ି ଯାଇଥାନ୍ତା। କାରଣ ଅମରେନ୍ଦ୍ରଙ୍କ ହାତରେ ବିଜେଡିର ଏକ ଗୋଷ୍ଠୀ ଅଛନ୍ତି। ନିଗମ ଅଧ୍ୟକ୍ଷ ଥିବା ବେଳେ ନିର୍ବାଚନମଣ୍ଡଳୀରେ ଅନେକ କିଛି କାମ କରି ଚାଲିଥିଲେ। ଏହି ଧାରା ଜାରି ରହିଥିଲେ ବିଧାୟକ ପ୍ରଶାନ୍ତଙ୍କ ବିକଳ୍ପ ଭାବେ ଅମରେନ୍ଦ୍ରଙ୍କୁ ଲୋକେ ଭାବିଥାନ୍ତେ। ସୌଭାଗ୍ୟ ଅମରେନ୍ଦ୍ରଙ୍କୁ ଅଧ୍ୟକ୍ଷ ପଦରୁ ହଟାଇ ଦିଆଯାଇଛି। ଏହି କଥା ଉପସ୍ଥିତ ଦଳୀୟ ଅନ୍ୟ କର୍ମୀଙ୍କୁ ନୂଆ ଇସାରା ଦେଇଥିଲା। ତେବେ ଆଗକୁ ଅମରେନ୍ଦ୍ର ଓ ପ୍ରଶାନ୍ତଙ୍କ ବିବାଦର ମୋଡ କେଉଁ ଆଡେ ଯାଉଛି ତାହା ଦେଖିବା ବାକି ରହିଲା।

# ଶ୍ରୀମୟୀଙ୍କ ନାମ ନେଇ ଅଶୋକଙ୍କ ୟୁଟର୍ନ

ଭୁବନେଶ୍ୱର, ୧୬।୧୨ (ଅନିଲ ଦାସ)

**ଭୁବନେଶ୍ୱର ସଂସଦୀୟ କ୍ଷେତ୍ର**

ସାଧାରଣ ନିର୍ବାଚନକୁ ଆଉ କିଛି ମାସ ବାକି ରହିଛି। ବିଭିନ୍ନ ଦଳ ପକ୍ଷରୁ ଏ ନେଇ ରଣନୀତି ପ୍ରସ୍ତୁତ ଚାଲିଛି। ତେବେ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛନ୍ତି। ତେବେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକାମ୍ର ନିର୍ବାଚନମଣ୍ଡଳୀରେ ଦଳ ପକ୍ଷରୁ ପଦଯାତ୍ରା ଚାଲିଥିବାବେଳେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ଶ୍ରୀମୟୀ ମିଶ୍ରଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ମୁହଁ ଖୋଲିବା ପରେ ୟୁଟର୍ନ ନେଇଛନ୍ତି।

୨୦୧୯ ନିର୍ବାଚନରେ ଏଠାରୁ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଅରୂପ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କରିଥିଲା। ତେବେ ସେ ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କଠାରୁ ପରାସ୍ତ ହୋଇଥିଲେ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ଦଳ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ ଦେବାଲାଗି କସରତ କରୁଛି। ଅନ୍ୟପକ୍ଷରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଆସନ୍ତା ନିର୍ବାଚନରେ ଏଠାରୁ ପ୍ରାର୍ଥୀ ହେବା ପାଇଁ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏପରି ସ୍ଥଳେ ଅପରାଜିତାଙ୍କୁ ଟକ୍କର ଦେବା ପାଇଁ ବିଜେଡିରୁ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

ଭୁବନେଶ୍ୱର ଲୋକ ସଭା ଆସନ ଅନ୍ତର୍ଗତ ଜଟଣୀ, ଜୟଦେବ ଓ ବେଗୁନିଆରେ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ସକ୍ରିୟ ରହିଛନ୍ତି। ଗତ କିଛିଦିନ ତଳେ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ପଦଯାତ୍ରା ବେଳେ ଶ୍ରୀମୟୀ ବିଜେଡିର ଲୋକ ସଭା ପ୍ରାର୍ଥୀ ହେବେ ବୋଲି କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା। ତେବେ ଏହି ଚର୍ଚ୍ଚାକୁ ଶନିବାର ଏକାମ୍ର ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ବିଜେଡି ପଦଯାତ୍ରାରେ ଆଉ ଟିକେ ଖୋରାକ ମିଳିଛି।

ପଦଯାତ୍ରା ବେଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ପଣ୍ଡା କହିଥିଲେ, ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଶ୍ରୀମୟୀଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରାର୍ଥୀ କରିବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କର ଏହା ସମ୍ମାନର ପ୍ରଶ୍ନ। ଶ୍ରୀମୟୀଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ବିଜୟୀ କରିବାକୁ ସେ ଉପସ୍ଥିତ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ମନ୍ତବ୍ୟକୁ ନେଇ ବିଜେଡି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଭାବେ ଶ୍ରୀମୟୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଦଳ ଏ ଭୁଲ କରିବନି: ପାଟଶାଣୀ

ଦଳର ଉପସଭାପତି ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏହି ଆସନରୁ ୪ ଥର ବିଜୟୀ ହୋଇଥିବା ପାଟଶାଣୀ କହିଛନ୍ତି, ୨୦୧୯ରେ ତାଙ୍କୁ ଟିକେଟ ଦିଆଯାଇ ନ ଥିଲା। ସେ କେବେ ବିରୋଧ କରିନାହାନ୍ତି। କେତେ ଏମିତି ଆସିବେ ଆଉ ଯିବେ। ଆମେ ଲୋକଙ୍କ ସହ ଅଛୁ। ଲୋକଙ୍କ ସହ ଯିଏ ଥାଏ ତା'ର ପରାଜୟ ହୁଏନି। ତାଙ୍କୁ ଟିକେଟ ଦେଇଥିଲେ ସେ ଜିତିଥାଆନ୍ତେ। ଦଳ ଥରେ ଭୁଲ କରିଥିଲା, ଯାହା ଅବସ୍ଥା ହେଲା ସମସ୍ତେ ଜାଣିଛନ୍ତି। କିନ୍ତୁ ବିଶ୍ୱାସ ଅଛି, ଦଳ ସେହି ଭୁଲ କେବେ କରିବନି ବୋଲି ପାଟଶାଣୀ କହିଛନ୍ତି।

ପାଟଶାଣୀଙ୍କ ମନ୍ତବ୍ୟ ପରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିଜ କଥାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଭୁବନେଶ୍ୱର ଲୋକ ସଭା ଆସନରୁ କିଏ ପ୍ରାର୍ଥୀ ହେବେ ନ ହେବେ ତାହା ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ସେଥିରେ ତାଙ୍କର କିଛି ଭୂମିକା ନାହିଁ। ସେ ଯାହା କହିଛନ୍ତି ତାକୁ କଦର୍ଥ କରାଯାଇଛି। ସେ କେବେ ଶ୍ରୀମୟୀଙ୍କୁ ପ୍ରାର୍ଥୀ ଘୋଷଣା କରିବା କଥା କହିନାହାନ୍ତି। ସେ ସଂସଦୀୟ କ୍ଷେତ୍ରରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ତେଣୁ ତାଙ୍କୁ ଆଶୀର୍ବାଦ ଦେବାକୁ ମୁଁ ଲୋକମାନଙ୍କୁ ନିବେଦନ କରିଛି।


ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଶନିବାର ବିଜେଡିର ପଦଯାତ୍ରାବେଳେ ଶ୍ରୀମୟୀ ମିଶ୍ରଙ୍କୁ ଜଣେ ବୟସ୍କା ମହିଳା ଆଶୀର୍ବାଦ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା।

# ଗାନ୍ଧୀ ପରିବାରର ଏଟିଏମ୍ ଥିଲେ ଧୀରଜ: ଧର୍ମେନ୍ଦ୍ର

## ଶାସକ ଦଳର ରୂପାନ୍ତରୀକରଣ ନେଇ ପ୍ରଶ୍ନ ଉଠାଇଲେ

କଟକ, ୧୬।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ଝାଡ଼ଖଣ୍ଡର କଂଗ୍ରେସ ସାଂସଦ ଧୀରଜ ସାହୁ ଗାନ୍ଧୀ ପରିବାରର ଏଟିଏମ୍ ଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକଠାରେ କହିବା ପରେ ତାହାକୁ ନେଇ ରାଜନୈତିକ ଆଲୋଚନା ହୋଇଛି। ରେଭେନ୍‌ଶା ବାଳିକା ବିଦ୍ୟାଳୟର ୧୫୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପରେ ଗଣମାଧ୍ୟମ ପକ୍ଷରୁ ପଚରାଯାଇଥିବା କେତେକ ପ୍ରଶ୍ନର ଉତ୍ତର ଦେବାବେଳେ ସେ ଉଭୟ କଂଗ୍ରେସ ଓ ବିଜେଡିକୁ ଉପଲକ୍ଷ୍ୟ କରି ମନ୍ତବ୍ୟ ଦେଇଛନ୍ତି।

ଧୀରଜଙ୍କୁ ଧର୍ମେନ୍ଦ୍ର କଟାକ୍ଷ କରି ଓଡ଼ିଆ ଢଗ 'ମନ୍ଦିର ଭିତରେ କିଏ ନା ମୁଁ କଦଳୀ ଖାଇନି' ବିଷୟ ଅବତାରଣା କରିଛନ୍ତି। ସେ କହିଛନ୍ତି, ଏହାକୁ ଯେତେ ବି ଜୋର ଭାବେ କହିଲେ ସେ କଥା ଲୁଚି ରହିବନି। ଟଙ୍କା ଆସିଲା କେଉଁଠୁ, ତାହା କାହାର, ସେ ଟଙ୍କାରେ ଲାଭାର୍ଥୀ କେଉଁମାନେ ଥିଲେ, ସେମାନେ ଏବେ କାହିଁକି ଚୁପ୍ ହୋଇ ରହିଛନ୍ତି ଆଦି ପ୍ରଶ୍ନର ଉତ୍ତର ଦେବାକୁ ପଡିବ। କେତେକ ରାଜ୍ୟର ଅବକାରୀ ନୀତିର ନିର୍ଦ୍ଧାରକ ଥିଲେ ଧୀରଜ। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶା କଥା କୁହାଯାଉଛି। ବିଶେଷକରି ଯେଉଁ ଓଡ଼ିଶାରୁ ଏତେ ଟଙ୍କା ଜବତ ହୋଇଛି ତାହାର ମୂଳ କାରଣ ହେଉଛି ଓଡ଼ିଶାରେ ଦୁର୍ନୀତିର ଉଇ ଲାଗିଥିବା ଅବକାରୀ ନୀତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏସବୁରେ ସମ୍ପୃକ୍ତ ଥିବା ଲୋକମାନେ ଉତ୍ତର ଦେବା ଦରକାର। ୫୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ଆଜି ବି ଏନେଇ ଅନୁସନ୍ଧାନ ଚାଲିଛି। ଆଗକୁ କ'ଣ ହେବ ତାହା ଦେଖିବାକୁ ବାକି ରହିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସୂଚନା ଦିଆଯାଇପାରେ ଯେ, ଶୁକ୍ରବାର ଧୀରଜ କହିଥିଲେ ମିଳିଥିବା ଟଙ୍କା ତାଙ୍କର ନୁହେଁ। ତାହା ପରିବାର ଦ୍ୱାରା ପରିଚାଳିତ କମ୍ପାନୀର ଓ ସେଥିରେ କଂଗ୍ରେସ କିମ୍ବା ଅନ୍ୟ ଦଳର ସମ୍ପର୍କ ନ ଥିବା ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ରାଜ୍ୟରେ ଏତେ ରୂପାନ୍ତରୀକରଣ ହୋଇଥିବାରୁ ବିରୋଧୀ ତାହାକୁ ସହ୍ୟ କରିପାରୁ ନାହିଁ ବୋଲି ଯାହା କୁହାଯାଉଛି, ସେ ସମ୍ପର୍କରେ ଧର୍ମେନ୍ଦ୍ରଙ୍କୁ ପଚରାଯିବାରୁ ସେ କହିଛନ୍ତି, ଶାସକ ଦଳ ତାଙ୍କ ମନ୍ତବ୍ୟ ଦେବା ଉଚିତ। ତେବେ କେଉଁ ରାଜ୍ୟରେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପୋଲିସ ଗୁଳି କରି ମାରିଛି, କେଉଁ ରାଜ୍ୟରେ ମମିତା ମେହେର ଭଳି ଯୁବତୀଙ୍କୁ ନୃଶଂସ ଭାବେ ହତ୍ୟା କରାଯାଇଛି, ଯେଉଁଥିରେ ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ସମ୍ପୃକ୍ତି ରହିଛି ; କେଉଁ ରାଜ୍ୟରେ ୨୫ବର୍ଷ ହେବ ଅବକାରୀ ନୀତିକୁ ଦୁର୍ନୀତି ପାଇଁ ବଦଳାଯାଇନାହିଁ, କେଉଁ ରାଜ୍ୟରେ ଗରିବ ଲୋକଙ୍କର ଟଙ୍କା ଏତେ ମାତ୍ରାରେ ବାଟମାରଣା ହେଉଛି ସେ କଥା କୁହାଯାଉ। ଯଦି ଏଥିରେ ସୁଧାର ଆସୁନି ତେବେ ରୂପାନ୍ତରୀକରଣ କ'ଣ ହେଉଛି ଆଦି ବିଷୟରେ ଶାସକ ଦଳ କାହିଁକି ମତ ରଖୁ ନାହିଁ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ ବାଡ଼ିଛନ୍ତି। ଯେଉଁଠି ସାଢ଼େ ୪ କୋଟି ଓଡ଼ିଆଙ୍କ ମଧ୍ୟରୁ ୧ କୋଟି ଓଡ଼ିଆ ଦିନ ମଜୁରିଆ ଭାବେ ପେଟ ପୋଷିବା ପାଇଁ ବାହାରେ ରହୁଛନ୍ତି, ଯଦି ଏହା ହିଁ ୨୫ ବର୍ଷରେ ରୂପାନ୍ତରୀକରଣ ଲାଗୁଛି ତେବେ ଏହାକୁ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣରେ ଛାଡ଼ିବେ ଓ ତାଙ୍କ ପାଖରେ ଅନ୍ୟ କିଛି ଉପାୟ ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଓଡ଼ିଶାର ଲୋକଙ୍କୁ, ଓଡ଼ିଆର ମନକୁ କେହି ଏତେ ମନପୋଲି ଭାବିବା ଉଚିତ ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନିର୍ବାଚନକୁ ଆଉ କିଛି ମାସ ଥିବାବେଳେ ଧର୍ମେନ୍ଦ୍ରଙ୍କ ପ୍ରଶ୍ନବାଣ ରାଜନୈତିକ ପରିବେଶକୁ ରୋଚକ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଧର୍ମେନ୍ଦ୍ରଙ୍କୁ ଭର୍ତ୍ତୃହରିଙ୍କ ଫାଉଲ ପରାମର୍ଶ

କଟକ, ୧୬।୧୨ (ଶିଳ୍ପା ପ୍ରିୟଦର୍ଶିନୀ)


ଭର୍ତ୍ତୃହରି ମହତାବ

କଟକ ରେଭେନ୍‌ଶା ବାଳିକା ବିଦ୍ୟାଳୟର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଟିଏ ମଞ୍ଚରେ ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍‌ପି ଭର୍ତ୍ତୃହରି ମହତାବ। ଭାଷଣ ଦେବା ବେଳେ ଦୁଇ ନେତା ପରସ୍ପରକୁ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ଧର୍ମେନ୍ଦ୍ରଙ୍କୁ ପ୍ରଶଂସା କରି ଭର୍ତ୍ତୃହରି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଆଗକୁ ବଢ଼ିବାକୁ ଚାହୁଁଥିଲେ ଯଦି କିଏ ତାଙ୍କୁ ଫାଉଲ ମାରିବାକୁ ଚେଷ୍ଟା କରେ, ତେବେ ସେ ତାକୁ ମୁକାବିଲା କରିବାର ଦକ୍ଷତା ରଖନ୍ତି। ସେ କହିଛନ୍ତି, ଖେଳ ପଡ଼ିଆରେ ଅନେକ ଫାଉଲ ଭୋଗିବାକୁ ହୁଏ। ଜୀବନରେ ବହୁ ପ୍ରକାର ଫାଉଲ ମାରିବା ଲୋକ ଅଛନ୍ତି। ତେଣୁ ଧର୍ମେନ୍ଦ୍ରବାବୁ କିଏ କ'ଣ ଫାଉଲ ମାରୁଛି ମନ ଶଙ୍କା କରନ୍ତୁ ନାହିଁ। ଆପଣ କୁଶଳୀ ଲୋକ, ସେ ଦୃଷ୍ଟିରୁ କିଏ କ'ଣ ଉଦ୍ୟମ କରୁଛି, ତାକୁ ଅତିକ୍ରମ କରି ଗୋଲ କରିବା କୌଶଳ ଆପଣଙ୍କୁ ଜଣା। ସେଥିପାଇଁ ପ୍ରଧାନମନ୍ତ୍ରୀ ଆପଣଙ୍କୁ କୌଶଳ ଓ ଦକ୍ଷତା ବିକାଶ ମନ୍ତ୍ରୀ କରିଛନ୍ତି ବୋଲି ଭର୍ତ୍ତୃହରି କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ଦେବା ବେଳେ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ଧର୍ମେନ୍ଦ୍ର କହିଥିଲେ, କଟକ ସାଂସଦ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରିୟଲୋକ। କଟକରେ କୌଣସି ସଭା ହେବ ଆଉ ଭର୍ତ୍ତୃହରି ନ ଥିବେ, ଏହା ହୋଇ ନ ପାରେ। ବିକଶିତ ରଥ କଟକକୁ ବି ଆସିଲାଣି। ହେଲେ ସେ ପୂର୍ବରୁ ସୂଚନା ପାଇନାହାନ୍ତି। ନହେଲେ ଦୁହେଁ ମିଶି ବିକଶିତ ରଥ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

କେତେଜଣ କଟକିଆ କହୁଛନ୍ତି, ପୂର୍ବରୁ ମଧ୍ୟ ସାଂସଦ ଭର୍ତ୍ତୃହରି ଭାଜପା ପଟକୁ ଢଳୁଥିବା ଚର୍ଚ୍ଚା ହୋଇଆସୁଥିଲା। ଏବେ ଧର୍ମେନ୍ଦ୍ରଙ୍କ ପାଇଁ ଫାଉଲ ବିଷୟ ଅବତାରଣା କରି ଭର୍ତ୍ତୃହରି ଦେଇଥିବା ମନ୍ତବ୍ୟ ରାଜନୈତିକ ବାତାବରଣରେ ନୂଆ ଗୁପୁରୁଗାପର ଆରମ୍ଭ କରିଦେଲା।

# ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶାକୁ ବଦନାମ କରୁଛନ୍ତି ଧର୍ମେନ୍ଦ୍ର: ସମ୍ବିତ

ଭୁବନେଶ୍ୱର, ୧୬।୧୨ (ଅନିଲ ଦାସ)

ଭାରତୀୟ ଜନତା ପାର୍ଟିର ରାଜ୍ୟ ନେତାମାନେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜର ରାଜନୈତିକ ସ୍ୱାର୍ଥ ଚରିତାର୍ଥ ପାଇଁ ମିଥ୍ୟା ଓ ବିଭ୍ରାନ୍ତିକର ଅଭିଯୋଗ ଆଣି ଓଡ଼ିଶାବାସୀଙ୍କୁ ବଦନାମ କରୁଛନ୍ତି। ଓଡ଼ିଶାରେ ଦୁଇ ଦୁଇଟି ହକି ବିଶ୍ୱକପ୍ ହେଲା। ଥରଟିଏ ହେଲେ ବି ଭାରତୀୟ ଜନତା ପାର୍ଟି କିମ୍ବା କେନ୍ଦ୍ରମନ୍ତ୍ରୀ ପ୍ରଶଂସା କଲେ ନାହିଁ। ରାଜ୍ୟର ସଫଳତାରେ ବିବ୍ରତ ହୋଇପଡ଼ିଛନ୍ତି ରାଜ୍ୟ ଭାଜପା ନେତା। ଧର୍ମେନ୍ଦ୍ରଙ୍କ ପାଇଁ ରାଜନୀତି ଆଗ, ଓଡ଼ିଶା ପଛ। ବିଜେଡି ମୁଖପାତ୍ର ସମ୍ବିତ ପାତ୍ର ଏଭଳି ଢଙ୍ଗରେ ଧର୍ମେନ୍ଦ୍ରଙ୍କୁ ସମାଲୋଚନା କରିଛନ୍ତି। ଓଡ଼ିଶା ଯେତେବେଳେ ଦୁଇଥର ହକି ବିଶ୍ୱକପ୍ ଆୟୋଜନ କରିଥିଲା, ବିତ୍ତୀୟ ପରିଚାଳନା ଓ ଋଣ ହାର ପରିଚାଳନାରେ ଦେଶରେ ୧ ନମ୍ବର ସ୍ଥାନ ହାସଲ କରିଥିଲା, ସେତେବେଳେ ଭାରତୀୟ ରିଜର୍ଭ ବ୍ୟାଙ୍କ ଓଡ଼ିଶାକୁ ପ୍ରଶଂସା କରିଥିଲା। ଏକାଧିକ ରୂପାନ୍ତରଣ କାର୍ଯ୍ୟ ହେଉ ବା ବିପର୍ଯ୍ୟୟ ମୁକାବିଲା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଛି। ହେଲେ ଓଡ଼ିଶା ଭାଜପା ନେତା ଏବଂ ଧର୍ମେନ୍ଦ୍ର କେବେ ଏସବୁ ଉପଲବ୍ଧିକୁ ପ୍ରଶଂସା କରିନାହାନ୍ତି। ସେମାନଙ୍କ ପାଇଁ ରାଜନୀତି ପ୍ରଥମ, ଓଡ଼ିଶା ପଛ। ସବୁବେଳେ ସେମାନେ ଚେଷ୍ଟା କରିଥାଆନ୍ତି କେମିତି ତଥ୍ୟକୁ ଗୋଳମାଳିଆ କରି ଉପସ୍ଥାପନ କରିବେ। ଓଡ଼ିଶାକୁ ବଦନାମ କରିବେ। ଯେତେବେଳେ ପୂରା ଓଡ଼ିଶା ରାଜ୍ୟରେ ଚାଲିଥିବା ଭଲ କାର୍ଯ୍ୟ ପାଇଁ ଗର୍ବ କରୁଛି ସେତେବେଳେ ଧର୍ମେନ୍ଦ୍ର ବିବ୍ରତ ହୋଇ ପଡୁଛନ୍ତି। ଏଭଳି ହୀନ ରାଜନୀତି ପାଇଁ ଅତୀତରେ ଓଡ଼ିଶାବାସୀ ସେମାନଙ୍କୁ ଉଚିତ ଜବାବ ଦେଇଥିଲେ। ଆଗକୁ ମଧ୍ୟ ଉଚିତ ଜବାବ ଦେବେ ବୋଲି ସମ୍ବିତ କହିଛନ୍ତି।


ସମ୍ବିତ ପାତ୍ର



'ଫ୍ରେଣ୍ଡସ' ଚଳଚ୍ଚିତ୍ରର ଅଭିନେତା ମାଥ୍ୟୁ ପେରି ଭୁଲ୍‌ବଶତଃ କେଟାମିନ୍ ନାମକ ଔଷଧର ଅତ୍ୟଧିକ ଡୋଜ୍ ନେବାରୁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡ଼ିଛି। ଗତ ଅକ୍ଟୋବରରେ ୫୪ ବର୍ଷୀୟ ମାଥ୍ୟୁଙ୍କ ଅଚେତ ଶରୀର ତାଙ୍କ ଲସ୍ ଏଞ୍ଜେଲ୍ସ ବାସଭବନ ସୁଇମିଂ ପୁଲ୍‌ରୁ ମିଳିଥିଲା।

**୧୧ ସପ୍ତାହରେ ଗାଜା ଯୁଦ୍ଧ**

# କ୍ଷୁଧାରେ ଛଟପଟ ଲୋକେ




ଗାଜାରେ ଯୁଦ୍ଧ ବନ୍ଦକରି ହମାସ୍ ଆତଙ୍କବାଦୀଙ୍କ କବ୍‌ଜାରେ ଥିବା ଇସ୍ରାଏଲୀ ପଣବନ୍ଦୀଙ୍କୁ ତୁରନ୍ତ ମୁକ୍ତ କରିବା ଦାବିରେ ସେମାନଙ୍କ ସମ୍ପର୍କୀୟ ଓ ବନ୍ଧୁମାନେ ଶନିବାର ତେଲ୍ ଆଭିଭ୍‌ଠାରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରାଫାହ୍, ୧୬।୧୨**

ଗାଜା ଷ୍ଟ୍ରିପ୍ ଉପରେ ଇସ୍ରାଏଲ୍ ଆକ୍ରମଣ ୧୧ ସପ୍ତାହରେ ପହଞ୍ଚିଥିବାବେଳେ ଗୁରୁବାରଠାରୁ ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବା ବନ୍ଦ ହୋଇଯାଇଛି। ଏହା ସାଙ୍ଗକୁ ଖାଇବାକୁ ନ ପାଇ ଲୋକେ ଛଟପଟ ହେଉଥିବା ଜାତିସଂଘର ଏକ ସଂସ୍ଥା ସୂଚନା ଦେଇଛି। ଫଳରେ ଗାଜାବାସୀ ଅତ୍ୟନ୍ତ ଦୟନୀୟ ସ୍ଥିତିରେ ରହିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ପାଲେଷ୍ଟିନୀୟମାନଙ୍କ ନିକଟରେ ସହାୟତା ପହଞ୍ଚିବାରେ ବାଧା ସୃଷ୍ଟି ହୋଇଛି। ସେହିପରି

**ଯୋଗାଯୋଗ ବିଚ୍ଛିନ୍ନ**

ଉଦ୍ଧାରକାରୀ ଟିମ୍ ମଧ୍ୟ ଆବଶ୍ୟକ ସ୍ଥଳେ ପହଞ୍ଚିପାରୁ ନାହିଁ। ଦୁଇ ମାସରୁ ଊର୍ଦ୍ଧ୍ୱ ଯୁଦ୍ଧ ଅବଧି ମଧ୍ୟରେ କ୍ରମାଗତ ଏତେଦିନ ଟେଲିଫୋନ୍ ଏବଂ ଇଣ୍ଟରନେଟ୍ ସେବା ବ୍ୟାହତ ହୋଇ ନ ଥିଲା। ଗାଜା ଦକ୍ଷିଣ ଭାଗରେ ଟେଲିକମ୍ୟୁନିକେଶନ ଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ଫୋନ୍ ସଂଯୋଗ ହୋଇପାରୁ ନ ଥିବା ଜାତିସଂଘ ମାନବୀୟ ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ସାମରିକ କାର୍ଯ୍ୟାନୁଷ୍ଠାନ କମାଇ କେବଳ ହମାସ୍ ନେତାଙ୍କୁ ଟାର୍ଗେଟ କରିବା ପାଇଁ ଆମେରିକାର ପରାମର୍ଶ ସତ୍ତ୍ୱେ ଶନିବାର ଇସ୍ରାଏଲ୍‌ର ବୋମାମାଡ଼ରେ ଗାଜାର ୧୪ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଜବାଲିଆର ପୁରୁଣା ଗାଜା ଷ୍ଟ୍ରିଟ୍‌ରେ ଥିବା ଦୁଇଟି ଘର ଉପରେ ଇସ୍ରାଏଲ୍ ସେନା ବୋମାମାଡ଼ କରିଥିଲା। ଘରଗୁଡ଼ିକର ଭଗ୍ନାବଶେଷ ତଳେ ବହୁ ଲୋକ ପୋତିହୋଇଯାଇଥିବା ଆଶଙ୍କା କରାଯାଉଛି। ଇସ୍ରାଏଲ୍ ସେନା ଗାଜା ସିଟିର ଦୁଇଟି ସ୍କୁଲ୍ ଉପରେ ଆକ୍ରମଣ କରିବାରୁ କେତେଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ହମାସ୍ ଅସ୍ତ୍ରଶସ୍ତ୍ର ରଖିଥିବା ଖାନ୍ ୟୁନିସ୍‌ର ଏକ ଆପାର୍ଟମେଣ୍ଟ ଉପରେ ଇସ୍ରାଏଲ୍ ସୈନ୍ୟ ଚଢ଼ାଉ କରିଛନ୍ତି।

ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଆକ୍ରମଣ କରିବା ପରେ ଏହାର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ଇସ୍ରାଏଲ୍ ଆକ୍ରମଣ ପରେ ଗାଜାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ୮୫ ପ୍ରତିଶତ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ସେମାନେ ଦକ୍ଷିଣ ଭାଗରେ ଥିବା ଆଶ୍ରୟସ୍ଥଳଗୁଡ଼ିକରେ ଦୟନୀୟ ସ୍ଥିତିରେ ରହିଥିବାବେଳେ ମାନବୀୟ ସଙ୍କଟ ବଢ଼ିବାରେ ଲାଗିଛି। ଗତ ଶୁକ୍ରବାର ଇସ୍ରାଏଲ ସୈନ୍ୟ ଭୁଲ୍‌ବଶତଃ ୩ ଜଣ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ୍ ଆତଙ୍କବାଦୀ ଭାବି ହତ୍ୟା କରିଥିଲେ। ସେପଟେ ନେତାନ୍ୟାହୁ ସରକାର ପଣବନ୍ଦୀମାନଙ୍କୁ ଫେରାଇ ଆଣିବାରେ ବିଫଳ ହୋଇଥିବାରୁ ତେଲ୍ ଆଭିଭ୍ ମୁଖ୍ୟ ରାଜପଥରେ ଶୁକ୍ରବାର ହଜାର ହଜାର ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ଫେରାଇ ଆଣିବା ଦିଗରେ ସରକାର ଅଧିକ ପଦକ୍ଷେପ ନେବା ଦାବିରେ ପଣବନ୍ଦୀଙ୍କ ପରିବାର ଲୋକେ ଅଭିଯାନ ଚଳାଇଛନ୍ତି। ଭୁଲ୍‌ରେ ପଣବନ୍ଦୀଙ୍କୁ ହତ୍ୟା ଘଟଣାରେ ଉତ୍ତେଜନା ବୃଦ୍ଧି ପାଇଛି।

## ପଣବନ୍ଦୀ ମୁକ୍ତି ପାଇଁ ଉଦ୍ୟମ

**ତେଲ୍ ଆଭିଭ୍, ୧୬।୧୨**

ହମାସ୍ ଆତଙ୍କବାଦୀଙ୍କ କବ୍‌ଜାରେ ରହିଥିବା ଇସ୍ରାଏଲୀ ପଣବନ୍ଦୀମାନଙ୍କୁ ଫେରାଇଆଣିବା ଲାଗି ପୁଣିଥରେ ଉଦ୍ୟମ ଆରମ୍ଭ ହୋଇଛି। କାତାର ପ୍ରଧାନମନ୍ତ୍ରୀ ମହମ୍ମଦ ବିନ୍ ଅବଦୁଲ୍ ରହମନ ଅଲ୍ ଥାନି ଏବଂ ଇସ୍ରାଏଲ୍‌ର ମୋସାଦ ଗୋଇନ୍ଦା ସଂସ୍ଥା ନିର୍ଦ୍ଦେଶକ ଡାଭିଡ୍ ବାରନିଆଙ୍କ ମଧ୍ୟରେ ନରୱେର ଓସ୍ଲୋଠାରେ ଆଲୋଚନା ହେବାକୁ ଯାଉଛି। ଡାଭିଡ୍ ଇଜିପ୍ଟ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଆଲୋଚନା କରିପାରନ୍ତି। ଅସ୍ତ୍ରବିରତି ଘୋଷଣା ପରେ ହମାସ୍ ଆତଙ୍କବାଦୀ ଗାଜାରେ ରଖିଥିବା ପଣବନ୍ଦୀମାନଙ୍କୁ ମୁକ୍ତ କରିବେ। ତାହା ବଦଳରେ ଇସ୍ରାଏଲ୍‌ରେ ବନ୍ଦୀ ଥିବା ପାଲେଷ୍ଟିନୀୟମାନଙ୍କୁ ଛଡ଼ାଯିବ। ଭୁଲ୍‌ରେ ୩ ପଣବନ୍ଦୀଙ୍କୁ ଇସ୍ରାଏଲ୍ ସୈନ୍ୟ ଗୁଳିକରି ହତ୍ୟା କରିଥିବାବେଳେ ତାହାର ତଦନ୍ତ କରାଯାଉଛି। ଗତ ମାସ ଶେଷ ଭାଗରେ ସପ୍ତାହେ ଧରି ଅସ୍ତ୍ରବିରତି ସମୟରେ ହମାସ୍ ୧୦୦ରୁ ଅଧିକ ପଣବନ୍ଦୀଙ୍କୁ ମୁକ୍ତ କରିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା, ଶିଶୁ ଏବଂ ବିଦେଶୀ ପଣବନ୍ଦୀ ଥିଲେ। ଏହା ବଦଳରେ ଇସ୍ରାଏଲ୍ ୨୪୦ ଜଣ ମହିଳା ଓ କିଶୋର ବନ୍ଦୀଙ୍କୁ ଛାଡ଼ିଥିଲା।

## ପୋଲିସ ହାଜତକୁ ଗଲେ ଷଷ୍ଠ ଅଭିଯୁକ୍ତ

**ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ**



ମହେଶ କୁମାୱତ୍

**ନୂଆଦିଲ୍ଲୀ, ୧୬।୧୨**

ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ ସହ ସମ୍ପୃକ୍ତ ଷଷ୍ଠ ଅଭିଯୁକ୍ତ ମହେଶ କୁମାୱତ୍‌ଙ୍କୁ ଶନିବାର ଦିଲ୍ଲୀ ପୋଲିସ ଗିରଫ କରିବା ପରେ ଅଦାଲତ ତାଙ୍କୁ ୭ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦେଇଛନ୍ତି। ଏହି ଘଟଣାର ମାଷ୍ଟରମାଇଣ୍ଡ ଲଳିତ ଝାଙ୍କୁ ଦିଲ୍ଲୀରୁ ଖସିଯିବାରେ ମହେଶ ସହଯୋଗ କରିଥିଲେ। ଗୁରୁବାର ରାତିରେ ଲଳିତଙ୍କ ସହ ମହେଶ ଆସି ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ପୋଲିସର ସ୍ୱତନ୍ତ୍ର ସେଲ୍ ପଚରାଉଚରା ଚଳାଇଥିଲା। ପ୍ରମାଣ ନଷ୍ଟ କରିବା ଏବଂ ଆପରାଧିକ ଷଡ଼ଯନ୍ତ୍ର ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଗତ ୧୩ ତାରିଖରେ ୨୦୦୧ ପାର୍ଲାମେଣ୍ଟ ଆକ୍ରମଣର ୨୨ ବର୍ଷ ପୂର୍ତ୍ତି ଅବସରରେ ଦୁଇଜଣ ଅଭିଯୁକ୍ତ ଲୋକ ସଭାରେ ପ୍ରବେଶ କରି ସ୍ମୋକ୍ ବମ୍ ଫୁଟାଇଥିଲେ।

## ରାଘବ ଚଢ଼ା ଏଏପି ରାଜ୍ୟ ସଭା ନେତା

**ନୂଆଦିଲ୍ଲୀ, ୧୬।୧୨**



ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏମ୍‌ପି ରାଘବ ଚଢ଼ାଙ୍କୁ ରାଜ୍ୟ ସଭାରେ ଦଳର ନେତା ନିଯୁକ୍ତ କରାଯାଇଛି। ସଞ୍ଜୟ ସିଂଙ୍କ ସ୍ଥାନରେ ରାଘବ ଉକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସଞ୍ଜୟ ଅନୁପସ୍ଥିତ ରହୁଥିବାରୁ ଉଚ୍ଚ ସଦନରେ ରାଘବଙ୍କୁ ଦଳର ନେତା ନିଯୁକ୍ତ କରାଗଲା ବୋଲି ଦଳର ନେତୃତ୍ୱ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଜଣାଇଦେଇଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସଞ୍ଜୟ ଏବେ ଜେଲରେ ଅଛନ୍ତି। ରାଜ୍ୟ ସଭା ମହାସଚିବ ଉକ୍ତ ଚିଠିର ସମୀକ୍ଷା କରୁଛନ୍ତି। ରାଘବ ସର୍ବକନିଷ୍ଠ ରାଜ୍ୟ ସଭା ସଦସ୍ୟ ହୋଇଥିବାବେଳେ ଏବେ ସେ ଏଏପିର ରାଜ୍ୟ ସଭାରେ ଥିବା ୧୦ ଏମ୍‌ପିଙ୍କ ନେତୃତ୍ୱ ନେବେ। ଭାଜପା, କଂଗ୍ରେସ ଏବଂ ଟିଏମ୍‌ସି ପରେ ଏଏପି ହେଉଛି ରାଜ୍ୟ ସଭାରେ ଚତୁର୍ଥ ବୃହତ୍ ଦଳ।

## ଜାନୁୟାରୀ ୨୨ରେ ଅଯୋଧ୍ୟା ନ ଆସିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୧୬।୧୨**

ଅଯୋଧ୍ୟାରେ ରାମ ମନ୍ଦିର ପ୍ରାୟତଃ ପ୍ରସ୍ତୁତ ହୋଇଥିବାବେଳେ ଆସନ୍ତା ମାସରେ ଭବ୍ୟ ଉଦ୍‌ଘାଟନ ପାଇଁ ସମସ୍ତ ଭିତ୍ତିଭୂମି କାମ ଶେଷ ହୋଇଛି। ମନ୍ଦିର ଗର୍ଭଗୃହରେ ଭଗବାନ ରାମଙ୍କୁ ଦେଖିବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଅଯୋଧ୍ୟା ଆସିବା ଆଶା କରାଯାଉଛି। ଜାନୁୟାରୀ ୨୨ ମଧ୍ୟାହ୍ନ ସମୟରେ ମନ୍ଦିର ଉଦ୍‌ଘାଟନ ହେବ ବୋଲି ରାମମନ୍ଦିର ଟ୍ରଷ୍ଟର ସମ୍ପାଦକ ଚମ୍ପତ ରାୟ କହିଛନ୍ତି। ଗର୍ଭଗୃହ ଏବଂ ମୂର୍ତ୍ତି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା ବେଳେ ସମ୍ପୂର୍ଣ୍ଣ ମନ୍ଦିର କାର୍ଯ୍ୟ ଶେଷ ହେବାକୁ ଆଉ ୨ ବର୍ଷ ଲାଗିବ। ଉଦ୍‌ଘାଟନ ଦିନ ଗହଳିକୁ କମାଇବା ପାଇଁ ଶ୍ରଦ୍ଧାଳୁମାନେ ସେଦିନ ଅଯୋଧ୍ୟା ନ ଆସିବାକୁ ଚମ୍ପତ କହିଛନ୍ତି। ଏହା ପରିବର୍ତ୍ତେ ସେମାନଙ୍କ ନିକଟସ୍ଥ ଯେକୌଣସି ମନ୍ଦିରରେ 'ଆନନ୍ଦ ମହୋତ୍ସବ' ପାଳନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

### ୧୦୦ ଦିନରେ ୧୦୦୦ ଟ୍ରେନ୍

ରାମମନ୍ଦିର ଉଦ୍‌ଘାଟନର ପ୍ରଥମ ୧୦୦ ଦିନରେ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସ୍ଥାନରୁ ସେଠାକୁ ୧,୦୦୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ଚଳାଇବାକୁ ରେଳୱେ ଯୋଜନା କରିଛି। ଜାନୁୟାରୀ ୧୯ ତାରିଖରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଆରମ୍ଭ ହେବ।

## ସ୍ୱାଧୀନ ପ୍ରାର୍ଥୀ ହେବେ ପୁଟିନ୍

**ମସ୍କୋ, ୧୬।୧୨**

ଆସନ୍ତାବର୍ଷ ମାର୍ଚ୍ଚରେ ହେବାକୁ ଥିବା ରୁଷିଆ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭ୍ଲାଡିମିର ପୁଟିନ୍ ପୁଣିଥରେ ପ୍ରାର୍ଥୀ ହେବାକୁ ଯାଉଛନ୍ତି। ସେ ଶାସକ ୟୁନାଇଟେଡ୍ ରୁଷିଆ (ୟୁଆର୍) ଦଳରୁ ପ୍ରାର୍ଥୀ ନ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ତେବେ ତାଙ୍କ ପ୍ରତି ଶାସକ ଦଳର ସମର୍ଥନ ରହିଛି। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କ୍ଷମତାରେ ଥିବା ପୁଟିନ୍ ଆଉ ୬ ବର୍ଷ ରାଷ୍ଟ୍ରପତି ପଦରେ ରହିବା ପାଇଁ ନିର୍ବାଚନରେ ପ୍ରାର୍ଥୀ ହେବାକୁ ଯାଉଛନ୍ତି।

## କୁଏଟ୍ ଶାସକ ଶେଖ୍ ନୱାଫ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ, ୧୬।୧୨**

କୁଏଟ୍‌ର ଶାସକ ଅମୀର ଶେଖ୍ ନୱାଫ୍ ଅଲ୍ ଅହମଦ ଅଲ୍ ସାବାଙ୍କର ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। କୌଣସି ରୋଗରେ ଆକ୍ରାନ୍ତ ଥାଇ ଅମୀର ଗତ ନଭେମ୍ବରରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଉକ୍ତ ଅଜଣା ରୋଗର ଡାକ୍ତରୀ ପରୀକ୍ଷା ପାଇଁ ସେ ୨୦୨୧ ମାର୍ଚ୍ଚରେ ଆମେରିକା ଯାଇଥିଲେ। ଶାସକଙ୍କ ସ୍ୱାସ୍ଥ୍ୟାବସ୍ଥାକୁ



ଶେଖ୍ ନୱାଫ୍ ଅଲ୍ ଅହମଦ ଅଲ୍ ସାବା

ନେଇ ସାରା ଦେଶ ଚିନ୍ତିତ ଥିଲା। ପୂର୍ବତନ ଅମୀର ଶେଖ୍ ସବା ଅଲ୍ ଅହମଦ ଅଲ ସବାଙ୍କ ପରଲୋକ ପରେ ୨୦୨୦ରେ ଶେଖ୍ ନୱାଫ୍ କୁଏଟ୍ ଅମୀର ଭାବେ ଶପଥ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ଦେଶର ଗୃହ ଓ ପ୍ରତିରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ବିଶ୍ୱର ସବୁଠୁ ବରିଷ୍ଠ କ୍ରାଉନ୍ ପ୍ରିନ୍ସ ଭାବେ ପରିଚିତ ୮୩ ବର୍ଷୀୟ ଶେଖ୍ ମେଶାଲ ଅଲ୍ ଅହମଦ ଅଲ୍ ଜାବେର କୁଏଟ୍‌ର ପରବର୍ତ୍ତୀ ଶାସକ ହୋଇପାରନ୍ତି ବୋଲି କୁହାଯାଉଛି। ରକ୍ଷଣଶୀଳ ରାଷ୍ଟ୍ର କୁଏଟ୍‌ରେ ସାର୍ବଭୌମ କ୍ଷମତା ସବୁବେଳେ ଶାସକ ଅଲ୍ ସାବା ପରିବାର ହାତରେ ରହିଆସିଛି।

## ଭାରତ-ଓମାନ ଭିଜନ ଦସ୍ତାବିଜ ଗୃହୀତ



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓମାନ ସୁଲ୍‌ତାନ ହୈଥାମ୍ ବିନ୍ ତାରିକ ଯାଉଛନ୍ତି।

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

ଭାରତ ଏବଂ ଓମାନ ମଧ୍ୟରେ ୧୦ଟି ପ୍ରମୁଖ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓମାନ ସୁଲ୍‌ତାନ ହୈଥାମ୍ ବିନ୍ ତାରିକ୍ ଭିଜନ ଦସ୍ତାବିଜ୍ ଗ୍ରହଣ କରିଛନ୍ତି। ଦୁଇଦେଶର ରଣନୀତିକ ସମ୍ପର୍କକୁ ନୂଆ ଗତି ଦେବା ଲାଗି ଫଳପ୍ରଦ ଆଲୋଚନା ହୋଇଥିବାବେଳେ ଯଥାଶୀଘ୍ର ସମ୍ଭବ ବିସ୍ତୃତ ଅର୍ଥନୈତିକ ସହଯୋଗ ଚୁକ୍ତିନାମା(ସିଇପିଏ) ସ୍ୱାକ୍ଷର ଉପରେ ଜୋର୍ ଦିଆଯାଇଛି। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଉଭୟ ନେତା ହମାସ୍-ଇସ୍ରାଏଲ୍ ଯୁଦ୍ଧକୁ ନେଇ ଉପୁଜିଥିବା ସ୍ଥିତି, ଆତଙ୍କବାଦର ଚ୍ୟାଲେଞ୍ଜ ଏବଂ ପାଲେଷ୍ଟାଇନ୍ ପ୍ରସଙ୍ଗର ଦୁଇରାଷ୍ଟ୍ରୀୟ ସମାଧାନ ହାସଲ ଲାଗି ଉଦ୍ୟମକୁ ଆଗେଇ ନେବା ଉପରେ ଆଲୋଚନା କରିଥିଲେ। ଏଥିସହିତ ଉଭୟ ପକ୍ଷ ତୃତୀୟ ପର୍ଯ୍ୟାୟରେ ୩୦୦ ନିୟୁତ ଡଲାର (୨,୫୦୦ କୋଟି ଟଙ୍କା) ମିଳିତ ପୁଞ୍ଜିନିବେଶ କରିବାକୁ ଘୋଷଣା କରିଛନ୍ତି।

## କେରଳରେ କୋଭିଡ୍ ଭାରିଆଣ୍ଟ ଜେଏନ୍.୧ ଚିହ୍ନଟ

**ନୂଆଦିଲ୍ଲୀ, ୧୬।୧୨ (ପି.ଟି.)**

କେରଳରେ ଜଣେ ମହିଳାଙ୍କଠାରେ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ ଚିହ୍ନଟ ହୋଇଛି। କେରଳରେ ସଂକ୍ରମଣ ବଢ଼ୁଥିବାରୁ ଭାରତୀୟ ସାର୍ସ-କୋଭ୍-୨ ଜିନୋମିକ୍ କନ୍‌ସୋର୍ଟିୟମ (ଆଇଏନ୍‌ଏସ୍‌ଏସିଓଜି) ନିୟମିତ ସର୍ଭିଲାନ୍ସ ଚଳାଇଛି। ଗତ ୮ ତାରିଖରେ ଥିରୁଭାନନ୍ତପୁରମ୍ ଜିଲାର କାରାକୁଲମରେ ଜଣେ ମହିଳାଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଆର୍‌ଟି-ପିସିଆର୍ ପରୀକ୍ଷାରୁ ଜେଏନ୍.୧ ପଜିଟିଭ୍ ଚିହ୍ନଟ ହୋଇଛି। ୭୯ ବର୍ଷୀୟ ମହିଳାଙ୍କଠାରେ ଇନ୍‌ଫ୍ଲୁଏଞ୍ଜା ଭଳି ରୋଗର ସାମାନ୍ୟ ଲକ୍ଷଣ ଦେଖାଦେଇଥିଲା।

## ଭାରତ ଉପରେ କଟକଣା ପାଇଁ ଆମେରିକୀୟ କମିଟିର ସୁପାରିସ

**ୱାଶିଂଟନ, ୧୬।୧୨**

କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ୍ ସିଂ ନିଜ୍ଜର ହତ୍ୟା ସହ ଭାରତୀୟଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ଆମେରିକୀୟ ଧର୍ମୀୟ ସ୍ୱାଧୀନତା ଆଇନ ଅନୁଯାୟୀ ଭାରତ ବିରୋଧରେ କଟକଣା ଲଗାଇବାକୁ ସେଠାର ଏକ ଧର୍ମୀୟ କମିଟି ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନକୁ ସୁପାରିସ କରିଛି। ନିରପେକ୍ଷ ସଂଘୀୟ ସରକାରୀ ଆୟୋଗ ୟୁଏସ୍ କମିଶନ ଅନ୍ ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଏହାର ବାର୍ଷିକ

**ନିଜ୍ଜର ହତ୍ୟା ମାମଲା**

ରିପୋର୍ଟରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ କରିଥିବା ଭାରତ ସରକାରଙ୍କ ସଂସ୍ଥା ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛି। ସେମାନଙ୍କ ସମ୍ପତ୍ତି ଜବତ କରାଯିବା ସହ ଆମେରିକାରେ ପ୍ରବେଶ ବାରଣ କରିବାକୁ କମିଟି କହିଛି।

କାନାଡାରେ ଶିଖ୍ କର୍ମୀ ନିଜ୍ଜରଙ୍କୁ ହତ୍ୟା ଏବଂ ଆମେରିକାରେ ଗୁରପତୱନ୍ତ ସିଂ ପନ୍ନୁନ୍‌ଙ୍କୁ ହତ୍ୟା ଯୋଜନା ଅତ୍ୟନ୍ତ ଚିନ୍ତାଜନକ। ଦେଶ ଭିତରେ ଏବଂ ବିଦେଶରେ ଧର୍ମୀୟ ସଂଖ୍ୟାଲଘୁ ଏବଂ ମାନବାଧିକାର ସପକ୍ଷବାଦୀମାନଙ୍କ ମୁହଁ ବନ୍ଦ କରିଦେବା ଲାଗି ଭାରତର ଉଦ୍ୟମ ବଢ଼ିଚାଲିଥିବା ରିପୋର୍ଟରେ କୁହାଯାଇଛି। ଧର୍ମୀୟ ସଂଖ୍ୟାଲଘୁ ଓ ସେମାନଙ୍କ ପାଇଁ ସ୍ୱର ଉଠାଉଥିବା ଲୋକମାନଙ୍କୁ ଭାରତ ଟାର୍ଗେଟ୍ କରିବା ଚିନ୍ତାଜନକ ବୋଲି ୟୁଏସ୍‌ସିଆଇଆର୍‌ଏଫ୍ କମିଶନର ଷ୍ଟିଫେନ୍ ସେନେକ୍ ଏକ ବିବୃତିରେ କହିଛନ୍ତି। ଭାରତ ସରକାରଙ୍କ ଏଭଳି ଉଦ୍ୟମ ଧର୍ମୀୟ ସ୍ୱାଧୀନତା ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି। ତେବେ ୟୁଏସ୍ ସିଆଇଆର୍‌ଏଫ୍‌ର ଏଭଳି ସୁପାରିସ ନୂଆ ନୁହେଁ। ଗତ ୩ ବର୍ଷ ହେଲା ଉକ୍ତ କମିଶନ ଭାରତ ବିରୋଧରେ କରିଥିବା ସୁପାରିସ୍‌ଗୁଡ଼ିକୁ ପରରାଷ୍ଟ୍ର ବିଭାଗ ଖାରଜ କରିଦେଇଛି।

## ଜିତୁ ପଟୱାରି ମଧ୍ୟପ୍ରଦେଶ କଂଗ୍ରେସ ସଭାପତି



**ନୂଆଦିଲ୍ଲୀ, ୧୬।୧୨**

ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସର ଖରାପ ପ୍ରଦର୍ଶନ ପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କ ସ୍ଥାନରେ ବରିଷ୍ଠ ନେତା ଜିତୁ ପଟୱାରିଙ୍କୁ ନିଯୁକ୍ତି ଦିଆଯାଇଛି। ଜିତୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ନେତା। ମଧ୍ୟପ୍ରଦେଶର ୫୦ ପ୍ରତିଶତରୁ ଅଧିକ ଭୋଟର ଓବିସି ବର୍ଗର ହୋଇଥିବାରୁ ତାଙ୍କୁ ଦଳ ନେତୃତ୍ୱ ପ୍ରଦାନ କରିଛି। ଗତ ନିର୍ବାଚନରେ ସାଉ ଆସନରୁ ଲଢ଼ୁଥିବା ଜିତୁ ଭାଜପା ପ୍ରାର୍ଥୀଙ୍କଠାରୁ ୩୫ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟପ୍ରଦେଶରେ ନୂଆ ଆରମ୍ଭ ଲାଗି ଉଦ୍ୟମ କରୁଛି। ଜିତୁଙ୍କ ନିଯୁକ୍ତି ପରେ ୭୭ ବର୍ଷୀୟ କମଲନାଥଙ୍କ ରାଜନୈତିକ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

## ଅପହୃତ ଜାହାଜକୁ ସୁରକ୍ଷା ଦେଲା ଭାରତୀୟ ଯୁଦ୍ଧଜାହାଜ

**ନୂଆଦିଲ୍ଲୀ, ୧୬।୧୨**

ଆରବ ସାଗରରେ ମାଲ୍‌ଟାର ଏକ ଜାହାଜକୁ ଅପହରଣରୁ ରକ୍ଷା କରିଛି ଭାରତୀୟ ନୌସେନାର ଯୁଦ୍ଧଜାହାଜ। ଏମ୍‌ଭି ରୁଏନ୍ ନାମକ ମାଲ୍‌ବାହୀ ଜାହାଜ ବିପଦରେ ଥିବା ଖବର ପାଇ ଆଣ୍ଟି ପାଇରେସି ପାଟ୍ରୋଲିରେ ନିୟୋଜିତ ଥିବା ନୌସେନାର ସାମୁଦ୍ରିକ ପାଟ୍ରୋଲ ବିମାନ ଏବଂ ଯୁଦ୍ଧଜାହାଜ ତୁରନ୍ତ ସେଠାକୁ ଯାଇଥିଲେ। ମାଲ୍‌ଟା ଜାହାଜରେ ୧୮ କର୍ମଚାରୀ ଥିବାବେଳେ ସେମାନେ ୟୁକେଏମ୍‌ଟିଓ ପୋର୍ଟାଲରେ ସହାୟତା ପାଇଁ ବାର୍ତ୍ତା ପଠାଇଥିଲେ। ଉକ୍ତ ଜାହାଜରେ ୬ ଜଣ ଜଳଦସ୍ୟୁ ଚଢ଼ିଥିବା ସେମାନେ ଜଣାଇଥିଲେ। ସଙ୍ଗେ ସଙ୍ଗେ ନୌସେନାର ସାମୁଦ୍ରିକ ପାଟ୍ରୋଲ ବିମାନ ଉକ୍ତ ଅଞ୍ଚଳ ଉପରେ ନଜର ରଖିବା ସହ ଆଡେନ୍ ଉପସାଗରରେ ଜଳଦସ୍ୟୁ ନିରୋଧୀ ପାଟ୍ରୋଲରେ ଥିବା ଯୁଦ୍ଧଜାହାଜ ସହାୟତା ପାଇଁ ଆଗେଇ ଯାଇଥିଲା। ଏମ୍‌ଭି ରେଉନ୍ ସୋମାଲିଆ ଅଭିମୁଖେ ଯାଉଥିବାବେଳେ ଗୁରୁବାର ଅପହରଣର ସମ୍ମୁଖୀନ ହୋଇଥିଲା।



## ବାନ୍ଧବୀଙ୍କୁ କାର୍ ମଡ଼ାଇଦେଲେ ବାବୁଙ୍କ ପୁଅ

**ମୁମ୍ବାଇ, ୧୬।୧୨**

ମହାରାଷ୍ଟ୍ରର ଠାଣେ ଅଞ୍ଚଳରେ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ପୁଅ ତାଙ୍କର ୨୬ ବର୍ଷୀୟା ବାନ୍ଧବୀଙ୍କ ଉପରେ କାର୍ ମଡ଼ାଇ ଦେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ବାନ୍ଧବୀ ପ୍ରିୟା ସିଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେ ତାଙ୍କ ନିର୍ଯାତନାର କାହାଣୀ ଗଣମାଧ୍ୟମକୁ କହିଛନ୍ତି। ବଚସାକୁ ନେଇ ପୁରୁଷ ବନ୍ଧୁ ତାଙ୍କୁ ମାଡ଼ ମାରିବା ସହ ଗଳା ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ସେ ଯୁବତୀଙ୍କ ଉପରେ କାର୍ ମଡ଼ାଇଦେବାକୁ ଡ୍ରାଇଭରଙ୍କୁ କହିଥିଲେ। ଠାଣେର ଏକ ହୋଟେଲ ନିକଟରେ ସୋମବାର ସକାଳେ ଏହି ଘଟଣା ଘଟିଥିବାବେଳେ ପୋଲିସ ମାମଲା



ପ୍ରିୟା ସିଂଙ୍କ ସହ ଅଶ୍ୱଜିତ୍ (ଫାଇଲ୍ ଫଟୋ)

ରୁଜୁ କରିଛି। କାର୍ ମଡ଼ାଇଥିବା ପୁରୁଷ ବନ୍ଧୁ ଜଣକ ହେଲେ ମହାରାଷ୍ଟ୍ର ରାଜ୍ୟ ସଡ଼କ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଅନୀଲ ଗାଏକ୍ୱାଡ୍‌ଙ୍କ ପୁଅ ଅଶ୍ୱଜିତ୍ ଗାଏକ୍ୱାଡ୍। ପ୍ରିୟାଙ୍କ କହିବା ଅନୁଯାୟୀ ୫ ବର୍ଷ ହେଲା ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଥିଲା। ଏକ ପରିବାର ଉତ୍ସବରେ ଯୋଗଦେବା ପାଇଁ ଅଶ୍ୱଜିତ୍ ସୋମବାର ଅପରାହ୍ନରେ ତାଙ୍କୁ ଫୋନ୍ କରି ଡାକିଥିଲେ। ନିରୋଳାରେ କଥା ହେବା ପାଇଁ କହି ଅଶ୍ୱଜିତ ତାଙ୍କୁ ଉତ୍ସବ ବାହାରେ ଏକ ସ୍ଥାନକୁ ଆସିବାକୁ କହିଥିଲେ। ସେଠାରେ ସେ ଓ ତାଙ୍କ ବନ୍ଧୁମାନେ ମିଶି ପ୍ରିୟାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଓ ଗଳା ଚାପିବାକୁ ଉଦ୍ୟମ କରିଥିଲେ। ଯେତେବେଳେ ପ୍ରିୟା ତାଙ୍କ ଫୋନ୍ ଓ ଅନ୍ୟ ଜିନିଷ ଧରି କାର୍‌ରୁ ବାହାରିଯିବାକୁ ଉଦ୍ୟମ କଲେ ତାଙ୍କ ଉପରେ କାର୍ ମଡ଼ାଇଦେବାକୁ ଅଶ୍ୱଜିତ ଡ୍ରାଇଭରଙ୍କୁ କହିଥିଲେ। ଅଶ୍ୱଜିତ୍ ବିବାହିତ ବୋଲି ପ୍ରିୟା ଜାଣି ନ ଥିବା କହିଛନ୍ତି।



## ବାହାନଗାରେ କାଳ ରାତି

ଜୁନ୍ ୨ ତାରିଖ(ଶୁକ୍ରବାର) ସନ୍ଧ୍ୟା ୭ଟା। ମାଡ଼ି ଆସିଲା କାଳ, ନିମିଷକ ମଧ୍ୟରେ ଉଚ୍ଛନ୍ନ ହୋଇଗଲା ଅନେକ ସଂସାର। ଚାରିଆଡେ କୁଢ କୁଢ ଶବ। ଭୟଙ୍କର ରେଳ ଦୁର୍ଘଟଣାରେ ସ୍ତବ୍ଧ ହୋଇଯାଇଥିଲେ ବିଶ୍ୱବାସୀ। ବାହାନଗାଠାରେ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ(୧୨୮୪୧) ଲାଇନଚ୍ୟୁତ ହୋଇ ମାଲବାହୀ ଟ୍ରେନ ଉପରେ ଚଢିଯିବା ଓ ବିପରୀତ ଦିଗରୁ ଆସୁଥିବା ବେଙ୍ଗାଲୁରୁ-ହାୱଡା ସୁପରଫାଷ୍ଟ ଏକ୍ସପ୍ରେସ(୧୨୮୬୪)ର ବଗିରେ ଧକ୍କା ହୋଇଥିଲା। ମୋଟ ୨୯୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୨୮ ମୃତଦେହ ଚିହ୍ନଟ ହୋଇପାରି ନ ଥିଲା। ଏହି ଦୁର୍ଘଟଣା କିପରି ହେଲା ତାହା ଜାଣିବା ପାଇଁ କେନ୍ଦ୍ରରୁ ରାଜ୍ୟ ପର୍ଯ୍ୟନ୍ତ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ନିଦ ହଜି ଯାଇଥିଲା। ଏହା ଯାନ୍ତ୍ରିକ ତ୍ରୁଟି ନା ମନୁଷ୍ୟକୃତ କିମ୍ବା କୌଣସି ଷଡ଼ଯନ୍ତ୍ର ଜାଣିବା ପାଇଁ ଏହାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। କର୍ତ୍ତବ୍ୟରେ ଅବହେଳା ଓ ଯାନ୍ତ୍ରିକ ତ୍ରୁଟି ପାଇଁ ସିବିଆଇ ୩ଜଣଙ୍କୁ ଗିରଫ କରିଥିଲା। ଦୀର୍ଘଦିନ ଧରି ଶବ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିଲା। ୧୨୮ ଦିନ ପରେ ୨୮ ଅଚିହ୍ନା ଶବକୁ ଭୁବନେଶ୍ୱର ଭରତପୁର ଶ୍ମଶାନରେ ସତ୍କାର କରାଯାଇଥିଲା।

# ଅବହେଳାରୁ ଅଡୁଆ

*ଆଉ ଦିନ କେତୋଟି ପରେ ବିଦାୟ ନେବ ୨୦୨୩। କିନ୍ତୁ ବିଦାୟୀ ବର୍ଷର ଏଭଳି କିଛି ଘଟଣା ବର୍ଷ ତମାମ ଜନମାନସକୁ ଆନ୍ଦୋଳିତ କରିଆସିଛି। ବାହାନଗାର ଛାତିଥରା ଟ୍ରେନ୍ ଦୁର୍ଘଟଣା ସାଙ୍ଗକୁ ପ୍ରତିରକ୍ଷା ବିଭାଗର ତଥ୍ୟ ଲିକ୍, ଷ୍ଟାଫ୍ ସିଲେକ୍ସନ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ, ରାଷ୍ଟ୍ରପତିଙ୍କ ସଭାରେ ବିଦ୍ୟୁତ୍ କାଟ୍, ଶିମିଳିପାଳକୁ ଶିକାରୀ କବ୍‌ଜା କରିବା, ଘଟଗାଁ ସଡ଼କ ଦୁର୍ଘଟଣା ଭଳି ଅନେକ ଘଟଣା ପଛରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ହିଁ ସ୍ପଷ୍ଟ ହୋଇଛି। ଚଳିତ ବର୍ଷର ଏଭଳି କିଛି ଚର୍ଚ୍ଚିତ ଘଟଣାକୁ ନେଇ ପ୍ରତିବେଦନ...*



## ୯ ମିନିଟ ଅନ୍ଧାର

ମେ, ୬ରେ ମୟୂରଭଞ୍ଜ ଜିଲା ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଚାଲିଥିଲା। ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅଡିଟୋରିୟମରୁ ଆଲୁଅ ଚାଲିଯାଇଥିଲା। ୯ମିନିଟ ଧରି ରାଷ୍ଟ୍ରପତି ଅନ୍ଧାରରେ ଭାଷଣ ଦେବା ପରେ ଆଲୁଅ ଆସିଥିଲା। ରାଷ୍ଟ୍ରପତି ଅନ୍ଧାରକୁ ଖାତିର ନ କରି ନିଜର ଅଭିଭାଷଣ ଜାରି ରଖିଥିଲେ। 'ଅନ୍ଧାର ଯେତିକି ଆଲୁଅ ସେତିକି, ଏହିଯେ ଗହନ ବନ...' ପଂକ୍ତି ଉଲ୍ଲେଖ କରି ଉଭୟ ଆଲୋକ ଓ ଅନ୍ଧାରକୁ ସମାନ ଭାବରେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଏପରିକି ବିଶ୍ୱବିଦ୍ୟାଳୟର ପ୍ରଶଂସା ସମୟରେ ବିଜୁଳିର ଲୁଚକାଳି ଖେଳକୁ ବିଦ୍ୟୁତ୍‌ର ଈର୍ଷା ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରି ନିଜର ମହାନତା ପ୍ରଦର୍ଶନ କରିଥିଲେ। କିନ୍ତୁ ଏହି ସମୟର ବିଦ୍ୟୁତ ବିଭ୍ରାଟକୁ ନେଇ ସମାଲୋଚନା ବଢିଥିଲା।

## ବୈତରଣୀ ସେତୁ ଉପରୁ
## ନଦୀକୁ ଡେଇଁଲେ ବାପ-ଝିଅ

ସେପ୍ଟେମ୍ବର ୨୭ ରାତିରେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଗ୍ରାମର ଚନ୍ଦନ ସାହୁ(୩୦) ଅଢ଼େଇ ବର୍ଷର ଝିଅ ତୃପ୍ତିକୁ ଧରି ବୈତରଣୀ ସେତୁ ଉପରୁ ନଦୀକୁ ଡେଇଁପଡ଼ିଥିଲେ। ସେ ତାଙ୍କ ଭଉଣୀଙ୍କୁ ଫୋନ୍‌ରେ ଜଣାଇ ଝିଅ ସହ ଆଖୁଆପଦା ଆନିକଟର ଗଭୀର ଜଳରାଶିକୁ ଡେଇଁ ଆତ୍ମହତ୍ୟା କରିଥିଲେ।





## ବାପାଙ୍କୁ ୩୫ କି.ମି.
## ଟ୍ରଲିରେ ବୋହିଲେ

ଭଦ୍ରକ ଜିଲା ଧାମନଗର ବ୍ଲକର ନଦୀଗାଁ ନିବାସୀ ଶମ୍ଭୁନାଥ ସେଠୀଙ୍କ ଯନ୍ତ୍ରଣା ସହି ନ ପାରି ଚିକିତ୍ସା ପାଇଁ ୧୪ ବର୍ଷର ଝିଅ ସୁଜାତା ଏକ ଟ୍ରଲିରେ ୩୫ କି.ମି. ବୋହି ଡାକ୍ତରଖାନାକୁ ନେଇଥିଲେ। ବାପାଙ୍କୁ ନେଇ ପ୍ରଥମେ ଧାମନଗର ଡାକ୍ତରଖାନା ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଅକ୍ଟୋବର ୨୬ରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ଧାମନଗର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଘଟଣାସ୍ଥଳକୁ ଡାକି ତାଙ୍କର ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଇଥିଲେ।

କେନ୍ଦୁଝର ବନଖଣ୍ଡ ଅଧୀନରେ ହାତୀ ଉପଦ୍ରବ ଏକ ପ୍ରମୁଖ ସମସ୍ୟା ପାଲଟିଛି। ବର୍ଷ ତମାମ ବଣଜଙ୍ଗଲରୁ ବାହାରି ରାସ୍ତାଘାଟ, ଗାଁରେ ବୁଲୁଥିବା ବେଳେ ମଣିଷ ଓ ହାତୀ ମଧ୍ୟରେ ସଂଘର୍ଷ ବଢୁଛି। ୨୦୨୨-୨୩ ମସିହାରେ ସମୁଦାୟ ୫ ହାତୀଙ୍କ ମୃତ୍ୟୁ ହୋଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତେଲକୋଇ ରେଞ୍ଜରେ ୨ ଏବଂ ଚମ୍ପୁଆ ରେଞ୍ଜରେ ଗୋଟିଏ ହାତୀ ବିଦ୍ୟୁତ୍ ଆଘାତରେ ଓ ଅନ୍ୟଟି ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିଲା। ଭୂୟାଁ ଓ ଜୁଆଙ୍ଗ ପୀଢ଼ ରେଞ୍ଜ ଅଞ୍ଚଳରେ ଗୋଟିଏ ଛୁଆହାତୀ ଖାଲରେ ପଡ଼ି ଆହତ ହୋଇଥିଲା। ଚିକିତ୍ସିତ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା।



## ଯାଇଛି ୫ ହାତୀଙ୍କ ଜୀବନ

## ଚର୍ଚ୍ଚାରେ ଓଏସ୍ଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍

ଚଳିତବର୍ଷ ଚର୍ଚ୍ଚାକୁ ଆସିଥିଲା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓଏସ୍ଏସ୍‌ସି) ପ୍ରଶ୍ନପତ୍ର ଲିକ୍ ମାମଲା। ବିହାରର ମାଷ୍ଟରମାଇଣ୍ଡ ବିଶାଲ କୁମାରଙ୍କ ସହାୟତାରେ ଅଭିଯୁକ୍ତମାନେ ଓଡ଼ିଶାରେ କିଛି ଦଲାଲଙ୍କୁ ହାତ କରି ଭେରିଅସ୍ ମେନ୍ ପାୱାର କନସଲଟାନ୍ସି ସର୍ଭିସେସ୍ ଓ ଅନଲାଇନ୍ ପାଠପଢ଼ା ଗ୍ରୁପ୍ ମାଧ୍ୟମରେ ପ୍ରାର୍ଥୀଙ୍କ ନିକଟରେ ପହଞ୍ଚିଥିଲେ। ଓଏସ୍ଏସ୍‌ସି ମାଧ୍ୟମରେ ହେଉଥିବା ବିଭିନ୍ନ ପରୀକ୍ଷାର ପ୍ରଶ୍ନପତ୍ର ପ୍ରିଣ୍ଟିଂପ୍ରେସ୍‌ରୁ ଠାବ କରି ପ୍ରଶ୍ନପତ୍ର ପରୀକ୍ଷାକେନ୍ଦ୍ରକୁ ଯିବା ପୂର୍ବରୁ ଯୋଗାଯୋଗରେ ଥିବା ପରୀକ୍ଷାର୍ଥୀଙ୍କୁ ଦେଇ ଲକ୍ଷାଧିକ ଟଙ୍କା ଆୟ କରୁଥିଲେ। ଜୁଲାଇ ୧୬ ରେ ହେବାକୁ ଥିବା ଜେଇଇ ମେନ୍ ପରୀକ୍ଷା ପାଇଁ ଚୁକ୍ତିବଦ୍ଧ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଯୋଗାଇବାକୁ ଆସିଥିବା ଏକ ଟିମ୍‌କୁ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍‌ଠାରେ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିଥିଲା। ଅଗଷ୍ଟ ୫ ସୁଦ୍ଧା ମାଷ୍ଟରମାଇଣ୍ଡ ସମେତ ୨୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଟ୍ରକ ଚକାତଳେ ୬ ବରଯାତ୍ରୀ

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ୨୭ ଜୁନ୍ ୨୦୨୩ ରାତି ୧୧ଟାରେ ଏକ ବଡ଼ ଅଘଟଣ ଘଟିଥିଲା। ଥାନା ଅଧୀନ ଷଠିଘର ସାହି ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ହରିଚନ୍ଦନପୁର ବ୍ଲକ୍ ଅଞ୍ଚଳର ବରଯାତ୍ରୀ ଦଳ ଶୋଭାଯାତ୍ରାରେ ଯାଉଥିଲେ। କନ୍ୟା ଘର ସମ୍ମୁଖରେ ନାଚଗୀତ ଚାଲିଥିବା ବେଳେ ଘଟଗାଁ ଆଡୁ ରିମୁଳି ଅଭିମୁଖେ ଯାଉଥିବା ଏକ ଟ୍ରକ ଦ୍ରୁତ ଗତିରେ ଆସି ଲୋକଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ବର ଓ କନ୍ୟା ପକ୍ଷର ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ୮ ଜଣ ଆହତ ମଧ୍ୟ ହୋଇଥିଲେ। ଅଘଟଣ ପରେ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରିଥିଲେ।

## ମଣିଷ ଖାଇଲେ ମଣିଷ ମାଂସ



ଶବ ଦାହ କରିବାକୁ ଯାଇ ମଶାଣି ଚୁଇରୁ ଦରପୋଡ଼ା ମଣିଷ ମାଂସ ଖାଇବା ଘଟଣା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ମଣିଷଙ୍କର ଏଭଳି ପ୍ରବୃତ୍ତିକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାଟି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପୁର ପଞ୍ଚାୟତର ବନ୍ଧସାହି ଗ୍ରାମରେ ଘଟିଥିଲା। ଉକ୍ତ ଗ୍ରାମର ଜଣେ ଯୁବତୀଙ୍କ ମୃତ୍ୟୁ ପରେ ଶବ ଦାହ କରିବାକୁ ଯାଇଥିବା ଦୁଇ ବ୍ୟକ୍ତି ଚୁଇରୁ ଦରପୋଡା ମାଂସ ଖାଇବା ସହ ଗାମୁଛାରେ ବାନ୍ଧି ଆଣିଥିଲେ। ଏହାକୁ ଦେଖି ଦାହ କରିବାକୁ ଯାଇଥିବା ଅନ୍ୟମାନେ ଉଭୟଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ। ପରେ ଉକ୍ତ ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା।

## ପ୍ରତିରକ୍ଷା ତଥ୍ୟ ପ୍ରଘଟରେ ବରିଷ୍ଠ ଅଧିକାରୀ

ଫେବୃୟାରୀ ୨୪ ତାରିଖରେ ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ରୁ ତଥ୍ୟ ଲିକ୍ ଘଟଣାରେ ଗିରଫ ହୋଇଥିଲେ ଆଇଟିଆର୍‌ର ବରିଷ୍ଠ ବୈଷୟିକ ଅଧିକାରୀ ବାବୁରାମ ଦେ। ସେ ଆଇଟିଆର୍ ଟେଲିମେଟ୍ରି ବିଭାଗର ଟେକ୍ନିକାଲ ଅଫିସର ଥିଲେ। ମିଶାଇଲ୍ ଟେଷ୍ଟ ସମ୍ପର୍କରେ ତାଙ୍କ ପାଖରେ ଟିକିନିଖି ତଥ୍ୟ ରହୁଥିଲା। ବର୍ଷେ ପୂର୍ବରୁ ହନିଟ୍ରାପ୍‌ର ଶିକାର ହୋଇ ଆଇଟିଆର୍‌ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସହ ମିଶାଇଲ ପରୀକ୍ଷଣ ସମ୍ପର୍କିତ ଭିଡ଼ିଓ ସେ ପାକିସ୍ତାନ ସୁନ୍ଦରୀଙ୍କୁ ଦେଉଥିଲେ। ତାଙ୍କ ମୋବାଇଲରୁ ପୋଲିସ ଏଭଳି କିଛି ତଥ୍ୟ ପାଇଥିବା ବେଳେ ଗୁପ୍ତ ତଥ୍ୟ ଲିକ୍‌ର କିଛି ଭିଡ଼ିଓ ମଧ୍ୟ ପାଇଥିଲା। ପ୍ରତିରକ୍ଷା ତଥ୍ୟ ପ୍ରଘଟ ଘଟଣାରେ ପୂର୍ବରୁ ମଧ୍ୟ ହନିଟ୍ରାପ୍‌ର ଶିକାର ହୋଇ ୬ ଜଣ ଗିରଫ ହୋଇଥିଲେ।



## ଅଧାରେ ରହିଲା ତାରିଣୀ ଦର୍ଶନ

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବନାଯୋଡି ଗ୍ରାମ ନିକଟରେ ଡିସେମ୍ବର ୧, ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏନ୍‌ଏଚ୍ ୨୦ରେ ମା' ତାରିଣୀ ଦର୍ଶନ କରିବାକୁ ଆସୁଥିବା ଏକ ଟ୍ରାଭେଲର ରାସ୍ତାରେ ବ୍ରେକ୍‌ଡାଉନ ହୋଇ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍‌କୁ ପଛ ପଟରୁ ଧକ୍କା ଦେଇଥିଲା। ଏଥିରେ ଗଞ୍ଜାମ ଜିଲାର ଦିଗପହଣ୍ଡି ଅଞ୍ଚଳରୁ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ୨୦ ଜଣଙ୍କ ମଧ୍ୟରୁ ୮ ତୀର୍ଥଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ୧୨ ଜଣ ଆହତ ହୋଇଥିଲେ। ଘଟଣା ପରେ ଭ୍ୟାନ ଚାଳକ ଆତ୍ମ ସମର୍ପଣ କରିଥିବା ବେଳେ ଏହି ଘଟଣାରେ ପରିବହନ ବିଭାଗର ଏତଲା କ୍ରମେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ସୁରକ୍ଷାରେ ଖିଲାପ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ପାଟ୍ରୋଲିଂ ଦାୟିତ୍ୱରେ ଥିବା ସଂସ୍ଥାର ଇନ୍‌ଚାର୍ଜଙ୍କୁ ମଧ୍ୟ ନୋଟିସ୍ ହୋଇଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଲାବାରରେ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ'

ଭୁବନେଶ୍ୱର,୧୬।୧୨ (ଅଭୟ ଦାଶ)



ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ସ୍ୱତନ୍ତ୍ର ପ୍ରଦଶନୀ 'ମାଇନ ଡାଇମଣ୍ଡ ଫେଷ୍ଟିଭାଲ'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ମାଲାବାରର ସବ୍‌ବ୍ରାଣ୍ଡ 'ମାଇନ ଡାଇମଣ୍ଡ୍‌ସ'ର ସବୁଠାରୁ ଅଧିକ ସୂକ୍ଷ୍ମ ହୀରା କାରୁକାର୍ଯ୍ୟର ଏକ ଅତି ସୁନ୍ଦର ପ୍ରଦର୍ଶନକାରୀ ଅଳଙ୍କାର ଭାବେ ପରିଚିତ। ଏହି ପ୍ରଦର୍ଶନ ୨୦୨୪ ଜାନୁୟାରୀ ୧୪ ପର୍ଯ୍ୟନ୍ତ ମାଲାବାରର ସମସ୍ତ ଷ୍ଟୋରରେ ପ୍ରଦର୍ଶିତ ହେଉଥିବାବେଳେ ୨୦୨୪ ଜାନୁୟାରୀ ୫ରୁ ଫେବୃୟାରୀ ୧୧ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍‌ର ସମସ୍ତ ସହର ସମେତ ପଞ୍ଜାବ, ହରିୟାଣା ତଥା ଉତ୍ତର ପ୍ରଦେଶରେ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବର ଅଂଶ ବିଶେଷ ଭାବେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୫%ର ରିହାତି ପାଇବେ। ସେହିଭଳି ପୁରୁଣା ମାଇନ ହୀରା ଅଳଙ୍କାରର ପ୍ରତି ବଦଳରେ ୧୦୦% ର ରିହାତି ମଧ ପାଇପାରିବେ।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ନମନୀୟତା ତଥା ଅନନ୍ୟତାର ନିରବଚ୍ଛିନ୍ନ ଯତ୍ନଶୀଳତା ସହ ଆମେ ଆମର ପୃଷ୍ଠପୋଷକମାନଙ୍କୁ ମାଲାବାର ଗୋଲ୍ଡ ଓ ଡାଇମଣ୍ଡସର ଏହି ହୀରା ଖଚିତ ଅଳଙ୍କାରର ବିଶାଳ ଆଭାରକୁ ସଂଗ୍ରହ କରିଛୁ। ଏପରିକି ଅତି ସାବଧାନତାର ସହ ଖୋଦେଇ ହୋଇଥିବା ଏହି କାରୁକାର୍ଯ୍ୟ ଅତ୍ୟନ୍ତ ମନଲୋଭାକାରୀ ସୁନ୍ଦର ତଥା ଏକ ଅଭୁଲା ସ୍ୱର୍ଗୀୟ ସ୍ମୃତି ସହିତ ସଂଯୋଜିତ ହୋଇଛି। ହୀରା ଖଚିତ ଏହାର ଅତି କ୍ଷୁଦ୍ର ଲୋଭନୀୟତା ଗଠନ ତଥା ଏହାର ମଧ୍ୟଭାଗରେ ଖଚିତ ହୀରା, ଦମ୍ପତିଙ୍କର ଅତି ଗଭୀର ପ୍ରେମର ପ୍ରତୀକକୁ ସାର୍ଥକ କରିପାରିଛି। ଆମର 'ମାଇନ ଅନନ୍ୟ' ପ୍ରଦର୍ଶନକାରୀ ସବୁଠାରୁ ଅଲଗା ହୀରା ଅଳଙ୍କାର ପ୍ରତ୍ୟେକ ବିଶେଷ ମୁହୂର୍ତ୍ତ ଉପଲକ୍ଷେ ଅତି ସତର୍କତାର ସହିତ ଏହାକୁ ପିନ୍ଧୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପ୍ରସ୍ତୁତ କରାଯାଇଛି।

# ନାଲ୍‌କୋ ସିପିପି ପୁରସ୍କୃତ



ଅନୁଗୋଳ,୧୬।୧୨ (ଅମିତ କୁମାର ସାମଲ)

ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲ୍‌କୋର ଅନୁଗୋଳ ଠାରେ ଥିବା ନିଜସ୍ୱ ତାପଜ ବିଦ୍ୟୁତ୍ କାରଖାନା (ସିସିପି)କୁ ସର୍ବଶ୍ରେଷ୍ଠ ବିଦ୍ୟୁତ୍ ଶକ୍ତି ଉପଯୋଗ ଓ ସଂରକ୍ଷଣ ପାଇଁ ସିପିପି ବର୍ଗରେ ସର୍ବଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ତରଫରୁ ଏହି ପୁରସ୍କାର ଦିଆଯାଇଛି। ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ସମାରୋହରେ ଶକ୍ତି, ଶିଳ୍ପ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ପୁରସ୍କାର ପ୍ରଦାନ କରିଥିଲେ। ନାଲ୍‌କୋ ତରଫରୁ ସୁରେଶ ଚନ୍ଦ୍ର ମିଶ୍ର, (ଜିଜିଏମ୍-ପରିବେଶ), ଅନୁଜ କୁମାର ପଣ୍ଡା, (ଜିଏମ୍-ବିଦ୍ୟୁତ୍) ଓ ସୁଦର୍ଶନ ପ୍ରଧାନ (ଡିଜିଏମ୍- ମେକନିକାଲ) ଏହି ପୁରସ୍କାର ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ତଥା ଭାରତ ସରକାରଙ୍କ ମିଳିତ ଉଦ୍ୟମରେ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି।

# ପିସି ଚନ୍ଦ୍ରାର ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୧୬।୧୨:** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ପି.ସି.ଚନ୍ଦ୍ରା ଜୁଏଲର୍ସ ପକ୍ଷରୁ ବଡ଼ଦିନ ଉପଲକ୍ଷେ ଆକର୍ଷଣୀୟ 'ଖ୍ରୀଷ୍ଟମାସ ଅଫର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୩ ଡିସେମ୍ବର ୨୫ ପର୍ଯ୍ୟନ୍ତ ଦେଶର ସମସ୍ତ ପି.ସି.ଚନ୍ଦ୍ରା ଜୁଏଲର୍ସରେ ଉପଲବ୍ଧ। ଏହି ଅଫର ଜରିଆରେ ଗ୍ରାହକ ପ୍ରତି ଗ୍ରାମ ସୁନା ଅଳଙ୍କାରର କ୍ରୟ ଉପରେ ୨୦୦ ଟଙ୍କାର ରିହାତି ପାଉଥିବାବେଳେ ହୀରା ଅଳଙ୍କାର ଓ ଆଷ୍ଟ୍ରୋଲୋଜିକାଲ ଷ୍ଟୋନ୍‌ର କ୍ରୟ ଉପରେ ୮%ର ରିହାତି ଦିଆଯାଉଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାନାରା ବ୍ୟାଙ୍କ ପକ୍ଷରୁ ଋଣ ବଣ୍ଟନ

ଭୁବନେଶ୍ୱର,୧୬।୧୨

କାନାରା ବ୍ୟାଙ୍କ ପକ୍ଷରୁ ଏକ ମୋଗ ଋଣ ବଣ୍ଟନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଗୋଟିଏ ଦିନରେ ୫୨୦ଟି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପ୍ରାୟ ୨୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି। ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ କୋଣାର୍କଠାରେ ଅନୁଷ୍ଠିତ ହୋଇଥିବା ଏକ ମେଗା ଏସ୍‌ଏଚ୍‌ଜି ଶିବିରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାର ଏଭଳି ମତପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ କୁମାର ରାଜ୍ୟରେ ୧୯,୦୦୦ ଏସ୍‌ଏଚ୍‌ଜିଙ୍କୁ ୫୬୮ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ସ୍ୱାଗତ ଭାଷଣ ଦେଇ ମହିଳା ସଶକ୍ତୀକରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଯୋଜନାରେ କାନାରା ବ୍ୟାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିବା କଥା ଦର୍ଶାଇଥିଲେ। ସେହିଭଳି ମିଶନ ଶକ୍ତିର ଉପସଚିବ ଆଶିଷ ରଞ୍ଜନ ସାହୁ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ପ୍ରଦାନ କରାଯାଇଥିବା ଋଣର ସୁଧକୁ ପୁନର୍ବାର ସବ୍‌ସିଡି ଆକାରରେ ଫେରସ୍ତ କରାଯାଉଥିବା କଥା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ଜି.ଏନ୍.ମୂର୍ତ୍ତି, ଡିଭିଜନାଲ ମ୍ୟାନେଜର ଅଶୋକ କୁମାର ମେହେର, ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ କିଶୋର ଆଚାର୍ଯ୍ୟ ଏବଂ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ମହାମାୟା ପ୍ରସାଦ ରାଏ ପ୍ରମୁଖ ଯୋଗଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଥିଏଟର ପ୍ରଦର୍ଶନକୁ ବେଦାନ୍ତର ସମର୍ଥନ

ଭୁବନେଶ୍ୱର,୧୬।୧୨



ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନିକଟରେ ସମ୍ମାନିତ ହୋଇଥିବା ସମ୍ବଲପୁରୀ ଥିଏଟର ପ୍ରଦର୍ଶନକୁ ସମର୍ଥନ ଜଣାଇଛି। ବିଶେଷକରି ଦୀର୍ଘ ୪୯ଘଣ୍ଟା ଧରି ବିଶ୍ୱର ଦୀର୍ଘତମ ସମ୍ବଲପୁରୀ ଥିଏଟର ପ୍ରଡକ୍ସନର ପ୍ରଦର୍ଶନକୁ କମ୍ପାନୀ ସମର୍ଥନ କରିଛି। ବିଶିଷ୍ଟ ମିରର ଥିଏଟର ଗ୍ରୁପ୍ ଦ୍ୱାରା ଓଡ଼ିଶାର ଝାରସୁଗୁଡ଼ା ଜିଲାର ବେଲପାହାଡ଼ଠାରେ ଉକ୍ତ ନାଟକ ପ୍ରଦର୍ଶିତ ହୋଇଛି। ବର୍ତ୍ତମାନ ତଥା ଭବିଷ୍ୟତର ପିଢ଼ି ମଧ୍ୟରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ ତଥା ପ୍ରୋତ୍ସାହିତ କରିବା ପାଇଁ ତୃଣମୂଳ ସ୍ତରରେ ପାରମ୍ପରିକ କଳା ପ୍ରତିପୋଷଣ ପାଇଁ ସମଗ୍ର ଭାରତରେ କମ୍ପାନୀ ପ୍ରୟାସର ଏହା ହେଉଛି ଏକ ସର୍ବଶେଷ ପୁନରାବୃତ୍ତି। ଉଲ୍ଲେଖଯୋଗ୍ୟ, 'କିନ୍ନୁରୀ'ନାମରେ ୩ ଦିନିଆ ନାଟ୍ୟ ଦର୍ଶକ ଏସ୍‌ଡିଏ ମିରର୍ ଥିଏଟର ଏବଂ ସୋସାଇଟି ଡେଭଲପମେଣ୍ଟ ଆସୋସିଏସନ ଝାରସୁଗୁଡା ଜିଲାରେ ଅବସ୍ଥିତ ଏକ ବୃତ୍ତିଗତ ଥିଏଟର ଅନୁସନ୍ଧାନ ଏବଂ ପଦୋନ୍ନତି ସଂଗଠନ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଛନ୍ତି, ସମ୍ପ୍ରଦାୟର ବିକାଶ ପାଇଁ ବେଦାନ୍ତ ନିରନ୍ତର ପ୍ରତିବଦ୍ଧତା ସହିତ ସ୍ଥାନୀୟ କଳା ଓ ସଂସ୍କୃତିର ପ୍ରଚାରକୁ ଅନ୍ତର୍ଭୁକ୍ତ କରିଛି, ଯାହା ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରମ୍ପରା ସହ ଗଭୀର ଭାବେ ଜଡିତ ରହିଛି। ସେହିଭଳି ମିରର ଥିଏଟରର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ କହିଛନ୍ତି, ମିରର ଥିଏଟର ଗୋଷ୍ଠୀ ଓଡ଼ିଶାର ସାଂସ୍କୃତିକ ଉତ୍ତରାଧିକାରର କାନ୍‌ଭାସ୍ ପ୍ରଦର୍ଶନ ପାଇଁ ଉତ୍ସର୍ଗୀକୃତ ରହିଛି।

# ଟିପିସିଓଡିଏଲ୍‌ର ଶକ୍ତି ସଂରକ୍ଷଣ ଦିବସ

ଭୁବନେଶ୍ୱର,୧୬।୧୨

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଶକ୍ତି ସଂରକ୍ଷଣ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଏବଂ ଶକ୍ତି ସମ୍ବଳ ସଂରକ୍ଷଣର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହଙ୍କ ନେତୃତ୍ୱରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଶକ୍ତି ସଂରକ୍ଷଣ ଦିବସର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ସମାରୋହରେ ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ, ଯାହା ଶକ୍ତି ସଂରକ୍ଷଣ ଲାଗି କମ୍ପାନୀର ନେତୃତ୍ୱ ମଣ୍ଡଳୀର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ସିଂହ କହିଛନ୍ତି, ପୂର୍ବାପେକ୍ଷା ଶକ୍ତି ସଂରକ୍ଷଣ ବେଶ୍ ଜରୁରୀ ହୋଇପଡ଼ିଛି। ଏପରିକି ଜଳବାୟୁ ପରିବର୍ତ୍ତନ ଯୋଗୁ ଦେଖାଦେଇଥିବା ଆହ୍ୱାନର ମୁକାବିଲା କରିବା ଲାଗି ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ କରିବା ଏବଂ ଦୀର୍ଘସ୍ଥାୟୀ ଅଭ୍ୟାସର ପ୍ରସାର କରିବା ଆମ ସମସ୍ତଙ୍କ ସାମଗ୍ରିକ ଦାୟିତ୍ୱ ହୋଇଥିବାବେଳେ ଏ କ୍ଷେତ୍ରର ଉଦାହରଣ ହୋଇ ଆଗରେ ରହିବା ଲାଗି ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି। ସେହିଭଳି ଶକ୍ତି ସଂରକ୍ଷଣର ଗୁରୁତ୍ୱ ଉପରେ ସେ ବିସ୍ତୃତ ତଥ୍ୟ ଉପରେ ଆଲୋକପାତ କରିଥିଲେ। ଏପରିକି ଶକ୍ତି ସଂରକ୍ଷଣ ଅଭିଯାନକୁ ପ୍ରତ୍ୟକ୍ଷ ଭାବେ ପାଳନକରି ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ଅନୁପ୍ରାଣିତ କରିବାର ପ୍ରତିବଦ୍ଧତାକୁ ଟିପିସିଓଡିଏଲ୍ ଦୋହରାଇଥିଲା।

# ବିଓଏମ୍ ପକ୍ଷରୁ ହିନ୍ଦୀ ଦିବସ ସମାରୋହ

ଭୁବନେଶ୍ୱର,୧୬।୧୨

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ହିନ୍ଦୀ ଦିବସ ସମାରୋହ ପୁଣେଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍.ରାଜୀବ ଉକ୍ତ ସମାରୋହରେ ସଭାପତିତ୍ୱ (ଅଧ୍ୟକ୍ଷତା) କରିଥିଲେ। ଏପରିକି ଜଣାଶୁଣା ଅଭିନେତ୍ରୀ ଆର୍ଯ୍ୟା ଶର୍ମା ମୁଖ୍ୟ ଅତିଥି ଭାବେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶିଷ ପାଣ୍ଡେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରୋହିତ ରିଷି, ବିଓଏମ୍‌ର ମୁଖ୍ୟ ସତର୍କତା ଅଧିକାରୀ ଅମିତ୍ ଶ୍ରୀବାସ୍ତବଙ୍କ ସମେତ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ, କାର୍ଯ୍ୟନିର୍ବାହୀ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ କେ.ରାଜେଶ କୁମାର ସ୍ୱାଗତ କରିବା ସହ ବ୍ୟାଙ୍କରେ ହିନ୍ଦୀ ଭାଷାର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବାର୍ଷିକ ଇ-ପତ୍ରିକା 'ମହାବ୍ୟାଙ୍କ ସମ୍ବାଦ ସରିତା' ଉନ୍ମୋଚିତ ହୋଇଥିଲା।


# Classified Everyday 0674-2580101, 2549949


MATRIMONIAL

GROOM WANTED

Wanted qualified groom 35-38yrs. Service/Business for a beautiful bride 34yrs. Ph.D. Continue Bhubaneswar. Caste no bar. 8917585202. D-74314

Searching Kaibarta Groom for Very Fair Kaibarta Bride. Contact Brother (IAS Faculty in Delhi), Mob-9990161440. D-2034

60ବୟସ୍କା Govt. ଚାକିରିଆ Retd. ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-2035


REAL ESTATE

SALE

2BHK Apartment flat with amenities available near Garage Chhak, Bhubaneswar. 7873492433. D-74713

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008. D-75279

2BHK flat and one gharabari plot sale Pahala Location- 7008492511. D-2031

ଭୁବନେଶ୍ୱର Sum Hospitalରୁ 6 Km. ମଧ୍ୟରେ ପଜେସନ୍ ଫ୍ଲାଟ୍ Sqft. 1499/- , 799/- ମିଳୁଛି - 9124839028, 7008771424. D-75277

Duplex sale 57,00,000/- and plot sale near AIIMS Hospital, Bhubaneswar. 9777433701. D-75281

**Commercial plot, facing to NH Road Nakhara to Niali NH 10000sqft., 3sides road, residential cum commercial plot 3250sft., Residential plot in a Brahmin Complex 5700sft., Residential plot near Petal English Medium School 650/- sft. with boundarywall at Brahmanjharilo, Cuttack, 11 K.M. to BBSR. Personal plots, No builders. 7809525452.** D-75081

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

Ready to move in flat (2BHK 1400sqft.) within 1k.m. from AIIMS Hospital maingate, Bhubaneswar is available for sale (around Rs.-76lakh). Contact- 9861049958, 6370787844. D-75508

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Spa Kerala body Massage best Therapist @699/- Bhubaneswar. Kajal- 9337672475. D-1999

**Ashirvaad Salon and SPA get good massage for your health tha best therapy. 7077181074.** D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75081

**Newly healthcare benefited SPA experience therapist in Bhubaneswar. Contact- 9938843929.** D-75177


BUSINESS

କାର ୱାସିଂ ସର୍ଭିସିଂ, ଭୁବନେଶ୍ୱର, ଯୋଗାଯୋଗ- 9777097322. D-2000

AFFIDAVIT

I, Sadanana Mohanta, S/o- Late Bhagaban Ch Mahanta, resident of H No 288/2370, Lakshmi Vihar, Bhubaneswar, Dist.- Khorda, PIN-751002, Odisha declare by this affidavit No.38/2023 dtd.- 15.12.2023 now onwards I shall be known as Sadanana Mahanta for all future purposes. D-2038

LOST

I, Mr. Lokanath Jena would like to inform the General Public that I have Lost my Original Sale Deed Doc. bearing No. 2751 dtd. 21.05.1997 Registered at Dist.- Sub-Registrar, Bhubaneswar Office. If anyone finds it, kindly contact me at Plot No. 8-3D/456, Sector- 8, CDA, Cuttack - 753014, Dist.- Cuttack, Odisha within 15 days from the date of issue of this Ad. D-71697



**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଭୁଲା ପିକ୍‌ନିକ୍

ପରିବାର ସହ ହେଉ ଅବା ସାଙ୍ଗସାଥୀଙ୍କ ସହ ବିଭିନ୍ନ ସ୍ଥାନକୁ ଯାଇ ପିକ୍‌ନିକ୍ କରିବାକୁ କାହାକୁ ବା ଭଲ ନ ଲାଗେ! ନୂଆ ନୂଆ ଜାଗା ଦେଖିବା, ଭୋଜିଭାତ କରି ଏକାଠି ଖାଇବା ସାଙ୍ଗକୁ ମଜାମସ୍ତିରେ ଦିନ କାଟିବା ସତରେ ଭାରି ମଜା ଲାଗେ। ହେଲେ କେବେକେବେ ଏହା ଭିତରେ ଏମିତି କିଛି ଘଟଣା ଘଟିଯାଏ, ଯାହାକି ପାଲଟିଯାଏ ଅଭୁଲା ସ୍ମୃତି...



ଦିଲୀପ



ଧୀରେନ୍



କାଜଲ



କୁମ୍‌କୁମ୍



ସତ୍ୟନାରାୟଣ





**କାଜଲ ପାଢ଼ୀ,** (ପୁରୀ)– ୨୦୧୮ ମସିହାରେ ଆମେ କିଛି ସାଙ୍ଗ ଓ ଅଫିସ ଷ୍ଟାଫ୍ ମିଶି ପିକ୍‌ନିକ୍ ପାଇଁ ଦାରଙ୍ଗବାଡ଼ି ଯାଇଥିଲୁ । ସେଠାରୁ ସକାଳ ପ୍ରାୟ ୭ଟାରେ ହୋଟେଲରୁ ବାହାରି ଲୁଦ୍ରୁ ଜଳପ୍ରପାତ ଅଭିମୁଖେ ଗଲୁ। କିନ୍ତୁ ଜଙ୍ଗଲ ଭିତରେ ରାସ୍ତା ଭୁଲିଗଲୁ। ଡ୍ରାଇଭର ନୂଆ ଥିବାରୁ ସେ ମଧ ରାସ୍ତା ପାଇ ନ ଥିଲା। ଅନେକ ସମୟ ଜଙ୍ଗଲ ଭିତରେ ସେମିତି ଘୂରି ବୁଲୁଥିଲୁ। ଦ୍ୱିତୀୟରେ ମାଓବାଦୀ ସ୍ଥାନ ବୋଲି ଜାଣି ବହୁ ଭୟ ଲାଗୁଥାଏ। କିପରି ସୁରକ୍ଷିତ ଭାବରେ ଜଙ୍ଗଲ ଭିତରୁ ବାହାରିବୁ, ମହାପ୍ରଭୁଙ୍କୁ ପ୍ରାର୍ଥନା କରି ଚାଲିଥିଲୁ। ଏହି ସମୟରେ ଦୁଇଜଣ ଲୋକଙ୍କୁ ଜଙ୍ଗଲ ଭିତରେ କାଠ ହାଣୁଥିବା ଦେଖିବାକୁ ପାଇଲୁ। ସେମାନଙ୍କୁ ରାସ୍ତା ପଚାରିଥିଲୁ। ପ୍ରଥମେ ସେମାନେ ସନ୍ଦେହ ଦୃଷ୍ଟିରେ ଦେଖିଥିଲେ। ସେମାନଙ୍କୁ ଆମେ ପରିଚୟ ଦେଇଥିଲୁ ଆମେ ପୁରୀରୁ ଆସିଛୁ ବୁଲିବାକୁ। କିଛି ସମୟ ଭାବିବା ପରେ ଜଣେ ବ୍ୟକ୍ତି ତାଙ୍କର ଏକ ଗାଡ଼ି ସାହାଯ୍ୟରେ ଆମର ଜଣେ ସାଥୀକୁ ସାଙ୍ଗରେ ନେଇ ଆଗେ ଆଗେ ଯାଇଥିଲା ଆଉ ଆମ ଗାଡ଼ି ତାଙ୍କ ପଛେ ପଛେ ଯାଇଥିଲା। ବିନା ଇଲେକ୍ଟ୍ରିସିଟି ବ୍ୟବସ୍ଥା, ଭଲ ସ୍ୱାସ୍ଥ୍ୟସେବା, ଅନ୍ୟାନ୍ୟ ମୌଳିକ ସୁବିଧାଠାରୁ ବହୁ ଦୂରରେ ଥିବା ଏହି ଲୋକମାନେ ଅତ୍ୟନ୍ତ ନିଷ୍କପଟ ଓ ସ୍ନେହୀ ଥିଲେ। ଆମେ ଉକ୍ତ ସ୍ଥାନ ବିଷୟରେ ସେତେ କିଛି ଜାଣି ନ ଥିବାରୁ ସେମାନେ ଆମ ନିକଟରେ ରହି ସମସ୍ତ ପ୍ରକାର ସାହାଯ୍ୟ କରିବା ସହ ସହଯୋଗ କରିଥିଲେ। ଲୁଦ୍ରୁ ପ୍ରାକୃତିକ ଦୃଶ୍ୟ ଦେଖି ବେଶ୍ ଭଲ ଲାଗୁଥିଲା । ସେଠାରେ ରୋଷେଇ କରି ଖାଇବା ବେଳକୁ ସଂଧ୍ୟା ହୋଇ ଯାଇଥିଲା। ତେବେ ସେ ଦୁଇ ଜଣ ବ୍ୟକ୍ତି ମୁଣ୍ଡରେ ଟର୍ଚ୍ଚ ଲଗାଇ ଆମ ଗାଡ଼ି ଆଗେ ଆଗେ ଆସି ଆମକୁ ଜଙ୍ଗଲ ରାସ୍ତାରୁ କାଢ଼ି ମୁଖ୍ୟ ରାସ୍ତାରେ ଛାଡ଼ିଥିଲେ। ମାଓବାଦୀ ଅଞ୍ଚଳରେ ସତେ ଯେପରି ସେମାନେ ଦେବଦୂତଙ୍କ ପରି ଆମ ପାଖକୁ ଆସି ଆମକୁ ରାସ୍ତା ଦେଖାଇବା ସହ ଆମ ଜୀବନ ରକ୍ଷା କରିଥିଲେ। ଏ ଘଟଣାକୁ ୫ ବର୍ଷ ବିତିଯାଇଥିଲେ ବି ଏ କଥା ମନେପଡ଼ିଲେ ଦେହ ଶୀତେଇ ଯିବା ସହ ମନରେ ସେଦିନର ସବୁସ୍ମୃତି ତାଜା ହୋଇଯାଏ । ହୃଦୟରୁ ସେଇ ଆଦିବାସୀ ଭାଇମାନଙ୍କୁ ଧନ୍ୟବାଦ ଦେଉଛି, ଯେଉଁମାନେ ବିନା କିଛି ସ୍ୱାର୍ଥ ଓ ମୂଲ୍ୟରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିଥିଲେ।

**ସତ୍ୟନାରାୟଣ ମହାରଣା** (ବ୍ରହ୍ମପୁର)– ଶୀତଦିନ ଆସିଲେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନରେ ବଣଭୋଜି କରିବାକୁ ସଭିଏଁ ଭଲପାଆନ୍ତି। ବଣଭୋଜି ସ୍ଥାନରେ ଯୁବ ପିଢ଼ିମାନେ ମଉଜ ମଜ୍‌ଲିସ କରିବା ଦେଖିବାକୁ ମିଳିଥାଏ। ଏହି ସମୟରେ କେବେକେବେ ଏମିତି କିଛି ଘଟେ, ଯାହା ଅନୁଭୂତି ପାଲଟିଯାଏ। ଆଜକୁ ୨ ବର୍ଷ ପୂର୍ବେ ଗଜପତି ଜିଲା ଗୁଡୁଗୁଡା ନାମକ ବଣଭୋଜି ସ୍ଥାନକୁ ଯାଇଥିଲୁ। ବ୍ରହ୍ମପୁରରୁ ଏହି ସ୍ଥାନ ପ୍ରାୟ ୧୫୦ କିଲୋମିଟର। ଆମେ ବ୍ରହ୍ମପୁରରୁ ଭୋରୁ ବଣଭୋଜି ନିମନ୍ତେ ବାହାରିଥିଲୁ। ରାସ୍ତାରେ ଯିବା ସମୟରେ ବେଶ୍ ମଜାମସ୍ତି ଚାଲିଥିଲା। କିନ୍ତୁ ଅଧରାସ୍ତାରେ ଜିରାଙ୍ଗ ନିକଟରେ ତାଙ୍କର ୪ ଚକିଆ ଗାଡ଼ି ଖରାପ ହୋଇଗଲା। ପାଖରେ କୌଣସି ଗ୍ୟାରେଜ ମଧ ନ ଥିଲା। ତେଣୁ ୩ କିଲୋମିଟର ଜଙ୍ଗଲ ରାସ୍ତାରେ ଚାଲିଚାଲି ଯିବା ପରେ ଜଣେ ଯୁବକ ଆମକୁ ସାହାଯ୍ୟ କରିଥିଲେ। ସେ ଗାଡ଼ି ସଜାଡ଼ିବା ସହ ଭୋଜି ସ୍ଥାନରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ। ଏହାପରେ ଆମେ ରୋଷେଇ କରି ଖାଉ ଖାଉ ସଂଧ୍ୟା ହୋଇଗଲା। ଉକ୍ତ ସ୍ଥାନରେ ମୋବାଇଲ ନେଟ୍‌ୱର୍କ ନ ଥିବା କାରଣରୁ ସମସ୍ୟା ବଢ଼ି ଯାଇଥିଲା। ପରିବାର ଲୋକେ ମଧ ବ୍ୟସ୍ତ ହୋଇପଡିଥିଲେ। କିନ୍ତୁ ବିଳମ୍ବ ହେଲେ ମଧ ସୁରକ୍ଷିତ ଭାବରେ ନିଜେ ଓ ସାଙ୍ଗସାଥୀ ନିଜ ଘରକୁ ଫେରିଥିଲୁ।

**ଦିଲୀପ କୁମାର ପ୍ରଧାନ**(ପିପିଲି)– ଗତବର୍ଷ ଆମେ ୩ ଜଣ ସାଙ୍ଗ ମିଶି ଫ୍ଲାଇଟ୍‌ରେ ଉତ୍ତର ପ୍ରଦେଶ ବୁଲିବାକୁ ଯାଇଥିଲୁ। ବାରଣାସୀ ଏୟାରପୋର୍ଟରେ ଓହ୍ଲାଇ କାଶୀ ବିଶ୍ୱନାଥ ଅଭିମୁଖେ ବାହାରିଲୁ। ମନ୍ଦିର ବୁଲିବା ପରେ ବୋଟରେ କାଶୀ ଓ ବାରଣାସୀ ଘାଟ ବୁଲିବାକୁ ଗଲୁ। ସେହି ଘାଟରେ ସ୍ୱର୍ଗଦ୍ୱାର ଭଳି ଅହରହ ଶବଦାହ କରାଯାଉଥିଲା। ଏକ କାଳୀନ ଅନେକ ଶବଦାହ ଦେଖି ମୋ ସାଙ୍ଗ ବିଶ୍ୱଜିତ୍ ହଠାତ୍ ଅଚେତ ହୋଇପଡିଲା। ପାଣି ଛିଞ୍ଚିବା ପରେ ବି ହୋସ୍ ଆସି ନ ଥିଲା। ଆମେ ଦୁଇଜଣ ଅଜଣା ଯାଗାରେ ଏଭଳି ପରିସ୍ଥିତିର ସମ୍ମୁଖିନ ହୋଇ ଭୟଭୀତ ହୋଇପଡିଥିଲୁ। ବାଧରେ ବୋଟ୍ ଚାଳକଙ୍କୁ ଘାଟ ବୁଲିବା କ୍ୟାନ୍ସେଲ୍ କରିବାକୁ କହିଥିଲୁ। ହେଲେ ସେ ଆଉ ଟଙ୍କା ଫେରାଇଲେ ନାହିଁ। ଆମେ ଦୁଇଜଣ ବଡ କଷ୍ଟରେ ତାର ଦୁଇ ହାତକୁ କାନ୍ଧରେ ପକାଇ ଅଟୋ ଷ୍ଟାଣ୍ଡ ପର୍ଯ୍ୟନ୍ତ ନେଲୁ। ଅଟୋରେ ନିକଟସ୍ଥ ଡାକ୍ତରଖାନାକୁ ନେଇ ଭର୍ତ୍ତିକଲୁ। ପ୍ରାୟ ଏକ ଘଣ୍ଟା ପରେ ସେ ସ୍ୱାଭାବିକ ଅବସ୍ଥାକୁ ଫେରିଲା। ହେଲେ ସେତେବେଳକୁ ସଂଧ୍ୟା ହୋଇଯାଇଥିବାରୁ ଆଉ ନ ବୁଲି ହୋଟେଲକୁ ଚାଲିଗଲୁ। ପରଦିନ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳ ବୁଲି ଘରକୁ ଫେରିଥିଲୁ। ସେଦିନର ସେ ପରିସ୍ଥିତି ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ।

**କୁମ୍‌କୁମ୍ ପଟ୍ଟନାୟକ** (ଯୁକ୍ତ ଦୁଇ ଶେଷବର୍ଷ, ଜାଭିୟର ସ୍କୁଲ, କେନ୍ଦୁଝର)– ପ୍ରତ୍ୟେକ ବର୍ଷ ଶୀତଦିନ ଆସିଲେ ଆମେ ପିକ୍‌ନିକ୍‌ରେ ଯାଉ। ଏବର୍ଷ କଲେଜ ପିକ୍‌ନିକ୍‌ରେ ଝୁମ୍ପୁରା ବ୍ଲକ କାଇଯୋଡା ଗ୍ରାମ ନିକଟରେ ଥିବା ଜଳପ୍ରପାତ ଯାଇ ବୁଲିବା ସହ ଭୋଜି ଭାତ କରିଥିଲୁ। ପାହାଡ଼ ଜଙ୍ଗଲ ଘେରରେ ରହିଛି ଏହି ଜଳପ୍ରପାତ। ସୁଉଚ୍ଚ ପର୍ବତରୁ ପାଣି ତଳକୁ ଖସୁଛି। ସାଙ୍ଗ ପିଲାଙ୍କ ସହ ଚାଲି ଚାଲି ପାହାଡ଼ ଜଙ୍ଗଲ ବୁଲି ଦେଖିବା ବହୁତ ମଜା ଲାଗିଲା। ଯେହେତୁ ଯୁକ୍ତ ଦୁଇ ଶେଷବର୍ଷ, ଏଣୁ ଏହା କଲେଜରେ ଆମର ଶେଷ ପିକ୍‌ନିକ୍ ଥିଲା। ତେଣୁ ନାଚ ଗୀତ ଜୋରରେ ଚାଲିଥିଲା। ଏହି ସମୟରେ କେତେକ ବାହାର ଯୁବକ ଆସି ଆମ ଫଟୋ ଉଠାଇବାରୁ ସମସ୍ତେ ଭୟଭୀତ ହୋଇ ପଡିଥିଲୁ। ଆମେ ବିରୋଧ କରିବାରୁ ଝଗଡ଼ା ବି ହୋଇଥିଲା। ଶେଷରେ ଶିକ୍ଷକମାନେ ସେମାନଙ୍କୁ ପ୍ରତିରୋଧ କରିଥିଲେ ଏବଂ ଘଟଣାର ସମାଧାନ ହୋଇଥିଲା। ଏସବୁ ଭିତରେ କେତେବେଳେ ସମୟ ସରିଗଲା ଜଣାପଡ଼ିଲା ନାହିଁ। ଜଙ୍ଗଲ ଓ ପାହାଡ଼ ଅଞ୍ଚଳ ହୋଇଥିବାରୁ ବନ୍ୟ ଜନ୍ତୁଙ୍କ ଭୟ ମଧ ଲାଗୁଥିଲା। ତା'ପରେ ଭୋଜି ଭାତ ଖାଇ ଫେରିଲୁ।

**ଧୀରେନ୍ କୁମାର ପାଢ଼ୀ** (ପୁରୀ)– ପ୍ରତିବର୍ଷ ଶେଷଆଡ଼କୁ କିଛି ସାଙ୍ଗ ମିଶି ବୁଲିବାକୁ ଯାଉ। ଗତବର୍ଷ ଆମେ ସାଙ୍ଗମାନେ କୋରାପୁଟ, ଗଞ୍ଜାମ, ଗଜପତି ଜିଲାର ବିଭିନ୍ନ ସ୍ଥାନ ବୁଲିବାକୁ ଯାଇଥିଲୁ। କିଛି ଭିନ୍ନ ଭାବରେ ପିକ୍‌ନିକ୍ କରିବା ପାଇଁ ସ୍ଥିର କରିଥିଲୁ। ତେଣୁ ସାଥିରେ ଟେଣ୍ଟ୍ ସହ ସମସ୍ତ ଆବଶ୍ୟକ ଜିନିଷ ନେଇ ବାହାରିଲୁ। ଜଙ୍ଗଲକୁ ଯାଇ ସେଠି ରାତି କଟାଇବା ପାଇଁ ସ୍ଥିର କଲୁ। ଶେଷ ଆଡ଼କୁ କୋରାପୁଟ ଜଙ୍ଗଲର ଏକ ସ୍ଥାନରେ ଟେଣ୍ଟ୍ ଲଗାଇ ରୋଷେଇ କରିବା ସହ ରାତିରେ ରହିଥିଲୁ। ମାତ୍ର ଅଧରାତିରେ ହଠାତ୍ ଜୋର୍‌ରେ ପବନ ବୋହିବା କାରଣରୁ ଟେଣ୍ଟ୍ ଦୋହଲିବାକୁ ଲାଗିଲା। ଯେତେ ଚେଷ୍ଟା କଲେ ମଧ ଟେଣ୍ଟ୍‌କୁ ରଖିପାରିଲୁ ନାହିଁ। ଶେଷରେ ଟେଣ୍ଟଟି ଭାଙ୍ଗି ଯାଇଥିଲା। ପ୍ରବଳ ଶୀତକୁ ରାତିର ଘୋର ଅନ୍ଧକାର। କ'ଣ କରିବୁ ଜାଣି ପାରୁ ନ ଥାଉ। ଜଙ୍ଗଲ ଭିତରେ ହିଂସ୍ରଜନ୍ତୁଙ୍କ ଭୟ ମଧ ଲାଗୁଥାଏ। ସକାଳୁ ହେବାକୁ ଆହୁରି ସମୟ ଥାଏ। କିଛି ଉପାୟ ନ ପାଇ ସାଙ୍ଗରେ ନେଇଥିବା ଜିନିଷରେ ନିଆଁ ଜଳାଇ କଥାବାର୍ତ୍ତା ହେଇ ହେଇ ରାତି କାଟିଲୁ। ସକାଳ ହେବା ମାତ୍ରେ ଭଙ୍ଗା ଟେଣ୍ଟ୍‌କୁ ଧରି ଗାଡ଼ି ପାଖକୁ ଆସି ଫେରିଆସିଲୁ । ସେ ଅନୁଭୂତି ଆଜି ବି ମନରେ ରହିଛି।



ୟୁଥ୍ ଆଲର୍ଟ

# ଆଲ୍‌କହଲ୍ ପିଉଥିଲେ...

ବର୍ତ୍ତମାନ ସମଗ୍ର ପୃଥିବୀରେ ମଦ ବା ଆଲ୍‌କହଲ୍ ପିଉଥିବା ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯେଉଁଥିରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଭିନ୍ନ ପାର୍ଟି ଫଙ୍କଶନ୍‌ଠୁ ଆରମ୍ଭ କରି ନୂଆବର୍ଷ ପର୍ଯ୍ୟନ୍ତ ସବୁଠି ଆଲ୍‌କହଲ୍ ବିନା ଯେମିତି ସେମାନଙ୍କର ସେଲିବ୍ରେଶନ୍ ଅଧୁରା। ଏମିତିକି କେହି କେହି ଖାଦ୍ୟ ଭଳି ପ୍ରତିଦିନ ମଦ ପିଉଥିବାର ଦେଖିବାକୁ ମିଳୁଛି। ହେଲେ ଆପଣ ଜାଣନ୍ତିକି, ଅଧିକ ଆଲ୍‌କହଲ୍ ପିଇବା ଦ୍ୱାରା ବିଭିନ୍ନ କଷ୍ଟସାଧ ରୋଗ ଆଶଙ୍କା ବୃଦ୍ଧି ପାଇବା ସହ ଅନ୍ୟାନ୍ୟ ସମସ୍ୟା ଉପୁଜିଥାଏ...





⏭ଦିନକୁ ୧–୨ ପେଗ୍ ମଦ ପିଇବା କ୍ଷତିକାରକ ନୁହେଁ ବୋଲି ଅନେକେ ମାନୁଥିବା ବେଳେ କେତେକ ରିସର୍ଚ୍ଚରୁ ଅଳ୍ପ ମଦ ପିଇବା ଶରୀର ପାଇଁ ଉପକାରୀ ବୋଲି ଜଣାପଡିଛି। ହେଲେ ସ୍ୱାସ୍ଥ୍ୟ ବିଜ୍ଞାନୀଙ୍କ ମତରେ ଏହା ଶରୀରକୁ କେବଳ କ୍ଷତି ପହଞ୍ଚାଇଥାଏ। ଚଳିତବର୍ଷ ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍(WHO) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ମଦର ଏକ ବୁନ୍ଦା ବି ଶରୀର ପାଇଁ ଉପକାରୀ ନୁହେଁ। ଏହାଦ୍ୱାରା ଲିଭରର କାର୍ଯ୍ୟକ୍ଷମତା ବାଧାପ୍ରାପ୍ତ ହୋଇଥାଏ ଏବଂ ଧୀରେ ଧୀରେ ଏହା ଫେଲ୍ ହୋଇ ରୋଗୀକୁ ମୃତ୍ୟୁମୁଖକୁ ଟାଣିନେବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ସେହିପରି ଏହାଦ୍ୱାରା କ୍ୟାନ୍‌ସର ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବଢ଼ିଯାଏ।

⏭ଏହି ରିପୋର୍ଟ ମୁତାବକ ମଦରେ ମିଶା ଯାଉଥିବା ଆଲ୍‌କହଲ୍ ବିଷାକ୍ତ ହୋଇଥାଏ। କିଛି ବର୍ଷ ପୂର୍ବରୁ ଇଣ୍ଟରନ୍ୟାଶନାଲ୍ ଏଜେନ୍ସି ଫର୍ ରିସର୍ଚ୍ଚ ଅନ୍ କ୍ୟାନ୍‌ସର ପକ୍ଷରୁ ଆଲ୍‌କହଲ୍‌କୁ ଗ୍ରୁପ୍–୧ କାର୍ସିନୋଜେନ୍ ଶ୍ରେଣୀରେ ସାମିଲ କରାଯାଇଥିଲା, ଯାହାକି କ୍ୟାନ୍‌ସର ସୃଷ୍ଟିକାରୀ ଉପାଦାନ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛି। ତେବେ କେବଳ ଆଲ୍‌କହଲ୍ ନୁହେଁ, ତମାଖୁ ଏବଂ ରେଡିଏଶନ୍ ମଧ କ୍ୟାନ୍‌ସର ସୃଷ୍ଟି ପାଇଁ ମୁଖ୍ୟତଃ ଦାୟୀ।

⏭ଆଲ୍‌କହଲ୍ ଅଧିକ ପିଇବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ପାଇଥାଏ।

⏭ପ୍ରତିଦିନ ଆଲ୍‌କହଲ୍ ପିଇବା ଦ୍ୱାରା ପାଠପଢ଼ା ହେଉ କିମ୍ବା ଜବ୍ କ୍ଷେତ୍ରରେ ମଧ ଅବହେଳା ହୋଇଥାଏ।

⏭ସେହିପରି ଏହାକୁ ପିଇ ନିଶାରେ ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣା ଆଶଙ୍କା ବି ସବୁଠୁ ଅଧିକ।

## ଏ ସପ୍ତାହର ପ୍ରଶ୍ନ

୧– ହାମ୍ବାନ୍ତୋଟା ପୋର୍ଟ ........... ଦେଶରେ ରହିଛି ?
୨– ରାସ ମହୋତ୍ସବ ବା ରାସଲୀଳା ପର୍ବ ............. ରାଜ୍ୟରେ ପାଳନ କରାଯାଏ ?
୩– ଫ୍ରାଙ୍କ୍ ରୁବିଓ ଜଣେ .............. ?
୪– ଗୀତା ରହସ୍ୟ ପୁସ୍ତକର ଲେଖକ .............. ?
୫– ସ୍କାର୍ଲେଟ୍ ମକାଉ ............. ଦେଶର ଜାତୀୟ ପକ୍ଷୀ ?

## ଗତ ସପ୍ତାହର ଉତ୍ତର

୧ ମଣିପୁର
୨ ଭାରତ
୩ ରିଆଦ୍, ସାଉଦି ଆରବ
୪ ୨୦୧୯ ମସିହା
୫ ବିକ୍ରମ ସେଠ

## ଉତ୍ତରଦାତା



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର



ବିଶ୍ୱଜିତ୍ ବେହେରା, ଯାଜପୁର



କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ଶପିଂ ମଲ୍

୧– ନ୍ୟୁ ସାଉଥ୍ ଚାଇନା ମଲ୍(ଚାଇନା)......... ୬.୪୬ ମିଲିଅନ୍ ସ୍କୋୟାର୍ ଫୁଟ୍
୨– ଗୋଲ୍ଡେନ୍ ରିସୋର୍ସେସ୍ ମଲ୍(ଆମେରିକା)....... ୬ ମିଲିଅନ୍ ସ୍କୋୟାର୍ ଫୁଟ୍
୩– ସେଣ୍ଟ୍ରାଲ୍ ୱାର୍ଲ୍ଡ............................ ୪.୬୨ ମିଲିଅନ୍ ସ୍କୋୟାର୍ ଫୁଟ୍
୪– ଏସ୍‌ଏମ୍‌ମଲ୍ ଅଫ୍ ଏସିଆ(ଫିଲିପାଇନ୍ସ)......... ୪.୨ ମିଲିଅନ୍ ସ୍କୋୟାର୍ ଫୁଟ୍
୫– ଦୁବାଇ ମଲ୍ ................................. ୩.୭୭ ମିଲିଅନ୍ ସ୍କୋୟାର୍ ଫୁଟ୍
୬– ୱେଷ୍ଟ ଏଡ୍‌ମଣ୍ଟନ୍ ମଲ୍(କାନାଡ଼ା)............. ୩.୭୭ ମିଲିଅନ୍ ସ୍କୋୟାର୍ ଫୁଟ୍
୭– ଏସ୍‌ଏମ୍ ମେଗାମଲ୍(ଫିଲିପାଇନ୍ସ)........... ୩.୬ ମିଲିଅନ୍ ସ୍କୋୟାର୍ ଫୁଟ୍
୮– ଇସ୍ତାନବୁଲ୍ କେଭାହିର୍(ତୁର୍କୀ)................ ୩.୪୭ ମିଲିଅନ୍ ସ୍କୋୟାର୍ ଫୁଟ୍
୯– ବେର୍ଜାୟା ଟାଇମ୍ସ ସ୍କୋୟାର୍(କ୍ୱାଲାଲୁମ୍ପୁର୍)..... ୩.୪୪ ମିଲିଅନ୍ ସ୍କୋୟାର୍ ଫୁଟ୍
୧୦– ସିଆମ୍ ପାରାଗନ୍(ବ୍ୟାଙ୍କକ୍)............ ୩.୨୨ ମିଲିଅନ୍ ସ୍କୋୟାର୍ ଫୁଟ୍

ଯୁବ ପ୍ରତିଭା

# ପଟ୍ଟଚିତ୍ର ଦେଇଛି ପରିଚୟ



**କା**ରିଗରର ଯାଦୁକରି ସ୍ପର୍ଶରେ କାଠ, ମାଟି ତଥା ତାଳପତ୍ର ମଧ ଜୀବନ୍ତ ହୋଇଉଠେ। ଘର ଭିତରେ, ବାହାରେ ଓ ରାସ୍ତା କଡ଼ରେ ଏସବୁ ବସ୍ତୁ ପାଏ ସ୍ୱତନ୍ତ୍ର ପରିଚୟ । କେହି ଯେତେବେଳେ କାରୁକାର୍ଯ୍ୟର ପ୍ରଶଂସା କରନ୍ତି, ସେତେବେଳେ କାରିଗରର ଶ୍ରମ ସାର୍ଥକ ହୋଇଥାଏ । କୌଳିକ ବୃତ୍ତି ହୋଇ ନ ଥିଲେ ମଧ ଅନେକ ବ୍ୟକ୍ତିବିଶେଷ ନୂଆ ପେସାରେ ମଧ ନିଜ କୃତି ପାଇଁ ପ୍ରଶଂସିତ ହୋଇଥା'ନ୍ତି। ସେହିପରି ଜଣେ ବହୁମୁଖୀ ଯୁବ କାରିଗର ହେଉଛନ୍ତି ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତ ଅଧୀନ କୁଞ୍ଜବିହାରୀପୁର ଗ୍ରାମର ନୀଳମାଧବ ସାହୁ, ଯାହାଙ୍କ ସ୍ପର୍ଶରେ ନିର୍ଜୀବ ପଦାର୍ଥ ବି କଥା କହିବା ପରି ମନେହୁଏ।

ବାପା ଦଣ୍ଡପାଣି ସାହୁ ଜଣେ କଂସା ପିତଳ କାରିଗର ଭାବେ ଜଣାଶୁଣା ଥିବା ବେଳେ ମାଆ ଇନ୍ଦୁମତୀ ଜଣେ ଗୃହିଣୀ। ପିଲାଦିନୁ ବାପାଙ୍କୁ କଂସା ପିତଳ ସାମଗ୍ରୀ ତିଆରି କରୁଥିବା ଦେଖି ଏଥିପ୍ରତି ଆକୃଷ୍ଟ ହୋଇ ଆଗାମୀ ଦିନରେ ଜଣେ ଡିଜାଇନର ଭାବରେ ପ୍ରତିଷ୍ଠିତ ହେବାକୁ ମନ ବଳାଇଥିଲେ ମଧ ସଙ୍ଗୀତ ପ୍ରତି ଅଧିକ ଆଗ୍ରହ ଥିଲା ନୀଳମାଧବଙ୍କର। ମାତ୍ର ୬ ବର୍ଷ ବୟସରେ ସେ ଗ୍ରାମରେ ଜଣେ ଭଲ କଣ୍ଠଶିଳ୍ପୀ ଭାବେ ପରିଚିତ ହୋଇ ଯାଇଥିଲେ। ସ୍କୁଲ ଶିକ୍ଷା ପରେ ୨୦୦୨–୨୦୦୭ ମଧ୍ୟରେ ଭୁବନେଶ୍ୱରସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାଣ୍ଡିକ୍ରାଫ୍ଟସ୍ ଟ୍ରେନିଂ ସେଣ୍ଟର (ଏସ୍‌ଆଇଏଚ୍‌ଟିସି)ରେ ଗୁରୁ ଭିକାରୀ ଚରଣ ମହାରଣା ଓ ଗୋକୁଳ ବିହାରୀ ପଟ୍ଟନାୟକଙ୍କଠାରୁ ପଟ୍ଟଚିତ୍ର ଶିକ୍ଷା ଗ୍ରହଣ କରିଥିଲେ । ସଙ୍ଗୀତ ପ୍ରତି ବିଶେଷ ଆଗ୍ରହ ଥିବାରୁ ତାଙ୍କର ଏକ କ୍ୟାସେଟ୍ ଆଲ୍‌ବମ୍ ୨୦୦୮ରେ ଉନ୍ମୋଚନ ହୋଇଥିଲା । ପରେ ସେ ଗନ୍ଧର୍ବ ମହାବିଦ୍ୟାଳୟରେ ହିନ୍ଦୁସ୍ଥାନୀ କ୍ଲାସିକାଲ ସଙ୍ଗୀତରେ ୨ ବର୍ଷିଆ କୋର୍ସ କରିଥିଲେ। ତେବେ ବାପାଙ୍କୁ ଆର୍ଥିକ ସାହାଯ୍ୟ କରିବା ଆଶାରେ ସମ୍ବଲପୁରର ସଫରନ ହ୍ୟାଣ୍ଡଲୁମ୍ ସଂସ୍ଥାରେ ଯୋଗ ଦେଇଥିଲେ । ପରେ ସେ ଶିକ୍ଷକତା ଆରମ୍ଭ କରିଥିଲେ। ହେଲେ ୨୦୧୩ରେ କୁର୍ତ୍ତା ଓ ଦୁପଟା ଉପରେ ବାଲିର ଡିଜାଇନ କାର୍ଯ୍ୟ କରି ବେଶ୍ ସଫଳତା ସାଉଁଟିପାରିଲେ। ସେ ପଶ୍ଚିମବଙ୍ଗର ବଙ୍ଗୀୟ ସଙ୍ଗୀତ ପରିଷଦରେ ପେଣ୍ଟିଂରେ ସିନିୟର ଡିପ୍ଲୋମା (ଅଙ୍କନ ଶ୍ରୀ) କରିଛନ୍ତି। ବର୍ତ୍ତମାନ ପ୍ରାଚୀନ କଳାକେନ୍ଦ୍ର, ଚଣ୍ଡିଗଡରେ ପେଣ୍ଟିଂରେ ଡିଗ୍ରୀ କୋର୍ସ କରୁଛନ୍ତି। ଫାବ୍ରିକ ଉପରେ ବିଭିନ୍ନ ଡିଜାଇନ କରିବା ସହିତ ଜଣେ ଅନନ୍ୟ ପଟ୍ଟଚିତ୍ର ଆର୍ଟିଷ୍ଟ ଭାବରେ ସେ ବେଶ ପରିଚିତ । ଇତିମଧ୍ୟରେ ସେ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ କଲ୍‌ଚର ପକ୍ଷରୁ ନ୍ୟାଶନାଲ ସ୍କଲାରଶିପ୍, ଭୁବନେଶ୍ୱର କଳିଙ୍ଗ ଶିଳ୍ପୀ ମହାସଂଘ ପକ୍ଷରୁ କଳିଙ୍ଗ ଶିଳ୍ପୀ ସମ୍ମାନ, ବସୁଧା ଆର୍ଟ ଆଣ୍ଡ ଫିଲ୍ମ ଫେଷ୍ଟିଭାଲ୍‌ରେ ବସୁଧା ଆୱାର୍ଡ, ପିଡିଲାଇଟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଫେବିକ୍ରିଲ୍ ସୁପର ଏକ୍ସପର୍ଟ ପ୍ରତିଯୋଗିତାରେ ନ୍ୟାଶନାଲ୍ ୱିନର୍ ମଧ ହୋଇପାରିଛନ୍ତି। ସେ ବିଭିନ୍ନ ସ୍କୁଲ, କଲେଜ, ବେସରକାରୀ ସଂସ୍ଥାରେ ଯୋଗ ଦେଇ ଆର୍ଟ, କ୍ରାଫ୍ଟ ଏବଂ ଡିଜାଇନ ଶିକ୍ଷା ପ୍ରଦାନ କରୁଛନ୍ତି। ପେଣ୍ଟିଂ ଏବଂ ଗୀତ ଗାଇବା ବ୍ୟତୀତ ତାଙ୍କର ଗଳ୍ପ, କବିତା ଲେଖିବାରେ ମଧ ବିଶେଷ ରୁଚି ରହିଛି। ବର୍ତ୍ତମାନ ନିଜର ନୀଳମାଧବ ଡିଜାଇନ୍ ଷ୍ଟୁଡିଓ ଚଳାଇବା ସହିତ ଆଗାମୀ ଦିନରେ ଓଡିଶାରେ ଏକାଧିକ କୃତୀ ଡିଜାଇନର ସୃଷ୍ଟି କରିବା ମୋର ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ନୀଳମାଧବ।

**– ଅଜୟ କୁମାର ମହାରଣା**

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଡିସେମ୍ବର ୧୭/୨୦୨୩ Bhubaneswar, Sunday, December 17/ 2023


# ଡବଲ୍ସ ଫାଇନାଲରେ ଅଶ୍ୱିନୀ-ତନିଶା

ଭୁବନେଶ୍ୱର,୧୬।୧୨(ସରୋଜ ଜେନା)

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ବିଡବ୍ଲ୍ୟୁଏଫ ଟୁର୍ ସୁପର-୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି ଭାରତର ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ। ପୂର୍ବତନ ବିଶ୍ୱ ଚାମ୍ପିୟନ ନୋଜୋମି ଓକୁହାରା ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ଭାରତୀୟ ଖେଳାଳି ସତୀଶ କରୁଣାକରନ୍ ଓ ଆୟୁଷ ସେଟ୍ଟୀ ଫାଇନାଲରେ ପ୍ରବେଶ କରିଛନ୍ତି। ଦିନର ପ୍ରଥମ ମ୍ୟାଚ୍‌ରେ ଭାରତୀୟ ମିକ୍ସଡ ଡବଲ୍ସ ଯୋଡି ତନିଶା କାଷ୍ଟ୍ରୋ ଓ ଧ୍ରୁବ କପିଲା ୨୧-୧୪, ୨୧-୧୪ ସେଟ୍‌ରେ ଡେନମାର୍କର ମାଡ୍ସ ଭେଷ୍ଟେରଗାର୍ଡ ଓ କ୍ରିଷ୍ଟିନ୍ ବୁଶଙ୍କୁ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ। ପୁରୁଷ ସିଙ୍ଗଲ୍ସ ସେମିରେ ଡିଫେଣ୍ଡିଂ ଚାମ୍ପିୟନ କିରଣ ଜର୍ଜଙ୍କୁ ୨୧-୧୪ ଓ ୨୨-୨୦ ସେଟରେ ପରାସ୍ତ କରିଥିଲେ ସତୀଶ କରୁଣାକରନ। ପ୍ରଥମ ସେଟକୁ ଜିତିବା ପରେ ଦ୍ୱିତୀୟ ସେଟରେ ୨୧-୧୯ରେ ପଛୁଆ ରହିଥିଲେ ସତୀଶ। ତେବେ ଚମତ୍କାର କମବ୍ୟାକ୍ ସହିତ ସେ କିରଣଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ମିକ୍ସଡ ଡବଲ୍ସ ସେମିରେ ସିଙ୍ଗାପୁରର ହି ୟଙ୍ଗ କାଇ ଟେରୀ ଓ ଟାନ୍ ୱେ ହାନ୍ ଜେସିକାଙ୍କ ଯୋଡି ୧୩-୨୧, ୨୧-୧୯ ଓ ୨୧-୧୨ ପଏଣ୍ଟରେ ଭିଏତନାମର ଅଦନାନ ମୌଲାନା ଓ ନୀତା ଭାୟୋଲିନା ମାରୱାଙ୍କୁ ପରାସ୍ତ କରିଥିଲେ।






ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବସିଥିବା ଦର୍ଶକ। ସେମିଫାଇନାଲ ମ୍ୟାଚ୍ ଜିତିବା ପରେ ଭାରତର ଅଶ୍ୱିନୀ ପୋନାପ୍ପା ଓ ତନିଶା କାଷ୍ଟ୍ରୋ।

**ଓଡ଼ିଶା ମାଷ୍ଟର୍ସ ସୁପର ସିରିଜ୍ ବ୍ୟାଡ୍‌ମିଣ୍ଟନ**

ପୁରୁଷ ସିଙ୍ଗଲ୍ସର ଅନ୍ୟତମ ସେମିରେ ଭାରତର ଆୟୁଷ ସେଟ୍ଟୀ ୧୯-୨୧, ୨୧-୧୪ ଓ ୨୨-୨୦ ସେଟରେ ଭିଏତନାମର ଆଲଓ୍ୱି ଫରହାନଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ପରାସ୍ତ ହେବା ପରେ ପରବର୍ତ୍ତୀ ଦୁଇ ସେଟ ଜିତି ନେଇଥିଲେ ଆୟୁଷ।

ପୁରୁଷ ଡବଲ୍ସ ସେମିରେ ଭାରତର କ୍ରିଷ୍ଣ ପ୍ରସାଦ ଗରଗ ଓ ସାଇ ପ୍ରତୀକ ୨୧-୧୭, ୧୭-୨୧ ଓ ୨୧-୧୮ରେ ଟେଗେସ ସତରିୟାଜି କାହ୍ୟୋ ହୁଟୋମୋ ଓ କ୍ରିଷ୍ଟୋଫର ଡେଭିଡ୍ ୱାଜିୟାଙ୍କୁ ପରାସ୍ତ କରିଥିଲେ। ଦ୍ୱିତୀୟ ସେମିରେ ଲିନ୍ ବେଙ୍ଗ ୱେଇ-ସୁ ଚେନ୍ ହେଙ୍ଗଙ୍କ ଯୋଡି ୨୧-୧୩ ଓ ୨୧-୧୨ ସେଟରେ ମୁ ପୁତ୍ରା ଏରୱିନେଶ୍ୟା ଓ ପାଟ୍ରା ହାରାପାନଙ୍କୁ ପରାସ୍ତ କରିଥିଲେ। ମହିଳା ଡବଲ୍ସରେ ତନିଶା କାଷ୍ଟ୍ରୋ-ଅଶ୍ୱିନୀ ପୋନାପ୍ପା ୨୧-୧୭, ୨୧-୧୩ ସେଟରେ ଆରିଲା ନବିଲା ଥେସା ମୁନୁଗ୍ଗରନ ଓ ଅଗ୍ନିଆ ଶ୍ରୀ ରାହାୟୁଙ୍କୁ ପରାସ୍ତ କରଥିଲେ।

# 'ବିଶ୍ୱକପ୍‌ରେ ଶ୍ରେଷ୍ଠ ଦଳ ଥିଲା ଭାରତ'

ଭୁବନେଶ୍ୱର,୧୬।୧୨(ସରୋଜ ଜେନା)

**ଏକାମ୍ର ଲିଟେରାରି ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଡେଭ୍ ହ୍ୱାଟ୍‌ମୋର**



ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି ଏକାମ୍ର ଲିଟେରାରି ସ୍ପୋର୍ଟ୍ସ ଫେଷ୍ଟିଭାଲର ପଞ୍ଚମ ସଂସ୍କରଣ। ଓଡ଼ିଶା ସରକାରଙ୍କ କୃଷି ବିଭାଗ ସଚିବ ଅରବିନ୍ଦ ପାଢୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ୧୯୯୬ ଶ୍ରୀଲଙ୍କା ବିଶ୍ୱକପ୍ ବିଜୟୀ ଦଳର କୋଚ୍ ତଥା ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ଡେଭ୍ ହ୍ୱାଟ୍‌ମୋର ବକ୍ତା ଭାବରେ ଯୋଗ ଦେଇ କ୍ରିକେଟ ସମ୍ପର୍କିତ ବିଭିନ୍ନ ବିଷୟରେ ନିଜର ମତ ରଖିଥିଲେ। ୨୦୨୩ କ୍ରିକେଟ ବିଶ୍ୱକପ୍‌ରେ ଭାରତ ସବୁଠାରୁ ଶକ୍ତିଶାଳୀ ଦଳ ରହିଥିଲା। ତେବେ ଅପ୍ରତ୍ୟାଶିତ ଭାବେ ଦଳ ଫାଇନାଲ ମ୍ୟାଚରେ ପରାଜିତ ହୋଇଥିଲା ବୋଲି କହିଥିଲେ ହ୍ୱାଟ୍‌ମୋର। ଭାରତୀୟ ଦଳ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ତେବେ ଫାଇନାଲରେ ଅନେକ କିଛି ଜିନିଷ ଦଳ ସପକ୍ଷରେ ଯାଇ ନ ଥିଲା। ଟୁର୍ନାମେଣ୍ଟରେ ପ୍ରତି ମ୍ୟାଚରେ ଭାରତ ହାରାହାରି ୩୦ ଚୌକା ଓ ୧୫ ଛକା ମାରୁଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ଦଳ ମାତ୍ର ୧୩ ଚୌକା ଓ ୩ ଛକା ମାରିଥିଲା। ଭାରତ ଅଷ୍ଟ୍ରେଲିଆ ବିପକ୍ଷରୁ ଟୁର୍ନାମେଣ୍ଟ ଆରମ୍ଭ କରିଥିବା ବେଳେ ସମାନ ଦଳ ବିପକ୍ଷରେ ଫାଇନାଲ ଖେଳିଥିଲା। ଉଭୟ ମ୍ୟାଚ୍ ପାଇଁ ଭାରତ ଯେଉଁଭଳି ପିଚ୍ ପ୍ରସ୍ତୁତ କରିଥିଲା ତାହାକୁ ନେଇ ହ୍ୱାଟ୍‌ମୋର୍ ପ୍ରଶ୍ନ କରିଥିଲେ। ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ମାତ୍ର ୧୪ ଚୌକା ଓ ୨ ଛକା ମାରିଥିବା ବେଳେ ଅହମଦାବାଦର ଫାଇନାଲରେ ଏହାର ଆକ୍ସନ ରିପ୍ଲେ ଦେଖିବାକୁ ମିଳିଥିଲା। ପରାଜୟ ପରେ ଅନେକ ପ୍ରଶଂସକ କୋହଲି ଓ ରାହୁଲଙ୍କ ବ୍ୟାଟିଂ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବେ। ମାତ୍ର ଉଭୟ ଦିନିକିଆ କ୍ରିକେଟ ହିସାବରେ ଠିକ୍‌ଠାକ୍ ବ୍ୟାଟିଂ କରୁଥିଲେ। କୋହଲି ଅପ୍ରତ୍ୟାଶିତ ଭାବରେ ଆଉଟ ହେବା ସହିତ ପ୍ରଶଂସାଯୋଗ୍ୟ। ଏହା ସହିତ କୋଚ୍ ଭାବେ ସେ ରାହୁଲ ଦ୍ରାବିଡଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ଦ୍ରାବିଡ କମ୍ କଥାବାର୍ତ୍ତା କରୁଥିବା ବେଳେ କାମରେ ବିଶ୍ୱାସ କରିଥାନ୍ତି। ତାଙ୍କ ଅଧୀନରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ଆସିଛି। ଆଗାମୀ ୬ ମାସ ମଧ୍ୟରେ ଟି୨୦ ବିଶ୍ୱକପ୍ ରହିଥିବା ବେଳେ ଭାରତ ଭଲ ପ୍ରଦର୍ଶନ କରିବା ନେଇ ସେ ଆଶା କରୁଥିବା କହିଥିଲେ ହ୍ୱାଟ୍‌ମୋର।

ଖେଳରେ କୋଚ୍‌ଙ୍କ ଭୂମିକା କେବଳ ମେଣ୍ଟର ଭାବରେ ରହିଥାଏ। ଖେଳାଳିଙ୍କୁ ପଡିଆରେ ପ୍ରଦର୍ଶନ କରିବାକୁ ପଡିଥାଏ। ତେଣୁ ଖରାପ ପ୍ରଦର୍ଶନ ପାଇଁ ରାହୁଲ ଦ୍ରାବିଡଙ୍କୁ ଦୋଷାରୋପ କରାଯିବା ଅନୁଚିତ। ଏହା ସହିତ ସେ ୧୯୯୬ରେ ଶ୍ରୀଲଙ୍କା ଦଳ ସହିତ ନିଜର ଅଭିଜ୍ଞତା ବଖାଣିଥିଲେ। ଶ୍ରୀଲଙ୍କା ଦଳକୁ ରମେଶ କାଲୁବିତରଣା, ସନଥ ଜୟସୂରିୟା, ଅର୍ଜୁନ ରଣତୁଙ୍ଗା ଓ ଅରବିନ୍ଦ ଡି' ସିଲ୍‌ଭାଙ୍କ ପରି ଖେଳାଳି ବିଶ୍ୱକପ୍ ଜିତାଇଥିଲେ। ମୁଁ କେବଳ କୋଚ୍ ଭାବରେ ମୋ ଦାୟିତ୍ୱ ନିର୍ବାହ କରିଥିଲି। ତେବେ ବାସ୍ତବ ପରିଶ୍ରମ ଦଳର ଖେଳାଳି କରିଥିଲେ ବୋଲି ସେ କହିଛନ୍ତି। ୯ ନମ୍ବରରେ ବ୍ୟାଟିଂ କରୁଥିବା ଜୟସୂରିୟା ଓ ୭ ନମ୍ବରରେ ବ୍ୟାଟିଂ କରୁଥିବା କାଲୁବିତରଣାଙ୍କୁ ଓପନର ଭାବରେ ଖେଳାଇବା ଦ୍ୱାରା ମ୍ୟାଚର ଫଳାଫଳ ପ୍ରଭାବିତ ହୋଇଥିବା ମଧ୍ୟ ସେ ସ୍ୱୀକାର କରିଥିଲେ। କ୍ରିକେଟର ସର୍ବଶ୍ରେଷ୍ଠ ଖେଳାଳି କିଏ ବୋଲି ପ୍ରଶ୍ନର ଉତ୍ତରରେ ସେ ବିରାଟ କୋହଲିଙ୍କ ନାମ ନେବା ସହିତ ତାଙ୍କୁ ପ୍ରଶଂସା କରିଥିଲେ। କୋହଲି ନିଜ କ୍ୟାରିୟର ଆରମ୍ଭରେ ଏତେ ଫିଟ୍ ନ ଥିଲେ। ମାତ୍ର ଦୃଢ ମନୋବଳ ଓ କଠିନ ପରିଶ୍ରମ ବଳରେ ସେ ନିଜକୁ ବିଶ୍ୱର ଶ୍ରେଷ୍ଠ କ୍ରିକେଟର ଭାବରେ ପ୍ରତିପାଦିତ କରିଛନ୍ତି। ସେହିପରି ବିଶ୍ୱକପ୍ ଫାଇନାଲରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କୁ ବ୍ୟାଟିଂ କରାଇବା ଉଚିତ ଥିଲା କି ନାହିଁ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ସୂର୍ଯ୍ୟ ଜଣେ ଇମ୍ପାକ୍ଟ ପ୍ଲେୟର। ତେଣୁ ସେ ଯେଉଁ ସ୍ଥାନରେ ବ୍ୟାଟିଂ କରିଥିଲେ ତାହା ତାଙ୍କ ପାଇଁ ଶ୍ରେଷ୍ଠ ସ୍ଥାନ ଥିଲା। ଏହା ସହିତ ଶ୍ରୀଲଙ୍କା ଦଳର କୋଚ୍ ରହିଥିବା ବେଳେ ଖେଳାଳିଙ୍କୁ କିଭଳି ମ୍ୟାନେଜ୍ କରୁଥିଲେ ତା'ର ଅଭିଜ୍ଞତା ମଧ୍ୟ ଉପସ୍ଥିତ ଦର୍ଶକଙ୍କ ସହ ବାଣ୍ଟିଥିଲେ ହ୍ୱାଟ୍‌ମୋର।

# ମହିଳା ଟେଷ୍ଟ ଦଳର ଐତିହାସିକ ବିଜୟ




ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ୍ ଦଳ।

ନଭି ମୁମ୍ବାଇ,୧୬।୧୨(ପି.ଟି.)

ଇଂଲଣ୍ଡ ବିପକ୍ଷ ଏକମାତ୍ର ମହିଳା ଟେଷ୍ଟକୁ ୩୪୭ ରନ୍‌ରେ ଜିତିବା ସହିତ ଐତିହାସିକ ବିଜୟ ହାସଲ କରିଛି ଭାରତ। ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ମହିଳା କ୍ରିକେଟ ଇତିହାସରେ ସର୍ବବୃହତ ବିଜୟ ରେକର୍ଡ କରିଛି ଭାରତ। ପୂର୍ବରୁ ଏହି ରେକର୍ଡ ଶ୍ରୀଲଙ୍କା ନାମରେ ରହିଥିଲା। ଶନିବାର ତୃତୀୟ ଦିନରେ ୪୭୯ ରନ୍‌ର ପିଛା କରୁଥିବା ଇଂଲଣ୍ଡ ୧୩୧ ରନ୍‌ରେ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୧୮୬/୬ରେ ଭାରତ ଇନିଂସ ଘୋଷଣା କରିଥିଲା। ତେବେ ଭାରତୀୟ ବୋଲରଙ୍କ ଚମତ୍କାର ବୋଲିଂ କାରଣରୁ ଇଂଲଣ୍ଡ ମାତ୍ର ୧୩୧ ରନରେ ଅଲଆଉଟ ହୋଇଥିଲା।

**ଇଂଲଣ୍ଡ ବିପକ୍ଷରେ ସିରିଜ୍ ଜିତିଲା ଭାରତ**

ଭାରତ ପକ୍ଷରୁ ଦୀପ୍ତି ଶର୍ମା ଘାତକ ବୋଲିଂ କରି ୪ ଉଇକେଟ ନେଇଥିବା ବେଳେ ପୂଜା ବସ୍ତ୍ରକାର ୩ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସରେ ଇଂଲଣ୍ଡର ଟପ୍‌ଅର୍ଡର ବ୍ୟାଟରଙ୍କୁ ଆରମ୍ଭ ମିଳିଥିଲେ ହେଁ ଏହାକୁ ବଡ ସ୍କୋରରେ ରୂପାନ୍ତର କରି ପାରି ନ ଥିଲେ। ସୋଫିଆ ଡଙ୍କଲି(୧୫), ଟାମି ବ୍ୟୁମୋଣ୍ଟ(୧୭) ଓ ହିଥର ନାଇଟ୍ (୨୧) ରନ୍ କରିଥିଲେ ମଧ୍ୟ ବଡ ସ୍କୋର କରି ପାରି ନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚାର୍ଲୋଟ ଡିନ୍ ୨୦ ଓ କେଟ୍ କ୍ରସ୍ ୧୬ ରନ୍ କରିଥିଲେ। ଭାରତ ପ୍ରଥମ ଇନିଂସରେ ୪୨୮ ରନ୍ କରିଥିବା ବେଳେ ଇଂଲଣ୍ଡ ୧୩୬ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭାରତ ୧୮୬/୬ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଦୀପ୍ତି ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୨୮। ଇଂଲଣ୍ଡ ପ୍ରଥମ ଇନିଂସ: ୧୩୬/ଅଲ୍‌ଆଉଟ ଭାରତ ଦ୍ୱିତୀୟ ଇନିଂସ: ୧୮୬/୬ (ଘୋଷଣା)।

ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୩୧/୧୦ (ହିଥର ନାଇଟ୍-୨୧, ଚାର୍ଲୋଟ୍ ଡିନ୍-୨୦, ଦୀପ୍ତି ଶର୍ମା-୪/୩୨, ପୂଜା ବସ୍ତ୍ରକାର-୩/୨୩,ରାଜେଶ୍ୱରୀ ଗାଏକ୍ୱାଡ-୨/୨୦।

# ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ ଆଜିଠାରୁ

**ଜୋହାନ୍ସବର୍ଗ, ୧୬।୧୨(ପି.ଟି.):** ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ରବିବାରଠାରୁ ଆରମ୍ଭ ହେବ। ପ୍ରଥମ ମ୍ୟାଚ ରବିବାର ସ୍ଥାନୀୟ ୱାଣ୍ଡରର୍ସଠାରେ ଖେଳାଯିବ। ଆଗକୁ ଟି୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାବେଳେ ଦିନିକିଆ ସିରିଜର ଆୟୋଜନ କରାଯିବାର ପ୍ରାସଙ୍ଗିକତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିପାରେ। ତେବେ ଆଗକୁ ୨୦୨୫ ଆଇସିସି ଚାମ୍ପିୟନଶିପ୍‌କୁ ଦୃଷ୍ଟିରେ ରଖି ନୂଆ ଲାଇନ୍‌ଅପ୍ ତିଆରି କରିବା ଦିଗରେ ଏହା ସହାୟକ ହୋଇପାରେ। ହ୍ୱାଇଟବଲ୍ ଫର୍ମାଟରେ ବିରାଟ କୋହଲି ଓ ରୋହିତ ଶର୍ମା ସେମାନଙ୍କ କ୍ୟାରିୟରର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଭାରତର ଯୁବ ଖେଳାଳିଙ୍କ ତରଫରୁ ଉଦ୍ୟମର ଆବଶ୍ୟକତା ରହିଛି। ୩ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତର ନେତୃତ୍ୱ ନେଉଥିବା କେ.ଏଲ୍. ରାହୁଲଙ୍କ ଉପରେ ସମସ୍ତଙ୍କ ଅଧିକ ନଜର ରହିବ। ଏହି ଉଇକେଟକିପର ବ୍ୟାଟର ଅତୀତରେ ଭାରତର କାମଚଳା ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। କିନ୍ତୁ ଏହି ସିରିଜରେ ଭଲ ପ୍ରଦର୍ଶନ କରିପାରିଲେ ବେଙ୍ଗାଲୁରୁର ଏହି ଖେଳାଳିଙ୍କୁ ଦୀର୍ଘ ଦିନ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ମିଳିପାରେ। ରାହୁଲଙ୍କ ଭଳି ଋତୁରାଜ ଗାଏକ୍ୱାଡ ମଧ୍ୟ ନଜରରେ ରହିବେ। ଅସୁସ୍ଥତା ଯୋଗୁ ସେ ଟି୨୦ ସିରିଜରେ ଖେଳିପାରି ନ ଥିଲେ। ସୁସ୍ଥ ହେବା ପରେ ସେ ଏବେ ଦଳକୁ ଫେରିଛନ୍ତି। ସେହିପରି ଶ୍ରେୟସ ଆୟର ଅତୀତରେ ତାଙ୍କର ଦକ୍ଷତା ପ୍ରତିପାଦନ କରିଛନ୍ତି। ଭାରତର ହ୍ୱାଇଟ ବଲ୍ ସ୍କିମ୍‌ର ଅଂଶବିଶେଷ ହେବା ଲାଗି ସେ ମଧ୍ୟ ଆଗ୍ରହୀ। ଅନ୍ତର୍ଜାତୀୟ ଟି୨୦ରେ ରିଙ୍କୁ ସିଂ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଦେଖାଇ ସାରିଛନ୍ତି। ଏହି ବାମହାତୀ ଖେଳାଳି ୫୦ ଓଭର ଫର୍ମାଟରେ ପାଦ ଥାପିବାକୁ ଚାହୁଁଛନ୍ତି। ରବିବାର ହୁଏତ ତାଙ୍କ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ ସୁଯୋଗ ମିଳିପାରେ। କିଛି ବର୍ଷ ହେଲା ଘରୋଇ କ୍ରିକେଟରେ ଚମତ୍କାର ବ୍ୟାଟିଂ କରି ଆସୁଥିବା ରଜତ ପଟିଦାରଙ୍କ ମଧ୍ୟ ଅନ୍ତର୍ଜାତୀୟ ସୁଯୋଗ ମିଳିପାରେ। ତାମିଲନାଡୁ ତରଫରୁ ବିଜୟ ହଜାରେ ଟ୍ରଫିରେ ଭଲ ପ୍ରଦର୍ଶନ କରିଥିବା ସାଇ ସୁଦର୍ଶନଙ୍କୁ ତିଳକ ବର୍ମାଙ୍କ ସହ ମିଡଲ ଅର୍ଡରରେ ସ୍ଥାନ ମିଳିପାରେ।

**ମ୍ୟାଚ ଆରମ୍ଭ:** ଅପରାହ୍ନ ୧ଟା ୩୦

**ପ୍ରସାରଣ:** ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ




# କୁଚ୍ ବିହାର ଟ୍ରଫି : ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

ବଲାଙ୍ଗୀର,୧୬।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ କୁଚ୍ ବିହାର ଟ୍ରଫି ମ୍ୟାଚର ଦ୍ୱିତୀୟ ଦିବସରେ ପୂର୍ବଦିନର ଅସମାପ୍ତ ସ୍କୋର ୩୪୫/୪ରୁ ଖେଳ ଆରମ୍ଭ କରିଥିବା ଛତିଶଗଡ ୫୫୭ ରନ୍ କରି ଅଲ୍‌ଆଉଟ ହୋଇଯାଇଛି।

ଦଳ ପକ୍ଷରୁ ବିକଳ୍ପ ତିୱାରୀ ୧୩୨, ଆଶିଷ କୁମାର ଧରିଆ ୧୨୫, ବିବେକ ଯାଦବ ୬୨, ପାର୍ଥ ୬୩ ରନ କରିଥିଲେ। ଓଡ଼ିଶା ଦଳର ସଫଳ ବୋଲର ସୌଭାଗ୍ୟ ଓଝା ୫ ଉଇକେଟ ନେଇଥିଲେ । ଜବାବରେ ଓଡିଶା ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୪୧ ରନ୍‌ରେ ଏହାର ୯ଟି ଉଇକେଟ ହରାଇ ସଙ୍କଟରେ ପଡ଼ିଛି। ଛତିଶଗଡ଼ ଦଳର ସଫଳ ବୋଲର ବରୁଣ ସିଂ ସର୍ବାଧିକ ୪ଉଇକେଟ ନେଇଥିବା ବେଳେ ଅଭ୍ୟୁଦୟ ସିଂ, ଭଗତ ଗଡୱାଲ ଓ ସୂର୍ଯ୍ୟକାନ୍ତ ତିୱାରୀ ପ୍ରତ୍ୟେକେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ବଦଳିଛି ସୁମାକରଙ୍କ ଜୀବନଶୈଳୀ

ପ୍ୟାରିସ୍,୧୬।୧୨




ପୂର୍ବତନ ବିଶ୍ୱ ଚାମ୍ପିୟନ ଫର୍ମୁଲା ୱାନ୍ ରେସର୍ ମାଇକେଲ୍ ସୁମାକରଙ୍କ ବର୍ତ୍ତମାନର ଜୀବନଶୈଳୀକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ପୂର୍ବତନ ଫେରାରୀ ମୁଖ୍ୟ ଜିନ୍ ଟଡ୍। ବିଗତ ୧୦ ବର୍ଷ ହେବ ସୁମାକର ସର୍ବସାଧାରଣ ସ୍ଥାନରେ ଦେଖା ଦେଇ ନାହାନ୍ତି। ଫ୍ରାନ୍ସରେ ସ୍କିଙ୍ଗ କରୁଥିବା ସମୟରେ ଡିସେମ୍ବର ୨୦୧୩ରେ ସୁମାକର ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କ ଚିକିତ୍ସା ଠାରୁ ନେଇ ପରବର୍ତ୍ତୀ ସମସ୍ତ ଜିନିଷ ଅତ୍ୟନ୍ତ ଗୋପନୀୟ ଢଙ୍ଗରେ କରାଯାଇଥିଲା। ୭ ଥର ଫର୍ମୁଲା ୱାନ୍ ଚାମ୍ପିୟନ ରହିଥିବା ସୁମାକର ବିଗତ ୧୦ ବର୍ଷ ହେବ ସାଧାରଣ ଜୀବନରୁ ଦୂରରେ ରହୁଛନ୍ତି। ସୁମାକର ସୁସ୍ଥ ହେଉଥିବା ସମୟରେ ତାଙ୍କ ଗୋପନୀୟତାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଇଥିଲେ ପତ୍ନୀ କୋରିନ୍ନା। ୨୦୦୦-୨୦୦୪ ମଧ୍ୟରେ ସୁମାକର ଲଗାତାର ୫ ଥର ଫର୍ମୁଲା ୱାନ ଟାଇଟଲ ହାସଲ କରିଥିବା ବେଳେ ଟଡ୍ ତାଙ୍କ ସହିତ କାମ କରିଥିଲେ। ଏପରିକି ସୁମାକରଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଟଡ୍ ହିଁ ଗଣମାଧ୍ୟମକୁ ସର୍ବଦା ସୂଚନା ଦେଇଥାନ୍ତି। ଏପରିକି ସୁମାକର ତାଙ୍କ ସହିତ ନିକଟରେ ଫର୍ମୁଲା ୱାନ୍ ରେସ୍ ଦେଖିଥିବା ନେଇ ସେ ସୂଚନା ମଧ୍ୟ ଦେଇଥିଲେ। ସୁମାକରଙ୍କୁ ନିୟମିତ ଭେଟୁଥିବାରୁ ମୁଁ ତାଙ୍କୁ ମିସ୍ କରୁ ନାହିଁ ବୋଲି ଟଡ୍ କହିଛନ୍ତି। ତେବେ ପୂର୍ବର ମାଇକେଲ ସୁମାକର ଓ ବର୍ତ୍ତମାନର ମାଇକେଲ ସୁମାକରଙ୍କ ମଧ୍ୟରେ ଆକାଶ ପାତାଳ ଫରକ ରହିଛି ବୋଲି ସେ କହିଛନ୍ତି। ନିଜ ପତ୍ନୀ ଓ ସନ୍ତାନଙ୍କ ଦ୍ୱାରା ସୁମାକରଙ୍କ ଜୀବନ ବର୍ତ୍ତମାନ ବେଶ ଶୃଙ୍ଖଳିତ ଭାବରେ ପରିଚାଳିତ ହେଉଛି ବୋଲି ସେ ଏକ ସାକ୍ଷାତକାର ଅବସରରେ ସୂଚନା ଦେଇଛନ୍ତି। ଚଳିତ ସପ୍ତାହରେ ସୁମାକରଙ୍କ ଜୀବନିକୁ ନେଇ ଏକ ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଥିଲା। ଏଥିରେ ସୁମାକରଙ୍କ ପୁଅ ମିକ୍, ଲୁଇସ୍ ହାମିଲଟନ୍ ଓ ଫର୍ନାଣ୍ଡୋ ଆଲୋଁସୋ ଅଭିନୟ କରିଥିଲେ। ସୁମାକରଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ବଜାୟର ରଖିବା ପାଇଁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ରିପୋର୍ଟ ଶେୟାର କରାଯାଇ ନ ଥିବା ପ୍ରକାଶ କରିଥିଲେ ଓକିଲ ଫେଲିକ୍ସ ଡାମ୍। ତେବେ ଟଡ ଓ ସୁମାକରଙ୍କ ପରିବାର ମଧ୍ୟରେ ଏକ ନିବିଡ ସମ୍ପର୍କ ରହିଛି। ଟଡ୍ କହିଛନ୍ତି ସୁମାକରଙ୍କୁ ସପ୍ତାହରେ ୩ ଥର ଭେଟିବାର ସୁଯୋଗ ମିଳୁଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉପଯୁକ୍ତ ଲୋକଙ୍କ ହାତରେ ଥିବା ସେ କହିଛନ୍ତି। ଜୁଲାଇରେ ଶେଷ ଥର ପାଇଁ ଉଭୟ ମିଳିତ ଭାବରେ ଫର୍ମୁଲା ୱାନ ମ୍ୟାଚ୍ ଦେଖିଥିଲେ। ମାଇକେଲ୍‌ଙ୍କ ପୁଅ ମିକ୍ ବର୍ତ୍ତମାନ ମର୍ସିଡିଜ୍‌ରେ ରିଜର୍ଭ ଡ୍ରାଇଭର ଭାବରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମାଇକେଲ୍ ୨୦୧୦-୧୨ ସମାନ ଦଳ ପାଇଁ ଡ୍ରାଇଭ୍ କରୁଥିଲେ।





4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ